

ଭାରତ-ୟୁରୋପ ସଂପର୍କ ନିବିଡ଼ ହେବ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଉଚ୍ଚସ୍ତରୀୟ ବୈଠକ କଲେ ଶାହ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୩୧ Vol. 21 No-331 1 MARCH 2025 SATURDAY BHUBANESWAR ଶନିବାର, ୧ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଜାତୀୟ ସ୍ୱାସ୍ଥ୍ୟମିଶନ ଶିଖର ସମ୍ମିଳନୀରେ ନଡ୍ଡା, ମୁଖ୍ୟମନ୍ତ୍ରୀ

# ଯକ୍ଷ୍ମା ମୁକାବିଲାରେ ଭାରତ ଚାମ୍ପିଅନ୍






### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି ଭାରତ

### ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ

### ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠା ହେବ ଡେ କେୟାର କର୍କଟ କେନ୍ଦ୍ର

### ସୁସ୍ଥ ଭାରତ ସ୍ୱପ୍ନରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ: ମୁଖ୍ୟମନ୍ତ୍ରୀ

ପୁରୀ/ଭୁବନେଶ୍ୱର, ୨୮।୨ (ଭାସ୍କର ନ୍ୟୁଜ): ଯକ୍ଷ୍ମା ମୁକାବିଲାରେ ଭାରତ ଚାମ୍ପିଅନ୍। ୨୦୧୫ରୁ ୨୦୨୩ ମଧ୍ୟରେ ଭାରତରେ ଯକ୍ଷ୍ମାର ପ୍ରକୋପ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଯକ୍ଷ୍ମା ରିପୋର୍ଟ-୨୦୨୪ ଅନୁଯାୟୀ ବିଶ୍ୱର ହାରାହାରି ହ୍ରାସ ୮.୩ ପ୍ରତିଶତଠାରୁ ଦୁଇଗୁଣ ଅଧିକ। କୋଭିଡ-୧୯ର ପ୍ରତିବନ୍ଧକ ସତ୍ତ୍ୱେ ଭାରତ ଏହାର ଯକ୍ଷ୍ମା ଦୂରୀକରଣ ଲକ୍ଷ୍ୟକୁ ହ୍ରାସ କରିନାହିଁ ବୋଲି ଶୁକ୍ରବାର ପୁରୀଠାରେ ଆୟୋଜିତ ଜାତୀୟ ସ୍ୱାସ୍ଥ୍ୟମିଶନ ସମ୍ମିଳନୀକୁ ଉଦ୍‌ଘାଟନ କରି ନିଜ ଅଭିଭାଷଣରେ ଏହା କହିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତପ୍ରସାଦ ନଡ୍ଡା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପୁରୀ ସାଂସଦ ଡ. ସମ୍ବିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦୁଇ ଦିନିଆ ଶିଖର ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦ୍ୱାରା ସେମାନଙ୍କ ଜନସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ସର୍ବୋତ୍ତମ ଅଭ୍ୟାସ ଓ ନବୋନ୍ମେଷର ପ୍ରଦର୍ଶନ ଏବଂ ଦସ୍ତାବିଜ ପ୍ରସ୍ତୁତ କରାଯିବ। ଏହା ମଧ୍ୟ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ ଏବଂ ବିନିମୟ ପାଇଁ ଏକ ସୁଯୋଗ ପ୍ରଦାନ କରିଛି। ଏହି ଅଧିବେଶନକୁ ସମ୍ବୋଧିତ କରି ଶ୍ରୀ ନଡ୍ଡା ଉଲ୍ଲେଖ କରିଥିଲେ ଯେ ୨୦୧୪ ମସିହାରୁ ଭାରତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି। ସେ କହିଥିଲେ ଯେ ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ ଆରୋଗ୍ୟକାରୀ ସ୍ୱାସ୍ଥ୍ୟସେବାର ଆଭିମୁଖ୍ୟରେ ଏକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆଣିଛି ଯାହା ଆରୋଗ୍ୟକାରୀ ସହ ପ୍ରତିଷେଧକ, ପ୍ରୋତ୍ସାହନକାରୀ ପରି ବ୍ୟାପକ ଦିଗକୁ ଅନ୍ତର୍ଭୁକ୍ତ କରେ। ସେହିଭଳି, କେନ୍ଦ୍ର ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ପ୍ରାଥମିକ ଏବଂ • ପୃଷ୍ଠା ୫ ଦେଖନ୍ତୁ

## ପଞ୍ଚଭୂତରେ ବିଲୀନ ହେଲା ଉତ୍ତମଙ୍କ ପାର୍ଥିବ ଶରୀର

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ଭୁବନେଶ୍ୱର, ୨୯।୨ (ଭାସ୍କର ନ୍ୟୁଜ): ପଞ୍ଚଭୂତରେ ବିଲୀନ ହେଲା ଓଲିଉଡ଼ର ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତିଙ୍କ ପାର୍ଥିବ ଶରୀର। ଅଶ୍ରୁଳ ଓ ଶୋକାକୁଳ ପରିବେଶ ମଧ୍ୟରେ ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରର ସତ୍ୟନଗର ଶ୍ମଶାନରେ ତାଙ୍କ ମରଶରୀରର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ସୁପୁତ୍ର ଅଭିନେତା ବାବୁସାନ ମହାନ୍ତି

### ମହାଯାତ୍ରାରେ ମହାନାୟକ

ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ଉତ୍ତମ ମହାନ୍ତିଙ୍କ ସଂପର୍କୀୟ, ପ୍ରଶଂସକ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ଅନ୍ତିମ ସଂସ୍କାର ପୂର୍ବରୁ ପାର୍ଥିବ ଶରୀରକୁ ଜଗନ୍ନାଥ ବିହାର ବାସଭବନରୁ ସତ୍ୟନଗରକୁ ଅଣାଯାଇଥିଲା। ତାଙ୍କ ପରଲୋକରେ ସାରା ଓଡ଼ିଶା ସ୍ତବ୍ଧ ହୋଇଯାଇଛି। ନିଜ ପ୍ରିୟ କଳାକାରଙ୍କୁ ହରାଇ ଝୁରୁଛନ୍ତି ସିନେପ୍ରେମୀ। ଗତ ୬ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯିବାରୁ ତାଙ୍କୁ କିମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ୮ ତାରିଖରେ ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀ ସ୍ଥାନାନ୍ତର କରାଯାଇଥିଲା। ଗୁରୁଗାମ୍‌ର ମେଦାନ୍ତ ହସ୍ପିଟାଲରେ ଲିଭର ସିରୋସିସ୍ ସହ ନିମୋନିଆର ଚିକିତ୍ସା ଚାଲିଥିଲା। ଉତ୍ତମ ସୁସ୍ଥ ହୋଇ ଓଡ଼ିଶା ଫେରନ୍ତୁ ବୋଲି ଶହଶହ ପ୍ରଶଂସକ ଆରୋଗ୍ୟ କାମନା କରିଥିଲେ। ତେବେ ଦୀର୍ଘ ୨୨ ଦିନ ଧରି ମୃତ୍ୟୁସହ ସଂଗ୍ରାମ କରି ଶେଷରେ ଗୁରୁବାର ରାତିରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ତାଙ୍କ ମରଶରୀର ଦିଲ୍ଲୀରୁ ବାହାରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଦିନ ୧୧ଟାରେ ପହଞ୍ଚିଥିଲା। ସେଠାରୁ ତାଙ୍କ ମରଶରୀରକୁ ଜଗନ୍ନାଥ ବିହାରସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ଓଡ଼ିଆ ଚଳଚ୍ଚିତ୍ର ଜଗତର କଳାକାର, ପରିବାର, ଆତ୍ମୀୟସ୍ୱଜନ ଓ ପ୍ରଶଂସକ ଅନ୍ତିମ ଦର୍ଶନ • ପୃଷ୍ଠା ୫ ଦେଖନ୍ତୁ



ଓଡ଼ିଆ ଚଳଚ୍ଚିତ୍ର ଜଗତର ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତିଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ସତ୍ୟନଗର ଶ୍ମଶାନରେ ଅନ୍ତିମ ସଂସ୍କାର

### ମୁଖାଗ୍ନି ଦେଲେ ପୁଅ ବାବୁସାନ

### ପରିବାରକୁ ସମବେଦନା ଜଣାଇଲେ ରାଷ୍ଟ୍ରପତି

## ସଂକ୍ଷେପରେ...

### ମାର୍ଚ୍ଚ ୮ରେ 'ସୁଭଦ୍ରା' ଦ୍ୱିତୀୟ କିସ୍ତି

ଭୁବନେଶ୍ୱର, ୨୮।୨ (ଭାସ୍କର ନ୍ୟୁଜ): ଆସନ୍ତା ମାର୍ଚ୍ଚ ୮ ତାରିଖରେ ବ୍ରହ୍ମପୁରଠାରେ ସୁଭଦ୍ରାର ଦ୍ୱିତୀୟ କିସ୍ତି ପ୍ରଦାନ କରିବେ ରାଜ୍ୟ ସରକାର। ଏ ନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ୪ଟି ପର୍ଯ୍ୟାୟରେ ୯୮ଲକ୍ଷ ମହିଳାଙ୍କୁ ପ୍ରଥମ କିସ୍ତି ଦିଆଯାଇଥିବାବେଳେ ଦ୍ୱିତୀୟ କିସ୍ତି କୋଟିଏ ମହିଳାଙ୍କ ଖାତାକୁ ଯିବ। ଅର୍ଥାତ୍ ୪ଟି ପର୍ଯ୍ୟାୟରେ ବିଭିନ୍ନ କାରଣ ପାଇଁ ବାଦ୍ ପଡ଼ିଥିବା ୨ ଲକ୍ଷ ମହିଳାଙ୍କୁ ଏକାଥରକେ ୨ଟି କିସ୍ତିର ଟଙ୍କା ପ୍ରଦାନ କରାଯିବ। ଯେଉଁମାନେ ଆଦୌ ପାଇନାହାନ୍ତି ସେମାନଙ୍କ ଖାତାକୁ ମାର୍ଚ୍ଚ ୮ରେ ୧୦ହଜାର ଟଙ୍କା ଦିଆଯିବ। ଏହାବାଦ୍ ୪ଟି ପର୍ଯ୍ୟାୟରେ ମିଳିଥିବା ୯୮ଲକ୍ଷ ମହିଳାଙ୍କୁ ଦ୍ୱିତୀୟ କିସ୍ତିର ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଅନ୍ତର୍ଜାତୀୟ ମହିଳା ଦିବସରେ ୮ ତାରିଖରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବ୍ରହ୍ମପୁରରେ ଏହି ଟଙ୍କା ବଣ୍ଟନ କରିବେ। ଯେଉଁ ୨ଲକ୍ଷ ମହିଳା ବାକି • ପୃଷ୍ଠା ୫ ଦେଖନ୍ତୁ

### ବାପ-ଝିଅର ମୃତଦେହ ଉଦ୍ଧାର

କଟକ, ୨୮।୨ (ଭାସ୍କର ନ୍ୟୁଜ): କଟକ ବାଦାମବାଡ଼ିସ୍ଥିତ ସ୍ନେହଲତା ଆପାର୍ଟମେଣ୍ଟର ଏକ ବନ୍ଦ କୋଠରୀରୁ ବାପ-ଝିଅଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ଦୁଇବର୍ଷ ହେବ ଭଡ଼ା ନେଇ ରହୁଥିଲେ। ଝିଅର ବୟସ ୧୬ ବର୍ଷ ବୋଲି ପୋଲିସ କହିଛି। ବାପାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିବାବେଳେ ଖଟ ଉପରୁ ଝିଅର ମୃତଦେହ ଉଦ୍ଧାର ହୋଇଛି। ତେବେ ମୃତ୍ୟୁର କାରଣ ଜଣାପଡ଼ି ନାହିଁ।

ସେନ୍‌ସେକ୍ସ: ୭୩,୧୯୮.୧୦
ସର୍ବାଧିକ: ୩୩.୮ ଡିଗ୍ରୀ
ସର୍ବନିମ୍ନ: ୨୨.୨ ଡିଗ୍ରୀ

### ୨୮।୨।୨୦୨୫ ର ମତାମତ

ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତିରେ ବିଳମ୍ବ ଠିକ୍ କି?




### ଆଜିର ପ୍ରସଙ୍ଗ

ଆୟକର କରଦାତାଙ୍କୁ ରାସନକାର୍ଡ ଦିଆଯିବା ଠିକ୍ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଆଇପିଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ

# ଜଗମୋହନ ମୀନା ଭୁବନେଶ୍ୱର ଡିସିପି

ଭୁବନେଶ୍ୱର, ୨୮।୨ (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଶୁକ୍ରବାର ଆଇପିଏସ୍ ସ୍ତରରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ପ୍ରିଣ୍ଟିଂ ଏବଂ ଷ୍ଟେସନାରୀର ନିର୍ଦ୍ଦେଶକ ଥିବା ବରିଷ୍ଠ ଆଇପିଏସ୍ ଏସ.ଏମ.ନରୱେଣେଙ୍କୁ ଓଏଚ୍‌ଆରସିର ସ୍ୱତନ୍ତ୍ର ଡିଜି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଓଏସଆରଟିସିର ସିଏମ୍‌ଡି ଥିବା ଦୀପ୍ତେଶ କୁମାର ପଟ୍ଟନାୟକଙ୍କୁ କଟକସ୍ଥିତ ପ୍ରିଣ୍ଟିଂ ଏବଂ ଷ୍ଟେସନାରୀର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଅନୁରୂପ ଭାବେ ପ୍ରୋଭିଜନିଂର ଏଡିଜି ଥିବା ଯତୀନ୍ଦ୍ର କୋଏଲଙ୍କୁ ଏଚ୍‌ଆରପିସିର ଏଡିଜି, ଆଇଜି ଥିବା ଏସ୍ ପ୍ରବୀନ କୁମାରଙ୍କୁ ସେଣ୍ଟ୍ରାଲ ରେଞ୍ଜର ଆଇଜି ଭାବେ, ଅବକାରୀ କମିଶନର ଥିବା ନରସିଂହ ଭୋଲଙ୍କୁ ଭୁବନେଶ୍ୱର-କଟକର ଅତିରିକ୍ତ ପୋଲିସ କମିଶନର, ହୋମଗାର୍ଡ ଏବଂ ଫାୟାର ସର୍ଭିସର ଆଇଜି ଥିବା ଦୀପକ କୁମାରଙ୍କୁ ଆଇଜି ଅପରେସନ ଭାବେ, ଆଇଜି ଅପରେସନ ଥିବା ଜୟନାରାୟଣ ପଙ୍କଜଙ୍କୁ ଆଇଜି ଇଣ୍ଟେଲିଜେନ୍ସ, ବ୍ରହ୍ମପୁରରେ ଆଇଜିପି ଥିବା ସାର୍ଥକ ଷଡ଼ଙ୍ଗୀଙ୍କୁ ସିଆଇଡି-ସିବିର ଆଇଜି ଭାବେ, କୋରାପୁଟରେ ଏସଡବ୍ଲୁଆର୍‌ର ଆଇଜି ଥିବା ନୀତିଶେଖରଙ୍କୁ ଦକ୍ଷିଣାଞ୍ଚଳ ରେଞ୍ଜର ଆଇଜି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଭୁବନେଶ୍ୱର-କଟକର ଅତିରିକ୍ତ ପୋଲିସ କମିଶନର ଥିବା ଉମାଶଙ୍କର ଦାସଙ୍କୁ ହୋମଗାର୍ଡ ଏବଂ ଅଗ୍ନିଶମର ଡିଆଇଜି ଭାବେ, ଡିଆଇଜି ଅପରେସନ ଥିବା ଅଖିଳେଶ୍ୱର ସିଂହଙ୍କୁ ଦକ୍ଷିଣ-ପଶ୍ଚିମାଞ୍ଚଳର ଡିଆଇଜି ଭାବେ, କଟକ ସିଆର୍‌ର ଡିଆଇଜି ଥିବା ଚରଣ ସିଂ ମୀନାଙ୍କୁ ଡିଆଇଜି ପ୍ରୋଭିଜନିଂ ଭାବେ, ଭୁବନେଶ୍ୱର ଡିସିପି ଥିବା ପିନାକ ମିଶ୍ରଙ୍କୁ ଭୁବନେଶ୍ୱର ଏସଟିଏଫ୍‌ର ଡିଆଇଜି ଭାବେ, ରାଜ୍ୟ ପୋଲିସ ହେଡକ୍ୱାର୍ଟରେ ଡିଆଇଜି ଥିବା ଯୁଗଳ କିଶୋର ବୋନଥଙ୍କୁ ଡିଆଇଜି ପର୍ସନାଲ ଭାବେ, ପୋଲିସ ହେଡକ୍ୱାର୍ଟରରେ ଡିଆଇଜି ଥିବା ବାତୁଲା ଗଙ୍ଗାଧରଙ୍କୁ ସିଆଇଡି ଓ ସିବିର ଡିଆଇଜି ଭାବେ, କଟକର ଡିସିପି ଥିବା ଜଗମୋହନ ମୀନାଙ୍କୁ ଭୁବନେଶ୍ୱର ଡିସିପି ଭାବେ, ପୋଲିସ ହେଡକ୍ୱାର୍ଟରରେ ଏଆଇଜିପି ଥିବା ବିବେକାନ୍ଦ ଶର୍ମାଙ୍କୁ କଟକ ରେଳବାଇର ଏସ୍‌ପି ଭାବେ, ବଲାଙ୍ଗୀରର ଏସ୍‌ପି ଥିବା ଖିଲାରୀ ରିଷିକେଶଙ୍କୁ କଟକ ଡିସିପି ଭାବେ, କଳାହାଣ୍ଡିର ଏସପି ଥିବା ଅଭିଲାଷ ଜୀଙ୍କୁ ବଲାଙ୍ଗୀର ଏସପି ଭାବେ, ବୌଦ୍ଧର ଏସ୍‌ପିଥିବା ନାଗରାଜ ଦେଭରକୋଣ୍ଡାଙ୍କୁ କଳାହାଣ୍ଡି ଏସ୍‌ପି ଭାବେ, କଟକ ରେଲୱେ ଏସ୍‌ପି ଥିବା ରାହୁଲ ଗୋଏଲଙ୍କୁ ବୌଦ୍ଧ ଏସ୍‌ପି ଭାବେ, • ପୃଷ୍ଠା ୫ ଦେଖନ୍ତୁ

### ବଦଳିଲେ କଟକ-ଭୁବନେଶ୍ୱର ଡିସିପି

## ଉତ୍ତରାଖଣ୍ଡରେ ଭୟଙ୍କର ହିମସ୍ଖଳନ

# ବରଫଖଣ୍ଡ ତଳେ ଫସିଛନ୍ତି ୪୨ ଶ୍ରମିକ



ଡେରାଡୁନ୍, ୨୮।୨: ପାହାଡ଼ି ରାଜ୍ୟ ଉତ୍ତରାଖଣ୍ଡରେ ଭୟଙ୍କର ହିମସ୍ଖଳନ ଚାମୋଲିର ମାନାଗାଁ ନିକଟରେ ଫାଟିଲା ବରଫ ଖଣ୍ଡ। ଗ୍ଲାସିଅର ଫାଟିବା ଯୋଗୁ ବଡ଼ ଅଘଟଣ ଘଟିଛି। ବଦ୍ରିନାଥ ଡ୍ୟାମ ନିକଟରେ ବରଫ ତଳେ ଚାପି ହୋଇ ରହିଯାଇଥିଲେ ୫୭ ଶ୍ରମିକ। ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ବରଫ ଖଣ୍ଡତଳୁ ଉଦ୍ଧାର କରାଯାଇଥିବାବେଳେ ଏବେ ବି ୪୨ଜଣ ଚାପିହୋଇ ରହିଛନ୍ତି। ଉଦ୍ଧାରକାରୀ ଦଳ ଏବଂ ଆଇଟିବିପି ଟିମ୍ ସେମାନଙ୍କୁ ଖୋଜିବାରେ ଲାଗି ପଡ଼ିଛନ୍ତି। ଉଦ୍ଧାର କାର୍ଯ୍ୟରେ ଏନଡିଆରଏଫକୁ ମଧ୍ୟ ନିୟୋଜିତ କରାଯାଇଛି। ପ୍ରଶାସନିକ ଅଧିକାରୀ ଏବଂ ବିଆରଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗ୍ଲାସିଅର ଫାଟିବା ସମୟରେ ଘଟଣାସ୍ଥଳରେ ବହୁସଂଖ୍ୟକ ବେସରକାରୀ ଠିକାଦାର ଉପସ୍ଥିତ ଥିଲେ। ସେମାନେ ସମସ୍ତେ ବିଆରଓ ଅଧୀନରେ ରହି କାର୍ଯ୍ୟ କରୁଥିଲେ। ହିମସ୍ଖଳନ ବେଳେ ସମସ୍ତେ ଏଣେତେଣେ ଧାଇଁବାକୁ ଲାଗିଥିଲେ। କିଛି ଲୋକ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିବାବେଳେ ଅନ୍ୟ ୫୭ଜଣ ବରଫଖଣ୍ଡ ତଳେ ଫସି ଯାଇଥିଲେ। ସେମାନଙ୍କ ମଧ୍ୟରୁ ୧୫ଜଣଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କରସିଂ ଧାମି କହିଛନ୍ତି ଯେ ଚାମୋଲିର ମାନାଗାଁରେ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ହିମସ୍ଖଳନ ଘଟିଥିଲା। ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ବାବା ବଦ୍ରିନାଥ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ସେ ପ୍ରାର୍ଥନା କରିଥିବା କହିଛନ୍ତି।

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ମହାକୁମ୍ଭ ମହା ଧର୍ମକର୍ମ ପାଲା
ଏସନ ବଢ଼ିଆ ହେଲା,
ଯେଣେ ଦେଖ ତେଣେ ନାଗା ସାଧୁ, ସାଧ୍ୱୀ
ଜଣକା ପଚାଶ ଚେଲା ।
ବୁଡ଼ ପାଇଁ ଠେଲାପେଲା,
ଭକ୍ତିଠୁଁ ଅଧିକ ଫଟୋରେ ସଉକ
ପ୍ରତି ମୋବାଇଲ୍ ବାଲା ।






କେନ୍ଦୁଝର(ଭାସ୍କର ନ୍ୟୁଜ୍): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝରଗଡରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ଭାଗୀରଥି ପୃଷ୍ଟି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ବିଜ୍ଞାନ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା ସଭାପତିତ୍ୱ କରି ବିଜ୍ଞାନ ସାହାଯ୍ୟ ଦ୍ୱାରା ଜୀବନ ସୁସ୍ଥମୟ ହେବ ବୋଲି କହିଥିଲେ । ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଜ୍ଞାନ ଦିବସ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ୪୫୬ଜଣ ଶିଶୁ ଭାଗ ନେଇଥିଲେ। ସେଥିରୁ ୪ର୍ଥ ଶ୍ରେଣୀ ବିଜ୍ଞାନ ପ୍ରଶ୍ନମଞ୍ଚରେ ସାଇଗୁରୁ ନାଏକ, ଶୁଭମ ନାଏକ, ସୌମ୍ୟାଶ୍ରୀ ରାଉତ, ୩ୟ ଶ୍ରେଣୀ ପ୍ରଶ୍ନମଞ୍ଚରେ ସିଦ୍ଧିଶ୍ରୀ ଦାଶ, ତେଜସ୍ୱୀ ବାରିକ, ସ୍ମରଣିକ ସାମନ୍ତରା, ୫ମ ଶ୍ରେଣୀ ବୈଜ୍ଞାନିକ ଫଟୋଚିତ୍ର ପ୍ରଦର୍ଶନରେ ଇପସିତା ସାହୁ, ସୁଚିତ୍ରା ସାହୁ, ଘନଶ୍ୟାମ ନାଏକ, ୬ଷ୍ଠ ଶ୍ରେଣୀ ପ୍ରାଚୀର ପତ୍ରିକା ପ୍ରଦର୍ଶନରେ ଜାଗୃତି ବିଶ୍ୱାଳ, ଅଂଶୁମାନ ସାହୁ, ଦେବପ୍ରସାଦ ତ୍ରିପାଠୀ, ତପସ୍ୱିନୀ ଆପଟ, ସପ୍ତମ ଶ୍ରେଣୀ ପ୍ରାଚୀର ପତ୍ରିକା ପ୍ରଦର୍ଶନରେ ହିମାଂଶୁ ବେହେରା, ପ୍ରତୀକ୍ଷା ପରିମିତା ସାହୁ, ସ୍ମୃତିରେଖା ମାଝୀ, ଅଷ୍ଟମ ଶ୍ରେଣୀ ଜୀବନୀ କଥନରେ ଆଦ୍ୟାଶା ବାରିକ, ଜ୍ୟୋତିର୍ମୟ ମହାନ୍ତ, ଲକ୍ଷ୍ମୀପ୍ରିୟା ମହାନ୍ତ ଓ ଅଭିଜିତ ପରିଡା, ନବମ ଶ୍ରେଣୀ ସାଧାରଣଜ୍ଞାନରେ ସୌମ୍ୟରଂଜନ ମହାନ୍ତ, ଏଚ.ବି. ଜ୍ୟୋତିସ୍ମାନ ପାଲ, ଯାଜ୍ଞସେନୀ ବେହେରା ଓ ସୋନାଲି ଖିଲାର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ ।



## ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ

# ସାମ୍ବାଦିକମାନଙ୍କୁ ଛଡାନଯିବାରୁ ସଭାଗୃହ ବାହାରେ ଧାରଣା



ଗରଦପୁର(ଭାସ୍କର ନ୍ୟୁଜ): ଆଜି ଗରଦପୁର ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଥିବା ବେଳେ ଖବର ସଂଗ୍ରହ ପାଇଁ ବୈଠକ ସ୍ଥଳକୁ ସାମ୍ବାଦିକ ମାନଙ୍କୁ ଛଡାନଯିବାରୁ ଉପସ୍ଥିତ ସାମ୍ବାଦିକ ମାନେ ଅସନ୍ତୋଷ ପ୍ରକାଶ କରି ସଭାଗୃହ ବାହାରେ ଧାରଣାରେ ବସିଥିଲେ। ବୈଠକ ସରିବା ପରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ସାମ୍ବାଦିକମାନେ ଅସନ୍ତୁଷ୍ଟ ଥିବା ଜାଣି ଧାରଣା ସ୍ଥଳକୁ ଆସି ସାମ୍ବାଦିକମାନଙ୍କୁ ବୁଝାସୁଝା କରିବା ସହିତ ଏପରି ଘଟଣା ସମ୍ପର୍କରେ ସେ ଜାଣିନଥିବା କହିଥିଲେ। ଆଗକୁ ଯେପରି ଏପରି ପରିସ୍ଥିତି ସୃଷ୍ଟି ନ ହେବ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଥିଲେ। ବିଧାୟକ ଯିବା ପରେ ଗରଦପୁର ବ୍ଲକ୍ ଅଧକ୍ଷ ଅଭୟ ମହାରାଜ ସାମ୍ବାଦିକ ମାନଙ୍କ ନିକଟକୁ ଆସି ଖାଇବା ପାଇଁ ଡାକିଥିଲେ ମଧ କୌଣସି ସାମ୍ବାଦିକ ଖାଇବା ପାଇଁ ନଯାଇ ବିଡିଓ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ହେଲେ ବିଡିଓ ଆଲୋକ କୁମାର ସେଠୀ ସଭାକାର୍ଯ୍ୟ ସାରି ସାମ୍ବାଦିକମାନଙ୍କୁ ନଭେଟି ସିଧା ନିଜ କ୍ୱାର୍ଟର କୁ ଚାଲିଯାଇଥିଲେ।ଦୀର୍ଘ ସମୟ ଅପେକ୍ଷା ପରେ ବିଡିଓ ନଆସିବାରୁ ସାମ୍ବାଦିକମାନଙ୍କ ପକ୍ଷରୁ ଫୋନ ଯୋଗେ ବିଡିଓଙ୍କ ସହ ଯୋଗାଯୋଗ କରାଯାଇ ସାମ୍ବାଦିକମାନଙ୍କୁ ଆଜିର ବୈଠକକୁ ଡକାଯାଇ କାହିଁକି ସଭାଗୃହକୁ ଛଡାଗଲା ନାହିଁ ବୋଲି ପ୍ରଶ୍ନର ଉତ୍ତରରେ ବ୍ଲକ୍ ପ୍ରଶାସନର ନିଷ୍ପତ୍ତି ଅନୁସାରେ ସାମ୍ବାଦିକମାନଙ୍କୁ ବାରଣ କରାଯାଇଥିଲା ବୋଲି ବିଡିଓ ଆଲୋକ କୁମାର ସେଠୀ କହିବା ସହିତ ବୈଠକକୁ ଡାକିବା ମୋର ଭୁଲ୍ ବୋଲି କହିଥିଲେ। ବିଡିଓ ଙ୍କ ଏପରି ଅପରିପକ୍ୱ ମନ୍ତବ୍ୟକୁ ପାଟକୁରା ସାମ୍ବାଦିକ ସଂଘ ପକ୍ଷରୁ ଦୃଢ ନିନ୍ଦା କରାଯାଇଥିବା ବେଳେ ବୈଠକର ଭିତିରି ରହସ୍ୟ କାଳେ ପଦାରେ ପଡିଯିବ ସେଥିପାଇଁ ସାମ୍ବାଦିକମାନଙ୍କୁ ବାରଣ କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି।

# ବିନା ଫାୟାର ସେଫ୍‌ଟିରେ ଚାଲିଛି ବ୍ୟବସାୟିକ ପ୍ରତିଷ୍ଠାନ

## ନିଆଁଲିଭା ଯାଞ୍ଚ କେବେ ?



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ଥିବା ଗାଁ ସହ ଅସ୍ତରଙ୍ଗ ମୁଖ୍ୟ ବଜାରରେ ମାଳ ମାଳ ବ୍ୟବସାୟିକ ପ୍ରତିଷ୍ଠାନ। ଅନେକ ଜାଗାରେ ବ୍ୟବସାୟ ଓ ଆବାସିକସ୍ଥଳୀ ଗୋଟିଏ ଗୋଟିଏ ବିଲଡିଂରେ ରହିଛି। ଉପର ଘର ତଳ ମହଲାରେ ଚାଲିଛି ବେପାର। ହେଲେ ଅଧିକାଂଶ ବ୍ୟବସାୟୀକ ଅନୁଷ୍ଠାନରେ ଅଗ୍ନି ନିରାପତ୍ତା ନେଇ କୌଣସି ପ୍ରକାର ପଦକ୍ଷେପ ନିଆଯାଉନି। ଏମିତି ନୁହେଁ ଯେ, ଏହି ସବୁ ଦୋକାନ ପ୍ରତି ନିଆଁର ବିପଦ ନାହିଁ। ହେଲେ ତାହାର ପ୍ରତିକାର ପାଇଁ ବ୍ୟବସାୟୀମାନେ କିଛି ବି ପଦକ୍ଷେପ ନେଉନାହାନ୍ତି। ପ୍ରାୟ ଅଧିକାଂଶ ବ୍ୟବସାୟିକ ପ୍ରତିଷ୍ଠାନରେ ଅଗ୍ନିନିର୍ବାପକ ଯନ୍ତ୍ର ନାହିଁ। ଫଳରେ ଯେକୌଣସି ସମୟରେ ବଡ଼ଧରଣର ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା ଆଶଙ୍କା ରହୁଛି। ଅସ୍ତରଙ୍ଗ ମୁଖ୍ୟ ବଜାରରେ କାହିଁ କେଉଁ ଆବହମାନ କାଳରୁ ଆବାସିକ ଅଞ୍ଚଳରେ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ଗଢିଉଠିଛି। ଛୋଟ ତଥା ସଂକୀର୍ଣ୍ଣ ଗଳି କନ୍ଦିରେ ବି ଛୋଟ ବଡ଼ ଦୋକାନ ହୋଇଛି। ଯଦିଓ ୫ରୁ ୭ବର୍ଷ ମଧ୍ୟରେ କିଛି ପୁରୁଣା କୋଠାକୁ ଭାଙ୍ଗି ନୂଆ ଢଙ୍ଗରେ କିଛି ବ୍ୟବସାୟ ଅନୁଷ୍ଠାନ ପ୍ରତିଷ୍ଠା ହୋଇଛି। ମାତ୍ର ଏବେ ବି ଅସ୍ତରଙ୍ଗ ବଜାରର ପ୍ରାୟ ୯୦ରୁ ୯୫ପ୍ରତିଶତ ପୁରୁଣା କୋଠାରେ ବିନା ଅଗ୍ନିନିରାପତ୍ତା ବ୍ୟବସ୍ଥାରେ ଚାଲିଛି। ସେହିପରି କିଛି ଛୋଟ ଘରେ ଲକ୍ଷ ଲକ୍ଷ ଟଙ୍କାର ଜିନିଷ ରଖି ହୋଲସେଲ କାରବାର କରାଯାଉଛି। ଏ ସବୁ କୋଠାରେ ବିଦ୍ୟୁତ କାରବାର ପାଇଁ ଦୀର୍ଘ ବର୍ଷ ତଳେ ୱେରିଂ ହୋଇଥିଲା। ତାହା ପୁଣି ବିନା କୌଣସି ବିଦ୍ୟୁତ ଯନ୍ତ୍ରୀଙ୍କ ପରାମର୍ଶ ରେ ହୋଇଥିଲା। ବହୁତ ଦୋକାନରେ ତାର ୱେରିଂ ଦୀର୍ଘ ବର୍ଷ ହେବାରୁ ତାର ଗୁଡିକର ଅବଧି ପୁରିଗଲାଣି। ଫଳରେ ବିଭିନ୍ନ ସମୟରେ ସଟସର୍କିଟ ଜନିତ ଅଗ୍ନିକାଣ୍ଡ ଘଟିପାରେ। ସ୍ଥାନୀୟ ବୁଦ୍ଧିଜୀବୀ କହିବା ମୁତାବକ ବ୍ୟବସାୟୀଙ୍କୁ ସଚେତନ କରାଯାଇ ଅଗ୍ନିନିରାପତ୍ତା ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯିବା ଆବଶ୍ୟକ। ଏବେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଛି। ବିଦ୍ୟୁତ ବଢିବା ସହିତ ବିଦ୍ୟୁତ ତାର ଉପରେ ଚାପ ବି ବଢୁଛି। ତେଣୁ ଅଗ୍ନିଦୁର୍ଘଟଣା ବଢିବାର ଆଶଙ୍କା ରହିଛି। ସେହିପରି ଅନେକ ଘରୋଇ କ୍ଲିନିକରେ ମଧ ଏହି ଅଗ୍ନିନିରାପତ୍ତା ସୁବିଧା ନାହିଁ। ଅସ୍ତରଙ୍ଗ ବଜାର ସମେତ ଗାଁ ଗହଳିରେ ଅଗ୍ନିନିରାପତ୍ତା ଆଇନର ଖୋଲା ଉଲ୍ଲଘନ ହେଉଥିଲେ ହେଁ ଏ ଦିଗରେ ଅଗ୍ନିଶମ ବିଭାଗ ନିଘା ନାହିଁ। ଏ ନେଇ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ କେନ୍ଦ୍ର ଅଧିକାରୀ ପ୍ରହଲ୍ଲାଦ ରାୟ କହିଛନ୍ତି ସେମିତି କୌଣସି ଦୋକାନ ଯାଞ୍ଚ ହୋଇନି, ନିର୍ଦ୍ଦେଶ ଆସିଲେ ଖୁବ ଶୀଘ୍ର ଯାଞ୍ଚ ହେବ। କିନ୍ତୁ ସମସ୍ତ ବ୍ୟବସାୟୀ ଅଗ୍ନିଶମ ନିୟମ ମାନିବା ନିହାତି ଜରୁରୀ। ବିଦ୍ୟୁତ ସର୍ଟ ସର୍କିଟ ରୋକିବାକୁ ବ୍ୟବସାୟୀ ମାନେ ଆବଶ୍ୟକ ମୁତାବକ ତାର ଓ ଅନ୍ୟ ବିଦ୍ୟୁତ ଉପକରଣ ବଦଳାଇବା ଦରକାରୀ ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି।

# ଦୁଇଟି ଦୁର୍ଘଟଣା: ୩ ଗୁରୁତର, ୨ ଆହତ

ଗୋପ(ଭାସ୍କର ନ୍ୟୁଜ୍): ଗୋପ ଥାନା ଅଧିନ ୨ଟି ସ୍ଥାନରେ ପୃଥକ ପୃଥକ ୨ ଟି ଦୁର୍ଘଟଣା ଘଟିଛି । ଏହି ଦୁଇ ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇ ପ୍ରଥମେ ଗୋପ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରୀତ ହୋଇଥିବା ବେଳେ ଦୁଇ ଜଣ ଗୋପ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି । ସୂଚନାମୁତାବକ ଆଜି ରାତ୍ରି ପ୍ରାୟ ୭ ଟା ସମୟରେ ଗୋପ ଥାନା ଅଧିନ ପାଟେଲିଆ ଛକ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ନିମାପଡା ଥାନା ଅଞ୍ଚଳର ମୁକେଶ ସାହୁ ଏବଂ ବିକାଶ ବାରିକ କୋଣାର୍କରୁ ଘରକୁ ଫେରୁଥିବା ବେଳେ କୋଣାର୍କ ଥାନା ଅଧିନ ବିରିଜଙ୍ଗା ଗ୍ରାମର ଟୁଲୁ କାଣ୍ଡି କୌଣସି କାର୍ଯ୍ୟରେ ଆସି ଘରକୁ ଫେରୁଥିବା ସମୟରେ ପାଟେଲିଆ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀ ଗାଡିରେ ଗୋପ ମେଡିକାଲ ଆଣିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସାପରେ ମୁକେଶ ସାହୁ ଏବଂ ଟୁଲୁ କାଣ୍ଡିଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରୀତ କରାଯାଇଥିଲା । ସେହିପରି ଗୋପ ବାଲିଘାଇ ରାସ୍ତାର ଗୋପ ଥାନା ଅଧିନ ଗଣେଶ୍ୱରପୁର ନିକଟରେ ଥିବା ବ୍ରିଜ ଉପରେ ପେଟ୍ରୋଲ ନେଇ ଆସୁଥିବା ଏକ ଟ୍ୟାଙ୍କର ନଂ ଓଡି ୦୨ ଏଭି ୨୪୧୨ ନେତପୁର ଗ୍ରାମର ଶ୍ରୀରାମ ପରିଡାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା । ଶ୍ରୀରାମ ଏକ ଲୁନାରେ ଘରକୁ ଫେରୁଥିବା ସମୟରେ ଟ୍ୟାଙ୍କରଟି ତାଙ୍କୁ ଧକ୍କା ଦେଇଥିଲା । ପ୍ରଥମେ ସେ ଗୋପ ଡାକ୍ତରଖାନା ଆସିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ପୁରୀ ସଦର ଡାକ୍ତରଖନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଗୋପ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣା ସ୍ଥଳରେ ପହଁଚି ଗାଡି ଜବତ କରିଥିବା ଜଣାପଡିଛି ।

## ଦେଶିଆ ନାଟ ଉଦ୍‌ଘାଟିତ

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍):ମହା ଶିବ ରାତ୍ରି ଉପଲକ୍ଷେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ବିଭିନ୍ନ ଶୈବ ପୀଠ ଥିବ ଅଞ୍ଚଳରେ ରାତ୍ରି ଉଜାଗର ପାଇଁ ଭକ୍ତଙ୍କ ନିମନ୍ତେ ଦେଶିଆ ନାଟର ଆୟୋଜନ କରାଯାଇଥିଲା।ଭକ୍ତ ମାନେ ରାତି ଉଜାଗର ରହି ବେଶ୍ ଦେଶିଆ ନାଟର ମଜା ନେଇଥିବା



ଦେଖିବାକୁ ମିଳିଥିଲା।ଏଇ କ୍ଷେତ୍ରରେ କରଗୁଡ଼ା ଗ୍ରାମରେ ପରଦେଶୀ ବାବୁ ଭୁଲି ଗଲକି ଓ ତୟାପୁଟ ଗ୍ରାମରେ ଯାଇଛି ଜୀବନ ରହିଛି ଦୁଃଖ ଭଳି ରୋମାଣ୍ଟିକ ନାଟକର ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଶୁଭ ଉଦ୍ଘାଟନ କରିଥିବା ବେଳେ ନାଟକ ଦେଖିବାକୁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।

### ।।। ବର୍ଦ୍ଧିତ ଭତ୍ତା ବଣ୍ଟନ ।।।

# ୨୫୦୦ହିତାଧିକାରୀ ହେବେ ଉପକୃତ: ଉପମୁଖ୍ୟମନ୍ତ୍ରୀ



ଗୋପ(ଭାସ୍କର ନ୍ୟୁଜ୍): ଗୋପ ବ୍ଲକରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି। ଗୋପ ବ୍ଲକ କାର୍ଯ୍ୟାଳୟ ପରିସରରେ ୨୫୦୦ହିତାଧିକାରୀ ଙ୍କୁ ବର୍ଦ୍ଧିତ ଭତ୍ତା ବାଣ୍ଟିଲେ ଉପମୁଖ୍ୟମନ୍ତ୍ରୀ । ଏହି ବର୍ଦ୍ଧିତ ଭତ୍ତା ଦ୍ୱାରା ସାରା ରାଜ୍ୟରେ ପ୍ରାୟ ୪ଲକ୍ଷ ହିତାଧିକାରୀ ଏହାଦ୍ୱାରା ଉପକୃତ ହୋଇପାରିବେ। ଗୋପ ବ୍ଲକର ୩୧ ପଞ୍ଚାୟତ ହିତାଧିକାରୀ ଙ୍କୁ ବର୍ଦ୍ଧିତ ଭତା ବାଣ୍ଟିବାର ଶୁଭାରମ୍ଭ କରିଛନ୍ତି । ଏତଦ୍ୱାରା କେବଳ ଯେ ହିତାଧିକାରୀ ଫାଇଦା ପାଇବେ ତା ନୁହେଁ ତାଙ୍କ ପରିବାର ମଧ ଏହି ଭତ୍ତା ଦ୍ୱାରା ଲାଭାନ୍ୱିତ ମଧ ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସାରା ରାଜ୍ୟରେ ଏତଦ୍ୱାରା ୪ଲକ୍ଷ ହିତାଧିକାରୀ ଉପକୃତ ହେବେ। ଆଜି ଶ୍ରୀମତୀ ପରିଡା ୧୯୩ଜଣ ଦିବ୍ୟାଙ୍ଗ ବର୍ଦ୍ଧିତ ଭତା, ୮୦ ବର୍ଷରୁ ଉର୍ଦ୍ଧ୍ୱ ୧୩୧ ଜଣଙ୍କୁ ବର୍ଦ୍ଧିତ ଭତା ୩୫୦୦ ଟଙ୍କା ପ୍ରଦାନ କରିଛନ୍ତି । ଅନ୍ୟମାନଙ୍କୁ ପଞ୍ଚାୟତ ଜରିଆରେ ବର୍ଦ୍ଧିତ ଭତା ପ୍ରଦାନ କରାଯିବ ବୋଲି ଗୋପ ବିଡିଓ ଛବିରାଣୀ ସାହୁ କହିଛନ୍ତି। । ଭତ୍ତା ବଣ୍ଟନ ସମୟରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଗୋପ ବିଡିଓ ଛବିରାଣୀ ସାହୁ, ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୂଚୀ ପ୍ରକାଶିତ

କେନ୍ଦୁଝର(ଭାସ୍କର ନ୍ୟୁଜ): ଆସନ୍ତା ମାର୍ଚ୍ଚ ମାସ ପାଇଁ ଜିଲ୍ଲାପାଳ ଓ ଏସ୍‌ପି.ଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୂଚୀ ପ୍ରକାଶ ପାଇଛି । ସ୍ଥିରୀକୃତ ହୋଇଥିବା କାର୍ଯ୍ୟକ୍ରମର ସୂଚୀ ଅନୁଯାୟୀ ତା. ୩. ୩.୨୦୨୫ରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍, ତା.୧୦.୩.୨୦୨୫ ରିଖ ସୋମବାର ଦିନ ପାଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତା.୧୭. ୦୩.୨୦୨୫ ରିଖ ସୋମବାର ଦିନ ଆନନ୍ଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତା. ୨୪.୦୩.୨୦୨୫ ରିଖ ସୋମବାର ଦିନ ହରିଚନ୍ଦନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ, କେନ୍ଦୁଝରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ସଡକ ସୁରକ୍ଷା କମିଟି ବୈଠକ



ଜଗତସିଂହପୁର(ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ୨୦୨୫ ବର୍ଷର ଜିଲ୍ଲା ସଡକ ସୁରକ୍ଷା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇ ଯାଇଅଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ(ଭା.ପ୍ର.ସେ), ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ, ନିରଞ୍ଜନ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟଜିତ ଦାସ ଓ ଅତିରିକ୍ତ ଉପ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଜିଲ୍ଲାରେ ସଡକ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଗାଡି ଚଲାଇବା ସମୟରେ ମୋବାଇଲରେ କଥା ହେବା ଓ ଡ୍ରିଙ୍କ ଆଣ୍ଡ ଡ୍ରାଇଭ, ନାବାଳକମାନଙ୍କ ଗାଡି ଚାଳନା ଇତ୍ୟାଦି ସଂପ୍ରତି ଦୁର୍ଘଟଣାର ଏକ ପ୍ରମୁଖ କାରଣ ବୋଲି ଜିଲ୍ଲାପାଳ କହିଥିଲେ। ସେ ଡ୍ରିଙ୍କ ଆଣ୍ଡ ଡ୍ରିଭେନ୍ ସମସ୍ୟାକୁ ଗୁରୁତ୍ୱାରୋପ କରିଥିଲେ ଏବଂ ଲାଇସେନ୍ସ ରଦ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଉଭୟ ପୋଲିସ ଓ ପରିବହନ ବିଭାଗ ଏଥିପ୍ରତି ବିଶେଷ ଧ୍ୟାନ ଦେଇ ବିନା ଲାଇସେନ୍ସରେ ଗାଡି ଚଳାଉଥିବା ବ୍ୟକ୍ତି ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବ୍ଲାକ ସ୍ପଟ୍ ଚିହ୍ନଟ ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ରାସ୍ତାରେ ଲୁହା ପଥର ବୋଝେଇ ଟ୍ରକ ଲାଇନ୍ ହୋଇ ରହିବା ପ୍ରମୁଖ ଦୁର୍ଘଟଣାର କାରଣ ପାଲଟି ଥିବାରୁ ଏଥିପ୍ରତି ସଜାଗ ରହିବା ପାଇଁ କୁହାଯାଇ ଥିଲା। ରାସ୍ତା ପାର୍ଶ୍ୱବର୍ତ୍ତୀ ବୃକ୍ଷ ର ପେଣ୍ଟିଂ କରିବା, ନୋ ପାର୍କିଂ ଜୋନ ରେ ସାଇନବୋର୍ଡ ଲଗାଇବା, ରମ୍ବଲର ପେଣ୍ଟିଂ, କଟକ ପାରାଦ୍ୱୀପ ରାସ୍ତା ରେ ସିସିଟିଭି ଲଗାଇବା, ରୋଡ଼ ସାଇନେଜ୍ ର ଥାର୍ଡ ପାର୍ଟି ଅଡିଟ,ଟ୍ରାଫିକ୍ ମ୍ୟାନେଜମେଣ୍ଟ, ନାଇଟ ପାଟ୍ରୋଲିଂ, ମଦ୍ୟପାନ କରି ସହରରେ ନିଶାଶକ୍ତ ଅବସ୍ଥାରେ ବୁଲୁଥିବା ଯୁବ ପୀଢ଼ି ଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା , ଲାଇସେନ୍ସ ପ୍ରଦାନ ସମୟରେ କଠୋର ନିୟମ ଲାଗୁ ଜଗତସିଂହପୁର ପୌରାଞ୍ଚଳର ମୁଖ୍ୟ କେନାଲ ଉପରେ ପାର୍କିଂ ବା ଗିଭଓ୍ୱେର ସାଇନେଜ , ବୁଲାପ୍ରାଣୀ ସମସ୍ୟା ଆଦି ବିଷୟ ରେ ଆଲୋଚନା କରାଯାଇଥିଲା। ଗୁଡ୍ ସମାରିଟାନ ଭାବେ ଲକ୍ଷ୍ମୀକାନ୍ତ ସେନାପତି, କୃଷ୍ଣଚନ୍ଦ୍ର ବସ୍ତିଆ, ପ୍ରକାଶ କୁମାର ନାୟକ, ବିଶ୍ୱ ରଞ୍ଜନ ପାଢ଼ୀ, ଜୟ ପ୍ରକାଶ ସାମଲ, ଏସ କେ ଇମିତିଆଜ୍, ସୁଦର୍ଶନ ମଲ୍ଲିକ , ପ୍ରଦୀପ୍ତ କିଶୋର ଦାସ, ସୁଜିତ କୁମାର ଜେନା, ବିଜୟ କୁମାର ସ୍ୱାଇଁ, ଏସ କେ ରିଆଜୁଦ୍ଦିନ, ପଙ୍କଜ ତରାଇ ଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ। ପ୍ରକାଶ ଥାଉକି, ଜିଲ୍ଲାରେ ଏଯାବତ ୯୧ଜଣ ବ୍ୟକ୍ତିଙ୍କୁ ଗୁଡ଼ ସମାରିଟାନ ଭାବେ ସମ୍ମାନୀତ କରାଯାଇଛି।ଆହୁରି ମଧ ଆଇଆର ଏ ଡି ବା ଇଣ୍ଟିଗ୍ରେଟେଡ ରୋଡ ଆକ୍ସିଡେଣ୍ଟ ଡାଟାବେସ, ଇଲେକ୍ଟ୍ରୋନିକ ଡିଟେଲ ଆକ୍ସିଡେଣ୍ଟ ରିପୋର୍ଟର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରାଯାଇଥିଲା। ଏହା ସହିତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପରେଶ ପାତ୍ର ଜିଲ୍ଲାରେ ଦୁର୍ଘଟଣା ପ୍ରବଣ ସ୍ଥାନରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଗେଟ୍ ଗୁଡିକୁ ଚିହ୍ନଟ କରି ରିପୋର୍ଟ ଦେଇଥିଲେ । ସଡ଼କ ସୁରକ୍ଷା ସଚେତନତାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ଯୋଗ ଦେବା ପାଇଁ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଏନଏଚଏ ଆଇ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ବସ ଓ ଟ୍ରକ ମାଲିକ ସଂଘ ର କର୍ମକର୍ତ୍ତା, ସହରର ବରିଷ୍ଠ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପିରେ ମିଶିବେ ବିଜେଡିର ନାରୀନେତ୍ରୀ

ନିଆଳି (ଭାସ୍କର ନ୍ୟୁଜ୍): କଥାରେ ଅଛି ରାଜନୀତିରେ କେହି କାହାର ଶତ୍ରୁ ନୁହେଁ, କେହି କାହାର ମିତ୍ର ନୁହେଁ।ନିଜ ସ୍ୱାର୍ଥ ପାଇଁ ନିଜ ପରିବାର ବନ୍ଧୁ ବାନ୍ଧବ ଓ ଦୀର୍ଘଦିନ ଧରି ଯେଉଁ ଦଳରେ କାମ କରୁଥିଲେ ସେ ଦଳ ପରିତ୍ୟାଗ କରି ଅନ୍ୟ ଦଳକୁ ଆପଣାଇବା ନଜିରୀ ରହିଛି। ଏଭଳି ଘଟଣା ଦେଖିବାକୁ ମିଳିଛି କଣ୍ଟାପଡା ବ୍ଲକ ରେ ଆଗ ଧାଡ଼ିର ବିଜେଡି ର ଜଣେ ନାରୀନେତ୍ରୀଙ୍କ କ୍ଷେତ୍ରରେ। ଲକ୍ଷାଧିକ ଟଙ୍କା ଚଲୁ କରି ଗିରଫ ହେବା ଭୟ ରେ ବିଜେଡି ଛାଡି ବିଜେପି ବିଧାୟକଙ୍କ ଶରଣାପନ୍ନ ହୋଇଥିବା ଅଭିଯୋଗ ହୋଇଛି। ତେବେ ବିଜେପ ଏହି ବିଜେଡି ର ନାରୀ ନେତ୍ରୀ ଙ୍କୁ ନିଜ ଦଳରେ ନେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାଇ ଏହି ନାରୀ ନେତ୍ରୀ ଜଣଙ୍କ ନିଜ ଦିଅର ବିଜୁ ଜନତା ଦଳର ସମର୍ଥିତ ସରପଞ୍ଚ ଥାଇ ମଧ ନିଜ ସ୍ୱାର୍ଥ ପାଇଁ ତାଙ୍କ ମୁହଁ କୁ ଚାହିଁଲେ ନାହିଁ। ତାଙ୍କ ନାମରେ କୋଭିଡ ବେଳେ ଲକ୍ଷାଧିକ ଟଙ୍କା ଦୁର୍ନୀତି କରିବା, ବିନା ରିଜୁଲେସନ ରେ ଟଙ୍କା ଉଠାଇବା, ମଣ୍ଡଳ ଆକାଉଣ୍ଟରୁ ଦୁଇଲକ୍ଷ କୋଡିଏ ହଜାର ଟଙ୍କା ହରିଲୁଟ କରିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହି ଘଟଣା ଜଣାପଡିବା ପରେ ଗିରଫ ଭୟରେ ବିଜେପିରେ ମିଶିବା ଆଲୋଚନା ହେଉଛି। ଏଠାରେ ପ୍ରଶ୍ନ ଉଠୁଛି ବିଧାୟକ ଦୁର୍ନୀତିଗ୍ରସ୍ତ ନେତାଙ୍କୁ ନେବାକୁ କାହିଁକି ଆଗ୍ରହ ପ୍ରକାଶ କରୁଛନ୍ତି। ଏହା ପଛରେ କି ରହସ୍ୟ ରହିଛି ।

# ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ

ବଡ଼ଚଣା (ଭାସ୍କର ନ୍ୟୁଜ୍): ବଡଚଣା ବ୍ଲକ୍ ଅନ୍ତର୍ଗତ ଭୁଲୁକା ଗ୍ରାମର ତଥା ଚଣ୍ଡିଖୋଲ ପ୍ରେସ କ୍ଲବର ସାମ୍ବାଦିକ ଦିଲ୍ଲିପ କୁମାର ସାହୁଙ୍କ ଉପରେ ୬ଜଣ ଅସାମାଜିକ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଫଳରେ ଦିଲ୍ଲୀପ ଗୁରୁତର ଆହତ ହୋଇ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ

## ଥାନାରେ ଅଭିଯୋଗ

ସ୍ଥାନାନ୍ତର କରାଯାଇଛି। ଏସମ୍ପର୍କରେ ଦିଲ୍ଲୀପଙ୍କ ସ୍ତ୍ରୀ ସରସ୍ୱତୀ ସାହୁ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଶିବରାତ୍ରୀ ଉପଲକ୍ଷେ ଦିଲ୍ଲୀପ ତାଙ୍କ ପତ୍ନୀ ସରସ୍ୱତୀ ଓ ପୁଅଙ୍କୁ ସାଙ୍ଗରେ ଧରି ନିକଟସ୍ଥ ଶିବ ମନ୍ଦିରକୁ ଯାଇଥିଲେ। ମନ୍ଦିରରେ ସ୍ତ୍ରୀ ଓ ପୁଅ କୁ ଛାଡ଼ି ଘରକୁ ଫେରୁଥିବା ସମୟରେ ଆଗରୁ ପ୍ରସ୍ତୁତ ହୋଇ ରହିଥିବା ଅଣକା ଗ୍ରାମର ଶୁଭ୍ରଜିତ୍ ନାୟକ (ଲିଟୁ), ସୌମ୍ୟ ରଞ୍ଜନ ନାୟକ (ପିଣ୍ଟୁ), ରିଙ୍କୁ ନାୟକ, ସନ୍ତୋଷ ସିଂ, ରଘୁନାଥପୁର, ଚିତ୍ତ ରଂଜନ ସାହୁ, ଭୁଲୁକା, ସର୍ବେଶ୍ୱର ମହାପାତ୍ର ଖଡିଅଙ୍ଗ ବିଭିନ୍ନ ମାରଣା ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଦିଲ୍ଲୀପ ଚେତା ଶୂନ୍ୟ ହୋଇ ରାସ୍ତା କଡ଼ରେ ପଡ଼ିଥିଲେ। ତାଙ୍କ ପରିବାର ଲୋକ ଦିଲ୍ଲୀପଙ୍କୁ ପ୍ରଥମେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏବେ ସେ ଚିକିତ୍ସାଧିନ ଅଛନ୍ତି। ଦିଲ୍ଲୀପଙ୍କ ସ୍ତ୍ରୀ ସରସ୍ୱତୀ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ଆକ୍ରମଣକାରୀ ଯୁବକ ଗିରଫ ହୋଇନାହାନ୍ତି। ତୁରନ୍ତ ଆକ୍ରମଣକାରୀ ମାନଙ୍କୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହେଉଛି ।



# ବାବା ଜୀବନେଶ୍ୱର ମନ୍ଦିରରେ ସମ୍ବର୍ଦ୍ଧନା ଉତ୍ସବ



ବାରିପଦା(ଭାସ୍କର ନ୍ୟୁଜ୍): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧ ନମ୍ବର ୱାର୍ଡର ବୁଢ଼ୀଖମାରୀ ଶାସନ ସ୍ଥିତ ବାବା ଜୀବନେଶ୍ୱର ମନ୍ଦିର ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଠାରେ ପୂଜା ପାଇ ଆସୁଥିବା ମହାଦେବଙ୍କ ମନ୍ଦିରର ଏକଦା ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସ୍ୱର୍ଗତ ରତିକାନ୍ତ ଦାଶ, ସ୍ୱର୍ଗତ ବନବିହାରୀ ଦାଶ, ସ୍ୱର୍ଗତ ତନ୍ମୟ କୁମାର ଦାଶ, ସ୍ୱର୍ଗତ ରଘୁନାଥ ସେଠି, ସ୍ୱର୍ଗତ ଅରୂପ କୁମାର ବେହେରା, ସ୍ୱର୍ଗତ କାମିନୀକାନ୍ତ ମିଶ୍ର, ସ୍ୱର୍ଗତ ଜଗନ୍ନାଥ ମିଶ୍ର ପ୍ରମୁଖ ୭ ଜଣଙ୍କ ଅବର୍ତ୍ତମାନରେ ତାଙ୍କ ପରିବାରବର୍ଗଙ୍କୁ ନିଆରା ଢଙ୍ଗରେ ସମ୍ବର୍ଦ୍ଧିତ କରାଯାଇଛି । ସ୍ଥାନୀୟ କାଉନସିଲର ସୁକେଶିନୀ ସେଠୀଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନଗରପାଳ କୃଷ୍ଣଓ ନନ୍ଦ ମହାନ୍ତି, ଶିକ୍ଷାବିତ ବିପ୍ଳବ ଭୁଗୁଡେଇ, ଗୌରବ ମୋଦି ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିବା ସହ ସମସ୍ତଙ୍କର ପରିବାରର ସୁଖ ସଂବୃଦ୍ଧି ପାଇଁ ବାବାଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ତତସହିତ ବର୍ତ୍ତମାନ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଦେବରାଜ ମିଶ୍ର, ଲିଙ୍ଗରାଜ ମିଶ୍ର, କିଶୋର କୁମାର ମିଶ୍ର, ସରୋଜ କୁମାର ମିଶ୍ର, ଲାଲମୋହନ ଆଚାର୍ଯ୍ୟ, ସ୍ୱପ୍ନବ୍ରତ ଷଡଙ୍ଗୀ, ରମେଶ ଚନ୍ଦ୍ର ଷଡଙ୍ଗୀ, ମିନାକ୍ଷୀ ମିଶ୍ର, ସୁମିତା ଦାଶ, ଚିନ୍ମୟ କୁମାର ମିଶ୍ର, ବିକ୍ରମ ଷଡଙ୍ଗୀ, ତପନ କୁମାର ଷଡଙ୍ଗୀ, ସଚିନ୍ଦ୍ର କର, ରମାନାଥ ମିଶ୍ର, ସତ୍ୟମ ଷଡଙ୍ଗୀ। ଦେବୀଦତ୍ତ ମିଶ୍ରଙ୍କୁ ମଧ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ତଥା ଝୋଟି, ମ୍ୟୁଜିକ ଚେୟାର ଓ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଓ ନଗରପାଳ ଶ୍ରୀ ମହାନ୍ତି, ଶିକ୍ଷାବିତ ଶ୍ରୀ ଭୁଗୁଡେଇ, ଶିକ୍ଷକ ସୋମନାଥ ସିଂହ, ଶ୍ରୀ ମୋଦିଙ୍କ ଓ କାଉନସିଲର ଶ୍ରୀମତୀ ସେଠିଙ୍କୁ କମିଟି ତରଫରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅଗ୍ନିକାଣ୍ଡରେ ୫ ବଖରା ଭସ୍ମୀଭୂତ



ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଂଚାୟତ ଅନ୍ତର୍ଗତ ବରାହିଲୋ ଗ୍ରାମରେ ଆଜି ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୫ ବଖରା ଭସ୍ମୀଭୂତ ହୋଇଯାଇଛି। ସୂଚନା ଅନୁଯାୟୀ ଆଜି ଅପରାହ୍ନରେ ବରାହିଲୋ ଗ୍ରାମର ଶରତ କୁମାର ସାମଲ ଓ ନବକିଶୋର ସାମଲଙ୍କ ଚାଳଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା । ନିଆଁର ତୀବ୍ରତା ଏତେ ଥିଲା ଯେ ଚାହୁଁ ଚାହୁଁ ସମଗ୍ର ଘରଟିକୁ ନିଆଁ ବ୍ୟାପିଯାଇଥିଲା । ଗ୍ରାମବାସୀମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇନଥିଲା । ଖବର ପାଇ ଡେରାବିଶରୁ ଅଗ୍ନିଶମବାହିନୀ ଆସି ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ନିଆଁରେ ସମଗ୍ର ଘରଟି ଧ୍ୱଂସ ସ୍ତୂପରେ ପରିଣତ ହୋଇଥିଲା । ଅଗ୍ନିକାଣ୍ଡ ଫଳରେ ଉଭୟ ପରିବାରର ବର୍ଷକର ଆହାର ସମେତ ସମସ୍ତ ଘରକରଣ ସାମଗ୍ରୀ ଓ ପୋଷାକ ପତ୍ର ପୋଡ଼ି ପାଉଁଶ ହୋଇଯାଇଛି ।

## ପଞ୍ଚାୟତ ସମିତି ୯ମ ଅଧିବେଶନ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ର ନବମ ଅଧିବେଶନ ବ୍ଲକ ସଭା ଗୃହ ମଧରେ ପଂଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଂଚାୟତ ସମିତିର ୨୧ପଂଚାୟତର ସମସ୍ତ ସରପଞ୍ଚ ସମିତି ସଭ୍ୟ ସଭ୍ୟା ଯୋଗ ଦେଇଥିବା ବେଳେ ସାଂସଦ ପ୍ରତିନିଧି ହରିହର ଦାସ ବ୍ରହ୍ମଗିରି ବିଧାୟିକା ପ୍ରତିନିଧି ଉତ୍ତମ କୁମାର ତରେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସମ୍ବିତ କୁମାର ଜେନା ସମେତ ବ୍ଲକର ସମସ୍ତ କର୍ମଚାରୀ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ବିକଶିତ ଗାଁ ବିକଶିତ ଓଡିଶା ବିଦ୍ୟୁତ କୃଷି ପାନୀୟ ଜଳ ଆଦି ଶୃଙ୍ଖଳିତ ଭାବେ ଆଲୋଚନା କରାଯାଇଥିଲା। ସାଂସଦ ପ୍ରତିନିଧି ଓ ବିଧାୟିକା ପ୍ରତିନିଧି କହିଥିଲେ ଯେ ବ୍ଲକ ର ବିକାଶ କାର୍ଯ୍ୟ ରେ ସହଯୋଗ କରିବା ନିର୍ଦ୍ଦଳୀୟ ଭାବେ ସମସ୍ତେ ସହଯୋଗ କରିବା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖି ଯୋଜନା ସଫଳତା ପାଇବା ସହ ପ୍ରକୃତ ହିତାଧିକାରୀ ଲାଭ ପାଇପାରିବେ ।



କଟକ(ଭାସ୍କର ନ୍ୟୁଜ): ଏକ ନାବାଳିକା ଯୌନ ନିର୍ଯାତନା ମାମଲାରେ କଟକର ଆଡହକ୍ ଡିଷ୍ଟ୍ରିକ୍ଟ ଏଣ୍ଡ ଆଡିସିନାଲ୍ ସେସନ୍ ଜଜ୍ ଫାଷ୍ଟ୍ରାକ୍ କୋର୍ଟ -୧ ଆସାମୀ ସାଲେପୁର ଥାନା ଅଧିନସ୍ଥ ରାମକୃଷ୍ଣପୁର ଅଞ୍ଚଳର ଦୁଷ୍ମନ୍ତ ବାରିକ୍ ଓରଫ ନଟିଆ(୩୦)କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଥିବାବେଳେ ତାକୁ ୧୦ ହଜାର ଟଙ୍କା ଜୋରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଜୋରିମାନା ଦାଖଲ ନ କରିପାରିଲେ ତାକୁ ଆଉ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ତେବେ କୋର୍ଟ ଉପଯୁକ୍ତ ପ୍ରମାଣ ଅଭାବରୁ ଆସାମୀର ପିତା ଓ ରଘୁନାଥ ବାରିକ୍ (୫୫) କୁ କୋର୍ଟ ଏହି ମାମଲାରୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ଆସାମୀ ସାଲେପୁର ଥାନା ଅଧିନସ୍ଥ ରାମକୃଷ୍ଣପୁର ଅଞ୍ଚଳର ଦୁଷ୍ମନ୍ତ ବାରିକ୍ ୨୦୨୩ ମାର୍ଚ୍ଚ ୧୧ ତାରିଖରେ ରାତିରେ ଜଣେ ନାବାଳିକାଙ୍କ ଘରେ ପଶି ତାକୁ ଯୌନ ନିର୍ଯାତନା ଦେବା ସହ ଅଶାଳୀନ ବ୍ୟବହାର କରିଥିଲା । ମାର୍ଚ୍ଚ ୧୨ ତାରିଖରେ ସାଲେପୁର ଥାନାରେ ଏତଲା ରୁଜୁ କରାଯାଇଥିଲା । ସେହିପରି ୨୦୨୩ ମସିହା ମଇ ୬ ତାରିଖରେ ଆସାମୀ ବିରୋଧରେ ପୁଲିସ୍ ଅଭିଯୋଗପତ୍ର ଦାଖଲ କରାଯାଇଥିଲାବେଳେ କୋର୍ଟ ଆସାମୀ ବିରୋଧରେ ୨୦୨୪ ମସିହା ନଭେମ୍ବର ୧୬ ତାରିଖରେ ଚାର୍ଜଫ୍ରେମ୍ କରିଥିଲେ ।






ଓଡ଼ିଆ ଚଳଚ୍ଚିତ୍ର ଜଗତର ମହାନ ଅଭିନେତା ତଥା ଓଲିଉଡ୍‌ର ସୁପରଷ୍ଟାର ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଶେଷ ଦର୍ଶନ କରିବା ଅବସରରେ...

### ସରିଲା ଦ୍ୱିଦିବସୀୟ ରାଜ୍ୟସ୍ତରୀୟ କିଶୋରୀ-କିଶୋର ସମାବେଶ କାର୍ଯ୍ୟକ୍ରମ

# ପ୍ରତିଭାର ବିକାଶ ହେଲେ ସମାଜର ବିକାଶ ସମ୍ଭବ: ଉପ-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯୋଗ ମାଧ୍ୟମରେ ମାନସିକସ୍ତରରେ ସୁସ୍ଥ ରହିଲେ ନିର୍ଣ୍ଣୟ ନେବାର କ୍ଷମତା ବୃଦ୍ଧି ପାଇବ । କିଶୋର ବୟସରେ ସୁଯୋଗ ମିଳିଲେ କିଶୋର- କିଶୋରୀମାନଙ୍କ ପ୍ରତିଭା ଓ ଦକ୍ଷତାର ବିକାଶ ହୋଇପାରିବ ଓ ସେମାନଙ୍କ ଭବିଷ୍ୟତ ସହ ସମାଜ ବି ସୁଦୃଢ ହୋଇପାରିବ ବୋଲି ରାଜ୍ୟସ୍ତରୀୟ କିଶୋରୀ-କିଶୋର ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା । ରାଜ୍ୟର ସମସ୍ତ କିଶୋର-କିଶୋରୀ ଜଣେ ଜଣେ ଅଦ୍ୱିକା ଲିଡର ବୋଲି ସେ ଉଲ୍ଲେଖ କରିଛନ୍ତି । ନିଜ ଦକ୍ଷତା ବିକାଶର ନେତୃତ୍ୱ ନେବା ସହ ବାଲ୍ୟ ବିବାହ ଭଳି ସାମାଜିକ ବ୍ୟାଧିକୁ ଦୃଢ ବିରୋଧ କରିବା ପାଇଁ ସେ ପିଲାମାନଙ୍କୁ ପ୍ରେରଣା ଯୋଗାଇଥିଲେ । ରାଜ୍ୟ ମହିଳା ଶିଶୁ ବିକାଶ ବିଭାଗ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ – ୨୦୨୫ ଉପଲକ୍ଷେ ଅଦ୍ୱିକା କାର୍ଯ୍ୟକ୍ରମ ଅନ୍ତର୍ଗତ ଦ୍ୱିଦିବସୀୟ ରାଜ୍ୟସ୍ତରୀୟ କିଶୋରୀ-କିଶୋର ସମାବେଶ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପିଲାମାନଙ୍କ 'ସକାଳ ଯୋଗ' କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପରେ କିଶୋର- କିଶୋରୀମାନଙ୍କୁ ଉତ୍ସାହିତ କରିବା ସହ ରାଜ୍ୟସ୍ତରୀୟ ବିଜେତାମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା, ଓଡିଆ ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯବଂଶୀ ସୂରଜ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ମହିଳା ଓ ଶିଶୁ ବିକାଶର ଏହି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ । ବ୍ଲକସ୍ତରରେ ବିଭିନ୍ନ ପ୍ରତିଯୋଗିତା ପରେ ପ୍ରଥମ ଦିବସରେ ରାଜ୍ୟସ୍ତରରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ଯଥା ବାଦ-ବିବାଦ, ନୃତ୍ୟ, ଚିତ୍ରକଳା, ବ୍ୟାଡମିଂଟନ ଏବଂ ପୁଚି ପ୍ରତିଯୋଗିତା, ଦକ୍ଷତା ବିକାଶ ହସ୍ତଶିଳ୍ପ, ନେତୃତ୍ୱ ଓ ଆତ୍ମରକ୍ଷା କର୍ମଶାଳା ଓ ସାଂସ୍କୃତିକ ପ୍ରଦର୍ଶନରେ ଲୋକନୃତ୍ୟ ନାଟକ ଓ ସଙ୍ଗୀତ ପ୍ରଦର୍ଶନ, ପ୍ରେରଣାଦାୟୀ ଆଲୋଚନରେ କ୍ୟାରିଅର, ସ୍ୱାସ୍ଥ୍ୟ ଏବଂ ସଶକ୍ତିକରଣ ଉପରେ ବିଶେଷଜ୍ଞ ଆଲୋଚନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




## ମାର୍ଚ୍ଚ ସୁଦ୍ଧା ୮୫ ପ୍ରତିଶତ ଅର୍ଥ ଖର୍ଚ୍ଚ ପାଇଁ ଟାସ୍କ ଦେଇଛନ୍ତି ମୁଖ୍ୟମନ୍ତ୍ରୀ: ଶିଳ୍ପ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମାର୍ଚ୍ଚ ସୁଦ୍ଧା ୮୫ ପ୍ରତିଶତ ଅର୍ଥ ଖର୍ଚ୍ଚ ପାଇଁ ଟାସ୍କ ଦେଇଛନ୍ତି ବୋଲି କହିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ । ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ବିଭିନ୍ନ ବିଭାଗର ମନ୍ତ୍ରୀ ଏବଂ ସଚିବଙ୍କ କାର୍ଯ୍ୟକ୍ରମ ଖର୍ଚ୍ଚର ସମୀକ୍ଷା କରିଥିଲେ । ନିଜ ନିଜ ବିଭାଗରେ ବ୍ୟୟ ବରାଦ ହୋଇଥିବା ଖର୍ଚ୍ଚରୁ ୮୫ ପ୍ରତିଶତ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଆଉ ମାସେ ଭିତରେ ଟଙ୍କା ଖର୍ଚ୍ଚ କରିବାକୁ କହିଥିଲେ । ଗ୍ରାଉଣ୍ଡକୁ ଯାଇ ଲୋକଙ୍କ ବିକାଶରେ ହେଉଥିବା ଖର୍ଚ୍ଚକୁ ଗୁରୁତ୍ୱ ଦେଇଛନ୍ତି । ଏହା ଦ୍ୱାରା ଅଧିକ ବିକାଶ ମୂଳକ କାମହେବ ସହ ନିଯୁକ୍ତି ସୃଷ୍ଟି ହେବ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବଂ ପରାମର୍ଶ ପରେ ମନ୍ତ୍ରୀ ମାନେ ତତ୍ପର ହୋଇଛନ୍ତି । ନିଶ୍ଚିତ ଭାବେ ଲକ୍ଷ୍ୟ ହାସଲ ହେବ ବୋଲି ସେ କହିଛନ୍ତି ।

## ରମାଦେବୀରେ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ମା' ରମାଦେବୀ ଚେୟାର ଦ୍ୱାରା 'ମହିଳାଙ୍କ ସ୍ଥିରତା ଏବଂ ସଶକ୍ତିକରଣ ଯାତ୍ରା: ଆଧ୍ୟାତ୍ମିକ ଶକ୍ତିର କାହାଣୀ ଏବଂ ରଣନୀତି' ଶୀର୍ଷକରେ ଏକ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ ହୋଇଅଛି । ଏହି ସମ୍ମିଳନୀରେ ନାରୀ ସଶକ୍ତିକରଣ, ସମାଜରେ ମହିଳା ମାନଙ୍କର ଭୂମିକା ଏବଂ ଜୀବନ ଦର୍ଶନ ଉପରେ ଆଲୋଚନା କରାଯାଇଛି । ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଏବଂ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ଏହି ସମ୍ମୀଳନୀ ଆରମ୍ଭ ହୋଇଥିଲା । ରମାଦେବୀ ଚେୟାର ଅଧ୍ୟକ୍ଷା ପ୍ରଫେସର ଶୁଚେତା ପ୍ରିୟବାଦିନୀ ସ୍ୱାଗତ ସମ୍ବର୍ଦ୍ଧନା ସହ ଅତିଥି ମାନଙ୍କ ଦ୍ୱାରା ଗବେଷଣାତ୍ମକ ସଂକଳ୍ପ ସାରାଂଶ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱରର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗ ଦେଇ ମହିଳା ସଶକ୍ତିକରଣର ଗୁରୁତ୍ୱ, ସମାଜରେ ମହିଳା ମାନଙ୍କର ନେତୃତ୍ୱ ଏବଂ ଆଧ୍ୟାତ୍ମିକ ଶକ୍ତି କିପରି ନୂତନ ଜୀବନ ଦର୍ଶନରେ ସହଯୋଗ କରିପାରିବ ତାହା ଉଲ୍ଲେଖ କରିଥିଲେ । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରଫେସର୍ ସସ୍ମିତା କର ଛାତ୍ରୀମାନଙ୍କୁ ସମାଜରେ ନାରୀମାନଙ୍କର ଭୂମିକା ବିଷୟରେ ପ୍ରେରଣା ଦେବା ସହିତ ଅତିଥିମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ସମ୍ମିଳନୀରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଚଣ୍ଡୀ ଚରଣ ରଥ, ଚେୟାର ପ୍ରଫେସର ସୁଚେତା ପ୍ରିୟବାଦିନୀ, କୁଳସଚିବ ଶ୍ୟାମଳୀ ମହାପାତ୍ର, ସସ୍ମିତା କର, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପରିଚାଳନା ମହାବିଦ୍ୟାଳୟରୁ ଆସିଥିବା ନିର୍ଦ୍ଦେଶିକା ଡ଼ଃ ସଂଘମିତ୍ରା ପାଲ. ବରିଷ୍ଠ କଣ୍ଠ ଶିଳ୍ପୀ ତଥା ଓଡିଶୀ ଗବେଷଣା କେନ୍ଦ୍ରର ପ୍ରାକ୍ତନ ନିର୍ଦ୍ଦେଶକ ଡ଼ଃ ସଙ୍ଗୀତା ଗୋସାଇଁ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ଣ୍ଣିଆ ମହିଳା ଫେଡେରେସନର ସଭାପତି ପ୍ରଫେସର ମାରିଆ ସେସିଲିସା ଡିସୋଜା ଯୋଗଦେଇ ସେମାନଙ୍କର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ଜୈବିକ ବିଜ୍ଞାନ ଡ଼କ୍ଟର ନଭନିତ କୌର । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଡ଼କ୍ଟର ସସ୍ମିତା କର ।



## ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ । ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ବିଧାନସଭା ପରିସରରେ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେହିବରି ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

### 'ଉତ୍ତମ ମହାନ୍ତିଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ'

# ରାଜ୍ୟପାଳଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଲିଉଡର ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତିଙ୍କ ଦେହାନ୍ତ ବିଷୟରେ ଜାଣି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି ଦୁଃଖ ପ୍ରକାଶ କରି ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ସେହିପରି ବିଶିଷ୍ଟ ଅଭିନେତା ଉତ୍ତମ ମହାନ୍ତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେହିପରି ଉତ୍ତମ ମହାନ୍ତିଙ୍କ ବିୟୋଗରେ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ବିଶିଷ୍ଟ ଅଭିନେତା ତଥା ଓଡ଼ିଆ ଚଳଚ୍ଚିତ୍ର ଜଗତର ଚିର ସବୁଜ ନାୟକ ଉତ୍ତମ ମହାନ୍ତିଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି । ସେହିପରି ଓଡ଼ିଆ ଚଳଚିତ୍ର ଜଗତକୁ ଉତ୍ତମ ମହାନ୍ତିଙ୍କ ଅବଦାନ ତାଙ୍କୁ ସବୁଦିନ ପାଇଁ ମନେରଖିବ । ଅନେକ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ମନ ଜିଣି ପାରିଥିବା ଏହି ବିଶିଷ୍ଟ ଅଭିନେତାଙ୍କ ବିୟୋଗ ନିଶ୍ଚିତ ଭାବେ ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏକ ଶୋକ ବାର୍ତ୍ତାରେ ଜଣାଇଛନ୍ତି । ସେହିପରି ବାଚସ୍ପତି ସୁରମା ପାଢ଼ୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## ବିଧାନସଭା ପରିସରରେ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାନ ବୀର ପୁରୁଷ ଓ ଭାରତର ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ୧୮୦୯ ମସିହା ଜାନୁଆରୀ ମାସ ୨୩ ତାରିଖ ଦିନ ସମ୍ବଲପୁର ସହରର ଉତ୍ତରକୁ ପ୍ରାୟ ୨୧ ମାଇଲ ଦୂରରେ ଅବସ୍ଥିତ ବରଗାଁ ବା ଖିଣ୍ଡା ଗ୍ରାମରେ ଚୌହାନ୍ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ । ପଶ୍ଚିମ ଓଡ଼ିଶାରେ ୧୮୨୭ ମସିହାରେ ବୀର ସୁରେନ୍ଦ୍ର ସାଏ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖାକୁ ପ୍ରଜ୍ୱଳିତ କରି ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା ସମ୍ବଲପୁର ମାଟିରୁ ବ୍ରିଟିଶ ଶାସନ ଲୋପ କରିବା । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଅଧିକ ସୁସଙ୍ଗଠିତ, ସୁସଂହତ ତଥା ବୀରତ୍ୱପୂର୍ଣ୍ଣ ଥିଲା । ସୁରେନ୍ଦ୍ର ସାଏଙ୍କ କୌଶଳପୂର୍ଣ୍ଣ ଗରିଲା ଯୁଦ୍ଧ, ରଣସଜ୍ଜା, ଦୃଢ଼ ମନୋବଳ, ଅସୀମ ଧୈର୍ଯ୍ୟ ଓ ସାହସ ନିକଟରେ ଇଂରେଜମାନେ ହାର ମାନିଥିଲେ । ଓଡ଼ିଶାର ଏହି ବରପୁତ୍ର, ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ବିପ୍ଳବର ଜୟଗାଥା ଓଡ଼ିଶା ଇତିହାସରେ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ପୃଷ୍ଠା ମଣ୍ଡନ କରୁଥିବ । ବୀର ସୁରେନ୍ଦ୍ର ସାଏଙ୍କ ୧୪୧ତମ ଶ୍ରାଦ୍ଧବାର୍ଷିକୀ ବିଧାନସଭା ପରିସରରେ ଅନୁଷ୍ଠିତ ହୋଇ ଯାଇଥିବା ବେଳେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।



## ଚାଷୀନେତାଙ୍କୁ ସାକ୍ଷାତ କଲେ ପିସିସି ସଭାପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ କାର୍ଯ୍ୟାଳୟ ଗସ୍ତ କରି ସେଠାରେ ଚାଷୀର ସମସ୍ତ ଧାନକୁ ବିନା କଟନୀ ଛଟନୀ, ନିର୍ଦ୍ଧାରିତ ମୂଲ୍ୟ ଓ ଦୁର୍ନୀତି ବିବର୍ଜିତ କ୍ରୟ କରିବା ଦାବିରେ ଅନଶନରତ ନବନିର୍ମାଣ କୃଷକ ସଂଗଠନର ଅଧ୍ୟକ୍ଷ ଶ୍ରୀ ଅକ୍ଷୟ କୁମାରଙ୍କୁ ସାକ୍ଷାତ କରି କଂଗ୍ରେସ ସମର୍ଥନ ଜ୍ଞାପନ କରିଥିଲେ । ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ କଂଗ୍ରେସ ଦଳ ସଦାସର୍ବଦା ଚାଷୀର ସ୍ୱାର୍ଥ ପାଇଁ ସଂଗ୍ରାମ କରିଆସିଛି । ଓଡ଼ିଶାର ଏକ କୃଷକ ବିରୋଧ ସରକାର ଚାଲିଛି । ନିର୍ବାଚନ ପୂର୍ବରୁ କୃଷକମାନଙ୍କୁ ଲୋଭନୀୟ ପ୍ରତିଶ୍ରୁତି ଦେଇଥିଲେ । କ୍ଷମତାସୀନ ହେଲା ପରେ ଏହି ସରକାର କୃଷକମାନଙ୍କୁ ପ୍ରତାରିତ କରୁଛନ୍ତି । ପ୍ରତାରିତ ଓ ଅବହେଳିତ କୃଷକ ଓ କୃଷି ଶ୍ରମିକ ପାଇଁ ରାଜ୍ୟ କଂଗ୍ରେସ ଦୁର୍ବାର ଆନ୍ଦୋଳନ କରି ବୋଲି ଶ୍ରୀ ଦାସ କହିଥିଲେ । ପିସିସି ସଭାପତି ଶ୍ରୀ ଦାସଙ୍କ ସହ ସେହି ଅନଶନ ସ୍ଥଳକୁ ମାନସ ଚୌଧୁରୀ, ବିଶ୍ୱଜିତ ଦାସ, ଯାସିର ନୱାଜ, ରଞ୍ଜିତ ପାତ୍ର, ରଜନୀ ମହାନ୍ତି, ମନୋଜ ବିଶ୍ୱାଳ, ଅମୀୟ ପଟ୍ଟନାୟକ, ଅମୀୟ ପାଣ୍ଡବ, ସୁବ୍ରତ ମହାପାତ୍ର, ପ୍ରଶାନ୍ତ ଚମ୍ପତି ଓ ମହମ୍ମଦ ପରଭେଜ ପ୍ରମୁଖ ଗସ୍ତ କରିଥିଲେ ।

## ଆମ୍ବେଦକରଙ୍କ ଚିନ୍ତାଧାରା କାର୍ଯ୍ୟକାରୀ ହେଉ: ପୂର୍ବତନ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଚିନ୍ତାଧାରା ଉପରେ ସମସ୍ତେ ସଚେତନ ହେବା ଆବଶ୍ୟକ । ରାଜ୍ୟରେ ଆମ୍ବେଦକରଙ୍କ ଚିନ୍ତାଧାରା କାର୍ଯ୍ୟକାରୀ କରିବାକୁ ଆମ୍ବେଦକର ସମାଜ ସେବା ଆସୋସିଏସନ (ଆଶା) ଓଡ଼ିଶା ଶାଖା ପକ୍ଷରୁ ଦାବି କରାଯାଇଛି । ଶୁକ୍ରବାର ସ୍ଥାନୀୟ ରେଡ଼କ୍ରସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଆସୋସିଏସନର ମୁଖ୍ୟ ଉପଦେଷ୍ଟା ଭଜମନ ବେହେରା ଓ ସଭାପତି ମୁରଲୀଧର ଦାସ ଭାରତବର୍ଷରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅସମାନତା ସମ୍ପର୍କରେ ମତ ରଖିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଆଶା ସଂଗଠନର ସାଧାରଣ ସମ୍ପାଦକ ମହେଶ ମିଶ୍ର, ଉପସଭାପତି ପ୍ରଭାତ କୁମାର ସ୍ୱାଇଁ, ତ୍ରିଲୋଚନ ରାଉତ ଓ ରବି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।




## ରୋବୋଟିକ୍ କର୍ମଶାଳା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜିର ସମୟରେ ମଣିଷ ପରିବର୍ତ୍ତେ ରୋବୋଟ୍ ସାହାଯ୍ୟରେ ଅନେକ ପ୍ରକାରର କଷ୍ଟସାଧ୍ୟ ଏବଂ ଦୁଃସାଧ୍ୟ କାର୍ଯ୍ୟ କରାଯାଇ ପାରୁଛି । ମନୁଷ୍ୟର ନିରାପତ୍ତାକୁ ମଧ୍ୟ ସୁନିଶ୍ଚିତ କରିପାରୁଛି ବୋଲି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଜ୍ଞାନରଞ୍ଜନ ପାଣିଗ୍ରାହୀ କହିଛନ୍ତି । ଶୁକ୍ରବାର ରାଜଧାନୀ ମହାବିଦ୍ୟାଳୟ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ବିବିଏ ଓ ବିସିଏ ବିଭାଗର ମୁଖ୍ୟ ସଂଯୋଜକ ନିହାର ରଞ୍ଜନ ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ କନ୍‌ଫିଗରେବୁଲ୍ ରୋବୋଟିକ୍ ସମ୍ପର୍କିତ ଏକ କର୍ମଶାଳାରେ ଯୋଗଦେଇ ଡଃ ପାଣିଗ୍ରାହୀ ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗ କରି ରୋବୋଟ୍ ସାହାଯ୍ୟରେ ଅଗ୍ରଣୀ ଦେଶଗୁଡ଼ିକ ଚିକିତ୍ସା କ୍ଷେତ୍ରରେ ମଧ୍ୟ ସଫଳତା ହାସଲ କରିସାରିଲେଣି ବୋଲି କହିଥିଲେ । ଏହି ଅବସରରେ ଦୁଇଟି ରୋବୋଟ୍ ପ୍ରଦର୍ଶନ କରି ଏହା ୭ ପ୍ରକାରରେ ଆକାର ନେଉଥିବା ଏବଂ ସେସବୁ କାର୍ଯ୍ୟକାରିତା ବର୍ଣ୍ଣନା କରିଥିଲେ । ଡଃ ପାଣିଗ୍ରାହୀଙ୍କ ବକ୍ତବ୍ୟ ଏବଂ ରୋବୋଟ୍ ପ୍ରଦର୍ଶନରେ ଲୋକେଶ ପାତ୍ର, ତନୁଶ୍ରୀ ଲେଙ୍କା, ଇଣ୍ଡିଜିବିଲ୍ ହରସିତ୍ ପ୍ରମୁଖ ସହଯୋଗ କରିଥିଲେ । ରାଜଧାନୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସରୋଜକାନ୍ତ ଚୌଧୁରୀ ତାଙ୍କର ବକ୍ତବ୍ୟ ପ୍ରସଙ୍ଗରେ ରୋବୋଟ୍ ସମ୍ପର୍କିତ ଏକ ଚଳଚ୍ଚିତ୍ରର କାହାଣୀ ଅବତାରଣା କରିଥିଲେ । ଏସବୁ ସତ୍ତ୍ୱେ ରୋବୋଟ୍ ମନୁଷ୍ୟର ପ୍ରତିବଦଳ ହୋଇପାରିବ ନାହିଁ ବୋଲି କହିଥିଲେ । ରାଜଧାନୀ ମହାବିଦ୍ୟାଳୟର ବିବିଏ ଓ ବିସିଏ ବିଭାଗର ମୁଖ୍ୟ ଟ୍ରଷ୍ଟି ମହେଶ ପଟ୍ଟନାୟକଙ୍କ ସମେତ ବିସିଏ ବିଭାଗର ମୁଖ୍ୟ ସୌମ୍ୟା ପଟ୍ଟନାୟକ, ଆସିଷ୍ଟାଣ୍ଟ ପ୍ରଫେସର କୈବଲ୍ୟ କର, ପ୍ରଜ୍ଞା ପଦ୍ମଜା ପଣ୍ଡା, ମନୋଜ କୁମାର ମହାନ୍ତି ଏବଂ ମହାବିଦ୍ୟାଳୟର କର୍ମସଂସ୍ଥାନ ସଂଯୋଜକ ଡଃ ସୁବ୍ରତ ସାମଲଙ୍କ ସମେତ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଏହା ସହିତ ବିଭାଗର ଗଣମାଧ୍ୟମ ସଂଯୋଜକ ବିଶ୍ୱରଞ୍ଜନ ସାହୁ, ଯଶୋବନ୍ତ ଭୋଇ, ଅଜୟ କୁମାର ମାଣିଆ କାର୍ଯ୍ୟକ୍ରମର ସଫଳତା ଦିଗରେ ବୈଷୟିକ ସହାୟତା କରିଥିଲେ ।

### ସୁଭଦ୍ରା ଶକ୍ତି ମେଳାର ୭ମ ଦିବସ

# ଜୀବନ୍ତ ଶିଳ୍ପ ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୁଭଦ୍ରା ଶକ୍ତି ମେଳା-୨୦୨୫ର ସପ୍ତମ ଦିନର ଏକ ପ୍ରମୁଖ ଆକର୍ଷଣ ଥିଲା ଲାଇଭ୍ ପ୍ରଦର୍ଶନ କାଉଣ୍ଟର, ଯାହା ଦର୍ଶକମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଶିଳ୍ପକଳା ଅନୁଭବ କରିବାର ଏକ ଅନନ୍ୟ ସୁଯୋଗ ଦେଇଥିଲା । କାରିଗର ଏବଂ ଏସଏଚଜି ମା ମାନଙ୍କ ଦ୍ୱାରା ପ୍ରଦର୍ଶିତ କୁମ୍ଭାର ଶିଳ୍ପ, କାଠ ଶିଳ୍ପ, କାଗଜ ମାଚେ, ଗୋଲଡେନ୍ ଗ୍ରାସ୍, ସବାଇ ଘାସ କଳା ଏବଂ ଲାଖ ଖେଳନା ନିର୍ମାଣ ଆଦି ପ୍ରଦର୍ଶନ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା । ଦର୍ଶକମାନେ ଦକ୍ଷ କାରିଗରଙ୍କ ମାର୍ଗଦର୍ଶନରେ ମାଟିକୁ ଆକାର ଦେବା ଏବଂ ପାରମ୍ପରିକ କୁମ୍ଭାର କଳାରେ ନିଜ ହାତ ଚଳାଇବାର ସୁଯୋଗ ପାଇଥିଲେ । ସପ୍ତମ ସନ୍ଧ୍ୟାରେ ମଞ୍ଚ ଚମତ୍କାର ସାଂସ୍କୃତିକ ପ୍ରଦର୍ଶନ ସହିତ ପ୍ରଜ୍ୱଳିତ ହୋଇଉଠିଥିଲା । ଦର୍ଶକମାନେ ରୂପଶ୍ରୀ ମିଶ୍ରଙ୍କ ଦ୍ୱାରା ଏକ ପାରମ୍ପାରିକ ମନମୋହକ ମାହାରୀ ନୃତ୍ୟ ପରିବେଷଣ ଦେଖିବାର ସୁଯୋଗ ପାଇଥିଲେ, ଯାହା ଓଡ଼ିଆ ଶାସ୍ତ୍ରୀୟ ନୃତ୍ୟ ଶୈଳୀର ସୌନ୍ଦର୍ଯ୍ୟ ଏବଂ ଭକ୍ତିଭାବକୁ ପ୍ରତିଫଳିତ କରିଥିଲା । ତା'ପରେ ପ୍ରଖ୍ୟାତ ବ୍ୟଙ୍ଗ କବି ଜ୍ଞାନ ହୋତା, ଦୁର୍ଗା ମହାପାତ୍ର, ସତ୍ୟନାଶିଆ ଏବଂ ସର୍ବଗିଳାଙ୍କ ଦ୍ୱାରା ବ୍ୟଙ୍ଗାତ୍ମକ କବିତା ପରିବେଷଣ କରାଯାଇଥିଲା, ଯାହା ସେମାନଙ୍କର ଚତୁର ଭାଷା ଏବଂ ଚମତ୍କାର ଶବ୍ଦ ବିନ୍ୟାସରେ ଦର୍ଶକମାନଙ୍କୁ ହସାଇ ଥିଲା । ସପ୍ତମ ଦିନ ମଧ୍ୟ ମେଳା ପ୍ରତି ଦର୍ଶକଙ୍କ ଅଭୂତପୂର୍ବ ଆଗ୍ରହ ଜାରି ଥିବାବେଳେ ସମୁଦାୟ ଦର୍ଶକ ସଂଖ୍ୟା ୨ ଲକ୍ଷରୁ ଅଧିକ ଏବଂ ମୋଟ ବିକ୍ରି ୨.୫ କୋଟି ଟଙ୍କା ଅତିକ୍ରମ କରିଛି । ସୁଭଦ୍ରା ଶକ୍ତି ମେଳା – ୨୦୨୫ରେ ଆଉ ମାତ୍ର ଦୁଇ ଦିନ ବାକି ଥିବାବେଳେ ମହିଳା ଉଦ୍ୟୋଗିତା ଏବଂ ଓଡ଼ିଶାର ସମୃଦ୍ଧ କାରିଗରୀର ଏହି ମହୋତ୍ସବ ପ୍ରତି ଦର୍ଶକଙ୍କ ଉତ୍ସାହ ଚରମ ସୀମାରେ ପହଞ୍ଚିଛି ।



# ଭେଣ୍ଡିଂ ଜୋନ୍ ଦାବିରେ ସିଡିଏ ଅଫିସ ଘେରାଉ

କଟକ(ଭାସ୍କର ନ୍ୟୁଜ୍): କଟକ ଉଠାଦୋକାନୀ ମହାସଙ୍ଘ ପକ୍ଷରୁ ପୂର୍ବଘୋଷଣା ଅନୁଯାଇ ଶକ୍ରବାର ମଧୁପାଟଣା ପ୍ରେସଛକରୁ ଏକ ବିଶାଳ ପଟୁଆର ବାହାରି ଲିଙ୍କରୋଡ଼ସ୍ଥିତ ସିଡିଏ କାର୍ଯ୍ୟାଳୟରେ ପହଁଚିଥିଲା । ପ୍ରତିବାଦ ସଭା ଅମରେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଗୋଟିଏ ନାରା ଉଚ୍ଛେଦ ନୁହେଁ ଥଇଥାନ ଦାବିରେ ସିଡିଏ କାର୍ଯ୍ୟାଳୟ ଘେରାଉ କରିଥିଲେ । ଗତ ୨୦୨୪ ମସିହା ସେପ୍ଟେମ୍ବର ମାସରେ ପ୍ରଶାସନ ଓ ଲୋକପ୍ରତିନିଧିମାନେ କଟକର ରାଣୀହାଟ, ମଧୁପଟଣା, ପ୍ରେସଛକ, ଲିଙ୍କରୋଡ, ବାଦାମବାଡ଼ି, ଓଏମପିଛକ ଓ ମର୍କତନଗର ଅଞ୍ଚଳ ଗସ୍ତକରି ପ୍ରାୟ ୬୦୦ ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା, ଦୋକାନୀମାନଙ୍କୁ ବିନା ନୋଟିସରେ ଉଚ୍ଛେଦ ନ କରିବା, ଉଚ୍ଛେଦ ନାଁରେ ଦୋକାନୀମାନଙ୍କ ଜିନିଷପତ୍ର ଫୋପଡ଼ା ଫୋପାଡ଼ି ନ କରିବା ଓ ଚାଲାଣ ନ କାଟିବା, ଋଣନେଇଥିବା ଦୋକାନୀମାନଙ୍କୁ ଭେଣ୍ଡିଂ ଲାଇସେନ୍ସ ଦେବା ପ୍ରଭୃତି ଦାବି ପାଳନ କରିବାକୁ ବକ୍ତାମାନେ ଦାବି କରିଥିଲେ । ପ୍ରଶାସନର ଅବହେଳା ଯୋଗୁଁ ଉଠାଦୋକାନୀମାନଙ୍କ ସମସ୍ୟା ଯଦି ସମାଧାନ ନ ହୁଏ ଆଗାମୀ ଦିନରେ ମହାସଙ୍ଘ ପକ୍ଷରୁ ଦୃଢ଼ ମୁକାବିଲା କରାଯିବ । ଏହି ଆନ୍ଦୋଳନରେ ଛବି ଖଣ୍ଡିଆ, ନିତ୍ୟାନନ୍ଦ ନାୟକ, ଅକ୍ଷୟ ସାହୁ, ନିରନ ସାହୁ, ରତ୍ନାକର ସାହୁ, ନରୋତମ ଦାସ, ଶିବ ବେହେରା, ରବୀନ୍ଦ୍ର ସାହୁ, ରମେଶ ନାୟକ, ବାସନ୍ତୀ ସାହୁ ଓ ଓଡିଶା ନବନିର୍ମାଣ ବିକାଶ ମଞ୍ଚ ସଭାପତି ଆଡ଼ଭୋକେଟ ଡକ୍ଟର ଜ୍ଞାନଗୁରୁ ଦାସ ପ୍ରମୁଖ ଦୋକାନୀମାନଙ୍କୁ ଖୁବ ଶୀଘ୍ର ଭେଣ୍ଡିଂଜୋନ ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ଆକାର ଧାରଣ କରିବ ବୋଲି ଚେତାବନୀ ଦେଇଥିଲେ । ଶେଷରେ ଏକ ୫ ଜଣିଆ ପ୍ରତିନିଧିମଣ୍ଡଳୀ ସିଡିଏ ଉପାଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



## ‘ସର୍ବୋତ୍ତମ’ ନାୟକଙ୍କ ମହାପ୍ରୟାଣ
# ଓଡ଼ିଆ ଚଳଚ୍ଚିତ୍ରରେ ବିରାଟ ଶୂନ୍ୟତା

ବିଗତ ଶତାବ୍ଦୀର ଅଷ୍ଟମ ଓ ନବମ ଦଶକରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବାଧିକ ଲୋକପ୍ରିୟ ଅଭିନେତା ରୂପେ ଦର୍ଶକଙ୍କ ହୃଦୟ ଜିଣିଥିବା ‘ସୁପରଷ୍ଟାର୍’ ଉତ୍ତମ ମହାନ୍ତି ଆଉ ଇହଜଗତରେ ନାହାନ୍ତି। ଚିକିତ୍ସାଧୀନ ଅବସ୍ଥାରେ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲରେ ଗୁରୁବାର ବିଳମ୍ବିତ ରାତ୍ରୀରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି, ଆଉ ଏଥିସହିତ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଏକ ଯୁଗର ଅବସାନ ଘଟିଛି। ଲିଭର ସିରୋସିସ୍ ରୋଗରେ ପୀଡିତ ଥିବା ଉତ୍ତମଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଗତ ୮ ତାରିଖରେ ତାଙ୍କୁ ମେଦାନ୍ତ ହସ୍ପିଟାଲକୁ ଏୟାର ଲିଫ୍ଟ କରାଯାଇଥିଲା। ସେଠାରେ ୨୦ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ଜୀବନ ଯୁଦ୍ଧରେ ହାରିଛନ୍ତି, ସ୍ତବ୍ଧ ଓ ଶୋକାଭିଭୂତ ହୋଇଛି ସାରା ଓଡ଼ିଶା। ୧୯୭୭ ମସିହାରେ ସାଧୁ ମେହେରଙ୍କ ଦ୍ୱାରା ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର ‘ଅଭିମାନ’ରେ ନାୟକ ଭୂମିକାରେ ପ୍ରଥମ ଥର ପାଇଁ ପାଦ ଥାପିଥିବା ଏହି ଯୁବ ଅଭିନେତା ପରବର୍ତ୍ତୀ ସମୟରେ ୧୩୫ଟି ଚଳଚ୍ଚିତ୍ରରେ ନିଖୁଣ ଅଭିନୟ କରି ନିଜ ପ୍ରତିଭାର ଅଲିଭା ସ୍ୱାକ୍ଷର ରଖି ଯାଇଛନ୍ତି। ସେଥିମଧ୍ୟରୁ ୧୯୮୦ ମସିହାର ‘ରାମାୟଣ’, ୧୯୮୨ରେ ନିର୍ମିତ ‘ଫୁଲ ଚନ୍ଦନ’, ୧୯୮୪ର ‘ଦଣ୍ଡା ବାଳୁଙ୍ଗା’, ୧୯୮୩ର ‘ଝିଅଟି ସୀତା ପରି’, ୧୯୮୫ରେ ନିର୍ମିତ ‘ସହରୀ ବାଘ’, ‘ସମୟ ବଡ଼ ବଳବାନ୍’, ‘ପୂଜାଫୁଲ’, ‘ସତ କେବେ ଲୁଚି ରହେନା’ ଏବଂ ୧୯୮୬ର ‘ଜୋର ଯା’ର ମୁଲକ ତା’ର’, ୧୯୮୮ର ‘ପାପ ପୁଣ୍ୟ’ ଆଦିରେ ଅଭିନୟ ତାଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲା। ପରବର୍ତ୍ତୀ ସମୟରେ ‘ଶାସ୍ତି’, ‘ଟୋପାଏ ସିନ୍ଦୁର ଦିଟୋପା ଲୁହ’, ‘ରାଜାରାଣୀ’, ‘କଣ୍ଢେଇ’, ‘ଲକ୍ଷେ ଶିବ ପୂଜି ପାଇଛି ପୁଅ’, ‘ଅଗ୍ନି ପରୀକ୍ଷା’, ‘ରୂପା ଗାଁର ସୁନା କନିଆ’, ‘ଏ ଯୁଗର କୃଷ୍ଣ ସୁଦାମା’, ‘ସହର ଜଳୁଛି’ ଭଳି ସୁପରହିଟ୍ ଚଳଚ୍ଚିତ୍ରରେ ମଧ୍ୟ ତାଙ୍କର ଚମତ୍କାର ଅଭିନୟ ଦର୍ଶକଙ୍କୁ ଅଭିଭୂତ କରିଥିଲା। ମୋଟାମୋଟି ଭାବରେ ଅଷ୍ଟମ ଓ ନବମ ଦଶକରେ ଉତ୍ତମ ମହାନ୍ତି ଥିଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବ୍ୟସ୍ତତମ ମହାନାୟକ ଏବଂ ସିନେ ସମୀକ୍ଷକମାନେ ଉତ୍ତମଙ୍କୁ “ସର୍ବୋତ୍ତମ” ସୁପର ହିରୋର ଆଖ୍ୟା ଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ସହ କେତେକ ସୁପରହିଟ୍ ବଙ୍ଗଳା ଚଳଚ୍ଚିତ୍ରରେ ମଧ୍ୟ ଉତ୍ତମ ଅଭିନୟ କରି ନିଜ ପ୍ରତିଭାର ପରାକାଷ୍ଠା ଦେଖାଇଥିଲେ। ପ୍ରାୟ ୩୦ଟି ବଙ୍ଗଳା ଚଳଚ୍ଚିତ୍ର ସମେତ ୧୯୯୧ ମସିହାରେ ହିନ୍ଦୀ ଚଳଚ୍ଚିତ୍ର ‘ନୟା ଜହର’ରେ ଅଭିନୟ ତାଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା। ୨୦୦୯ ମସିହାରେ ଓଡ଼ିଆ ଚଳଚ୍ଚିତ୍ର ‘ପାଗଳ କରିଛି ପାଉଁଜି ତୋର’ରେ ସେ ଶେଷ ଥର ପାଇଁ ଅଭିନୟ କରିଥିଲେ, ଯଦିଓ କେତେକ ଚଳଚ୍ଚିତ୍ରରେ ଅତିଥି କଳାକାର ରୂପେ ଦର୍ଶକଙ୍କ ନଜରକୁ ଆସୁଥିଲେ। ଏହା ବ୍ୟତୀତ ଅନେକ ଟିଭି ଧାରାବାହିକରେ ମଧ୍ୟ ଉତ୍ତମ ମହାନ୍ତିଙ୍କ ଅଭିନୟ ଦର୍ଶକଙ୍କୁ ଅଭିଭୂତ କରିଥିଲା। ହିନ୍ଦୀ ଚଳଚ୍ଚିତ୍ର ଜଗତର ରାଜକପୁରଙ୍କ ପରିବାର ଭଳି ଉତ୍ତମଙ୍କ ପରିବାର ମଧ୍ୟ ଚଳଚ୍ଚିତ୍ର ଦୁନିଆରେ ସମର୍ପିତ ଥିଲେ। ତାଙ୍କର ପତ୍ନୀ ଅପରାଜିତା ମହାନ୍ତି ଜଣେ ଆଗଧାଡ଼ିର ଅଭିନେତ୍ରୀ ରୂପେ ‘ଓଲିଉଡ୍’ରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିବା ବେଳେ ଏକମାତ୍ର ପୁତ୍ର ବାବୁସାନ୍ ମଧ୍ୟ ପିତାଙ୍କ ପଦାଙ୍କ ଅନୁସରଣ କରି ବର୍ତ୍ତମାନ ପିଢ଼ିର ଅନ୍ୟତମ ଶ୍ରେଷ୍ଠ ଅଭିନେତା ରୂପେ ପରିଗଣିତ ହେଉଛନ୍ତି। ଉତ୍ତମ-ଅପରାଜିତା ଯୋଡ଼ିକୁ ଏଯାବତ୍ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ସର୍ବାଧିକ ସଫଳ ଯୋଡ଼ି ରୂପେ ଗଣ୍ୟ କରାଯାଉଛି। ଓଡ଼ିଆ ଚଳଚ୍ଚିତ୍ରର ସର୍ବୋଚ୍ଚ ସମ୍ମାନ ‘ଜୟଦେବ ପୁରସ୍କାର’ ପ୍ରାପ୍ତ ଏହି ମହାନାୟକ ନିଜର ସାଧନା ପାଇଁ ତିନି ତିନିଥର ଶ୍ରେଷ୍ଠ ଅଭିନେତା ଭାବରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଏବଂ ଆଉଥରେ ପାର୍ଶ୍ୱ ଅଭିନେତା ପୁରସ୍କାର ଲାଭ କରିବାର ଗୌରବ ଅର୍ଜନ କରିଥିଲେ। ମାତ୍ର ୬୭ବର୍ଷ ବୟସରେ ତାଙ୍କର ଦେହାନ୍ତ ଓଡ଼ିଆ ସଂସ୍କୃତି କ୍ଷେତ୍ରରେ ଏକ ବିରାଟ ଶୂନ୍ୟତା ସୃଷ୍ଟି କରିଛି। ‘ଓଡ଼ିଶା ଭାସ୍କର’ ପରିବାର ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

# ମାଗଣା ଯୋଜନା ବନାମ ପରଜୀବୀ ବର୍ଗର ସୃଷ୍ଟି



**ଗୋପାଳ ମହାପାତ୍ର**
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଜୀବ-ବିଜ୍ଞାନ ଭାଷାରେ ପରଜୀବୀ ଏମିତି ଜୀବାଣୁ ବା କୀଟାଣୁ ଯେଉଁମାନେ କୌଣସି ଅନ୍ୟ ଜୀବଙ୍କ ଭିତରେ ରହି ସେମାନଙ୍କ ଠାରୁ ଖାଦ୍ୟ ଗ୍ରହଣ କରିଥାନ୍ତି। ଦେଶର ସର୍ବୋଚ୍ଚ ଅଦାଲତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ମାଗଣା ଜିନିଷ ଉପରେ ଆଶ୍ରୀତ ଲୋକ ଏବଂ ସରକାରଙ୍କ ଉପରେ କଟାକ୍ଷପୂର୍ଣ୍ଣ ଏମିତି କିଛି ମନ୍ତବ୍ୟ ଦେଇଛନ୍ତି। ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନଙ୍କ ଦ୍ୱାରା ନଗଦ ଧନରାଶି ଏବଂ ମାଗଣା ସୁବିଧା ଦେବା ପାଇଁ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଉଛି ତା’ଉପରେ ସର୍ବୋଚ୍ଚ ଅଦାଲତ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ ‘ରାଷ୍ଟ୍ରୀୟ ବିକାଶ ପାଇଁ ଲୋକଙ୍କୁ ମୁଖ୍ୟ ଧାରାରେ ସାମିଲ କରିବା ପରବର୍ତ୍ତେ କ’ଣ ଆମେ ପରଜୀବୀଙ୍କ ଏକ ବର୍ଗ ସୃଷ୍ଟି କରୁନାହେଁ କି ?’ ସର୍ବୋଚ୍ଚ ଅଦାଲତର ବିଚାରପତି ବି. ଆର୍ ଗବଇ କହିଥିଲେ ଯେ ମାଗଣା ରାସନ ଏବଂ ଅର୍ଥ ମିଳିବାରୁ ଏହି ଲୋକମାନେ କାମ କରିବା ପାଇଁ ପ୍ରସ୍ତୁତ ହେଉନାହାଁନ୍ତି। ସହରାଞ୍ଚଳ ବିଶେଷ କରି ଦିଲ୍ଲୀର ବାସହରାଙ୍କ ଆଶ୍ରୟର ଅଧିକାର ସହ ଜଡ଼ିତ ପ୍ରସଙ୍ଗ ଉପରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣିବେଳେ ବିଚାରପତି ଗବଇ ଏଭଳି ମନ୍ତବ୍ୟ ଦେଇଛନ୍ତି। ଜନସ୍ୱାର୍ଥ ମାମଲାର ଶୁଣାଣି କରୁଥିଲେ ବିଚାରପତି ଗବର ଓ ବିଚାରପତି ଅଗଷ୍ଟିନ ଜର୍ଜମଶୀହ। ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ଥିବା ଓକିଲଙ୍କୁ ଏଭଳି ପ୍ରଶ୍ନ କରିଥିଲେ ବିଚାରପତି ଗବଇ। ସର୍ବୋଚ୍ଚ ଅଦାଲତଙ୍କ ଏଭଳି ଚିନ୍ତା ରାଷ୍ଟ୍ରୀୟ ସ୍ୱାର୍ଥ ପରିପ୍ରେକ୍ଷୀରେ ଠିକ୍ ବୋଲି କୁହାଯାଇପାରେ। ଏକଥା ମଧ୍ୟ ସତ୍ୟ ଯେ ମାଗଣା ରାସନ ଏବଂ ଅର୍ଥ ମିଳିବାରୁ ଲୋକ ଆଳସ୍ୟ ପରାୟଣ ଏବଂ କାମଚୋର ହୋଇଯାଉଛନ୍ତି। ଦେଶରେ ଏଭଳି ଲୋକଙ୍କ ସଂଖ୍ୟା କ୍ରମାଗତ ଭାବେ ବଢିବାରେ ଲାଗିଛି। ଭାରତ ସରକାର ଦେଶର ୮୧ କୋଟିରୁ ଅଧିକ ଲୋକଙ୍କୁ ମାଗଣା ରାସନ ଦେଉଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ମଧ୍ୟପ୍ରଦେଶ ରାଜ୍ୟ ସରକାର ଲାଡ଼ଲି ବହନ ଯୋଜନାରେ ପ୍ରତିମାସରେ ୧୨୫୦ରୁ ୩ହଜାର ଟଙ୍କା ନଗଦ ଦେବା ପାଇଁ ଲାଳସା ଦେଖାଇ ଭୋଟରମାନଙ୍କୁ ଆକର୍ଷିତ କରିଥିଲେ। ଫଳସ୍ୱରୂପ ଭୋଟରମାନଙ୍କର ଏକ ବଡ଼ଭାଗ ମାଗଣାରେ ଟଙ୍କା ପାଇବା ଆଶାରେ ଭୋଟ ଦେଇଥିଲେ। ଏହା ସାମ୍ବିଧାନିକ ଗଣତନ୍ତ୍ର ପାଇଁ ଠିକ୍ ନୁହେଁ।

ନିର୍ବାଚନ ଲୋକ-ପର୍ବ ଅବସରରେ ମାଗଣାରେ ଉପହାର ବାଣ୍ଟିବାର ଘୋଷଣା ସବୁ ରାଜନୈତିକ ଦଳମାନେ କରୁଛନ୍ତି। କିନ୍ତୁ ନିର୍ବାଚନ ପରେ ଅନେକ ପ୍ରତିଶ୍ରୁତି ପୂରଣ ହୁଏନାହିଁ। ଏସବୁ ସତ୍ତ୍ୱେ ଭୋଟରଙ୍କୁ ପ୍ରଲୋଭନ ଦେଇ ରାଜନୈତିକ ଦଳ ଏବଂ ପ୍ରାର୍ଥୀ ନିଜର ସ୍ୱାର୍ଥ ହାସଲ କରିବାରେ ସଫଳ ହୋଇଥାନ୍ତି। କିନ୍ତୁ ଏବେ ଦେଶର ସର୍ବୋଚ୍ଚ ଅଦାଲତ ଏହି ନିର୍ବାଚନୀ (ମାଗଣା) ପ୍ରତିଶ୍ରୁତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଭଳି ମାଗଣାରେ ଦିଆଯିବାର ପ୍ରତିଶ୍ରୁତିକୁ ନେଇ ଅନେକବାର ମନ୍ତବ୍ୟ ଦେଇଛନ୍ତି କିନ୍ତୁ ବିଜେପି ମଧ୍ୟ ନିର୍ବାଚନରେ ଲୋକଙ୍କୁ ମାଗଣାରେ ଅନେକ କିଛି ଦେବାର ପ୍ରତିଶ୍ରୁତିରୁ ପଛରେ ନାହିଁ। ଲୋକସଭା ନିର୍ବାଚନ ପରେ ହରିଆଣା, ମହାରାଷ୍ଟ୍ର ଏବଂ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିର ବିଜୟ କାରଣ ପଛରେ ମଧ୍ୟ ମାଗଣା ଦେବାର ପ୍ରତିଶ୍ରୁତିର ଭୂମିକା ରହିଛି। ରାଜନୈତିକ ଦଳମାନଙ୍କର ଏଭଳି ପ୍ରତିଶ୍ରୁତି ଉପରେ ପ୍ରତିବନ୍ଧ ଲଗାଯିବା ଜରୁରି କାରଣ ଏସବୁ ଲୋକଙ୍କୁ ଆକର୍ଷିତ କରିବାର ପ୍ରତିଶ୍ରୁତିର ଦୁଇ ପ୍ରକାରର ପ୍ରଭାବ ଦେଖିବାକୁ ମିଳିଛି। ପ୍ରଥମତଃ ଏଭଳି ପ୍ରତିଶ୍ରୁତି କାରଣରୁ ଭୋଟରମାନେ ନିରପେକ୍ଷ ନିଷ୍ପତ୍ତି ନେଇପାରି ନଥାନ୍ତି ଏବଂ ଦ୍ୱିତୀୟତଃ ଲୋକଙ୍କୁ ଦିଆଯାଉଥିବା ପ୍ରତିଶ୍ରୁତି କାରଣରୁ ଅର୍ଥବ୍ୟବସ୍ଥା ଉପରେ ଅତିରିକ୍ତ ବୋଝ ମଧ୍ୟ ପଡିଥାଏ। ଦୁର୍ଭାଗ୍ୟପୂର୍ଣ୍ଣ କଥା ହେଉଛି ଏବେ ନିର୍ବାଚନରେ ନୀତି ବା ଲୋକଙ୍କ ପ୍ରସଙ୍ଗ କଥା ପରିବର୍ତ୍ତେ ପ୍ରଲୋଭନର କଥା ହିଁ ଅଧିକ ଦେଖାଯାଉଛି। ଆଦର୍ଶ ନିର୍ବାଚନ ସଂହିତାଙ୍କୁ ଠିକ୍ ଭାବରେ କେହି ମାନୁନାହାଁନ୍ତି। ରାଜନୈତିକ ଦଳମାନଙ୍କ ପ୍ରତିଶ୍ରୁତି ନିର୍ବାଚନ ପ୍ରକ୍ରିୟାକୁ ପ୍ରଦୂଷିତ କରୁଛି। ଯଦି ଏହି ମାଗଣା/ପ୍ରଲୋଭନକୁ ଆଦର୍ଶ ବୋଲି ଗ୍ରହଣ କରାଯିବ ତେବେ ଏହାକୁ ନିର୍ବାଚନ ଆଚରଣ ସାମିଲ କରାଗଲେ କ୍ଷତି ବା କ’ଣ ?

ପ୍ରକୃତରେ ଯଦି ରାଜନୈତିକମାନେ ନିର୍ବାଚନ ବେଳେ ଦେଉଥିବା ପ୍ରତିଶ୍ରୁତି ପୂରଣ କରୁଥାନ୍ତେ ତେବେ ପଞ୍ଜାବରେ ୭ହଜାରରୁ ଅଧିକ କୃଷକ ଆତ୍ମହତ୍ୟା କରିନଥାନ୍ତେ। ରାଜନୈତିକ ଦଳମାନଙ୍କ ପ୍ରତିଶ୍ରୁତିର ଓଲଟା ପ୍ରକୃତପକ୍ଷେ ଏବେ ଅଧିକ ଜରୁରି ହୋଇପଡିଛି ଶାସନ-ପ୍ରଶାସନକୁ ଭ୍ରଷ୍ଟାଚାର ମୁକ୍ତ କରାଯିବା। ରାଜନୈତିକ ଦଳମାନେ ଦେଉଥିବା ପ୍ରତିଶ୍ରୁତି ଦଳର ଇସ୍ତାହାରରେ ପ୍ରାୟତଃ ନଥାଏ। ଦିଲ୍ଲୀରେ ଆମ ଆଦ୍‌ମୀ ପାର୍ଟି ଏକ ସମୟରେ ଭ୍ରଷ୍ଟାଚାର ମୁକ୍ତ ସରକାରର କଥା କହିଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ଆମ୍ ଆଦ୍‌ମୀ ପାର୍ଟି ଏକଥାକୁ କାର୍ଯ୍ୟରେ ପରିଣତ କରିପାରି ନଥିଲେ। ଆମ୍ ଆଦ୍‌ମୀ ପାର୍ଟିର ୩ୟ କାର୍ଯ୍ୟକାଳରେ ମଦନୀତି ଦୁର୍ନୀତି ଏବଂ ଶୀଶ ମହଲ ଭଳି ପ୍ରସଙ୍ଗ ଦଳ ନିର୍ବାଚନରେ ହାରିବାର ଏକ ପ୍ରମୁଖ କାରଣ ଥିଲା। ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ସିଂହ ଅତିଗରିବ ପରିବାରକୁ ମାଗଣାରେ ଏକ ବଲବ୍(ବିଦ୍ୟୁତ୍) କନେକସନ ଦେବାର ପ୍ରତିଶ୍ରୁତି ଦେଇଥଲେ। ଏହା ହେଉଛି ୮୦ ଦଶକର କଥା। ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତା ନିର୍ବାଚନ ବେଳେ ପ୍ରତିଶ୍ରୁତିର ବର୍ଷା କରି ଦେଇଥିଲେ। ଜୟ ଲଳିତାଙ୍କ ଏହି ପ୍ରତିଶ୍ରୁତିକୁ ନେଇ ସର୍ବୋଚ୍ଚ ଅଦାଲତରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ଦାଏର କରାଯାଇଥିବା ଜନସ୍ୱାର୍ଥ ମାମଲାରେ ଅନ୍ନାଦ୍ରମୁକର ନିର୍ବାଚନୀ ପ୍ରତିଶ୍ରୁତିକୁ ଭ୍ରଷ୍ଟ ଆଚରଣ ଓ ଏହାକୁ ଅଣସାମ୍ବିଧାନିକ ବୋଲି ଗ୍ରହଣ କରିବା ପାଇଁ ଆବେଦନକର୍ତ୍ତା ମାନ୍ୟବର ଅଦାଲତଙ୍କୁ ନିବେଦନ କରିଥିଲେ। କିନ୍ତୁ ସେତେବେଳେ ସେହି ଜନସ୍ୱାର୍ଥ ମାମଲାକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଥିଲେ। ସେ ସମୟରେ ମାନ୍ୟବର ସର୍ବୋଚ୍ଚ ଅଦାଲତ କହିଥିଲେ ଯେ ଦଳର ଇସ୍ତାହାରରେ ଉଲ୍ଲେଖ କରାଯାଇଥିବା ପ୍ରତିଶ୍ରୁତି (ପ୍ରଲୋଭନ)କୁ ଭ୍ରଷ୍ଟ ଆଚରଣ କୁହାଯାଇ ପାରିବ ନାହିଁ। ନିର୍ବାଚନର ନିୟମ ଓ ଜନପ୍ରତିନିଧିତ୍ୱ ଆଇନ୍‌ରେ ଏଭଳି କୌଣସି ପ୍ରାବଧାନ ନାହିଁ ଯେଉଁ ପ୍ରାବଧାନ ପାଇଁ ନିର୍ବାଚନ ପ୍ରତିଶ୍ରୁତିକୁ ବେଆଇନ୍ ବା ଭ୍ରଷ୍ଟ ଆଚରଣ ବୋଲି କୁହାଯାଇ ପାରିବ । ସର୍ବୋଚ୍ଚ ଅଦାଲତ ସେତେବେଳେ ମଧ୍ୟ କହିଥିଲେ ଯେ ଏଭଳି ମାମଲାରେ ହସ୍ତକ୍ଷେପ କରିବା ଅଦାଲତଙ୍କ ଅଧିକାର କ୍ଷେତ୍ର ମଧ୍ୟରେ ନାହିଁ। କିନ୍ତୁ ଏସବୁ ପ୍ରସଙ୍ଗ ଉପରେ ବିଚାର କରି ସଠିକ୍ ନିର୍ଣ୍ଣୟ ବିଧାୟିକା (ସଂସଦ/ବିଧାନସଭା) ହିଁ ନେଇପାରିବେ। ମାନ୍ୟବର ଅଦାଲତ ଯଦିଓ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ ନିର୍ବାଚନୀ ଘୋଷଣା ପତ୍ରକୁ ମର୍ଯ୍ୟାଦାପୂର୍ଣ୍ଣ କରିବା ପାଇଁ ଯାହାଦ୍ୱାରା ଆଦର୍ଶ ନିର୍ବାଚନ ସଂହିତାର ପାଳନ ହୋଇପାରିବ।

ଏହି ପରିପ୍ରେକ୍ଷିରେ ଏକ ଅସୁବିଧା ହେଉଛି ରାଜନୈତିକ ଦଳମାନଙ୍କ ଉପରେ ନିର୍ବାଚନ କମିଶନଙ୍କ ଅନୁଶାସନାତ୍ମକ ନିୟନ୍ତ୍ରଣ ନିର୍ବାଚନର ଅଧିସୂଚନା ଜାରି ହେବା ପରେ ହିଁ ହୋଇଥାଏ। କିନ୍ତୁ ଦଳମାନଙ୍କ ନିର୍ବାଚନୀ ଇସ୍ତାହାର ଅନେକାଂଶରେ ଏହି ଅଧିସୂଚନା ଜାରି ହେବା ପୂର୍ବରୁ ଜାରି କରାଯାଇଥାଏ। କିନ୍ତୁ ନିର୍ବାଚନୀ ସଭାରେ ରାଜନୈତିକ ଦଳମାନେ ଇସ୍ତହାରରେ ନଥିବା ଅନେକ ପ୍ରତିଶ୍ରୁତି ଲୋକଙ୍କୁ ଦେଇଥାନ୍ତି ଯାହା ଆଦର୍ଶ ନିର୍ବାଚନ ସଂହିତାର ଉଲ୍ଲଙ୍ଘନ। ବିଡ଼ମ୍ବନା ହେଉଛି ଆଦର୍ଶ ନିର୍ବାଚନ ସଂହିତାରେ ନା କୌଣସି ଦଣ୍ଡାତ୍ମକ ବା ଦଣ୍ଡିତ କରାଯିବା ପାଇଁ ଆଇନ୍ ରହିଛି ନା ସଂହିତାରେ ବୈଧ-ଅବୈଧର ଅବଧାରଣା ପରିଭାଷିତ କରାଯାଇଛି। ରାଜନୈତିକ ଦଳମାନେ ସହଯୋଗ କଲେ ହିଁ ନିର୍ବାଚନ କମିଶନ ଆଦର୍ଶ ନିର୍ବାଚନ ସଂହିତାକୁ ଲାଗୁ କରାଇ ପାରନ୍ତେ କିନ୍ତୁ ପ୍ରଶ୍ନ ଉଠୁଛି ରାଜନୈତିକ ଦଳମାନେ ଯଦି ଅସହଯୋଗ କରୁଛନ୍ତି ତେବେ ନିର୍ବାଚନ କମିଶନ ଚୁପ୍ ହୋଇ ରହୁଛନ୍ତି କେମିତି ? ପ୍ରାର୍ଥୀମାନେ ମଧ୍ୟ ଜାଣିଛନ୍ତି ଯେ ତାଙ୍କ ପ୍ରାର୍ଥିତ୍ୱକୁ ନିର୍ବାଚନ କମିଶନ ତୁରନ୍ତ ରଦ୍ଦ କରିପାରିବେ ନାହିଁ, ଏଣୁ ସେମାନେ ନିର୍ବାଚନ କମିଶନଙ୍କୁ ଅଧିକ ଗୁରୁତ୍ୱ ଦେଉନାହାଁନ୍ତି। ମାନ୍ୟବର ସର୍ବୋଚ୍ଚ ଅଦାଲତ ଫେବୃୟାରୀ ୧୨ ତାରିଖରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତା’ପୂର୍ବରୁ ଅନେକବାର ଏଭଳି ମନ୍ତବ୍ୟ ମଧ୍ୟ ଦେଇଛନ୍ତି। ୨୦୨୪ ମସିହା ଅକ୍ଟୋବର ଏବଂ ଡିସେମ୍ବର ମାସରେ ମଧ୍ୟ ଅଦାଲତ ଏଭଳି ପ୍ରଶ୍ନ କରିଥିଲେ। ୨୦୨୪ ଅକ୍ଟୋବରରେ ମାନ୍ୟବର ଅଦାଲତ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି କରି ପ୍ରଶ୍ନ କରିଥିଲେ ଯେ ନିର୍ବାଚନ ପୂର୍ବରୁ ଦଳମାନେ ଘୋଷଣା କରୁଥିବା ମାଗଣା ଯୋଜନାକୁ ଲାଞ୍ଚ ବୋଲି କାହିଁକି ଗ୍ରହଣ କରାନଯିବ ? ୨୦୨୪ ଡିସେମ୍ବରରେ ଅଦାଲତ ମାଗଣା ରାସନ ବିତରଣ ଉପରେ ମନ୍ତବ୍ୟ ଦେଇ ସରକାର ରୋଜଗାର ସୃଜନ ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି କହିଥିଲେ। ୨୦୧୩ ମସିହାରେ ମଧ୍ୟ ମାନ୍ୟବର ଅଦାଲତ ମାଗଣା ଉପହାରର ଏହି ରାଜନୀତି ବିରୋଧରେ ନିର୍ବାଚନ କମିଶନଙ୍କୁ ଦୀଶାନିର୍ଦ୍ଦେଶଜାରି କରିବାକୁ କହିଥିଲେ। ଏମିତି ଅନେକବାର ଅଦାଲତ ମନ୍ତବ୍ୟ ଦେଉଛନ୍ତି କିନ୍ତୁ ରାଜନୈତିକ ଦଳମାନଙ୍କ ଚରିତ୍ରରେ ତିଳେମାତ୍ର ପରିବର୍ତ୍ତନ ଦେଖାଯାଉନାହିଁ।

# ଆତ୍ମହତ୍ୟା ପ୍ରବଣତା



**ସୌଭାଗ୍ୟ ରଞ୍ଜନ ମହାନ୍ତି**
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଭାରତୀୟ ଯୁବକ-ଯୁବତୀ ସେମାନଙ୍କର ଜୀବନ ହାରିଦେବା ଏବେ ଏକ ଉଦ୍‌ବେଗଜନକ ପର୍ଯ୍ୟାୟରେ ପହଁଚିଛି, ଯାହାକି ପରିସଂଖ୍ୟାନ ରପୋର୍ଟ କହେ। ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ୨୦୨୨ରେ ଦେଶରେ ୧,୭୦,୯୨୪ ଯୁବକ-ଯୁବତୀ ଆତ୍ମହତ୍ୟା କରିଛନ୍ତି। ଯାହାକି ବିଶ୍ୱରେ ସବୁଠାରୁ ସର୍ବାଧିକ। ସେହିପରି ସେମାନଙ୍କର ବୟସ ୧୮ରୁ ୩୦ମଧ୍ୟରେ ଅର୍ନ୍ତଭୁକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ୩୫ପ୍ରତିଶତ ପ୍ରାପ୍ତବୟସ୍କ ଏବଂ ୬ପ୍ରତିଶତ ନାବାଳକ ବୋଲି ରିପୋର୍ଟରେ ଦର୍ଶାଯାଇଛି। କେବଳ ଯୁବଗୋଷ୍ଠୀ ନୁହଁନ୍ତି, ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି। ଯାହାକି ମୋଟ ଆତ୍ମହତ୍ୟା କରିଥିବା ଯୁବଗୋଷ୍ଠୀଙ୍କ ମଧ୍ୟରେ ୭.୬ ପ୍ରତିଶତ। ଗତ ୨୦୨୨ରେ ଦେଶରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୩,୦୪୪ ଥିଲା। ତେବେ ୨୦୨୨ରେ କେବଳ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ୪ ପ୍ରତିଶତ ବୃଦ୍ଧି ପାଇଥିବା କୁହାଯାଇଛି। ଏଭଳି ମାନସିକତା ନିଶ୍ଚିତ ଭାବେ ଚିନ୍ତାଜନକ, ଏଥିରେ ସନ୍ଦେହ ନାହିଁ। ସେହିପରି ବିଶ୍ୱସ୍ୱାସ୍ଥ୍ୟ ସଂଗଠନ(ହୁ) ରିପୋର୍ଟରେ କୁହାଯାଇଛି ଯେ, ୧୫ ରୁ ୨୯ବର୍ଷ ମଧ୍ୟରେ କିଶୋର-କିଶୋରୀ, ଯୁବକ-ଯୁବତୀଙ୍କ ଆତ୍ମହତ୍ୟା ଘଟଣା ଏବେ ବିଶ୍ୱରେ ତୃତୀୟ ସର୍ବାଧିକ ମୃତ୍ୟୁ ଭାବେ ଉଭା ହୋଇଛି। ୨୦୨୪ରେ ସ୍ପ୍ରିଙ୍ଗରରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ବାର୍ଷିକ ୫୨,୦୦୦ କିଶୋର-କିଶୋରୀ ଆତ୍ମହତ୍ୟା କରି ଜୀବନ ହରାଉଛନ୍ତି। ପରୀକ୍ଷା ଜନିତ ଚାପ, ଉତମ ଫଳାଫଳ, ଅଭିଭାବକମାନଙ୍କ ଉଚ୍ଚାଭିଳାଷ, ଶିକ୍ଷାନୀତିରେ ର୍‍ୟାଙ୍କ, ପ୍ରତିଯୋଗିତା, ସୁନାମଧନ୍ୟ ଶିକ୍ଷାନୁଷ୍ଠାନଗୁଡିକରେ ପ୍ରତିଯୋଗିତାମୂଳକ ଚାପ ଏବଂ ମାନସିକ ଚାପ ଯୋଗୁଁ ଅତିଶୟ ଭାରାକ୍ରାନ୍ତ ଯୋଗୁଁ ଶେଷରେ କୋମଳମତି ଛାତ୍ରଛାତ୍ରୀମାନେ ଜୀବନ ହାରିବାକୁ ବାଧହେଉଛନ୍ତି ବୋଲି ନିକଟରେ ଅନୁଷ୍ଠିତ ଜାତୀୟ ଆତ୍ମହତ୍ୟା ନିରାକରଣ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ପ୍ରତିଯୋଗିତାମୂଳକ ପରୀକ୍ଷାର କୋଚିଂ ହବ୍ ଭାବେ ପରିଚିତ କୋଟା’ରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ପରୀକ୍ଷା ଜନିତ ଚାପ ଯୋଗୁଁ ବଢିବାରେ ଲାଗିଥିବା କୁହାଯାଏ। ଚଳିତ ୨୦୨୫ରେ ମାତ୍ର ଦୁଇ ମାସ ମଧ୍ୟରେ ୭ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିସାରିଲେଣି। ଗତ ୨୦୨୪ରେ ୩୨ଜଣ ଛାତ୍ରଛାତ୍ରୀ କୋଟାରେ ଆତ୍ମହତ୍ୟା କରିଥିଲେ। ଆହୁରି ମଧ୍ୟ ଦେଶରେ ଯଥେଷ୍ଟ ମାତ୍ରାରେ ନିଯୁକ୍ତି ନଥିବା, ବେକାରୀ, ବେରୋଜଗାରୀ ବୃଦ୍ଧି ଯୋଗୁଁ ବା ହତାଶ ହୋଇ ଯୁବଗୋଷ୍ଠୀ ଶେଷରେ ଜୀବନ ହାରିବା ପନ୍ଥା ବାଛି ନେଉଛନ୍ତି। ଦେଶରେ କେତେକ ସୁନାମଧନ୍ୟ ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ, ତଥା ଆଇଆଇଟି ଡାକ୍ତରୀ କଲେଜରେ ମଧ୍ୟ ଅଧ୍ୟୟନରତ ଥିବା ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ବଢିବାରେ ଲାଗିଛି। ସେହିପରି ଶ୍ରମିକଙ୍କ କ୍ଷେତ୍ରରେ ନିର୍ଯାତନା, ବାଛବିଚାର ଯୋଗୁଁ ଯୁବଗୋଷ୍ଠୀ ଦିନ ମଜୁରିଆଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢୁଥିବାବେଳେ ପ୍ରେମରେ ବିଫଳତା, ପ୍ରତାରଣା, ଦାରିଦ୍ର୍ୟତା ଯୋଗୁଁ ବହୁ ଯୁବକଯୁବତୀ ନବ ବିବାହିତା ଆତ୍ମହତ୍ୟା ଘଟଣା ମଧ୍ୟ ବଢିବାରେ ଲାଗିଛି। ଏହା ନିସନ୍ଦେହ ଯେ, କୋମଳମତି ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ନିରାକରଣ ପାଇଁ ଭାରତ ମାନସିକ ସ୍ୱାସ୍ଥ୍ୟ ଉପରେ ଅଗ୍ରାଧିକାର ଦେବା ଜରୁରି। ଜାତୀୟ ଶିକ୍ଷାନୀତିରେ ବିଦ୍ୟାଳୟ ଶିକ୍ଷା ପାଠ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟ ବିଷୟବସ୍ତୁ ପ୍ରଚଳନ ଏ ଦିଗରେ ଏକ ସକରାତ୍ମକ ପଦକ୍ଷେପ। ତେବେ ଏହି ପାଠ୍ୟକ୍ରମକୁ ବିଭିନ୍ନ ସହବନ୍ଧିତ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ କରାଯିବା ଜରୁରୀ। ସର୍ବଭାରତୀୟ ପ୍ରତିଯୋଗିତାମୂଳକ ଶିକ୍ଷାକ୍ରମରେ, ଡାକ୍ତରୀ ଶିକ୍ଷାନୁଷ୍ଠାନ, ନିଯୁକ୍ତି କ୍ଷେତ୍ରରେ ପରୀକ୍ଷା ପାଇଁ କୋଚିଂ ଦେଉଥିବା ଶିକ୍ଷାନୁଷ୍ଠାନରେ ମଧ୍ୟ ମାନସିକ ସ୍ୱାସ୍ଥ୍ୟ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଏହା ବ୍ୟତୀତ ମାନସିକ ସ୍ତରରେ ଦୁର୍ବଳ ହୋଇପଡିଥିବା ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ମାନସିକ ଦୃଢତା ପାଇଁ ଆବଶ୍ୟକୀୟ ଅତ୍ୟାଧୁନିକ ଚିକିତ୍ସା ସୁବିଧା ମଧ୍ୟ ସୁଲଭ ମୂଲ୍ୟରେ ବା ମାଗଣାରେ ଯୋଗାଇଦେବାର ଆବଶ୍ୟକତା ରହିଛି। ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ ଧୈର୍ଯ୍ୟ ହରା ନହୋଇ ମାନସିକ ସ୍ତରରେ ସୁସ୍ଥ, ସବଳ ରହିବାକୁ ନିଜକୁ ନିଜେ ପ୍ରସ୍ତୁତ କରିବାକୁ ହେବ। ଜୀବନ ହେଉଛି ଅମୂଲ୍ୟ ସମ୍ପଦ, ଏହା ମନେ ରଖିବାକୁ ହେବ।

# ଖାଦ୍ୟ ହିଁ ପ୍ରାଣ ପୁଣି ପ୍ରାଣଘାତକ



**ଡା. ପ୍ରଫୁଲ୍ଲ କୁମାର ଦାସ**
କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ,
ଏମ୍‌ଆର୍‌ଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୨୩୪୪୩

ଖାଦ୍ୟ। ଶରୀର ପୋଷଣ ନିମନ୍ତେ ଅତି ଜରୁରି। ଖାଦ୍ୟ ଦ୍ୱାରା ଶରୀରରେ ଥିବା ଜୀବକୋଷ ପରିପାକ ହୋଇ ଶକ୍ତି ଉତ୍ପନ୍ନ କରେ। ଫଳରେ ଶରୀରର ଅଭିବୃଦ୍ଧି ଓ ବିକାଶ ହୋଇଥାଏ। ଏଣୁ ଖାଦ୍ୟକୁ ପ୍ରାଣ ବୋଲି କୁହାଯାଏ। ଯଦି ଏହି ପ୍ରାଣଦାୟୀ ଖାଦ୍ୟ ସଂକ୍ରମିତ ହୋଇଥାଏ ତେବେ ? ଖାଦ୍ୟ ମାଧ୍ୟମରେ କ୍ଷତିକାରକ ତତ୍ତ୍ୱସମୂହ ଶରୀର ମଧ୍ୟକୁ ପ୍ରବେଶ କରି ନକାରାତ୍ମକ କ୍ରିୟା କରିବ। ଫଳରେ ଖାଦ୍ୟ ଆଉ ପ୍ରାଣଦାୟୀ ହୋଇ ରହିପାରିବ ନାହିଁ ? ବରଂ ପ୍ରାଣଘାତକ ସାବ୍ୟସ୍ତ ହେବ।

ମିଳିତ ଜାତିସଂଘର ରିପୋର୍ଟ ଅନୁସାରେ ପ୍ରତିବର୍ଷ ବିଶ୍ୱର ପ୍ରତି ୧୦ ଜଣରେ ଜଣେ ଖାଦ୍ୟ ସଂକ୍ରମଣଜନିତ ରୋଗରେ ପୀଡ଼ିତ। ଏଥିସହ ବିଶ୍ୱର ପ୍ରାୟ ୨୦୦ରୁ ଅଧିକ ରୋଗ ଖାଦ୍ୟ ସଂକ୍ରମଣ ଯୋଗୁଁ ହିଁ ହୋଇଥାଏ। ବିଶେଷଜ୍ଞଙ୍କ ମତାନୁସାରେ ଓଡ଼ିଶାରେ ସାଧାରଣତଃ ଖାଦ୍ୟ ଓ ପାନୀୟ ସଂକ୍ରମଣ ଯୋଗୁଁ ଟାଇଫଏଡ଼ ଜ୍ୱର, ଜିଆଡ଼ିଆ, ହଇଜା, ଡିସେଣ୍ଟ୍ରି, ହେପାଟାଇଟିସ-ଏ, ସଲମୋନେଲା, ଇ.କୋଲାଇ ଆଦି ବହୁ ପ୍ରକାର ରୋଗ ଦେଖାଯାଇଥାଏ।

ସାଧାରଣତଃ ତିନୋଟି କାରଣରୁ ଖାଦ୍ୟ ହୁଏ ସଂକ୍ରମିତ। ସେଗୁଡ଼ିକ ହେଉଛି ଜୈବିକ, ରାସାୟନିକ ଓ ବାହ୍ୟ ଉପାଦାନ ଖାଦ୍ୟରେ ମିଶିବା ଫଳରେ ହେଉଥିବା ସଂକ୍ରମଣ। ଅଧିକାଂଶ ଖାଦ୍ୟ ସଂକ୍ରମଣଜନିତ ରୋଗ ବିଶେଷକରି ଜୈବିକ କାରଣରୁ ହିଁ ହୋଇଥାଏ। ଯେମିତିକି ଖାଦ୍ୟରେ ରୋଗ ସୃଷ୍ଟିକାରୀ ବୀଜାଣୁ, ଭୂତାଣୁ, ବ୍ୟାକ୍ଟେରିଆ, ପ୍ରୋଟୋଜୋଆ, ପାରାସାଇଟ ଓ ଫଙ୍ଗସ ଆଦି ରହିବା ଦ୍ୱାରା ବିଭିନ୍ନ ରୋଗର ସଂକ୍ରମଣ ହୋଇଥାଏ। ଖାଦ୍ୟ ସଂକ୍ରମଣଜନିତ ରୋଗ ସୃଷ୍ଟି କରୁଥିବା ଏକ ସାଧାରଣ ଭୂତାଣୁ ହେଉଛି ନୋରାଭାଇରସ୍। ଏହାର ସଂକ୍ରମଣ ଯୋଗୁଁ ପେଟ କାଟିବା, ହଜମରେ ସମସ୍ୟା ଆଦି ସମସ୍ୟା ଦେଖାଯାଇଥାଏ। ଏହି ରୋଗକୁ ଆମେ ଷ୍ଟୋନମ୍ୟାନ ଫ୍ଲୁ କହିଥାଉ। ସଲମୋନେଲା ବ୍ୟାକ୍ଟେରିଆ ମଧ୍ୟ ଖାଦ୍ୟ ସଂକ୍ରମଣଜନିତ ରୋଗ ସୃଷ୍ଟି କରିଥାଏ। ବାନ୍ତି, ପେଟ କାମୁଡ଼ିବା, ଝାଡ଼ା, ଜ୍ୱର ଆଦି ବିଭିନ୍ନ ସମସ୍ୟା ଏହା ଯୋଗୁଁ ଦେଖାଯାଇଥାଏ।

ରାସାୟନିକ ଉପାୟରେ ଖାଦ୍ୟ ସଂକ୍ରମଣ ଅସାବଧାନତା କାରଣରୁ ହୋଇଥାଏ। କୀଟନାଶକ ବା କ୍ଲିନର ଆଦି ଫସଲରେ ପ୍ରୟୋଗ କରିବା ସମୟରେ ଏଥିରେ ଥିବା ରସାୟନ ଦ୍ରବ୍ୟ ମଣିଷ ଶରୀରକୁ ଆସିଥାଏ। ଏଥିସହ ଖାଦ୍ୟକୁ ଅଧିକ ଧଳା ଦେଖାଇବା ପାଇଁ ବ୍ଲିଚିଂ କରାଯାଉଥିବା ବେଳେ ଏହା ମଧ୍ୟ ଖାଦ୍ୟ ସଂକ୍ରମଣର କାରଣ ହୁଏ। ଫଳରେ ପେଟ ଜଳିବା, ସ୍ନାୟୁ ସମ୍ବେଦନଶୀଳ ହୋଇଯିବା, ବାରମ୍ବାର ଚେତା ହରାଇବା ସହ କିଛି ଦୀର୍ଘସ୍ଥାୟୀ ସମସ୍ୟା ମଧ୍ୟ ଦେଖାଯାଇଥାଏ। ସେହିଭଳି ଖାଦ୍ୟରେ କାଠଗୁଣ୍ଡ, କାଚ, ଧାତୁ, ପଥର ବା ହାଡ଼ଖଣ୍ଡ ଆଦି ମିଶି ଶରୀର ମଧ୍ୟକୁ ଗଲେ, ତାହା ମଧ୍ୟ ସଂକ୍ରମଣ ସୃଷ୍ଟିକରେ।

ହଇଜା, ହେପାଟାଇଟିସ-ଏ ଓ ଇ ତଥା ଆର୍ଥରାଇଟିସ ଓଡ଼ିଶାରେ ଅଧିକ : ଜଳ ଦ୍ୱାରା ସଂକ୍ରମିତ ଡାଇରିଆ ଅପେକ୍ଷା ହେପାଟାଇଟିସ-ଏ ଓ ଇ ଅଧିକ ମାରାତ୍ମକ। ଏହା ଜଣ୍ଡିସ କରାଇବା ସହ ରୋଗୀର ମୃତ୍ୟୁର କାରଣ ବି ହୋଇଥାଏ। ଓଡ଼ିଶାରେ ଦେଖାଯାଉଥିବା ଆଉ ଏକ ସାଧାରଣ ଜଳବାହୀ ରୋଗ ହେଉଛି ଏଚ୍ ପାଇଲୋରି ଗ୍ୟାଷ୍ଟ୍ରିଟିସ୍। ବିଶ୍ୱ ଜନସଂଖ୍ୟାର ୫୦% ଏହି ରୋଗରେ ପୀଡ଼ିତ। ହଇଜା, ଟାଇଫଏଡ଼, ଡିସେଣ୍ଟ୍ରି ଆଦି ଜଳ ସଂକ୍ରମଣରୁ ଓଡ଼ିଶାରେ ଦେଖାଯାଉଥିବା ସାଧାରଣ ରୋଗ। ସପ୍ତାହକୁ ଆସୁଥିବା ୪୦ ଜଣରେ ଜଣେ ରୋଗୀ ହେପାଟାଇଟିସ-ଏରେ ଆକ୍ରାନ୍ତ ହୋଇଥିବା ଦେଖାଯାଉଛି। ଏହି ୩ଟି ରୋଗ ଛଡ଼ା ଖାଦ୍ୟ ସଂକ୍ରମଣ ଯୋଗୁଁ ପେଟ, ଯକୃତ, ସ୍ନାୟୁ, ମାଂସପେଶୀ ଆଦି ସମ୍ବନ୍ଧିତ ବହୁ ରୋଗ ହୋଇଥାଏ। ଓଡ଼ିଶାରେ ବିଶେଷ କରି ଖରା ଓ ବର୍ଷାଦିନେ ଖାଦ୍ୟ ଓ ଜଳ ସଂକ୍ରମଣଜନିତ ରୋଗ ଅଧିକ ଦେଖାଯାଇଥାଏ।

ବାସି ଓ ଶସ୍ତା ଖାଦ୍ୟ ଖାଆନ୍ତୁ ନାହିଁ : ଖାଦ୍ୟ ସଂକ୍ରମଣ ଦୁଇଟି ଉପାୟରେ ହୁଏ। ଗୋଟିଏ ହେଉଛି ଦୁର୍ଘଟଣାବଶତଃ ହେଉଥିବା ଖାଦ୍ୟ ସଂକ୍ରମଣ ଓ ଅନ୍ୟଟି ଜାଣିଶୁଣି ହେଉଥିବା ଖାଦ୍ୟ ସଂକ୍ରମଣ। ଘରେ ଖାଦ୍ୟ ଥୁଆ ହୋଇଥିବା ସମୟରେ ମୂଷା ଚାଲିଯିବା, କିଛି ପଡ଼ିଯିବା ବା ଖାଦ୍ୟ ଖରାପ ହୋଇଯିବା ପରେ ଖାଇବା ଦ୍ୱାରା ପେଟ ଖରାପ ହୋଇଥାଏ। ସେହିଭଳି ଖାଦ୍ୟରେ ବ୍ୟବହାର ହେଉଥିବା ରସାୟନ ଯୋଗୁଁ ବି ଦେହ ଖରାପ ହୋଇଥାଏ। ଏସବୁକୁ ତ ସତର୍କ ହୋଇ ମୁକାବିଲା କରାଯାଇପାରେ। କିନ୍ତୁ ଜାଣିଶୁଣି କରାଯାଉଥିବା ଖାଦ୍ୟ ସଂକ୍ରମଣକୁ ନିୟନ୍ତ୍ରିତ କରିବା ଆମ ଦାୟିତ୍ୱ। କ୍ଷୀର, ତେଲ, ମସଲା ଗୁଣ୍ଡ, ହଳଦୀ, ଲଙ୍କା, ଗୋଲମରିଚ ଗୁଣ୍ଡ ଆଦିରେ ବିଭିନ୍ନ ପ୍ରକାର ଅପମିଶ୍ରଣ କରାଯାଇ ବଜାରକୁ ଛଡ଼ାଯାଉଛି। ଫଳକୁ ଚିକ୍‌ଚିକ ଦେଖାଇବା ପାଇଁ ରସାୟନ ସିଞ୍ଚନ କରାଯାଉଛି। ଯେଉଁଥିରେ ସୀସା ଓ ଆର୍ସେନେଟ ରହିଛି। ଏହା ସ୍ନାୟୁ, ମସ୍ତିଷ୍କ ଓ ଶରୀରର ସ୍କେଲେଟାଲ ସିଷ୍ଟମ ପାଇଁ ଖରାପ ହୋଇଥାଏ। ମୁଣ୍ଡ ଝାଇଁ ଝାଇଁ ଲାଗିବା, ପକ୍ଷାଘାତ ରୋଗ, ମାଂସପେଶୀରେ ଯନ୍ତ୍ରଣା ଆଦି ସମସ୍ୟା ଦେଖାଯାଇଥାଏ। କିଛି କିଛି ଅଞ୍ଚଳର ପାଣିରେ ଫ୍ଲୋରାଇଡ଼ ପରିମାଣ ଅଧିକ ଥାଏ। ଏହାର ସ୍ତରକୁ ନିୟମିତ ପରୀକ୍ଷା କରିବା ଉଚିତ। ବାସି ଖାଦ୍ୟରୁ ଦୂରେଇ ରହି, ଯେତିକି ଆବଶ୍ୟକ ସେତିକି ରୋଷେଇ କରି ଖାଆନ୍ତୁ। ଖାଦ୍ୟ ଅଧିକ ସମୟ ରହିଲେ ଏଥିରେ କାମ୍ପାଇଲୋବ୍ୟାକ୍ଟେର, ସାଲମୋନେଲା ଓ ସିଗେଲା ଆଦି ଜୀବାଣୁ ବଢ଼ି ମଣିଷ ଶରୀରରେ ଫୁଡ଼ ପଏଜନିଂ କରାଇଥାଏ। ଏହି ଜୀବାଣୁମାନେ ଫୁଡ ପଏଜନିଂ କରି ଦୀର୍ଘକାଳରେ ବାତ ରୋଗ ରିଆକ୍ଟିଭ ଆର୍ଥରାଇଟିସ କରାଇଥାଏ।

# ରକ୍ତଦାନ-ଜୀବନ ଦାନ



**ରବିନାରାୟଣ ପଟ୍ଟନାୟକ**
ପଟିଆ, ଭୁବନେଶ୍ୱର
ମୋ: ୯୯୩୮୧୧୩୨୨୬

ଭାରତୀୟ ସଂସ୍କୃତିରେ ଦାନକୁ ଜୀବନର ସର୍ବୋତ୍ତମ କାର୍ଯ୍ୟ ବୋଲି ବର୍ଣ୍ଣନା କରାଯାଇଛି। ବିଶ୍ୱରେ ଆବଶ୍ୟକତା ତୁଳନାରେ ଉପଲବ୍ଧ ହେଉଥିବା ରକ୍ତର ପରିମାଣ ଯଥେଷ୍ଟ କମ୍। ଏହି କାରଣରୁ ଅନେକ ଲୋକଙ୍କ ଅକାଳରେ ମୃତ୍ୟୁ ହେଉଛି। ହେଲେ, ଯଦି ଲୋକମାନେ ସ୍ୱଇଚ୍ଛାରେ ରକ୍ତଦାନ କରିବାକୁ ଆଗେଇ ଆସନ୍ତି ତାହାହେଲେ ଅନେକ ଅମୂଲ୍ୟ ଜୀବନ ବଞ୍ଚେଇବା ସମ୍ଭବ ହୋଇପାରିବ। ଏପରି ଦାନ ଯେଉଁଥିରେ ଜଣକର ଜୀବନ ବଞ୍ଚିଯାଇଥାଏ, ତାହାକୁ ସବୁଠାରୁ ବଡ଼ ଦାନ ବୋଲି ବିବେଚନା କରାଯାଏ। ଏଥିପାଇଁ ରକ୍ତଦାନକୁ ସବୁଠାରୁ ବଡଦାନ ବୋଲି କୁହାଯାଏ। ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ, ଭୟ ଏବଂ ସୂଚନା ଅଭାବ ସାଧାରଣତଃ ରକ୍ତଦାନ ସଂଖ୍ୟା ହ୍ରାସ ହେବାର କାରଣ ବୋଲି ବିବେଚନା କରାଯାଏ, ଯାହା ମଧ୍ୟ ବହୁ ପରିମାଣରେ ସତ୍ୟ ଅଟେ। ସାଧାରଣତଃ ଲୋକମାନଙ୍କର ଏକ ବିଶ୍ୱାସ ଅଛି ଯେ, ରକ୍ତଦାନ କରି ଦାନ କରୁଥିବା ବ୍ୟକ୍ତି ଦୁର୍ବଳ ହୋଇପାରନ୍ତି, ତାଙ୍କ ଶରୀରରେ ରକ୍ତ ଅଭାବ ହୋଇପାରେ କିମ୍ବା ସେ ଅନ୍ୟ କେତେକ ରୋଗର ଶିକାର ହୋଇପାରନ୍ତି। ପ୍ରକୃତରେ ଏହା ଠିକ ନୁହେଁ। ମାନଦଣ୍ଡ ଅନୁଯାୟୀ, ସମ୍ପୂର୍ଣ୍ଣ ନିରାପତ୍ତା ସହିତ ରକ୍ତ ସଠିକ ଭାବରେ ଦାନ କରି ରକ୍ତଦାତା କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି ନାହିଁ।

ରକ୍ତଦାନର ଆବଶ୍ୟକତା ଆଜିକାଲି ବହୁ ପରିମାଣରେ ବଢ଼ିଯାଇଛି। ଦୁର୍ଘଟଣା, ଯୁଦ୍ଧ ସମୟରେ ରକ୍ତର ଆବଶ୍ୟକତା ପଡ଼ିଥାଏ। ଏହାବାଦ୍ ସିକିଲ୍‌ସେଲ୍, ଥାଲାସେମିଆ, ହେମୋଫିଲିଆ ଆଦି ରୋଗୀମାନଙ୍କ ଜୀବନ ବଞ୍ଚେଇବା ପାଇଁ ନିୟମିତ ବ୍ୟବଧାନରେ ରକ୍ତ ଦେବାକୁ ହୋଇଥାଏ। ଆଜି ବି ଆମ ଦେଶରେ ରକ୍ତ ଅଭାବ ହେତୁ ଅନେକ ସମୟରେ ରୋଗୀଙ୍କୁ ଜୀବନ ହରାଇବାକୁ ପଡେ। ଏହାର ମୁଖ୍ୟ କାରଣ ହେଉଛି ରକ୍ତଦାନ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନର ଅଭାବ। ସଚେତନତା ଅଭାବରୁ ଅଧିକାଂଶ ଲୋକ ରକ୍ତଦାନ କରିବା ଠାରୁ ଦୂରେଇ ରୁହନ୍ତି। ରକ୍ତର କୌଣସି ବିକଳ୍ପ ନାହିଁ। ମନୁଷ୍ୟ ଶରୀର ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ରକ୍ତ ପ୍ରସ୍ତୁତ କରାଯାଇ ପାରିବନାହିଁ। ଏଣୁ ଜଣଙ୍କ ଠାରେ ଦେଖାଦେଉଥିବା ରକ୍ତାଭାବ କେବଳ ଅନ୍ୟ ଜଣଙ୍କ ରକ୍ତ ଦ୍ୱାରା ହିଁ ପୂରଣ କରାଯାଇ ପାରିବ। ମାନବିକତାର ସର୍ବଶ୍ରେଷ୍ଠ ସ୍ୱାକ୍ଷର, ସଭ୍ୟତାର ସ୍ୱର୍ଣ୍ଣିମ ପରିଚାୟକ ଦେଇଥାଏ ରକ୍ତଦାନର ଏହି ଦିବ୍ୟଭାବନା। ରକ୍ତଦାନ କରିବା ଦ୍ୱାରା କାହାକୁ ନୂଆ ଜୀବନ ମିଳିଥାଏ। ରକ୍ତଦାନ କରିବା ଦ୍ୱାରା ବିଭିନ୍ନ ବିପଜ୍ଜନକ ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ନୂଆ ଜୀବନ ଦେବାରେ ସଫଳ ହୋଇପାରିଛି।

ବିଶ୍ୱରେ ଆବଶ୍ୟକତା ତୁଳନାରେ ଉପଲବ୍ଧ ହେଉଥିବା ରକ୍ତର ପରିମାଣ ଯଥେଷ୍ଟ କମ୍ ରହିଛି। ଏହି କାରଣରୁ ଅନେକ ଲୋକଙ୍କ ଅକାଳରେ ମୃତ୍ୟୁ ହେଉଛି। ଯାହାଫଳରେ ଅନେକ ଲୋକଙ୍କ ସୁନାର ସଂସାର ଉଜୁଡିଯାଉଛି। ହେଲେ, ଯଦି ଲୋକମାନେ ସ୍ୱଇଚ୍ଛାରେ ରକ୍ତଦାନ କରିବାକୁ ଆଗେଇ ଆସନ୍ତି ତାହାହେଲେ ଅନେକ ଅମୂଲ୍ୟ ଜୀବନ ବଞ୍ଚେଇବା ସମ୍ଭବ ହୋଇପାରିବ। ବିଶେଷ କରି ଯୁବକ ଶ୍ରେଣୀକୁ। କାରଣ ଯୁବକମାନଙ୍କ ପାଖରେ ହିମୋଗ୍ଲୋବିନ୍ ମାତ୍ରା ସଠିକ୍ ରହିଥାଏ, ରକ୍ତଦାନର ଉପଯୁକ୍ତ ବୟସ ମଧ୍ୟ ହୋଇଥାଏ। ଯୁବକମାନଙ୍କ ଶରୀର ସୁସ୍ଥ ହେବା ସହ ସେମାନଙ୍କ ଶରୀରର ଓଜନ ଉପଯୁକ୍ତ ହୋଇଥାଏ। ତେଣୁ ଏହି ମହାନ କାର୍ଯ୍ୟରେ ଯୁବକମାନଙ୍କର ଅଂଶଗ୍ରହଣ ଏହି କାର୍ଯ୍ୟକୁ ଫଳପ୍ରଦ କରାଇଥାଏ। ରକ୍ତ ଅଭାବ ସମସ୍ୟାର ସମାଧାନ ପାଇଁ ସୁସ୍ଥ ବ୍ୟକ୍ତିମାନେ ନିୟମିତ ଭାବେ ରକ୍ତଦାନ କରିବା ଜରୁରି। ରକ୍ତଦାନ କଲେ ଜଣେ ଦୁର୍ବଳ ହୋଇଯିବ, ସବୁ ରୋଗ ତାକୁ ଅକାଳରେ ମାଡ଼ି ବସିବ ବୋଲି ଭୁଲ ଧାରଣାକୁ ମନରୁ ବାହାର କରନ୍ତୁ। ବରଂ ରକ୍ତଦାନ କଲେ ସର୍କରାଜାତୀୟ ଅଂଶ ସନ୍ତୁଳିତ ହୋଇଥାଏ। ମନୁଷ୍ୟ ଶରୀରରେ ରକ୍ତର କୌଣସି ବିକଳ୍ପ ନଥିବାରୁ ରକ୍ତଦାନ ମାଧ୍ୟମରେ ଏହା ସଂଗ୍ରହ କରିବା ଜରୁରି ହୋଇପଡିଛି।



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଦୀର୍ଘଦିନ ହେବ ଉତ୍ତମ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ ନିର୍ବାହ କରି ଶିକ୍ଷୟିତ୍ରୀ ଅବସର ନେଇଥିବା ବେଳେ ସେବା ନିବୃତ୍ତକାଳୀନ ସମ୍ବର୍ଦ୍ଧନା ଉତ୍ସବ ଦହିଙ୍ଗ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ପ୍ରତିଭା ମହାନ୍ତି, ଅବସରପ୍ରାପ୍ତ ମଣ୍ଡଳ ସହକାରୀ ଶିକ୍ଷାଧିକାରୀ ସରୋଜିନୀ ମିଶ୍ର, ଅବସରପ୍ରାପ୍ତ ସହକାରୀ ଶିକ୍ଷାଧିକାରୀ ସୀମନ୍ତ ଶେଖର ରଥ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତିଳୋତମା ଦାଶ, ସାଧନ କେନ୍ଦ୍ର ସଂଯୋଜକ ନାଗବସ୍ତର ଜାନକୀଲତା ମୁଦୁଲି, ସଂପାଦକ ଏୟିପିଟିଏଏଫ୍ ନିମାପଡା ବ୍ଲକର କଲ୍ୟାଣ କୁମାର ସ୍ୱାଇଁ, ଆଲୁମିନି କମିଟି ସଭାପତି ଅଶୋକ କୁମାର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ପତି, କନକଲତା ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଅବସରନେଇଥିବା ଶିକ୍ଷୟିତ୍ରୀ ଚମ୍ପାବତୀ ସ୍ୱାଇଁ ଦୀର୍ଘବର୍ଷ ଧରି ଶିକ୍ଷକତା କରି ଶୁକ୍ରବାର ଅବସର ନେଇଥିବା ବେଳେ ଏହି ପରାପ୍ରେକ୍ଷୀରେ ସ୍କୁଲ ପରିସରରେ ଏକ ସେବା ନିବୃତକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମସ୍ତ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## କୁକୁଡ଼ା ମଡ଼କକୁ ନେଇ ରୋଗ ବ୍ୟାପିଥିବା ଆଶଙ୍କା

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ବାର୍ଡ ଫ୍ଲୁ ଆତଙ୍କ ପ୍ରଚାର ହେବା ପରେ ଲୋକମାନଙ୍କର ଚିକେନ୍ ଖାଇବା ଆଶା ମଉଳିବାରେ ଲାଗିଛି। ବିଭିନ୍ନ ପଞ୍ଚାୟତରେ କୁକୁଡ଼ା ମରୁଥିବା ବେଳେ ସେମାନଙ୍କ ଫାର୍ମ ଚଳାଉଥିବା ପରିଚାଳକମାନେ ରାତିଅଧିଆ ଜୋରରେ ଫୋପାଡୁଛନ୍ତି। ଗୋପ ଅଞ୍ଚଳରେ କୁକୁଡ଼ା ମଡ଼କ ଦେଖାଦେଇଥିବା ବେଳେ ଏହି ରୋଗ ଏବେ ନିମାପଡା ଅଞ୍ଚଳରେ ବ୍ୟାପିବାକୁ ବସିଛି। ନୟନଜୋରିରେ ମଲା କୁକୁଡ଼ା ଭାସୁଥିବାରୁ ଦେଖିବାକୁ ମିଳିଥିବା ବେଳେ କ'ଣ ପାଇଁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉନାହିଁ ତାହା ଏବେ ଚିନ୍ତା ପ୍ରକଟ କରିଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ବଡ଼ଶିରିବିଲା ପଞ୍ଚାୟତରେ ଅନେକ କୁକୁଡ଼ା ମରୁଥିବା ବେଳେ ରାତିଅଧିଆ ସେମାନଙ୍କୁ ଜୋର ମଧ୍ୟରେ ଫିଙ୍ଗାଯାଉଛି। ଶହଶହ ମଲା କୁକୁଡ଼ା ସଫେଇ ନାଳରେ ଭାସୁଥିବାରୁ କୌଣସି ରୋଗ ବ୍ୟାପିବା କାରଣରୁ କୁକୁଡ଼ା ମରୁଛନ୍ତି ବୋଲି ଏବେ ଚର୍ଚ୍ଚା ଜୋର ଧରିଛି। ପ୍ରାଣୀ ଚିକିତ୍ସା ଅଧିକାରୀ ଏହି ଘଟଣା ପ୍ରତି ଦୃଷ୍ଟି ଦେଇ ବିଭିନ୍ନ ପଞ୍ଚାୟତରେ ଥିବା କୁକୁଡା ଫାର୍ମରୁ ନମୂନା ସଂଗ୍ରହ କଲେ କୁକୁଡ଼ା ମରିବା କାରଣ ଜଣାପଡ଼ିବ ବୋଲି ଜନସାଧାରଣଙ୍କ ପକ୍ଷରୁ ଦାବୀ ହୋଇଛି।

## ବ୍ଲକସ୍ତରୀୟ ଏକଦିବସୀୟ ପ୍ରଶିକ୍ଷଣ ଶିବିର

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକ ସଭାଗୃହରେ ସ୍ୱଚ୍ଛ ଏବଂ ସବୁଜ ପଞ୍ଚାୟତ ଗଠନ ସମ୍ପର୍କିତ ବ୍ଲକସ୍ତରୀୟ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ବେତନଟୀ ବ୍ଲକ ପେସା ସଂଯୋଜକ ଜ୍ୟୋତିପ୍ରକାଶ ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ସୁଶାନ୍ତ କୁମାର ସୁତାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଳ ଅଧିକାରୀ ଭାବେ ହିମାଂଶୁ ଶେଖର ମହାନ୍ତ, ଓଡ଼ିଶା ଜୀବିକା ମିଶନର ବେତନଟୀ ବ୍ଲକ ସଂଯୋଜିକା ଡ. ସୁଶ୍ରୀ ମଧୁଛନ୍ଦା ବେହେରା ପ୍ରମୁଖ ଅଧିକାରୀଗଣ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱଚ୍ଛ ଏବଂ ସବୁଜ ପଞ୍ଚାୟତ କିଭଳି ଗଠନ କରାଯାଇ ପାରିବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ସାଙ୍ଗକୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଏକଦିବସୀୟ କାର୍ଯ୍ୟକ୍ରମରେ ବେତନଟୀ ବ୍ଲକ ଅଧୀନ ୨୪ଗୋଟି ପଞ୍ଚାୟତରୁ ସରପଞ୍ଚ ସମିତି ସଭ୍ୟ ସମିତି ସଭ୍ୟାଙ୍କ ସମେତ ମିଶନଶକ୍ତି ପକ୍ଷରୁ ଏମବିକେ, ସିଆରପି, ମୋବିଲାଇଜର ଏବଂ ଏସଇଏମ କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କଲେ ଉପମୁଖ୍ୟମନ୍ତ୍ରୀ




ଗୋପ, (ଭାସ୍କର ନ୍ୟୁଜ୍): ଓଡ଼ିଶାର ସମସ୍ତ ଅଞ୍ଚଳକୁ ସ୍ୱଚ୍ଛ ନିରାପଦ ପାନୀୟଜଳ ଯୋଗଣର ପ୍ରତିବଦ୍ଧତାକୁ ଆଗକୁ ବଢାଇ ଆଜି ପୁରୀ ଜିଲ୍ଲା ଗୋପ ବ୍ଲକ୍‌ରେ ବିଭିନ୍ନ ମେଗା ପାଇପ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ମାନ୍ୟବର ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକଙ୍କ କରକମଳରେ ତିନୋଟି ବ୍ଲକ୍‌ର ୨୮ଗ୍ରାମ ପଞ୍ଚାୟତ ଅଧିନସ୍ଥ ୧୫୭ଗୋଟି ଗ୍ରାମ ପାଇଁ ମେଗା ପାଇପ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ଗୋପ ବ୍ଲକ ବନ୍ତଳିଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଥିଲା। ସମୁଦାୟ ୨୧୩.୯୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ମେଗା ପାଇପ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକରେ ଭାର୍ଗବୀ ନଦୀକୁ ଜଳସ୍ରୋତ ରୂପେ ଗ୍ରହଣ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେବା ପରେ ପୁରୀ-ସଦର ବ୍ଲକର ୧୨ ଗୋଟି ପଞ୍ଚାୟତର ୬୭ଟି ଗ୍ରାମ, ଗୋପ ବ୍ଲକର ୧୪ ଗୋଟି ପଞ୍ଚାୟତର ୮୪ଟି ଗ୍ରାମ ଓ ନିମାପଡ଼ା ବ୍ଲକର ଦୁଇଟି ପଞ୍ଚାୟତର ଛଅଟି ଗ୍ରାମର ଅଧିବାସୀ ସ୍ୱଚ୍ଛ ନିରାପଦ ପାନୀୟଜଳ ପାଇପାରିବେ। ଏହି ଶିଳାନ୍ୟାସ ଅବସରରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ମେଗା ପାଇପ ପାନୀୟ ଜଳ ପ୍ରକଳ୍ପକୁ ଉକ୍ତ ଅଞ୍ଚଳର ଲୋକଙ୍କ ଆଶା-ଆକାଂକ୍ଷାର ପ୍ରତୀକ ବୋଲି ଅଭିହିତ କରିଥିଲେ। ମାନ୍ୟବର ପଞ୍ଚାୟତି ରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ଏହି ମେଗା ପାଇପ ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମ୍ପନ୍ନ ହୋଇ ଲୋକଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତି ରାଜ ଓ ପାନୀୟଜଳ ସଚିବ ଏସ୍‌ଏନ୍ ଗିରୀଶ, ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ, ସର୍ବୋଚ୍ଚ ଯନ୍ତ୍ରୀ, ଜଳ ଓ ପରିମଳ ବିଭାଗ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ପୁରୀ ଜିଲ୍ଲା ପରିଷଦ ଜୋନ୍-୧୧ର ସଦସ୍ୟ ପ୍ରମୋଦ କୁମାର ରାୟ, ଗୋପ ବ୍ଲକ ଉପାଧକ୍ଷ ବନ ରଂଜନ ପଟ୍ଟନାୟକ, ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁ, ଜଳ ବିଓ ପରିମଳ ବିଭାଗ ଯନ୍ତ୍ରୀ ଗୋପୀ ବଲ୍ଲବ ପ୍ରାଣୀଗ୍ରାହୀ ତଥା ଅନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ରହିଥିଲେ।

## ବରିଷ୍ଠ ସାମ୍ବାଦିକଙ୍କୁ ଶ୍ରଦ୍ଧାଞ୍ଜଳି

କାକଟପୁର, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ସଭାପତି, ପ୍ରାକ୍ତନ ଛାତ୍ରନେତା, ବରିଷ୍ଠ ସାମ୍ବାଦିକ, ବିଭିନ୍ନ ସଂଗଠନର ପଦାଧିକାରୀ, ବିଶିଷ୍ଟ ରାଜନେତା ତଥା ସମାଜସେବୀ ସ୍ୱର୍ଗତ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଖୁଣ୍ଟିଆ କନଭେନ୍ସନ ସଭା ଗୃହରେ କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ କାକଟପୁର, ଅସ୍ତରଙ୍ଗ ଓ କୋଣାର୍କ ଅଞ୍ଚଳର ସାମ୍ବାଦିକମାନେ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ପରେ ବିଗତରେ ଘଟି ଯାଇଥିବା ସ୍ୱର୍ଗତ ମହାପାତ୍ରଙ୍କ କାର୍ଯ୍ୟକଳାପ ଓ ସାଙ୍ଗଠନିକ ଦକ୍ଷତା ଉପରେ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ଦୀକ୍ଷିତ, ନିରଞ୍ଜନ ଦାସ, ସନ୍ତୋଷ ଦାଶ, ସଞ୍ଜୟ ପତି, ତୁଷାର ରଞ୍ଜନ ଦୀକ୍ଷିତ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଆଦିତ୍ୟ ରାଉତ, ଭାଗବତ ସ୍ୱାଇଁ, ଲୋକନାଥ ସ୍ୱାଇଁ, ପ୍ରକାଶ ଦାଶ,ଅଭୟ କୁମାର ପୃଷ୍ଟି ବ୍ରଜକିଶୋର ସାହୁ, ଶୁଭଦର୍ଶନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଥାନାରେ ଏତାଲା



ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ସିଦ୍ଧନଇ ପଞ୍ଚାୟତ ମହାରାଜପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ମରଣାତ୍ମକ ଆକ୍ରମଣ କରାଯାଇଛି। ଆକ୍ରମଣରେ ଶିକାର ହୋଇଥିବା ଯୁବକ ଜଣକ ହେଲେ ଟି. ସିମାଞ୍ଚଳ ପାତ୍ର। ଏହି ଘଟଣା ଘଟିବା ପରେ ପରିବାର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନତାରିତ କରାଯାଇଛି।ଏହି ଘଟଣା ବିରୋଧରେ ଆସିକା ଥାନାରେ ଟି ସିମାଞ୍ଚଳ ପାତ୍ରଙ୍କ ଶ୍ୱଶୁର ପି. କାଳୁ ପାତ୍ର ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ଆସିକା ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ପ୍ରକାଶ ଥାଉକି ସିମାଞ୍ଚଳ ନିଜ ଶ୍ୱଶୁର ଘରକୁ ଯିବା ସମୟରେ ଗ୍ରାମର ପି.କାଳୁ ପାତ୍ର, ପି.ଶ୍ୟାମ ପାତ୍ର, ଟି. ସିମାଞ୍ଚଳ ପାତ୍ର, ପି. ରାଜୀବ ପାତ୍ର ପିତା ପି. ଅଭିମନ୍ୟୁ ପାତ୍ର, ଏମ୍. ଅନ୍ତଯ୍ୟାମୀ ପାତ୍ର ପିତା ଏମ୍. ହନୁ ପାତ୍ର, ଟି . ରଞ୍ଜନ ପାତ୍ର ପିତା ଟି. କାଳୁ ପାତ୍ର, ଏମ୍ . ହନୁ ପାତ୍ର ପିତା ଏମ୍. ରଘୁନାଥ ପାତ୍ର, କେ. ଶିବରାମ ପାତ୍ର ପିତା କେ. ବୃନ୍ଦାବନ ପାତ୍ର, ପି. ଭଗବାନ ପାତ୍ର ପିତା ପି.କୃଷ୍ଣମୂର୍ତ୍ତୀ, ପି. ପାଣ୍ଡା ପାତ୍ର ପିତା ପି . କୃଷ୍ଣମୂର୍ତ୍ତୀ, ପି. ନିରଞ୍ଜନ ପାତ୍ର ପିତା ସ୍ୱର୍ଗତ ରଘୁନାଥ, କେ. ମଙ୍ଗନା ପାତ୍ର ପିତା କାମେଶ୍ୱର କେ. ବାଦଲ୍ ପାତ୍ର ପିତା କାମେଶ୍ୱର, ଟି. ଶୁଭମ୍ ପାତ୍ର ପିତା କବିରାଜ, ସିମା ବେହେରା ପିତା ପ୍ରକାଶ, ପି. ତ୍ରିଲୋଚନ ପାତ୍ର ପିତା ବିନୟ ପାତ୍ର, ପି. ରାଜୀବ ପାତ୍ର,ଏମ୍. ଅନ୍ତର୍ଯ୍ୟାମୀ ପାତ୍ର ସିମାଞ୍ଚଳକୁ ଜୀବନରୁ ମାରିଦେବା ଉଦେଶ୍ୟରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ସେ ସଂଜ୍ଞାହୀନ ହୋଇ ପଡିଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଆସିକା ଓ ପରେ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ଆସିକା ଥାନାରେ ସିମାଞ୍ଚଳଙ୍କ ଶ୍ୱଶୁର ଲିଖିତ ଅଭିଯୋଗ ଦେବା ପରେ ଅପରପକ୍ଷରୁ ମଧ୍ୟ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବିଂଝାରପୁର ବ୍ଲକ୍ ପରିସରରେ ବିଜେଡ଼ି ଗୁଣ୍ଡାଙ୍କ ଦାଦାଗିରି ଓ ଆକ୍ରମଣ



ଯାଜପୁର, (ଭାସ୍କର ନ୍ୟୁଜ୍): ରାଜ୍ୟରେ ଭାରତୀୟ ଜନତା ପାର୍ଟି (ଭାଜପା) ସରକାର କ୍ଷମତାକୁ ଆସିବା ପରେ ମଧ୍ୟ ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ପରିସରରେ ବିଜୁ ଜନତାଦଳ (ବିଜେଡ଼ି) ସମର୍ଥିତ ତଥା ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକଙ୍କ କର୍ମୀ କୁହାଯାଉଥିବା ଅସାମାଜିକ ଲୋକମାନେ ଗୁଣ୍ଡାଗର୍ଦ୍ଦି କରିବା ବଳବତ୍ତର ରହିଛି। ଏପରିକି ଶାସକ ଭାଜପା ଦଳ ସମର୍ଥିତ ଜନପ୍ରତିନିଧି ଓ ଦଳୀୟ କର୍ମୀମାନଙ୍କୁ ବିଜେଡ଼ି ଗୁଣ୍ଡାମାନେ ମରଣାନ୍ତକ ଆକ୍ରମଣ କରିବାକୁ ସାମାନ୍ୟ ଭାବେ ପଛଘୁଞ୍ଚା ଦେଉନାହାନ୍ତି। ବ୍ଲକ ପରିସରରେ ଏପରିକି ଖୋଦ୍ ବିଡ଼ିଓଙ୍କ ସମ୍ମୁଖରେ ମଧ୍ୟ ବିଜେଡ଼ିର ଏହି ଗୁଣ୍ଡାମାନେ ଅନ୍ୟମାନଙ୍କୁ ଆକ୍ରମଣ କରିବାକୁ ପଛାଉ ନାହାଁନ୍ତି। ବିଭିନ୍ନ ସମୟରେ ବିଜେଡ଼ି କର୍ମୀରୂପୀ ଗୁଣ୍ଡାମାନେ ବ୍ଲକରେ ଅଶାନ୍ତ ବାତାବରଣ ସୃଷ୍ଟି କରିବା ଓ ସେମାନଙ୍କ ବିରୋଧୀଙ୍କୁ ବ୍ଲକ୍ ପରିସରକୁ ବିରୋଧ କରିବା ଘଟଣା ନେଇ ଗତ ୨୪ ତାରିଖ ଜିଲ୍ଲା ପ୍ରଶାସନର ମିଳିତ ଅଭିଯୋଗ ଶୁଣାଣୀ ଶିବିରରେ ଭାରତୀୟ ଜନତା ପାର୍ଟିର ଛାମୁଆଁ କର୍ମକର୍ତ୍ତାମାନେ ଉପସ୍ଥିତ ପ୍ରାଶାସନିକ ଅଧିକାରୀମାନଙ୍କୁ ଅଭିଯୋଗ କରିଥିଲେ। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବିଭିନ୍ନଦଳର ସମର୍ଥକ ତଥା ଜନପ୍ରତିନିଧି ମାନେ ଯେପରି ନିର୍ବିଘ୍ନରେ ବ୍ଲକକୁ ଆସି କାମ କରିପାରିବେ ସେ ନେଇ ୨୪ ତାରିଖରେ ବରିଷ୍ଠ ଜିଲ୍ଲା ସ୍ତରୀୟ ପ୍ରଶାସନିକ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବାର ୨୪ ଘଣ୍ଟା ନପୁରୁଣୁ ଗତ ୨୫ ତାରିଖ ଦିନ ଟିଣା ପଞ୍ଚାୟତର ବିଦ୍ୟାଧର ନାୟକଙ୍କୁ ସ୍ଥାନୀୟ ମାଁସଡା ଗ୍ରାମର ବାବୁନି ବିଶ୍ୱାଳ ଓ ରମେଶ ମଲ୍ଲିକ ପ୍ରମୁଖ ମରଣାନ୍ତକ ଆକ୍ରମଣ କରିଥିଲେ। ଜିଲ୍ଲା ପ୍ରଶାସନକୁ କାହିଁକି ଭାଜପା ପକ୍ଷରୁ ଅଭିଯୋଗ କରାଗଲା ସେହି ରାଗରେ ଜିଲ୍ଲା ପ୍ରଶାସନକୁ ଚ୍ୟାଲେଞ୍ଜ କରାଯାଇ ଏପରି ଆକ୍ରମଣ କରାଯାଇଛି ବୋଲି ଶାସକ ବିଜେପିର ନେତାମାନେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କୁ ଶୁକ୍ରବାର ଦିନ ଭେଟି ଲିଖିତ ଅଭିଯୋଗ ଜଣାଇଛନ୍ତି। ଜିଲ୍ଲାପାଳ ମହାଶୟା ମଧ୍ୟ ଘଟଣା ଜାଣି ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଉଦବେଗର ବିଷୟ ହେଲା ଯେ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଉଥିବା ବିଡ଼ିଓ ହିତାଂଶୁ ସାମଲଙ୍କ ପ୍ରକୋଷ୍ଠରେ ଏହି ଘଟଣା ଘଟିଥିଲେ ମଧ୍ୟ ବିଡ଼ିଓ ମହାଶୟ ମଧ୍ୟ ଭୟଭୀତ ହୋଇ ପଡିଥିବା ଶୁଣିବାକୁ ମିଳୁଛି। ଘଟଣା ସମ୍ପର୍କରେ ଭୟଭୀତ ବିଡ଼ିଓ ନିଜ ପଦବୀର ଗୁରୁତ୍ୱ ଦୃଷ୍ଟିରୁ କଠୋର ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ କୁଆଡ଼େ ଉପସ୍ଥିତ ଅଧିକାରୀଙ୍କ ନିକଟରେ ତୁଣ୍ଡ ଖୋଲିବାକୁ ଭୟ କରୁଥିବା ଶୁଣିବାକୁ ମିଳୁଛି। ଆଉ ମାତ୍ର ୧ବର୍ଷ ପରେ ବିଡ଼ିଓ ସାମଲ ଚାକିରୀରୁ ଅବସର ନେବାକୁ ଥିବାରୁ କାଳେ ସେ କାଦୁଅ ଭିତରକୁ ପଶିବାକୁ ପଛଘୁଞ୍ଚା ଦେଉଛନ୍ତି ବୋଲି ଆଲୋଚନା ହେଉଛି। ଏଣେ ଖୋଦ୍ ଜଣେ ମାଜିଷ୍ଟ୍ରେଟଙ୍କ ଏପରି ନୀରବତା ଯୋଗୁ ବିଜେଡି ଗୁଣ୍ଡାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି ବୋଲି ବରିଷ୍ଠ ଭାଜପା ନେତା ନିରଞ୍ଜନ ବେଉରିଆ, ଭୁବନାନନ୍ଦ ସାମଲ, ରବୀନ୍ଦ୍ର ବେଉରିଆ ପ୍ରମୁଖ କହିଛନ୍ତି। ବିଂଝାରପୁର ଥାନା ରେ ଏହି ଆକ୍ରମଣ ନେଇ ଏକ ମାମଲା ରୁଜୁ ହୋଇଛି। ପୋଲିସ ଉପଯୁକ୍ତ ପଦକ୍ଷେପ ନେବ ବୋଲି ସମସ୍ତେ ଆଶାବାଦୀ ଅଛନ୍ତି ବୋଲି ଉପରୋକ୍ତ ତିନି ନେତାଙ୍କ ସମେତ ଜିଲ୍ଲାପାଳଙ୍କୁ ଭେଟିଥିବା ଭାଜପା ସଂଗଠକ ଯଦୁମଣି ନାୟକ, ଚକ୍ରଧର ମଳିକ, ଧରଣୀ ଧର ନାୟକ କେଦାର ମଳିକ, ଧୁସାସନ ବେଉରିଆ, ପ୍ରକାଶ ମଳିକ, ବିଦ୍ୟାଧର ନାୟକ, ଚନ୍ଦ୍ରମଣି ଦାସ, ସନ୍ତାନ୍ୟୁ ଜେନା, ଜ୍ୟୋତି ପ୍ରକାଶ ମଳିକ କହିଛନ୍ତି।

## ହରିଣ ଶିକାରକୁ ପଣ୍ଡ କଲେ ବନକର୍ମଚାରୀ, ଜଣେ ଗିରଫ



ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ ଜାତୀୟ ଉଦ୍ୟାନ ଭିତର କନିକା ଅଞ୍ଚଳରେ କେତେବେଳେ ଜନ୍ତୁ ଶିକାର ତ କେତେବେଳେ ଗରାଣି କାଠ ଛାଲ, ଆଉ କେତେବେଳେ ବେନୀୟମ ମାଛମରା ସାଙ୍ଗକୁ ଜଙ୍ଗଲରୁ କାଠ ମାଫିଆ ସକ୍ରୀୟ ହୋଇଥିବା ବେଳେ ବନବିଭାଗର କର୍ମଚାରୀଙ୍କ ଆଖିରୁ ନିଦ ହଜାଇ ଜୀବନକୁ ବାଜି ଲଗାଇ ରାତିଦିନ ଡ୍ୟୁଟିରେ ଲାଗି ପଡୁଛନ୍ତି। ହେଲେ ଅମାନିଆ ଶିକାରୀଙ୍କୁ ଧରିବାରେ ସଫଳତା ହାସଲ କରିପାରିଛନ୍ତି, ଏସିଏଫ ମାନସ କୁମାର ଦାସ। ସୂଚନା ଅନୁଯାଇ ତାଳଚୁଆ ମେରାଇନ ଥାନା ଅଧିନସ୍ଥ ବାଘୁଆ ଗ୍ରାମର ଅଲିନ ଜେନାଙ୍କ ପୁଅ ବାବୁଲି ଜେନା-୩୫ ବର୍ଷ ଯୋଜନାବଦ୍ଧ ଭାବେ ହରିଣ ଶିକାର କରିବା ଉଦ୍ଦେଶ୍ୟରେ ଡାଙ୍ଗମାଳ ସଂରକ୍ଷିତ ଜଙ୍ଗଲ ନିକଟ ଢୋଢୋୟା ଯୋରରେ ହରିଣ ଫାସ ବସାଇ ନାମକୁ ମାତ୍ର ମାଛ ମାରିବା ଆଳ କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଏସିଏଫ୍ ମାନସ କୁମାର ଦାସଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ବବୁଲୁ ପରିଡା, ସୁନିଲ ରଞ୍ଜନ ରାଉତରାଓଙ୍କୁ ନେଇ ଏକ ଟିମ୍ ଆଜି ଶିକାରୀ ବାବୁଲି ଜେନାଙ୍କୁ ମାଡି ବସି କାବୁ କରିଥିଲେ। ଶିକାର କରିବାକୁ ବନ କର୍ମଚାରୀ ପଣ୍ଡ କରିଥିବା ବେଳେ ଶିକାରୀ ଠାରୁ ଦୁଇଟି ହରିଣ ମରା ଫାସ, କଟୁରୀ, କୁରାଢି ଓ ମନୋ ଫିଲାମେଣ୍ଟ ଜାଲକୁ ଜବତ କରାଯାଇଛି। ଅଭିଯୁକ୍ତ ଶିକାରୀ ବାବୁଲିକୁ କୋର୍ଟଚାଲାଣ କରାଯାଇଥିବା ଏସିଏଫ ଦାସ ସୂଚନା ଦେଇଛନ୍ତି।

## ରାସାୟନିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ମକ୍‌ଡ୍ରିଲ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ବର୍ତ୍ତମାନ ଭାରତବର୍ଷ ତଥା ଓଡିଶାର ଉନ୍ନତି ନିମନ୍ତେ ବିଭିନ୍ନ କଳକାରଖାନା ସ୍ଥାପନ ହେଉଛି। ଏହି କଳକାରଖାନା ସ୍ଥାପନ ପରେ ଦେଶ ତଥା ରାଜ୍ୟର ଅର୍ଥନୀତି ସୁଦୃଢ ହେବା ସହ ଜୀବନ ଜୀବିକା ମଧ୍ୟ ଦ୍ରୁତ ଭାବରେ ବୃଦ୍ଧିପାଉଛି। ତେବେ ଏହି କଳକାରଖାନା ଗୁଡିକରେ ଅକସ୍ମାତ ଭାବରେ ବିଭିନ୍ନ ପ୍ରକାର ବିପର୍ଯ୍ୟୟ ଘଟିଥାଏ। ସେଥିମଧ୍ୟରୁ ରାସାୟନିକ ବିପର୍ଯ୍ୟୟ ମଧ୍ୟ ମଣିଷ ଜୀବନ ନେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ରାସାୟନିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମକଡ୍ରିଲ୍ ମେରାମଣ୍ଡଳି ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରାସାୟନିକ ମକ୍ ଡ୍ରିଲକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଦିଗଦର୍ଶନ ଦିଆଯାଇଥିଲା। ଏହି ମକଡ୍ରିଲ୍‌ରେ ଟେକନିକାଲ ଅବଜରଭର ଭାବେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ସହକାରୀ ନିର୍ଦ୍ଦେଶକ ସ୍ୱରୂପ ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମର ତଦାରଖ କରିଥିଲେ। ପ୍ରଥମେ ଶିଳ୍ପ ଅନୁଷ୍ଠାନ ଗୁଡିକରୁ ବିଷାକ୍ତ ଆମୋନିଆ ଓ କ୍ଲୋରିନ୍ ଗ୍ୟାସ ଲିକ୍ ଏବଂ ବିଶୋଧ ତୈଳ ଲିକ୍ ହେବାର କୃତ୍ରିମ ବିପର୍ଯ୍ୟୟ ନେଇ ସାଇରନ ବାଜିଥିଲା। ସମ୍ଭାବ୍ୟ ବିପର୍ଯ୍ୟୟ ବିଷୟରେ ପ୍ଲାଣ୍ଟ ଭିତରେ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ସତର୍କ ସୂଚନା ଦିଆଯିବା ସହ ପ୍ରଭାବିତ ଲୋକଙ୍କୁ ପୂର୍ବ ନିର୍ଦ୍ଧାରିତ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ଗ୍ୟାସ ଲିକ ସ୍ଥାନ ଗୁଡିକରେ ଲିକ୍ ମରାମତି, ଫୋମ ସ୍ପ୍ରେ ଦ୍ୱାରା ଅଗ୍ନି ନିର୍ବାପନର କଳା କୌଶଳ ମଧ୍ୟ ପ୍ରଦର୍ଶନ ହୋଇଥିଲା। ରକ୍ଷାକରୀ ମାନେ ଗ୍ୟାସ ଟାଇଟ ପୋଷାକ ପରିଧାନ କରି ଉଦ୍ଧାର କାର୍ଯ୍ୟର କୌଶଳ ଦେଖାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜରୁରୀ ବିଭାଗ ଅଧିକାରୀ ସୁଦୀପ୍ତ ସାହୁ କଣ୍ଟ୍ରୋଲ ରୁମ୍, ରିଲିଫ ସେଣ୍ଟର, ପ୍ରଦୂଷଣ ସ୍ଥାନ, ହଳଦିଆ ସବୁଜ ଜୋନ୍ ଓ ରେଡ୍ ଜୋନ୍ ସମ୍ପର୍କରେ ଜନସାଧାରଣଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ରାସାୟନିକ ମକ୍ ଡ୍ରିଲ ଢେଙ୍କାନାଳ ଜିଲ୍ଲାର ଟାଟା ଷ୍ଟିଲ ରାଜ୍ୟ ଓ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏକ୍ସରସାଇଜ କାର୍ଯ୍ୟକ୍ରମରେ ପୋଲିସ ଓଡ୍ରାଫ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମିଶନ ଶକ୍ତି ମହିଳା, ଆଶା କର୍ମୀ, ଆପଦ ମିତ୍ର, ଟାସ୍କ ଫୋର୍ସ, ସିଭିଲ ଡିଫେନ୍ସ ଭଲ୍ୟୁଣ୍ଟିୟର ପ୍ରମୁଖ ଭାଗ ନେଇଥିଲେ। ବର୍ତ୍ତମାନ ଦ୍ରୁତ ଶିଳ୍ପାୟନ ଯୁଗରେ ଆକସ୍ମିକ ଭାବେ ଘଟୁଥିବା ଏହିପରି ଦୁର୍ଘଟଣା ସମୟରେ ଭୟଭୀତ ନ ହୋଇ ଏହାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବାପାଇଁ ଉପସ୍ଥିତ ଜନସାଧାରଣଙ୍କୁ ସମ୍ପୃକ୍ତ ଅଧିକାରୀ ମାନେ ଉପଦେଶ ଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟ, ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ସିନର୍ଜି ଇଞ୍ଜିନିୟରିଂ କଲେଜର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) କ୍ୟାଡେଟ୍‌ମାନଙ୍କ ଦ୍ୱାରା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି। ଢେଙ୍କାନାଳ ୧୨(୦) ଏନ୍‌ସିସି ବାଟାଲିୟନର ୬୦ଜଣ କ୍ୟାଡେଟ ଏସଏମ କରନ୍ ସିଂ ଓ କ୍ୟାପଟେନ୍ ପ୍ରମିଳା ଦାସଙ୍କ ତତ୍ତ୍ୱାବଧାନରେ କ୍ୟାଡେଟମାନେ ଏକ ଶୋଭାଯାତ୍ରାରେ କଲେଜରୁ ବାହାରି ପ୍ରଥମେ କାଳୀବଜାର ସ୍ଥିତ ସହିଦ ବାଜିରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସହିଦଙ୍କ ଜନ୍ମପୀଠ ନିଳକଣ୍ଠପୁରକୁ ପଦଯାତ୍ରାରେ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, ଅଧ୍ୟାପକ ନିରଞ୍ଜନ ନାୟକ, ଶୁଭମ୍ ବେହେରା, ଶାନ୍ତନୁ ଦାଶ, ଅମ୍ବୁଜ ସାହୁ ଅଂଶଗ୍ରହଣ କରିଥିଲେ। ଏନ୍‌ସିସିର ୭୬ତମ ପ୍ରତିଷ୍ଠା ବର୍ଷ ଅବସରରେ କ୍ୟାଡେଟମାନେ ସର୍ବଭାରତୀୟ ସ୍ତରରେ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଜାଣିବା ସକାଶେ ଏହି କାର୍ଯ୍ୟକ୍ରମ ସଂରଚନା କରାଯାଇଛି। ଓଡ଼ିଶା ପ୍ରଦେଶର ଏହି କାର୍ଯ୍ୟକ୍ରମ କଟକ ଠାରେ ଅନୁଷ୍ଠିତ ହେବ ଏବଂ ସମସ୍ତ କ୍ୟାଡେଟମାନେ ସେଠାରେ ଅଂଶଗ୍ରହଣ କରିବେ।

## ସମବାୟ ସମିତି କର୍ମକର୍ତ୍ତା ଘେରିଲେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ରେଢୁଆ ପ୍ରାଥମିକ କୃଷି ସମବାୟ ସମିତିରୁ ୮ ଦିନ ହେବ ଧାନ ଉଠିନାହିଁ। ହଜାରହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିଛି। ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ଚାଷୀ ବାଧ୍ୟବାଧକରେ ଅଭାବି ଧାନ ବିକ୍ରି କରୁଛନ୍ତି। ଜିଲ୍ଲା ଯୋଗାଣ ବିଭାଗର ଖାମଖିଆଲି ମନୋଭାବ ବିରୋଧରେ ରେଢୁଆ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଅଶୋକ କୁମାର ମଲ୍ଲିକ, ବିପିନି ବିହାରୀ ସ୍ୱାଇଁ, ପ୍ରିୟ ରଞ୍ଜନ ମହାପାତ୍ର, ଅଜୟ କୁମାର ପରିଡା, ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ରେଢୁଆ ଧାନ ମଣ୍ଡିରୁ ଜିଲ୍ଲା ପ୍ରଶାସନ ତୁରନ୍ତସମସ୍ତ ଚାଷୀଙ୍କ ଧାନ ଉଠାଇବାକୁ ଦାବି କରି ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପଦର୍ଶନ କରିଥିଲେ। ଜିଲ୍ଲା ପ୍ରଶାସନ ଚାଷୀମାନଙ୍କ ସମସ୍ୟା ସମାଧାନ ଦିଗରେ ଉଚିତ ପଦକ୍ଷେପ ନେବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଦକ୍ଷତା ବିକାଶ ତାଲିମ ଶିବିର

କଟକ, (ଭାସ୍କର ନ୍ୟୁଜ୍): ଜିଲ୍ଲାସ୍ତରୀୟ ଶକ୍ତି କ୍ଲବର ଦକ୍ଷତା ବିକାଶ ତାଲିମ ଶିବିର ରେଭେନ୍ସା କଲେଜିଏଟ୍ ଅଡିଟୋରିମରେ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରକୁ ଜିଲ୍ଲା ଶିକ୍ଷାଧିକାରୀ ଡ. ସନ୍ତୋଷ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଦେବ ପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପଞ୍ଚସଖା ଶିକ୍ଷାସେତୁର ନୋଡାଲ ଅଫିସର ବିଭୁଦତ୍ତ ବେହେରା ଓ ଜୋନାଲ ଅଫିସର ପ୍ରକାଶ ବେହେରା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ୧୪ ଗୋଟି ବ୍ଲକର ୪୯୦ ଉଚ୍ଚ ବିଦ୍ୟାଳୟର ଶକ୍ତି କ୍ଲବର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନିଜର ଅଭିଭାଷଣ ମାଧ୍ୟମରେ ବିଦ୍ୟାଳୟ ସ୍ତରରେ ଶକ୍ତି ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି ଜୋରଦାର

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାର୍ଚ୍ଚ ୧ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ପଞ୍ଚପିଢ ଉପଖଣ୍ଡ ଗସ୍ତରେ ଆସିବା ସ୍ଥିରକୃତ ହୋଇଛି। ରାଜ୍ୟରେ ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଏହା ପ୍ରଥମ ଯଶିପୁର ନିର୍ବାଚନ ମଣ୍ଡଳୀ ଗସ୍ତ ହୋଇଥିବାରୁ ପ୍ରଶାସନିକ ସ୍ତରରୁ ନେଇ ଯଶିପୁର ବିଜେପି ଶିବିର ଏବେ ଚଳଚଞ୍ଚଳ ହୋଇଉଠିଛି। ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାର୍ଚ୍ଚ ୧ ତାରିଖ ଦିବା ୩ ଘଟିକା ସମୟରେ ହେଲିକପ୍ଟର ଯୋଗେ ଖିଚିଂ ଠାରେ ଅସ୍ଥାୟୀ ହେଲିପ୍ୟାଡ଼ରେ ଓହ୍ଲାଇ ସେଠାରୁ ମୟୁରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବେ। ସେଠାରୁ ବାହାରି ଖିଚିଂ ମିନି ଷ୍ଟାଡିଅମ ଠାରେ ଖିଚିଂ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଏଥିପାଇଁ ମୟୁରଭଞ୍ଜ ଜିଲ୍ଲାପାଳ ଓ ଏସ୍‌ପି ଗସ୍ତ ସ୍ଥାନ ବୁଲି ପ୍ରସ୍ତୁତି ଚଳାଇ ଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଯଶିପୁର ଗସ୍ତରେ ଆସି ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ପରେ ରାମତୀର୍ଥ କୁମ୍ଭୀର ପ୍ରକଳ୍ପ ନିବାସରେ ରାତ୍ରି ଯାପନ କରିବେ। ଏଥିପାଇଁ ନିବାସ ସ୍ଥଳୀରେ ଯୁଦ୍ଧକାଳୀନ ଭିତ୍ତରେ ପ୍ରସ୍ତୁତି ଚାଲିଛି ଜିଲ୍ଲାପାଳ ହେମକାନ୍ତ ସୟ, ଏସ୍‌ପି ବରୁଣ ଗୁଁଟୁପାଲ୍ଲୀ, ଶୁକ୍ଳି ବିଡ଼ିଓ ଧର୍ମାନନ୍ଦ ବେହେରା, କରଞ୍ଜିଆ ଏସ୍ ଡିପିଓ ନବକୃଷ୍ଣ ନାଏକ, ଯଶିପୁର ବିଡିଓ ମାଧବ ବିରୁଆ ପ୍ରମୁଖ ତଦାରଖ କରିବା ସହିତ ହେଲି ପ୍ୟାଡ୍ ଚୟନନେଇ ଆଖ ଆଖପାଖ ପଡିଆ ବୁଲି ନିରୀକ୍ଷଣ କରିଥିଲେ। ଯଶିପୁର ମାଟିଆଗଡ଼ ଛକ ନିକଟ ଅନୁକୂଳପୁର ପଡ଼ିଆରେ ହେଲିପ୍ୟାଡ୍ ପାଇଁ ଧାର୍ଯ୍ୟ ହୋଇଥିବା ସୂଚନା ମିଳିଛି। ୨ ତାରିଖ ସକାଳେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ସହଯୋଗରେ ଆୟୋଜିତ ହେବାକୁ ଥିବା ମିନି ମାରାଥନ ଦୌଡ଼ ଶୁଭାରମ୍ଭ କରିବେ ବୋଲି ସୂଚନା ମିଳିଛି। ଶୁକ୍ରବାର ଯଶିପୁର ବିଧାୟକ ତଥା ରାଜ୍ୟ ଜଙ୍ଗଲ ଓ ପରିବେଷ, ଜଳବାୟୁ ପରିବର୍ତନ ଏବଂ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆ, ମୟୁରଭଞ୍ଜ ସାଂସଦ ନବଚରଣ ମାଝୀ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ଜିଲ୍ଲା ବିଜେପି ଉପସଭାପତି ବିପିନ ବିହାରୀ ମହାନ୍ତ, ଜୟଦ୍ରଥ ଗିରିଙ୍କ ସହିତ ଅନ୍ୟ କାର୍ଯ୍ୟକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଯଶିପୁର ଓ ଖିଚିଂ ଠାରେ ପ୍ରସ୍ତୁତିର ସମୀକ୍ଷା ଏବଂ କାର୍ଯ୍ୟକ୍ରମ ସ୍ଥଳୀ ବୁଲି ଦେଖିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ପଦବି ଖାଲି, ରୋଗୀ ସେବା ବ୍ୟାଘାତ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବାଟବଣା ହୋଇଥିବା ବେଳେ କର୍ମଚାରୀ ଅଭାବରୁ ରୋଗୀମାନେ ସ୍ୱାସ୍ଥ୍ୟ ସେବା ନପାଇ ସ୍ୱାସ୍ଥ୍ୟକେନ୍ଦ୍ରରୁ ଫେରୁଛନ୍ତି। ବାଧ୍ୟ ହୋଇ ରୋଗୀମାନେ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ମୁହାଁ ହେଉଥିବା ବେଳେ ନିମାପଡ଼ା ବ୍ଲକ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୪ ଜଣ କର୍ମଚାରୀ ବଦୋନ୍ନତି ପାଇଁ ବଦଳି ହୋଇଥିବା ବେଳେ ଏହି କେନ୍ଦ୍ରରେ ୧୪ଟି ଏଏନଏମ୍ ପଦବୀ ଖାଲି ପଡିଥିବାରୁ ସ୍ୱାସ୍ଥ୍ୟସେବାରେ ବ୍ୟାଘାତ ଘଟିଛି। ଅନେକ ବ୍ୟକ୍ତି ଏ ସମ୍ପର୍କରେ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅଭିଯୋଗ ଦେଲେ ମଧ୍ୟ କର୍ମଚାରୀ ଅଭାବ କାରଣରୁ ରୋଗୀଙ୍କ ସେବାରେ ପ୍ରତିବନ୍ଧକ ସୃଷ୍ଟିହେଉଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୪ଜଣ ଏନଏମ୍ କର୍ମଚାରୀ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଛନ୍ତି। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪ଟି ଏଏନଏମ୍ ପଦବୀ ଖାଲିପଡିଛି। ଯାହାଦ୍ୱାରା ସଠିକ୍ ଭାବେ ରୋଗୀ ଚିକିତ୍ସା ହୋଇପାରୁ ନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଲକ୍ଷ ଲକ୍ଷ ରୋଗୀ ନିର୍ଭର କରୁଥିବା ବେଳେ କର୍ମଚାରୀ ଅଭାବରୁ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଚାରିଛକ ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଶାନ୍ତ ସାମନ୍ତରାୟଙ୍କ ମତ ନେବାରେ କହିଛନ୍ତି, ପଦୋନ୍ନତି ପାଇଁ କର୍ମଚାରୀମାନେ ଚାଲିଯିବାରୁ ୧୪ଟି ପଦବୀ ଖାଲି ପଡିଛି। ଯାହାଦ୍ୱାରା ରୋଗୀସେବା ସଠିକ୍ ଭାବେ ହୋଇପାରୁ ନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ନିମାପଡା ବ୍ଲକରେ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାରୁ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଜନସାଧାରଣ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍ ) : ଝାରସୁଗୁଡ଼ା ଜିଲ୍ଲା ଚନ୍ଦନୀମାଲ ପଞ୍ଚାୟତ ଅନ୍ତର୍ଗତ ବରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆମ ସଂସ୍କୃତି ଆମ ଖେଳଣା ଏବଂ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ପଟେଲ ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟିଟିଲା କ୍ଲଷ୍ଟର ସିଆରସିସି ସନ୍ତୋଷ କୁମାର ନଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅନ୍ତ ନେବେଶୀ ଶିକ୍ଷା ସ୍ୱଚ୍ଛର ମୁନା ଧୁରୁଆ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଯତୀନ୍ଦ୍ର ପଟେଲ ଯୋଗ ଦେଇଥିଲେ। ପରିଚାଳନା କମିଟିର ସରକାରୀ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ନାଏକ, ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତ, ଠାକୁର ପ୍ରଧାନ, ପିଣ୍ଟୁ ନାଏକ, ଲକ୍ଷ୍ମଣ ସେଟ, ଘନଶ୍ୟାମ ଭଇଁଷାଲ ପ୍ରମୁଖ ଉପସ୍ଥିତ ଥିଲେ। ସରକାରୀ ଶିକ୍ଷୟିତ୍ରୀ ଅନିତା ପଣ୍ଡା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସରକାରୀ ଶିକ୍ଷୟିତ୍ରୀ ଦଲିରାଣୀ ପଟେଲ ସଭା ସଞ୍ଚାଳନ କରିଥିଲେ। ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱର ପରିପ୍ରକାଶ ଓ ସେମାନଙ୍କର ସର୍ବାଙ୍ଗୀନ ବିକାଶ ଦିଗରେ ଏପରି ବାର୍ଷିକ ଉତ୍ସବ ଆୟୋଜନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ। ଶେଷରେ ସରକାରୀ ଶିକ୍ଷୟିତ୍ରୀ ସୁନୀତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



# ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ବନଖଣ୍ଡ, କେନ୍ଦୁଝର ଏବଂ ରାଜ୍ୟ ଔଷଧୀୟ ବୃକ୍ଷ ସଂସ୍ଥା ଦ୍ୱାରା ଆୟୋଜିତ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା କାଳିପଡ଼ିଆରେ ଗତକାଲି ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ପ୍ରାରମ୍ଭରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ସ୍ୱାଗତ ଭାଷଣ ଦେଇ ଚଳିତବର୍ଷ ଏହା ଦ୍ୱିତୀୟ ବର୍ଷ ବୋଲି ପ୍ରକାଶ କରିଥିଲେ। କେନ୍ଦୁଝର ଜିଲ୍ଲାରେ ପ୍ରତିବର୍ଷ ରାଜ୍ୟ ବୈଦ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଥାଏ। ବୈଦ୍ୟମାନଙ୍କର ଜ୍ଞାନ କୌଶଳକୁ ଉପଯୋଗ କରିବାର ସମୟ ଆସିଛି। ଉଦ୍‌ଘାଟନ ଉତ୍ସବରେ କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେବା ସହ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରୀକା ସାହୁ, କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରତାପ କୁମାର ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ମେଳାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବୈଦ୍ୟ ତଥା ଆୟୁର୍ବେଦିକ ଡାକ୍ତର ଅଂଶଗ୍ରହଣ କରିଛନ୍ତି । ଏହି ମେଳାରେ ୬୦ରୁ ଉର୍ଦ୍ଧ୍ୱ ବୈଦ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମିଲେଟ ମିଶନ, ଶ୍ରମ ନିୟୋଜନ ବିଭାଗ, ଓଡିଶା ବନ ଉନ୍ନୟନ ନିଗମ ପକ୍ଷରୁ ୭୫ଟି ଷ୍ଟଲ ଖୋଲାଯାଇ ଆୟୁର୍ବେଦିକ ଔଷଧ ତଥା ଜଡ଼ିବୁଟି ବିକ୍ରିବଟା କରାଯିବା ସହ ମାଗଣାରେ ଚିକିତ୍ସା ମଧ୍ୟ କରାଯିବାର ବ୍ୟବସ୍ଥା କରାଯାଇଛି । ଏହାଛଡା ୫ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମେଳାରେ ବୈଦ୍ୟ ଓ ଆୟୁର୍ବେଦିକ ଡାକ୍ତର ସମ୍ମିଳନୀ, ବରିଷ୍ଠ ନାଗରିକଙ୍କ ପାଇଁ ପୁରାତନ ରୋଗ ଉପଚାର ସମ୍ପର୍କରେ ଆଲୋଚନା ଚକ୍ର କରାଯିବ। ପ୍ରତିଦିନ ସକାଳ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଆୟୁର୍ବେଦିକ ଡାକ୍ତରଙ୍କ ଦ୍ୱାରା ମାଗଣା ସାସ୍ଥ୍ୟ ପରୀକ୍ଷା ତଥା ବିଭିନ୍ନ ରୋଗ ସମ୍ବନ୍ଧରେ ପରାମର୍ଶ ଦିଆଯିବ। ଏଥିସହ ବିଭିନ୍ନ ସାଂସ୍କୃତିକ ସଂଗଠନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ । ଏହି ମେଳାରେ ପ୍ରବେଶ ସମ୍ପୂର୍ଣ୍ଣ ମାଗଣା ବୋଲି ଉଦ୍‌ଘାଟନ ଉତ୍ସବରେ ସୂଚନା ଦେଇଛନ୍ତି କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ । ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ର କୁମାର ବେହେରା ଏବଂ କେ ନାଗାରାଜୁ ଓ ଅନ୍ୟାନ୍ୟ ବରିଷ୍ଠ ବନ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଭିଯୁକ୍ତ ଗିରଫ ଦାବିରେ ପ୍ରେସ କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ନିଆଳି, ( ଭାସ୍କର ନ୍ୟୁଜ୍ ) : ଅଭିଯୁକ୍ତ ଗିରଫ ଦାବିରେ କଟକ ଜିଲ୍ଲା ନିଆଳି ପ୍ରେସ କ୍ଲବ ପକ୍ଷରୁ ନିଆଳି ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି କଟକ ଜିଲ୍ଲା ପ୍ରଶାସନଙ୍କୁ ଇମେଲ ମାଧ୍ୟମରେ ଜଣାଇବା ପରେ ଶୁକ୍ରବାର ଦିନ ଧାରଣା ଦିଆଯିବା କଥା କିନ୍ତୁ ସଦର କଟକ ଉପଖଣ୍ଡ ଅଧିକାରୀ କିରଣ ହେମ୍ବ୍ରମ ବୁଝାସୁଝା ପରେ ଧାରଣା ସ୍ଥଗିତ ରହିଛି। ମିଳିଥିବା ସୂଚନା ଅନୁସାରେ କଟକ ଜିଲ୍ଲା ନିଆଳି ବଜାର କୋର୍ଟ ଛକ ନିକଟରେ ଗତ ୧୮ ତାରିଖ ରାତିରେ ଅଭିଯୁକ୍ତ ଶଶିକାନ୍ତ ଲେଙ୍କା ଓରଫ ଆଲୋକ ଗଣ୍ଡଗୋଳ ଭିଆଇଥିଲେ । ରାତି ଅଧରେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଯୁବକ ମାନଙ୍କୁ ଧରି ନିଆଳି ମହୋତ୍ସବ ଆୟୋଜକ, ସାମ୍ବାଦିକ, ସାଧାରଣ ଜନତା, ଦଳିତ ସମ୍ପ୍ରଦାୟର ବ୍ୟକ୍ତି ଏବଂ ପୋଲିସ ଅଧିକାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ଆକ୍ରମଣ କରିଥିଲେ। ଯାହାର ଭିଡିଓ ବିଭିନ୍ନ ମୋବାଇଲରେ ଘୁରି ବୁଲୁଛି । ଏହି ଭିଡିଓ ଦେଖିବା ପରେ ଘଟଣାକୁ ନିଆଳିର ପ୍ରତ୍ୟେକ ବ୍ୟକ୍ତି ଦୃଢ ନିନ୍ଦା କରିବା ସହିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗଣ୍ଡଗୋଳ ଘଟଣାରେ ଆଲୋକ ନାଁରେ ଆଠଟି ମାମଲା ରୁଜୁ ହୋଇଥିଲେ ସୁଦ୍ଧା ପୋଲିସ ଗିରଫ କରୁନଥିବା କାରଣରୁ ନିଆଳିରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗତକାଲି ଶୁକ୍ରବାର ଦିନ ନିଆଳି ପ୍ରେସ କ୍ଲବ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଧାରଣା ଦେବା ପାଇଁ ପ୍ରସ୍ତୁତି ହେଉଥିବା ସମୟରେ ସଦର କଟକ ଉପଖଣ୍ଡ ଅଧିକାରୀ କିରଣ ହେମ୍ବ୍ରମ ଧାରଣାରତଙ୍କ ସହ ଆଲୋଚନା କରିଥିଲେ । ଘଟଣାର ତଦନ୍ତ ଜାରି ରହିଛି ଆପଣ ମାନଙ୍କ ଦାବିକୁ ଜିଲ୍ଲା ପ୍ରଶାସନ ସ୍ତରରେ ଆଲୋଚନ ହେବ। ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିବା ପରେ ଧାରଣା ସ୍ଥଗିତ ରହିଥିଲା । ନିଆଳି ପ୍ରେସ କ୍ଲବ ପକ୍ଷରୁ ଏକ ଦାବି ସଦର କଟକ ଉପଖଣ୍ଡ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏବଂ ପରେ ପ୍ରେସ କ୍ଲବ ପକ୍ଷରୁ କଟକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତିକ ସିଂଙ୍କୁ ଭେଟି ଆଉ ଏକ ଦାବି ପ୍ରଦାନ ସହିତ ଅଭିଯୁକ୍ତ ଆଲୋକଙ୍କୁ ଗିରଫ ଦାବି କରିଛନ୍ତି। ରାଜ୍ୟ ବିଜେପି ନେତୃତ୍ୱ ବରିଷ୍ଠ ନେତାଙ୍କୁ ପ୍ରେସ କ୍ଲବ ଭେଟି ଅଭିଯୁକ୍ତର ସମସ୍ତ ପ୍ରମାଣ ଦେବା ସହିତ ଏଭଳି ଆମଦାନୀ ନେତା ଯଦି ବିଜେପି ଦଳରେ ରୁହନ୍ତି ତେବେ ଦଳ ଆଗାମୀ ଦିନରେ ମାଟି କାମୁଡ଼ିବ ବୋଲି ସୂଚାଇ ଦେଇଛନ୍ତି। ସେହିପରି ଅଭିଯୁକ୍ତ ନାଁରେ ପୂର୍ବରୁ ସାତ ମାମଲା ଥିବା ବେଳେ ଗତ ୧୮ ତାରିଖ ଦିନ ଆଠଟି ମାମଲା ରୁଜୁ ହୋଇଥିବା ନେଇ ସୂଚନା ମିଳିଛି । ଅଭିଯୁକ୍ତଙ୍କୁ ଗିରଫ ପାଇଁ ବିଭିନ୍ନ ଆଡୁ ଦାବି ହୋଇଛି।

# କାଠ ବୋଝେଇ ଗାଡ଼ି ଜବତ, ଡ୍ରାଇଭର ଫେରାର୍

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ବୁଧବାର ଦିନ ବନବିଭାଗ ଚଢାଉ କରି ଏକ କାଠ ବୋଝେଇ ଗାଡ଼ି ଜବତ କରିବାରେ ସଫଳ ହୋଇଥିବାବେଳେ ଗାଡ଼ିର ଡ୍ରାଇଭର ଫେରାର୍ ହୋଇଯାଇଛି। ମିଳିଥିବା ସୂଚନା ଅନୁସାରେ, ବୁଧବାର ଦିନ ପ୍ରାୟ ୧୦ଟାରେ ରାଇସୁଆଁ-କୁସୁମିତା ରାସ୍ତାର ଏସ୍ଏଲ୍ ଘୁଟୁ ସାହି(ତଳକମ୍ପଡିହି ଗ୍ରାମ) ନିକଟରୁ ବନବିଭାଗ କର୍ମଚାରୀମାନେ ଚଢାଉ କରି ଓଡ଼ି୦୯-ଜେ-୯୧୫୪ ନମ୍ବର ବିଶିଷ୍ଟ ଅଶୋକ ଲାଏଲାଣ୍ଡ କାଠ ବୋଝେଇ



ଗାଡ଼ିକୁ ଜବତ କରିଥିଲେ । କୌଶଳକ୍ରମେ ଗାଡ଼ିର ଡ୍ରାଇଭର ଘଟଣାସ୍ଥଳରୁ ଗାଡ଼ି ଛାଡ଼ି ଫେରାର୍ ହୋଇଯାଇଥିବା ଜଣାପଡ଼ିଛି । ବନବିଭାଗ ପକ୍ଷରୁ ପ୍ରାୟ ୬ କ୍ୱିଣ୍ଟାଲ କାଠ ସହ ଗାଡ଼ି ଜବତ କରାଯାଇଥିବାବେଳେ ଯୁଡ଼ି କେଶ ରୁଜୁ କରାଯାଇ ତଦନ୍ତ ଜାରୀ ରଖିଛି । ଏହି ଚଢାଉରେ ଫରେଷ୍ଟର ଜୟକୃଷ୍ଣ ଦାସ, ଫରେଷ୍ଟ ଗାର୍ଡ ମୋନାଲିସା ସାହୁ, ପଳାଶପଙ୍ଗା ସ୍କ୍ୱାର୍ଡ କର୍ମଚାରୀ ଓ ଗଜସାଥୀ, ପଳାଶପଙ୍ଗା ସେକ୍ସନ ମୋବାଇଲ ଟିମ୍ ସାମିଲ ଥିଲେ ।

# ନିଜ ଜିଦ୍‌ରେ ଅଟଳ ଆନ୍ଦୋଳନକାରୀ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଏଲଜି ପଇଣ୍ଟରେ ଶତାଧିକ ଆନ୍ଦୋଳନକାରି ପାୟୋନୀର କମ୍ପାନୀକୁ ବିରୋଧ କରି ଶୀତ କାକରରେ ପଡି ରହିଥିଲେ ମଧ ଏଯାଏଁ କୌଣସି ନିଷ୍କର୍ଷ ବାହାରି ପାରି ନାହିଁ। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ମନୋଜ ବାହିନୀପତିଙ୍କ ଅଧ୍ୟକ୍ଷତାରେ ପ୍ରତ୍ୟେକ ଅଞ୍ଚଳରୁ ଶହ ଶହ ଲୋକ ସାମିଲ ହେଉଥିବା ବେଳେ ଶାନ୍ତି ପୂର୍ଣ୍ଣ ଭାବେ ଆନ୍ଦୋଳନ ସ୍ଥଳରେ ସଭିଏଁ ବସି ରହିଛନ୍ତି। ଆନ୍ଦୋଳନକାରି ମାନେ ନିଜ ଜିଦରେ ଅଟଳ ଥିବା ବେଳେ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ତହସିଲଦାର ନୈବେଦ୍ୟ ଭୋଇ, ଅତିରିକ୍ତ ତହସିଲଦାର ମାଧବ ଭତ୍ରା, ରେଭନ୍ୟୁ ସୁପରଭାଇଜର ମହାନ୍ତି ପଣ୍ଡେଇ ଓ ଆଇଆଇସି ସୁଜ୍ଞାନୀ ସାହୁ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ ହେଲେ ଆନ୍ଦୋଳନକୁ ବର୍ତ୍ତମାନ୍ ୧୬ ଦିନ ବିତିବା ପରେ ବି କୌଣସି ରାସ୍ତା ବାହାରି ପାରି ନାହିଁ।



# ଉପମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ ଶିଳାନ୍ୟାସ

## ୧୨ କୋଟି ଟଙ୍କାରେ ଦୁଇଟି ରାସ୍ତା ନବୀକରଣ, ୬ ମାସ ମଧ୍ୟରେ କାର୍ଯ୍ୟ ସରିବ



ଗୋପ, (ଭାସ୍କର ନ୍ୟୁଜ୍ ) : ଗୋପକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାର ସୁଦୃଢ଼ୀକରଣ ହେବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଗୋପ ବ୍ଲକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ତିନିଟି ପ୍ରକଳ୍ପର ୧୨.୩୦ କୋଟି ଟଙ୍କା କାର୍ଯ୍ୟର ତିନିଟି ସ୍ଥାନରେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋପ- ନୟାହାଟ ରାସ୍ତା ନିମନ୍ତେ ୨୧କିଲୋମିଟର ରାସ୍ତାକୁ ୬କୋଟି ଟଙ୍କା, ଗୋପ- ଚାରିଛକ ରାସ୍ତା କାର୍ଯ୍ୟ ନିମନ୍ତେ ୬କୋଟି ଟଙ୍କା ଓ ନାଗପୁର ଠାରେ ମିଶନଶକ୍ତିର ଜିପିଏଲଏଫ୍ ଗୃହ ନିମନ୍ତେ ୩୧ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରାଯାଇ ଶିଳାନ୍ୟାସ କରାଯାଇଛି । ଗୋପ-ବାଲିଘାଇ ରାସ୍ତା, ଗୋପ- ଚାରିଛକ ରାସ୍ତା, ନାଗପୁର-ନୟାହାଟ ରାସ୍ତା ଦୀର୍ଘ ଦିନ ହେବ ମରଣଯନ୍ତା ପାଲଟିଥିବା ବେଳେ ଖାଲଖମାରେ ପରିପୂର୍ଣ୍ଣ ଥିଲା । ସ୍ଥାନୀୟ ଲୋକଙ୍କ ଅନୁରୋଧ କ୍ରମେ ମାତ୍ର ଦୁଇ ମାସ ସମୟ ମଧ୍ୟରେ ଏହାର ବ୍ୟୟ ମଞ୍ଜୁର କରାଯାଇ ରାସ୍ତା କାର୍ଯ୍ୟ ୬ ମାସ ମଧ୍ୟରେ ସାରିବା ନିମନ୍ତେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଗୋପ-କୋଣାର୍କ ମୁଖ୍ୟ ରାସ୍ତାରେ ନିତ୍ୟଦିନ ଦେଖାଯାଉଥିବା ଟ୍ରାଫିକ୍ ଜାମ୍‌କୁ ସମାଧାନ କରିବା ନିମନ୍ତେ ଏହି ରାସ୍ତାର ନବୀକରଣ ପ୍ରଶସ୍ତିକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ମଧ୍ୟ କହିଛନ୍ତି ।

# ପୌରପରିଷଦରେ ଅଚଳ ପାଣି ପାଇପକୁ ନେଇ ହନ୍ତସନ୍ତ ଲୋକେ

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : କନ୍ଧମାଳ ଜିଲ୍ଲାରେ ଚଳିତବର୍ଷ ଖୁବଶୀଘ୍ର ଗରମ ମାଡି ଆସିଲାଣି। ଆଗକୁ ଜଳ କଷ୍ଟ ନିଶ୍ଚୟ ଦେଖାଯିବ। ଆଜିବି ଜିଲ୍ଲାର କିଛି ଗ୍ରାମରେ ଜଳ ଯୋଗାଣ ବ୍ୟବସ୍ଥା ହୋଇପାରି ନାହିଁ। ଫଳରେ ଗ୍ରାମବାସୀ ମାନେ ଭଲ ପାଣି ପାଇଁ ବହୁ ଦୂରକୁ ଯିବାକୁ ପଡୁଛି। ସେହିପରି ଫୁଲବାଣୀ ସହରକୁ ବଜାର ସଉଦା ଏବଂ ତହସିଲ କାମ ପାଇଁ ଆଖପାଖ ଅଞ୍ଚଳର ଅଧିକାଂଶ ଗ୍ରାମବାସୀ ଆସିଥାନ୍ତି। ସେଥିପାଇଁ ଫୁଲବାଣୀ ପୌର ପରିଷଦର ପ୍ରତି ଛକରେ ପିଇବା ପାଣି ପାଇଁ ଫିଲ୍ଟର୍ ଟାଙ୍କି ବ୍ୟବସ୍ଥା କରାଯାଇଛି କିନ୍ତୁ ସବୁ ପାଣି ଟାଙ୍କି ଅଚଳାବସ୍ଥା ଓ କୋଉ ପାଣି ଟାଙ୍କିର ଟେପ୍ କାମ କରୁନାହିଁ ତ କୋଉ ପାଣି ଟାଙ୍କିକୁ ଆଜକୁ ପାଞ୍ଚ ବର୍ଷ ହେଲା ସଫା କରାଯାଇ ନାହିଁ। ଫଳରେ ଜନସାଧାରଣ ହଇରାଣ ହେଉଛନ୍ତି ଓ ଆଗକୁ ଖରା ଋତୁ ଆସୁଥିବାରୁ ପାଣି ଟାଙ୍କି ଗୁଡିକୁ ମରାମତି କରିବା ସହିତ କୃତ୍ରିମ ପାଣି ଟାଙ୍କି ପୌରପରିଷଦ ପ୍ରତି ଓ୍ୱାର୍ଡରେ ରଖିବା ପାଇଁ ଦୃଷ୍ଟିଦେଲେ ଜନସାଧାରଣ ଉପକୃତ ହେବେ ବୋଲି ଆପ ପାର୍ଟିର ଜିଲ୍ଲା ସଭାପତି ଯର୍ବସ ଦିଗାଲ ଓ ସମ୍ପାଦକ ଗିରୀଶ ପଟ୍ଟନାୟକ ପ୍ରମୁଖ କହିଛନ୍ତି।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଟେକ୍ ମହେନ୍ଦ୍ରାର ସେଣ୍ଟର୍ ଅଫ୍ ଏକ୍ସିଲେନ୍ସି ଉଦ୍‌ଘାଟିତ

ଗୁଣୁପୁର, (ଭାସ୍କର ନ୍ୟୁଜ୍ ) : ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଟେକ୍ ମହେନ୍ଦ୍ରାର ସେଣ୍ଟର୍ ଅଫ୍ ଏକ୍ସିଲେନ୍ସି ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ଡ଼ ଏଭିନଏଲ ଶର୍ମା ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ସେଣ୍ଟରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଟେକ୍ ମହେନ୍ଦ୍ରାରେ ନିଯୁକ୍ତି ପାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କ ଦକ୍ଷତା ବିକାଶ କରାଯାଉଛି। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ଡ. ଏନ୍‌ଭିଜେ ରାଓ, କମ୍ପ୍ୟୁଟର ସାଇନ୍ସ ବିଭାଗର ଡେପୁଟି ଡିନ ଡ. କେ ମୁରଲୀ ଗୋପାଳ, ତାଲିମ୍ ଓ ନିଯୁକ୍ତି ବିଭାଗର ସଦସ୍ୟ ଉପସ୍ଥିତ ରହିଥିବା ବେଳେ ପ୍ରଫେସର୍ ଡି ଅନିଲ କୁମାର, ପ୍ରଫେସର ଜଗଦୀଶ ସାହୁ ପ୍ରମୁଖ ଟେକ୍ ମହେନ୍ଦ୍ରାର ମେଣ୍ଟରଙ୍କ ଜରିଆରେ ଏହି ଛାତ୍ରଛାତ୍ରୀ ମାନଙ୍କୁ ଏହି ତାଲିମ ପ୍ରଦାନ କରିବେ।

## ଦଶମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣା

# କେନ୍ଦ୍ରାଞ୍ଚଳ ଆର୍‌ଡିସି ଓ ଜିଲ୍ଲାପାଳଙ୍କ ତଦନ୍ତ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଏସ୍ଏସ୍‌ଡି ହାଇସ୍କୁଲର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣାରେ ଗୁରୁବାର କେନ୍ଦ୍ରାଞ୍ଚଳ ଆରଡିସି ବି.ପରମେଶ୍ୱରନ୍, ମାଲକାନଗିରି ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ପିଏ ଆଇଟିଡିଏ ଯୁଗଳ ଶବର, ଡିଡବ୍ଲ୍ୟୁଓ ଶ୍ରୀନିବାସ ଆଚାରୀ ଚିତ୍ରକୋଣ୍ଡା ଯାଇ ତଦନ୍ତ କରିଥିଲେ। ସେହିପରି ଭାଜପାର ଏକ ଟିମ୍ ମଧ୍ୟ ଘଟଣାର ଅନୁଧ୍ୟାନ କରିଥିଲେ। ଛାତ୍ରୀ ଜଣକ ମେଡିକାଲରୁ ଫେରିବା ପରେ ଗୁରୁବାର କଡ଼ା ସୁରକ୍ଷାରେ ଗଣିତ ପରୀକ୍ଷା ଦେଇଛନ୍ତି। ଆର୍‌ଡିସି ବିଦ୍ୟାଳୟକୁ ଯାଇ କର୍ତ୍ତୃପକ୍ଷ ଏବଂ ପୀଡ଼ିତା ଛାତ୍ରୀଙ୍କୁ ଭେଟି ଘଟଣା ସମ୍ପର୍କରେ ବୁଝିଥିଲେ। ପୀଡ଼ିତାଙ୍କ ଅଭିଭାବକଙ୍କ ସହ ଏବଂ ବିଦ୍ୟାଳୟର ଅନ୍ୟ ଛାତ୍ରଛାତ୍ରୀଙ୍କ ସହ ମଧ୍ୟ ଆଲୋଚନା କରି କରିଥିଲେ। ତଦନ୍ତ ରୁଦ୍ଧଦ୍ୱାର ଭିତରେ ହୋଇଥିବାରୁ ଏହାର ସବିଶେଷ ତଥ୍ୟ ଜଣାପଡ଼ି ନାହିଁ। ସେହିପରି ଭାଜପା ଜିଲ୍ଲା ସଭାପତି ଅଶୋକ ପରିଡ଼ାଙ୍କ ସମେତ ବାଲିମେଳା ଏନ୍ଏସି ପ୍ରଦୀପ ନାୟକ, ଉପସଭାପତି ସନ୍ତୋଷିନୀ ପାତ୍ର, ସୀମାଞ୍ଚଳ ପ୍ରଧାନ ଓ ଜ୍ୟୋତିରଞ୍ଜନ ବେହେରା ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଛାତ୍ରୀ ଜଣକ କିପରି ଗର୍ଭବତୀ ହେଲେ ବିବରଣୀ ସଂଗ୍ରହ କରିବା ପରେ ସରକାରଙ୍କୁ ଅବଗତ କରାଇବେ ବୋଲି ଶ୍ରୀ ପରିଡ଼ା କହିଛନ୍ତି । ପରିଡ଼ାଙ୍କ କହିବା ଅନୁଯାୟୀ, ଜାନୁଆରୀ ୨୮ରେ ଛାତ୍ରୀ ଜଣକ ଖୋ' ଖୋ' ଖେଳି ବିଜୟୀ ହୋଇଛନ୍ତି। ସେ ଗର୍ଭବତୀ ଥିବା ସମ୍ପର୍କରେ ସାଙ୍ଗମାନଙ୍କୁ ଭୟ ଦେଖାଉଥିଲେ। ସବୁବେଳେ ଢିଲା ସ୍ୱେଟର ଏବଂ ସାଲ ଘୋଡ଼ାଇ ହେଉଥିଲେ ବୋଲି ତଦନ୍ତରୁ ଜାଣିବାକୁ ପାଇଥିବା କହିଛନ୍ତି। ଆଦିବାସୀ ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷିତ କରିବା ପାଇଁ ଆବାସିକ ବିଦ୍ୟାଳୟର ସୁବିଧା ରହିଛି। ଛାତ୍ରୀଙ୍କ ଯତ୍ନନେବା ପାଇଁ ମାଟ୍ରନ୍ ରହିଛନ୍ତି ଓ ପ୍ରତି ମାସରେ ଏଏନ୍ଏମ୍ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବାର ନିୟମ ରହିଛି। କିନ୍ତୁ ଏହା ଭିତରେ ଚିତ୍ରକୋଣ୍ଡା ସେବାଶ୍ରମରେ ୧୦ମ ଶ୍ରେଣୀ ଛାତ୍ରୀ ଶିଶୁ କନ୍ୟା ଜନ୍ମଦେବା ସମସ୍ତଙ୍କୁ ଚକିତ କରିଛି। ତେବେ ଛାତ୍ରୀ ଜଣକ ୮ ମାସର ଗର୍ଭବତୀ ହେବା ପର୍ଯ୍ୟନ୍ତ ସ୍କୁଲ କର୍ତ୍ତୃପକ୍ଷ କିପରି ଜାଣିପାରିଲେ ନାହିଁ ଓ ଆମେ ଝିଅକୁ ଦେଖିବାକୁ ଆସିଲେ ଫଟୋ ଉଠାଇବା ସହ କଡ଼ାକଡ଼ି ଯାଞ୍ଚ ପରେ ଦେଖା କରିବାକୁ ଦିଆଯାଇଥାଏ। ତେବେ ଏତେ ସୁରକ୍ଷା ଭିତରେ କିପରି ଝିଅ ଗର୍ଭବତୀ ହେଲା, ଯାହାକୁ ନେଇ ପୀଡ଼ିତାଙ୍କ ବାପା ପ୍ରଶ୍ନ ଉଠାଇଛନ୍ତି। ତେଣୁ ଯେଉଁମାନେ ଏଥିରେ ଦାୟୀ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୀଡ଼ିତାଙ୍କ ବାପା ଦାବି କରିଛନ୍ତି। ଏପଟେ ଆଦିବାସୀ ଛାତ୍ରୀଙ୍କୁ ପ୍ରଶାସନର ଅଣଦେଖାକୁ ନେଇ ବିଧାନସଭାରେ ପ୍ରଶ୍ନ କରିବେ ବୋଲି ସ୍ଥାନୀୟ ବିଧାୟକ ମଙ୍ଗୁ ଖିଲ କହିଛନ୍ତି। ସୂଚନାଯୋଗ୍ୟ, ଚିତ୍ରକୋଣ୍ଡା ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟର ଛାତ୍ରୀନିବାସରେ ରହୁଥିବା ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଗତ ୨୪ ତାରିଖରେ ପରୀକ୍ଷା ଦେଇ ଆସିଲା ପରେ ସନ୍ଧ୍ୟାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ ଘଟଣାର ତଦନ୍ତକରି ଜିଲାପାଳଙ୍କୁ ରିପୋର୍ଟ ଦେବା ପରେ ପ୍ରଧାନ ଶିକ୍ଷକ ଓ ଏଏନ୍ଏମ୍‌ଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ମାଟ୍ରନ୍‌ଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ସୁଶାନ୍ତ ଖିଲଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି।

# ଏକ୍ସ ବୋର୍ଡ ପ୍ରାଥମିକ ବିଦ୍ୟାଳୟର ୧୨୫ ତମ ବାର୍ଷିକ ଉତ୍ସବ



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଏକ୍ସ ବୋର୍ଡ ପ୍ରାଥମିକ ବିଦ୍ୟାଳୟରେ ୧୨୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବାର୍ଷିକ ଉତ୍ସବରେ ସିଆର୍‌ସିସି ହେମନ୍ତ କୁମାର ବେହେରା ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଏନ୍ଏସି ନଗରପାଳ କୃଷ୍ଣ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଥାନା ଅଧିକାରୀ ରାଜେଶ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭଗବାନ ବେହେରା ମଞ୍ଚର ସଭାପତିତ୍ୱ କାର୍ଯ୍ୟ ତୁଲାଇଥିଲେ। ଅନ୍ୟତମ ଅତିଥି ଭବେ ସ୍କୁଲର ପୂରାତନ ଛାତ୍ର ତଥା ଆଇନଜୀବି ଅଜିତ୍ କୁମାର ପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ କିଶୋର ଚନ୍ଦ୍ର ବେହେରା, ବିଆର୍‌ସିସି କିଶୋର ଚନ୍ଦ୍ର ସାହୁ, ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀ ଚରଣ ପାଣିଗ୍ରାହୀ, କାଉନସିଲର ତଥା ସାମ୍ବାଦିକ ଭାସ୍କର ବେହେରା, ବିଜେପି ନଗର ମଣ୍ଡଳ ସଭାପତି ସୂର୍ଯ୍ୟନାରାୟଣ ମହାରଣା, କାଉନସିଲର ସୁଦେଷ୍ଣଓ ବେହେରା, ସୁଜାତା ବେହେରା, ସାମ୍ବାଦିକ ପ୍ରସନ୍ନ କୁମାର ଦାସ, ସୂର୍ଯ୍ୟ ପାଣିଗ୍ରାହୀ, ଅରୁଣ ଗୌଡ଼ ମଞ୍ଚରେ ଯୋଗଦେଇ କୁନି କୁନି ଛାତ୍ରଛାତ୍ରୀ ମାନଙ୍କୁ ସମ୍ବୋଧନ କରି ଉତ୍ସାହିତ କରିଥିଲେ। ଛାତ୍ର ଜୀବନରେ ନିଜକୁ ଶୃଙ୍ଖଳିତ, ସଂସ୍କାର, ଗୁରୁଜନ ମାନଙ୍କୁ ସମ୍ମାନ ଦେଇ କୋଠର ପରିଶ୍ରମ କଲେ ଭବିଷ୍ୟତରେ ନିଜକୁ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ନିଜ ନିଜର ପରିଚୟ ସୃଷ୍ଟି କରିପାରିବେ ବୋଲି ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ଏଥିରେ ସମସ୍ତ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ବୃନ୍ଦ ଉପସ୍ଥିତି ଥିଲେ । ଶେଷରେ ଅତିଥି ମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ବାର୍ଷିକ ଉତ୍ସବକୁ ସଫଳ ରୂପାୟନ ଦେବା ପାଇଁ ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ

ବାରିପଦା, (ଭାସ୍କର ନ୍ୟୁଜ୍ ) : ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ, ୨୦୨୫ ପାଳନ ଉପଲକ୍ଷେ ବାରିପଦାସହର ଅନ୍ତର୍ଗତ ତକତପୁରସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଏବଂ ପ୍ଲାନେଟେରିୟମ ଠାରେ ଓଡିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ, ଭୁବନେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଏକ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୈଜ୍ଞାନିକ ସି.ଭି. ରମଣଙ୍କ 'ରମଣ ପ୍ରଭାବ' ତତ୍ତ୍ୱ ଉପସ୍ଥାପନର ସ୍ମୃତି ଚାରଣ କରାଯାଇଥିଲା। ଜିଲ୍ଲା ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଅଷ୍ଟମରୁ ଦଶମ ଶ୍ରେଣୀ କନିଷ୍ଠ ବର୍ଗରେ ଖୁଣ୍ଟା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ଖୁଣ୍ଟାର ନବମ ଶ୍ରେଣୀର ଛାତ୍ର ଆଦିତ୍ୟ କୁମାର ଜେନା, ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଦ୍ୱାରଶୁଣୀ ସରକାରୀ ବାଳିକା ଉଚ୍ଚ




ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ହିମାକ୍ଷୀ ମହାପାତ୍ର, ସରସକଣା ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଝାରପୋଖରିଆର ଅଷ୍ଟମ ଶ୍ରେଣୀର ଛାତ୍ରୀ ଅଙ୍କନ ପ୍ରଭା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ବରିଷ୍ଠ ବର୍ଗରେ ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଓଏଭି, ଦିଗଧରର ଏକାଦଶ ଶ୍ରେଣୀର ଛାତ୍ରୀ ତନୁଜା ମହାନ୍ତ, ଶୁଳିଆପଦା ବ୍ଲକ ଅନ୍ତର୍ଗତ ଓଏଭି, ଭାଲିଆଶୋଳ ର ଏକାଦଶ ଶ୍ରେଣୀର ଛାତ୍ର ପ୍ରେମ କୁମାର ମୁଖୀ, ରସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଉପେନ୍ଦ୍ରନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନଳଗଜାର ଏକାଦଶ ଶ୍ରେଣୀର ଛାତ୍ର ବିରାମ ମାରାଣ୍ଡି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂହଙ୍କ ପୌରହିତରେ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ମୁଖ୍ୟ ଅତିଥିରୂପେ ଅବସରପ୍ରାପ୍ତ ଅଧ୍ୟକ୍ଷ ହରିହର ଦାସ, ମୁଖ୍ୟବକ୍ତା ରୂପେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ପୁଷ୍ପାଞ୍ଜଳୀ ପରିଡା, ସମ୍ମାନିତ ଅତିଥି ଭାବେ ଇସ୍ରୋର ବୈଜ୍ଞାନିକ ଡ଼ ଶୁଭାଶିଷ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ ଯୋଗଦାନ ପୂର୍ବକ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଏହି ଦିବସ ପାଳନ ଅବସରରେ ବିଜ୍ଞାନ ଭିତ୍ତିକ ଯାଦୁ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ପରିବେଷଣ କରିଥିଲେ। ସ୍ୱାଗତ ଭାଷଣ ଓ ସଭା ପରିଚାଳନା ଗଣିତ ଶିକ୍ଷକ ନୟନ ଗିରି ଏବଂ ଧନ୍ୟବାଦ ଅର୍ପଣ ବିଜ୍ଞାନ ଶିକ୍ଷକ ବସନ୍ତ ଦତ୍ତ କରିଥିଲେ। ବିଚାରକ ଭାବେ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ, ଶିକ୍ଷକ ନୟନ ଗିରି, ବସନ୍ତ ଦତ୍ତ, ଭୀଷ୍ମଦେବ ମହାନ୍ତ, ମନୋଜ ପାତ୍ର, ଦୀପକ ରାମ, ମନୋଜ ପରିଡା ଓ ଶିକ୍ଷୟିତ୍ରୀ ଅତସୀ କୁଣ୍ଡୁ, ଗାୟତ୍ରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଜ୍ଞାନ ଶିକ୍ଷକ ଚିତ୍ତରଞ୍ଜନ ପଳତା, ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ହଟ୍ ଏୟାର ବେଲୁନିଂର ପରୀକ୍ଷା ମୂଳକ ଉଡାଣ

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲାର ଦୁଇଟି ସ୍ଥାନରେ ହଟ୍ ଏୟାର ବେଲୁନିଂ ପରୀକ୍ଷା ମୂଳକ ଉଡାଣ ଏବଂ ଅବତରଣ ସଫଳ ହୋଇଥିବା ପିଡବ୍ଲ୍ୟୁଡି ଅଧୀକ୍ଷଣ ଯନ୍ତ୍ରୀ ଇଂ ଶୁଭକାନ୍ତ ବାରିକ ସୂଚନା ଦେଇଛନ୍ତି । ଡେଙ୍ଗାଜାନିଗୁଡା ଏବଂ କୋରାପୁଟସ୍ଥିତ ଓଏସ୍ଏପି ପଡିଆରୁ ହଟ୍ ଏୟାର ବେଲୁନିଂ ପରୀକ୍ଷାମୂଳକ ଉଡାଣ ଏବଂ ଅବତରଣକୁ ସଫଳତା ମିଳିଥିବା ସେ କହିଛନ୍ତି । ଜିଲ୍ଲାରେ ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଏହା ଏକ ପଦକ୍ଷେପ ବୋଲି ସେ କହିଛନ୍ତି । ପରୀକ୍ଷଣ ସଫଳ ହୋଇଥିବାବେଳେ ସରକାରଙ୍କ ଠାରୁ ଅନୁମତିକୁ ଅପେକ୍ଷା କରାଯାଇଛି । ଅନୁମତି ମିଳିଲେ ଏହା କୋରାପୁଟ ଜିଲ୍ଲାରେ ଆରମ୍ଭ ହେବ । ଏହା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରିବ ବୋଲି ଇଂ ବାରିକ ଆଶା ରଖିଛନ୍ତି ।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



ବୋଲଗଡ (ଭାସ୍କର ନ୍ୟୁଜ୍) : ମହାଶିବରାତ୍ରି ଉପଲକ୍ଷେ ବୋଲଗଡ ବ୍ଲକ ଅଞ୍ଚଳର ଶୈବପୀଠ ଗୁଡ଼ିକରେ ଜାଗର ଯାତ୍ରା ଅବସରରେ ପ୍ରବଳ ଜନସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ଦିନସାରା ନିର୍ଜଳା ଉପବାସ ରହି ସନ୍ଧ୍ୟାରେ ମହାଦେବଙ୍କ ପୀଠରେ ଅଖଣ୍ଡ ଦୀପଦାନ କରି ପୂଜାପାଠ ଆଦି କରିଥିଲେ। ଶିବ ମନ୍ଦିର ଚତୁଃପାର୍ଶ୍ୱରେ ଆମ୍ବ ତୋରଣ, ଫୁଲ ସଜା ଓ ଆଲୋକ ମାଳାରେ ସୁସଜ୍ଜିତ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହ ଆଦି ପରିବେଷଣ କରାଯାଇଥିଲା। ଦିନ ତମାମ ମହାଦେବଙ୍କ ପୀଠର ପ୍ରଭୁଙ୍କ ନିକଟରେ ଜଳ, କ୍ଷୀର, ଘିଅ, ଆଖୁ ରସ, ବେଲପତ୍ର ଅଭିଷେକ ଆଦି କରାଯାଇଥିଲା। ବଙ୍କୋଇସ୍ଥିତ ଶ୍ରୀ ତାରେଶ୍ୱର ଦେବ, ସଂପୁରସ୍ଥିତ ବାଲୁଙ୍କେଶ୍ୱର ଦେବ, ନୀଳକଣ୍ଠେଶ୍ୱର ଦେବ, ମାଳିସାହି, ଖଙ୍ଗୁରିଆ, ତାଳତୁମ୍ବ ସ୍ଥିତ ପଶ୍ଚିମେଶ୍ୱର, ରାସାଳ ସ୍ଥିତ ଭୋଳେଶ୍ୱର ଦେବ, ରାଜସୁନାଖଳା ସ୍ଥିତ ବାଲୁଙ୍କେଶ୍ୱର ଦେବ ମନ୍ଦିର, ପାଟବନ୍ଧ ଶିବ ମନ୍ଦିର, ତାଳତୁମ୍ବ ସ୍ଥିତ ପଶ୍ଚିମେଶ୍ୱର ଦେବ, ଧଳାପଥର, ଭୀମପଡ଼ା, ଦିଘିରି, ପିଚୁକୁଳି, ସାନପଦର ଗ୍ରାମ ସମେତ ବୋଲଗଡ ବ୍ଲକ ଅଞ୍ଚଳର ସମସ୍ତ ଶିବ ମନ୍ଦିର ପ୍ରାଙ୍ଗଣରେ ଧୁମ୍‌ଧାମରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାସୋଳ ଗ୍ରାମରେ ୫ଦିନ ଧରି ବାଦିପାଲା ଅନୁଷ୍ଠିତ ହେଉଛି। କଳାଙ୍ଗ ଓ ଧଳାପଥର ଗ୍ରାମସ୍ଥିତ ଶାଖା ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ପ୍ରଭୁ ଶିବ ଠାକୁରଙ୍କ ଜନ୍ମଦିନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଜନ ଗହଳି ମନ୍ଦିର ଗୁଡ଼ିକରେ ଶାନ୍ତି ଶୃଙ୍ଖଳା ପାଇଁ ବୋଲଗଡ ଥାନା ଓ ବାଙ୍କୋଇ ଫାଣ୍ଡି ପୋଲିସ ଉପସ୍ଥିତ ରହିଥିଲେ।



# ବିଭିନ୍ନ ପ୍ରସଙ୍ଗ ନେଇ ତାଳଚେର ସଚେତନ ନାଗରିକ ମଞ୍ଚର ବୈଠକ

ତାଳଚେର (ଭାସ୍କର ନ୍ୟୁଜ୍) : ତାଳଚେର ଶିଳ୍ପାଞ୍ଚଳ ଏକ ସମସ୍ୟା ବହୁଳ ଅଞ୍ଚଳ ଭାବେ ପରିଚିତ। ଏଠାରେ କୋଇଲା ଖଣି, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସହିତ ଅନେକ ଗୁଡ଼ିଏ ଘରୋଇ ଶିଳ୍ପାନୁଷ୍ଠାନଗୁଡ଼ିକ ଗଢିଉଠିଛି। ତେଣେ ଏହିସବୁ କାରଣରୁ ଏଠାରେ ବିସ୍ଥାପିତଙ୍କ ସମସ୍ୟା, ନିଯୁକ୍ତି, ଥଇଥାନ, ପାରିପାର୍ଶ୍ୱିକ ଉନ୍ନୟନ ଇତ୍ୟାଦି ନେଇ ସାଧାରଣ ଲୋକଙ୍କ ସମସ୍ୟା ବଢି ବଢି ଚାଲିଛି। ଏହାର ସମାଧାନ ନା ଶିଳ୍ପାନୁଷ୍ଠାନ କି ପ୍ରଶାସନ ଓ ଲୋକପ୍ରତିନିଧି କେହି ଆନ୍ତରିକତାର ସହ ସମାଧାନ କରୁନାହାନ୍ତି। ତେଣୁ ସଦାସର୍ବଦା ଏହି ଅଞ୍ଚଳ ସମସ୍ୟା ବହୁଳ ଅଞ୍ଚଳ ଭାବେ ରହି ଆସିଛି। ଏହାର ନିରାକରଣ ପାଇଁ ପୂର୍ବତନ ସାଂସଦ ମହେଶ ସାହୁଙ୍କ ଆବାହକତ୍ୱରେ, ତାଳଚେର ସଚେତନ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ସାମ୍ବାଦିକ ଦେବୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପ୍ରେସ୍ କ୍ଲବ ଠାରେ ଏକ କମିଟି ଗଠନ ହୋଇଥିଲା। ଏଥିରେ ଆବାହକ ଭାବେ ଢେଙ୍କାନାଳ ସାଂସଦ ମହେଶ ସାହୁ, ଯୁଗ୍ମ ଆବାହକ ଭାବେ ଦେବୀ ମିଶ୍ର ଓ ମୁରଲୀ ଧର ସାହୁଙ୍କୁ ଚୟନ କରାଯାଇ ଥିଲା। କୋଷାଧ୍ୟକ୍ଷ ଭାବେ ଆଡଭୋକେଟ ନିର୍ମଳ ତ୍ରିପାଠୀଙ୍କୁ ମନୋନୀତ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ତାଳଚେର ଅଞ୍ଚଳର ବହୁ ବରିଷ୍ଠ ଓକିଲ ବିଭିନ୍ନ ଦଳର ନେତୃମଣ୍ଡଳୀ, ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଏଥିରେ ଯୋଗ ଦେଇ ନିଜର ମତାମତ ଦେଇଥିଲେ। ସମସ୍ୟା ଗୁଡ଼ିକ ମଧ୍ୟରେ ତାଳଚେର ମେଡିକାଲ କଲେଜକୁ ତାଳଚେର ଠାରେ ଯଥାଶୀଘ୍ର ପ୍ରତିଷ୍ଠା କରାଯିବା, ତାଳଚେରରେ ନୂତନ କୋଇଲା କମ୍ପାନୀ ଖୋଲିବା, ଜମିହରାଙ୍କୁ ଓ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ପ୍ରଦାନ କରାଯିବା, କୋଇଲା ଖଣି ଅଞ୍ଚଳରୁ ଏସମା ଆଇନ ପ୍ରତ୍ୟାହାର କରାଯିବା, ତାଳଚେର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମାଗଣା ବିଜୁଳି ପ୍ରଦାନ କରାଯିବା ଇତ୍ୟାଦିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ ନହେଲେ ଆଗାମୀ ଦିନରେ ଏହି ମଞ୍ଚ ଜରିଆରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ପ୍ରସ୍ତାବ ନିଆଯାଇଛି। ତେବେ ଆଗାମୀ ମାର୍ଚ୍ଚ ୩ ତାରିଖ ଦିନ ତାଳଚେର ଉପଜିଲ୍ଲାପାଳଙ୍କ ପରିସରରେ ଥିବା ସହିଦ ସ୍ମୃତିସ୍ତମ୍ଭ ସମ୍ମୁଖରେ ସକାଳ ୧୦ଘଣ୍ଟା ସମୟରୁ ୧୨ଘଣ୍ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯିବାକୁ ମଧ୍ୟ ନିଷ୍ପତି ନିଆଯାଉଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ଆଜିର ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ସାହୁ, ଆଇନଜୀବୀ ଯଦୁମଣି ସାହୁ, ପୂର୍ବତନ ନଗରପାଳ କେଶବ ଭୁଟିଆ, ଇଂ ରମେଶ ଚନ୍ଦ୍ର ବେହେରା, କଂଗ୍ରେସ ନେତା ରାଜକିଶୋର ସାହୁ, କୁଶ ବିହାରୀ ସାମଲ, କାଳନ୍ଦୀ ସାମଲ, ଲିପୁ ରଥ, ପ୍ରକାଶ ସାହୁ, ସୁଶିଲ ନାଏକ, ପ୍ରଶାନ୍ତ ବେହେରା, ମନମୋହନ ପତି ବାଉରୀ ବନ୍ଧୁ ବେଜ, ସରକାରୀ ଓକିଲ ନିର୍ମଳ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଡକ୍ଟର ରଶ୍ମି ରଞ୍ଜନ ମିଶ୍ର ଧନ୍ୟବାଦ୍ ଦେଇଥିଲେ।

## ଓଳକଣା ମେଳଣ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

# ବିମାନ ଶୋଭାଯାତ୍ରାରେ ଡିଜେ ବନ୍ଦ ନିଷ୍ପତ୍ତି



କେନ୍ଦ୍ରାପଡା (ଭାସ୍କର ନ୍ୟୁଜ୍) : ଆସନ୍ତା ମାର୍ଚ୍ଚ ୧୩ ତାରିଖରେ ଅନୁଷ୍ଠିତ ହେବ ପ୍ରସିଦ୍ଧ ଓଳକଣା ମେଳଣ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ଏହି ମେଳଣଟି କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାର କେନ୍ଦ୍ରସ୍ଥଳରେ ଅନୁଷ୍ଠିତ ହୁଏ। ତେବେ ଶୁକ୍ରବାର ମେଳଣ ପଡିଆ ସ୍ଥିତ ଭଗବାନ ବିଦୁରଙ୍କ ମନ୍ଦିର ବେଢାରେ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଳଣ ସମନ୍ୱୟ କମିଟି ସଭାପତି ଡ. ନାମାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉଭୟ କେନ୍ଦ୍ରାପଡା ଓ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ, ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଡେରାବିଶ ବିଡିଓ ନମିତା ବାରିକ, ଡେରାବିଶ ଥାନାଧିକାରୀ ସରୋଜ କୁମାର ସାହୁ ଓ ଭଦ୍ରେଶ୍ୱର ଥାନାଧିକାରୀ ସଧାରାଣୀ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ମେଳଣକୁ ଆସୁଥିବା ଠାକୁରବାଡି ସେବକ ପ୍ରତିନିଧିମାନଙ୍କ ସମେତ ଏଣ୍ଡର ସରପଞ୍ଚ ଦୁର୍ଯ୍ୟୋଧନ ମଲିକ ଓ ହଳଦିଆ ସରପଞ୍ଚଙ୍କ ପ୍ରତିନିଧି ଜ୍ଞାନେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ଏହି ମେଳଣ ଏକ ପାରମ୍ପରିକ ବିଧି ବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ମେଳଣକୁ ୧୨୦ରୁ ଊର୍ଦ୍ଧ୍ୱ ବିମାନ ଆସିଥାନ୍ତି। ଏକ ନିଆରା ଓ ଅନନ୍ୟ ପରମ୍ପରାର ପ୍ରତୀକ ଭାବେ ପ୍ରତିଷ୍ଠା ଅର୍ଜନ କରିଥିବା ଏହି ମେଳଣରେ କେନ୍ଦ୍ରାପଡା, କଟକ ଓ ଯାଜପୁର ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଚଳିତ ବର୍ଷ ଏହି ମେଳଣକୁ ଶୃଙ୍ଖଳିତ କରିବା ପାଇଁ ଏବଂ ୧୩ତାରିଖ ବିଳମ୍ବିତ ରାତିରୁ ୧୪ତାରିଖ ସକାଳ ମଧ୍ୟରେ ସମସ୍ତ ବିମାନ ପଡିଆ ମଧ୍ୟକୁ ପ୍ରବେଶ କରିବା ପାଇଁ ଉପସ୍ଥିତ ଠାକୁରବାଡି ସେବକ ପ୍ରତିନିଧିମାନେ ନିଷ୍ପତି ନେଇଥିଲେ। ଏଥିସହିତ ସମସ୍ତ ବିମାନ ଶୋଭାଯାତ୍ରରେ କେବଳ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବାକୁ ବୈଠକରେ ନିଷ୍ପତି ହୋଇଥିବା ବେଳେ କୌଣସି ବିମାନ ଶୋଭାଯାତ୍ରରେ ଡିଜେ ବାଜି ପରିବ ନାହିଁ ବୋଲି ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ସେହିପରି ପଡିଆ ମଧ୍ୟରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ପଡିଆ ମଧ୍ୟକୁ ପ୍ରବେଶ ପାଇଁ ଥିବା ଚାରୋଟି ଦ୍ୱାରକୁ ସଂଯୋଗ କରିଥିବା ରାସ୍ତାକୁ ଭିଡମୁକ୍ତ ରଖିବା ପାଇଁ ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା। ଏହି ବୈଠକରେ ଡେରାବିଶ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ବଙ୍କକୃଷ୍ଣ ସାମଲ, ରାଜକିଶୋର ମଲ୍ଲ, ନଟବର ସାମଲ, ହରେକୃଷ୍ଣ ମହାନ୍ତିଙ୍କ ସମେତ ଠାକୁରବାଡି ସେବକ ପ୍ରତିନିଧି ମକର ଚନ୍ଦ୍ର ପ୍ରଧାନ, ମହନ୍ତ ପର୍ଶୁରାମ ଦାଶ, କରୁଣାକର କର, ପ୍ରଭଞ୍ଜନ ପ୍ରଧାନ, ରତିକାନ୍ତ ସାମଲ, ବିଜୟ କୁମାର ମଲ୍ଲିକ, କ୍ଷିରୋଦ ବିହାରୀ, ଅଧିକାରୀ ସୁଧାକର ଦାସ, ଶ୍ରୀକାନ୍ତ ସାମଲ, ବିଶ୍ୱରଞ୍ଜନ ପ୍ରଧାନ ଓ ଦେବଦତ୍ତ ସାମଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସେବକ ପ୍ରତିନିଧି ରମାକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଏହି ମେଳଣରେ ଆଳି ରଜାଙ୍କ ଡେରାବିଶ ବ୍ଲକ ଅଧୀନ ରାଜନଗରରୁ ଆସୁଥିବା ପଞ୍ଚମୁଖୀ ବିମାନରେ ଶ୍ରୀରାଧାକୃଷ୍ଣ ଓ ଡେରାବିଶ ସ୍ଥିତ ଶ୍ରୀଦଧିବାମନଜୀଉ ମନ୍ଦିରରୁ ଆଉ ଏକ ବିମାନରେ ମା' ଲକ୍ଷ୍ମୀ ପଡିଆ ମଧ୍ୟରେ ମାଟି ନିର୍ମିତ କନକ ବେଦୀରେ ଉପବେଶନ କରିବା ପରେ ବିଭିନ୍ନ ଦ୍ୱାର ଦେଇ ଅନ୍ୟ ବିମାନ ଗୁଡିକ ପଡିଆ ମଧ୍ୟକୁ ପ୍ରବେଶ କରିଥାନ୍ତି। ଶେଷରେ ମହାଙ୍ଗା ବ୍ଲକ ଅଧିନ ଭଦ୍ରେଶ୍ୱରଙ୍କ ମନ୍ଦିରରୁ ଶିବଶକ୍ତି ଏକ ସ୍ୱତନ୍ତ୍ର ବିମାନରେ ପଡିଆ ମଧ୍ୟକୁ ପ୍ରବେଶ କରିବା ପରେ ୧୦୮ ଘଣ୍ଟ ପଟୁଆର ମଧ୍ୟରେ ଏକ ଆଳତି ଭଗବାନ ବିଦୁରଙ୍କ ମନ୍ଦିରକୁ ଯିବା ପରେ ମେଳଣ ଶେଷ ହୋଇଥାଏ।

# କଣ୍ଟାପଡ଼ା ପଞ୍ଚାୟତ ସମିତି ବୈଠକରେ ‘ବିକଶିତ ଗାଁ ବିକଶିତ ଓଡ଼ିଶା’ ନେଇ ଆଲୋଚନା

କଣ୍ଟାପଡା (ଭାସ୍କର ନ୍ୟୁଜ୍) : କଣ୍ଟାପଡା ବ୍ଲକ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ସାଧାରଣ ଅଧିବେଶନ ଶୁକ୍ରବାର ବ୍ଲକ ରାଜୀବ ଗାନ୍ଧୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜୀନା ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମିତି ଅଧିନସ୍ଥ ୧୪ଟି ପଞ୍ଚାୟତର ସମିତି ସଭ୍ୟ/ସଭ୍ୟା ଓ ସରପଞ୍ଚମାନେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ମାଧ୍ୟମରେ ଗ୍ରାମ ପଞ୍ଚାୟତ ଗୁଡିକୁ ନୂଆ ପ୍ରକଳ୍ପ ତାଲିକା ଗ୍ରହଣ ଉପରେ ମୁଖ୍ୟତଃ ଆଲୋଚନା ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଯାଚିନ୍ଦ୍ର ନାଥ ବରାଳ, ଜିଲ୍ଲା ପରିଷଦ ମୁଖ୍ୟ ପିୟୁଷ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା କ୍ରିଷ୍ଣା ରାଣୀ ବେହେରା, ବିଡ଼ିଓ ସ୍ୱପ୍ନିତା ନାୟକ, ଅତିରିକ୍ତ ବିଡ଼ିଓ ରୁବି ତପସ୍ୱିନୀ ଦାଶ, ବ୍ଲକ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲ ପ୍ରମୁଖ ଯୋଗ ରହି ପଞ୍ଚାୟତ ଲୋକପ୍ରତିନଧିମାନଙ୍କ କାର୍ଯ୍ୟ କିଭଳି ସଠିକ ଭାବରେ କରାଯିବ ଉନ୍ନତିମୂଳକ କାର୍ଯ୍ୟରେ କିଭଳି ବାଧା ନଉପୁଜିବ ସେ ନେଇ ସ୍ୱପ୍ନିତା ନାୟକ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ବ୍ଲକସ୍ତରୀୟ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ପ୍ରସ୍ତୁତି, ସରକାରଙ୍କ ନୂଆ ଯୋଜନା ଏବଂ ବିକଶିତ ଗାଁ ବିକଶିତ ଓଡ଼ିଶା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା।

# ଜାତୀୟ ବିଜ୍ଞାନ ଦିବସ ପାଳିତ



ଛତ୍ରପୁର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଶ୍ରୀରାମନଗର ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଏନ୍‌ଆଇଏସ୍‌ଟି ୟୁନିଭରସିଟିର କମ୍ପ୍ୟୁଟର ବିଜ୍ଞାନର ମୁଖ୍ୟ ପ୍ରଫେସର ଡଃ ବ୍ରଜକିଶୋର ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସମ୍ମାନୀତ ଅତିଥିଭାବେ ସେଞ୍ଚୁରିୟାନ୍ ବିଜ୍ଞାନ ଉଚ୍ଚ ମାଧ୍ୟମିକ କଲେଜର ଅଧ୍ୟକ୍ଷ ଡ. ଲିଙ୍ଗରାଜ ସାହୁ ଏବଂ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଗଣିତ ବିଭାଗର ଅଧ୍ୟାପକ ଡ. ଅଜିତ କୁମାର ସେଠୀ, ଅମୃତ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପତ୍ରବାଚନରେ ଭାଗ ନେଇ ଥିବା ଶିଶୁମାନଙ୍କ ବିଚାରକ କରିଥିଲେ। ଉପସଭାପତି ଗୀତା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା କମିଟିର ସଦସ୍ୟା ସୁନୀତା ସେଠୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ଶିବରାମ ବସନ୍ତିଆ ସଂଯୋଜନା କରିଥିଲେ। ଶେଷରେ ବରିଷ୍ଠ ଆଚାର୍ଯ୍ୟ ସୁରେଶ କୁମାର ଆଚାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ଦିବସ ଅବସରରେ ଶିଶୁମାନଙ୍କ ମଧ୍ୟରେ ପ୍ରକଳ୍ପ, ବିଜ୍ଞାନ କୁଇଜ୍ ଓ ସେମିନାର ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ୯ରେ ଆମଗାଁ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

## ସାହିତ୍ୟିକ ବନବିହାରୀ ନାୟକ ଓ ଗାଳ୍ପିକା ସୁପ୍ରିୟା ପାଲ ପାଇବେ ‘ଆମ ଗାଁ ପୁଅ ଓ ଝିଅ’ ସମ୍ମାନ

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ଦେଉଳିସାହି ସ୍ଥିତ ଆମ ଗାଁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଆସନ୍ତା ୯ ତାରିଖ ରବିବାର ଦିନ ସ୍ଥାନୀୟ ବାଲଂଶା ସ୍ଥିତ ପ୍ରଜ୍ଞା ପୀଠ ପରିସରରେ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବାଦ ଗ୍ରୁପର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଶିଶୁ ସାହିତ୍ୟିକ ଦାଶ ବେନହୁର ଓ ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ବାବାଜୀ ଚରଣ ପଟ୍ଟନାୟକ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସଂସଦର ସମ୍ମାନ ଜନକ ସାହିତ୍ୟ ସମ୍ମାନ ଚଳିତ ବର୍ଷ ୨୦୨୫ ପାଇଁ ସାହିତ୍ୟରେ କୃତୀ ପାଇଁ ବରିଷ୍ଠ ସାହିତ୍ୟିକ ବନବିହାରୀ ନାୟକଙ୍କୁ ଆମ ଗାଁ ପୁଅ ସମ୍ମାନ ଏବଂ ସୁନାମଧନ୍ୟ ଗାଳ୍ପିକା ଡ଼ଃ ସୁପ୍ରିୟା ପାଲଙ୍କୁ ଆମ ଗାଁ ଝିଅ ସମ୍ମାନ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ୧୦ଜଣ ଛାତ୍ରଛାତ୍ରୀଙ୍କୁ ସାହିତ୍ୟ ଉତ୍କର୍ଷ ସମ୍ମାନ ପ୍ରଦାନ କରାଯିବ। ଉକ୍ତ ଉତ୍ସବରେ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ ସଂସଦର ସଭାପତି ପ୍ରଭାତ କୁମାର ନନ୍ଦ ଓ ସମ୍ପାଦକ ଅଲେଖ ଚନ୍ଦ୍ର ବେହେରା ଅନୁରୋଧ କରିଛନ୍ତି।

# ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗର ଆଲୋଚନାଚକ୍ର

ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ‘ପ୍ରାକୃତିକ ଚିକିତ୍ସାର ଉତ୍ପତ୍ତି, ଯୋଗ ଚିକିତ୍ସା ଓ ଏହାର ଐତିହାସିକ ପୃଷ୍ଠଭୂମି’ ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଶୁକ୍ରବାର ଦିନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପର ଅନମୟା ହଲିଷ୍ଟିକ ହେଲଥ ଓ ୱେଲନେସ କେନ୍ଦ୍ରର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡ. ମୋନାଲି ମଧୁସ୍ମିତା



ମୁଖ୍ୟବକ୍ତା ଭାବେ ଯୋଗଦେଇ ଉକ୍ତ ଶୀର୍ଷକ ଉପରେ ଦୀକ୍ଷାନ୍ତ ଭାଷଣ ଦେଇ ଛାତ୍ରଛାତ୍ରୀମାନଙ୍କୁ ସରଳ ଓ ବୋଧଗମ୍ୟ ଭାଷାରେ ବୁଝାଇଥିଲେ। ଏହି ଅବସରରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ଇତିହାସ ବିଭାଗ ଅଧ୍ୟାପିକା ସଂଘମିତ୍ରା ପ୍ରଧାନ ଆଲୋଚନାର ବିଷୟବସ୍ତୁ ଉପରେ ସମ୍ୟକ ଧାରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପକ ପ୍ରତୀକ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମପ୍ରାଣାଙ୍କ ପରଲୋକ



ରଘୁନାଥପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ଧର୍ମପରାୟଣ ମହିଳା ଶଶୀ ଦେଇଙ୍କ ଶୁକ୍ରବାର ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୯୪ବର୍ଷ ବୟସ ହୋଇଥିଲା। କିଛିଦିନ ଧରି ସେ ଅସୁସ୍ଥ ରହି ମୃତ୍ୟୁ ସହିତ ସଂଗ୍ରାମ କରୁଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ବିଭିନ୍ନ ଅଞ୍ଚଳରୁ ଲୋକମାନେ ପହଞ୍ଚି ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶେଷ ଦର୍ଶନ କରିଥିଲେ। ଶଶୀ ଦେଇଙ୍କ ପରଲୋକରେ ଗାଁରେ ଶୋକର ଛାୟା ଖେଳି ଯାଇଥିଲା। ମୃତ୍ୟୁ ପରେ ତାଙ୍କର ଲୋକପ୍ରୀୟତା କେତେ ଯେ ଥିଲା ସେହି ଗହଳିରୁ ବାରି ହୋଇ ପଡୁଥିଲା। ସ୍ୱର୍ଗତ ଶଶୀ ଦେଇଙ୍କ ୬ ଝିଅ ଓ ୨ ପୁଅ ଅଛନ୍ତି। ସେ ଜଣେ ଦୃଢ଼ ମନା ଓ ପ୍ରଚଣ୍ଡ ସ୍ୱାଭିମାନୀ ମହିଳା ଭାବେ ଜନସାଧାରଣଙ୍କ ପ୍ରିୟ ଭାଜନ ହୋଇଥିଲେ। ଶୁକ୍ରବାର ସକାଳ ୧୧ ଘଟିକା ସମୟରେ ତାଙ୍କର ପରଲୋକ ଖବର ଜଣାପଡିବା ପରେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ରଘୁନାଥପୁର ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ତାରକ ଜେନା, ପ୍ରଦ୍ୟୁମ୍ନ କୁମାର ପାଳ, ସର୍ବେଶ୍ୱର ପଟ୍ଟନାୟକ, ଜାନକୀ ବଲ୍ଲଭ ସ୍ୱାଇଁ, ସ୍ୱର୍ଗତ ଶଶୀଙ୍କ ଭାଇ ତଥା ପୂର୍ବତନ କଲେଜ ଅଧକ୍ଷ ରମା ରଞ୍ଜନ ସ୍ୱାଇଁ, ହରେ କୃଷ୍ଣ ସ୍ୱାଇଁ ତାଙ୍କ ବାସ ଭବନରେ ପହଞ୍ଚି ଶଶୀ ଦେଇଙ୍କ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ନିଜ ବାଡିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ରବୀନ୍ଦ୍ରନାଥ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ଡେରାବିଶ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ଅଧିବେଶନ

# ସରପଞ୍ଚଙ୍କ ଅଜ୍ଞାତରେ ପଞ୍ଚାୟତରେ ଚାଲିଛି ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ !

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ଅଧିବେଶନ ଆଜି ଅପରାହ୍ନରେ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଅକ୍ଷୟ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ବିଡ଼ିଓ ନମିତା ବାରିକ, ଏବିଡ଼ିଓ ଅନିରୁଦ୍ଧ ବେହେରା, ଆସିଷ୍ଟାଣ୍ଟ ଇଞ୍ଜିନିୟର ଗୌରବ କୁମାର ସାହୁ, ସିଡ଼ିପିଓ ହରପ୍ରିୟା ଦେବୀ, ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ଅତିରିକ୍ତ ଶିକ୍ଷା ଅଧିକାରୀ ଖଗେଶ୍ୱର ନାୟକ, ଏମ୍‌ଆଇ ସ୍ୱରୂପ ଦାସ ଯୋଗ ଦେଇ ବିକଶିତ ଗାଁ ବିକଶିତ ଓଡ଼ିଶା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ। ତେବେ ଏହି ବୈଠକରେ ବିଶେଷ କରି ସରପଞ୍ଚଙ୍କ ଅଗୋଚରରେ ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ହେଉଥିବା, ପଞ୍ଚାୟତର ପିଇଓ ଓ ଜିଆର୍‌ଏସ୍‌ମାନେ ପଞ୍ଚାୟତରେ ମନମାନୀ କରୁଥିବା ନେଇ ସରପଞ୍ଚ ଓ ସମିତିସଭ୍ୟମାନେ ଅଭିଯୋଗ କରିଥିଲେ। ବୈଠକରେ ପ୍ରଥମେ ବିଡ଼ିଓ ଶ୍ରୀମତୀ ବାରିକ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଜନପ୍ରତିନିଧିମାନଙ୍କୁ କହିଥିଲେ। ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଜଳାଶୟର ଉନ୍ନତିକରଣ, ଭୋଗମଣ୍ଡପ ଓ ରାସ୍ତା ନିର୍ମାଣ, ସ୍କୁଲଘର ନିର୍ମାଣ ଇତ୍ୟାଦି ପ୍ରକଳ୍ପମାନ କରାଯିବ। ଏହିସବୁ କାର୍ଯ୍ୟର ସିଂହଭାଗ ମନରେଗା ମାଧ୍ୟମରେ କରାଯିବ ବୋଲି ବିଡ଼ିଓ ପ୍ରକାଶ କରିଥିଲେ। ଏହି ସମୟରେ ପଲେଇ ସରପଞ୍ଚ ଅକ୍ଷୟ ସାହୁ ତାଙ୍କ ପଞ୍ଚାୟତରେ ତାଙ୍କ ଅଗୋଚରରେ ମନମୁଖି ଭାବେ ମନରେଗା କାର୍ଯ୍ୟ କରାଯାଉଛି ବୋଲି କ୍ଷୋଭର ସହ ପ୍ରକାଶ କରିଥିଲେ। ଏହାର ଉତ୍ତରରେ ବିଧାୟକ ଶ୍ରୀ ମହାପାତ୍ର ଏ ସମ୍ପର୍କରେ ତୁରନ୍ତ ଲିଖିତ ଭାବେ ତାଙ୍କୁ ପ୍ରଦାନ କରିବା ସହ ବିଡ଼ିଓ ଓ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରିବାକୁ ପ୍ରକାଶ କରିଥିଲେ। ସେହିପରି ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ଲୋକମାନଙ୍କୁ ଆବାସ ଯୋଗାଇ ଦେବା ନିମନ୍ତେ ଅନ୍‌ଲାଇନ୍







ମାଧ୍ୟମରେ ସର୍ଭେ କାର୍ଯ୍ୟ ଚାଲିଛି। ଯେଉଁଥିରେ ପଞ୍ଚାୟତର ପିଇଓ ଓ ଜିଆରଏସ୍‌ମାନେ କାର୍ଯ୍ୟରତ ଅଛନ୍ତି। ତେବେ ଏହି କର୍ମଚାରୀମାନେ ମନମାନୀ କରୁଥିବାରୁ ଏହି କାର୍ଯ୍ୟ ସଠିକ୍ ଢଙ୍ଗରେ ହୋଇପାରୁନଥିବା ନେଇ ବହୁ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଅଭିଯୋଗ କରିଥିଲେ। ତେବେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ସମିତିସଭ୍ୟ ଫନିନ୍ଦ୍ର କୁମାର ବେହେରା ଓ ନହଙ୍ଗ ପଞ୍ଚାୟତର ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ସେଠୀ ତାଙ୍କ ପଞ୍ଚାୟତର ପିଇଓ ତାଙ୍କ କଥା ମାନୁନଥିବା ସଭାରେ ପ୍ରକାଶ କରିଥିଲେ।ଏ ସମ୍ପର୍କରେ ବିଡ଼ିଓ ଶ୍ରୀମତୀ ବାରିକ ପଦକ୍ଷେପ ନେବେ ବୋଲି କହିଥିଲେ। ଡେରାବିଶ ବ୍ଲକର ଗ୍ରାମାଞ୍ଚଳର ଉନ୍ନତି ପାଇଁ ପଞ୍ଚାୟତରେ ଗତ ୧୪ ତାରିଖରେ ହୋଇଥିବା ଗ୍ରାମସଭା ମାଧ୍ୟମରେ ଯେଉଁ ଉନ୍ନତିମୂଳକ ପ୍ରକଳ୍ପ ଗୁଡ଼ିକ ପଞ୍ଚାୟତ ପକ୍ଷରୁ ପଞ୍ଚାୟତ ସମିତିକୁ ପ୍ରଦାନ କରାଯାଇଥିଲା ସେଥିମଧ୍ୟରୁ ବହୁ ପ୍ରକଳ୍ପର ପଞ୍ଚାୟତ ସମିତି ପକ୍ଷରୁ କରାଯାଇଥିବା ଲିଷ୍ଟରେ ନଥିବା ନେଇ ବହୁ ସରପଞ୍ଚ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଡ଼ିଓ ଶ୍ରୀମତୀ ବାରିକ ତୁରନ୍ତ ଦୁଇଦିନ ମଧ୍ୟରେ ଏହି ପ୍ରକଳ୍ପ ଲିଷ୍ଟଗୁଡ଼ିକୁ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ସେହିପର ବୈଠକରେ ବ୍ଲକ ଅନ୍ତର୍ଗତ ଛୋଟି, ନରସିଂହପୁର ଓ ଇନ୍ଦାଳୋ ପଞ୍ଚାୟତରେ ପାଣି ସମସ୍ୟା ନେଇ ସରପଞ୍ଚ ରଜନୀ ମଲିକ, ସୁଧିର କୁମାର ଖଟୁଆ ଓ ଜ୍ୟୋତ୍ସ୍ନାମୟୀ ବେହେରା ଅଭିଯୋଗ କରିଥିଲେ। ତୁରନ୍ତ ଏହାର ସମାଧାନ ପାଇଁ ବିଧାୟକ ଶ୍ରୀ ମହାପାତ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଯେଉଁ ଠିକାଦାରମାନେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ତୁରନ୍ତ ସେମାନଙ୍କର ଏକ ତାଲିକା କରି ତାଙ୍କୁ ବ୍ଲାକଲିଷ୍ଟେଡ କରିବାକୁ କହିଥିଲେ ଏବଂ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳ ବ୍ୟାପକ ଭାବେ ହ୍ରାସ ପାଉଥିବାରୁ ଡେରାବିଶର ଉଭୟ ପାର୍ଶ୍ୱରେ ରହିଥିବା ଚିରସ୍ରୋତା ଲୁଣା ଓ ବିରୁପା ନଦୀରେ ଏକ ମେଗା ଜଳ ପ୍ରକଳ୍ପ କରିବାକୁ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି କହିଥିଲେ। ଏଥିସହିତ ସାଂସଦଙ୍କ ପ୍ରତିନିଧି ଶ୍ରୀ ତ୍ରିପାଠୀ ସାଂସଦ ପାଣ୍ଠିରେ ଉତ୍କଟ ଜଳସମସ୍ୟା ଥିବା ଗ୍ରାମମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଆରଡି ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଥିବା ନେଇ ବହୁ ସରପଞ୍ଚ ସମିତିସଭ୍ୟଙ୍କ ଅଭିଯୋଗ କ୍ରମେ ବିଧାୟକ ଶ୍ରୀ ମହାପାତ୍ର ଏହି ରାସ୍ତା ଗୁଡ଼ିକର ମରାମତି ଓ ନୂତନ ରାସ୍ତା ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲିକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ବାଲିଆ ସରପଞ୍ଚ ପ୍ରବିର ସିଂ, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ ଓ ସମିତିସଭ୍ୟ ନିରଞ୍ଜନ କର, ରତାଦିଆ ଖଣ୍ଡସାହି ସରପଞ୍ଚ ଶିଶିର ସାମଲ, ସମିତିସଭ୍ୟ ନିତ୍ୟାନନ୍ଦ ଭଦ୍ର, ଏଣ୍ଡର ସରପଞ୍ଚ ଦୁର୍ଯ୍ୟୋଧନ ମଲିକଙ୍କ ସମେତ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏବଂ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିପିଓ ନନ୍ଦିନୀ ଶତପଥି ପରିଚାଳନା କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଶିଫଳ

**ଶନିବାର, ୦୧ ମାର୍ଚ୍ଚ ୨୦୨୫**



**ମେଷ:** ଆପଣ ଅନେକ ଉତ୍ସରୁ ଆର୍ଥିକ ଭାବରେ ଉପକୃତ ହେବେ। କେତେକଙ୍କ ପାଇଁ ପରିବାରରେ ନୂତନ ବ୍ୟକ୍ତିଙ୍କ ଆଗମନ ଉତ୍ସବ ଏବଂ ଆନନ୍ଦର ମୁହୂର୍ତ୍ତ ଆଣିଦେବ। ମାର୍କେଟିଂ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଆପଣଙ୍କର ଅଭିଳାଷ ଫଳପ୍ରଦ ହୋଇପାରେ।



**ବୃଷ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଜୀବନସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ଅଟକିଯାଇଥିବା ଟଙ୍କା ହଠାତ୍ ଫେରସ୍ତ ହୋଇପାରେ।



**ମିଥୁନ:** ଧୈର୍ଯ୍ୟବାନ ହୁଅ, କାରଣ ଆପଣଙ୍କର ବୁଝାମଣା ଏବଂ ପ୍ରୟାସ ନିଶ୍ଚିତ ଭାବରେ ଆପଣଙ୍କୁ ସଫଳ କରିବ। ଘରେ କୌଣସି ପରିବର୍ତ୍ତନ କରିବା ପୂର୍ବରୁ, ଆପଣଙ୍କର ବରିଷ୍ଠମାନଙ୍କ ମତାମତ ନିଅନ୍ତୁ, ନଚେତ୍ ସେମାନେ ଆପଣଙ୍କ ଉପରେ ଅସନ୍ତୁଷ୍ଟ ଏବଂ କ୍ରୋଧିତ ହୋଇପାରନ୍ତି।



**କର୍କଟ:** ଆପଣଙ୍କର ହୃଦୟର ମଣିଷ ଦିନସାରା ଆପଣଙ୍କୁ ମନେ ରଖିବେ। ତାଙ୍କୁ ଆଶ୍ଚର୍ଯ୍ୟ କରିବା ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ ଏବଂ ତାଙ୍କ ପାଇଁ ଏକ ସୁନ୍ଦର ଦିନରେ ପରିଣତ କରିବାକୁ ଚିନ୍ତା କରନ୍ତୁ। ଆପଣଙ୍କର ଆତ୍ମବିଶ୍ୱାସ ବଢୁଛି ଏବଂ ପ୍ରଗତି ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ସାମାଜିକ ଏବଂ ଧାର୍ମିକ ଉତ୍ସବ ପାଇଁ ଉତ୍ତମ ଦିନ।



**ସିଂହ:** ଆର୍ଥିକ ଲାଭ ସହିତ ବ୍ୟବସାୟରେ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିପାରନ୍ତି। ରୋଜଗାରର ସୁଯୋଗ ପାଇପାରିବେ। ବ୍ୟବସାୟ ସହିତ ଆପଣଙ୍କୁ ଭ୍ରମଣ କରିବାକୁ ପଡିପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ରହିବ। ପତି-ପତ୍ନୀଙ୍କ ସାହାଯ୍ୟରେ କାମ ଶେଷ ହୋଇପାରିବ।



**କନ୍ୟା:** ଆର୍ଥିକ ଲାଭ ପାଇଁ ଆଜି ଭଲ ସୁଯୋଗ ମିଳିବ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ। ଭ୍ରମଣରୁ ଆପଣ ଉପକୃତ ହେବେ। ଆପଣ ଜଣେ ବନ୍ଧୁଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ପାଇବେ। ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପାରସ୍ପରିକ ସମନ୍ୱୟ ରହିବ।



**ତୁଳା:** ଆଜି ଆପଣଙ୍କୁ ଆରାମ ଏବଂ ଘନିଷ୍ଠ ବନ୍ଧୁ ଏବଂ ପରିବାର ସହିତ ଖୁସିର କିଛି ମୁହୂର୍ତ୍ତ ବିତାଇବାକୁ ପଡିବ। ଟଙ୍କା ଆପଣଙ୍କର ମୁଷ୍ଟିରୁ ସହଜରେ ଚାଲିଯିବ। ଆପଣ ପରିବାର ପ୍ରତି ଅଶାଳୀନ ବ୍ୟବହାର କରନ୍ତୁ ନାହିଁ। ଏହା ପାରିବାରିକ ଶାନ୍ତିକୁ ବିଘ୍ନ କରିପାରେ।



**ବିଛା:** ସାମାଜିକ ଭାବରେ ତୁମର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଲୋକମାନେ ଆପଣଙ୍କୁ ସାହାଯ୍ୟ କରିବା ଜାରି ରଖିବେ। ତୁମର ଯାତ୍ରା ଲାଭଦାୟକ ହେବ। ପରିବାର ସହିତ ଖୁସିର ମୁହୂର୍ତ୍ତ ବିତାଇ ପାରିବେ। ପ୍ରେମ-ସମ୍ପର୍କ ଦୃଢହୋଇପାରେ।



**ଧନୁ:** କୌଣସି କାର୍ଯ୍ୟରେ ଚିନ୍ତା ନ କରି କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ, ଆଜି ଆପଣଙ୍କ ପ୍ରିୟ ଲୋକଙ୍କଠାରୁ ଉପକୃତ ହେବ। ଇଚ୍ଛାଶକ୍ତିର ଅଭାବ ଆପଣଙ୍କୁ ଭାବପ୍ରବଣ ଏବଂ ମାନସିକ ଅସୁବିଧାରେ ପକାଇପାରେ। ଯଦି ଆପଣ ଆୟ ଅଭିବୃଦ୍ଧିର ଉତ୍ସ ଖୋଜୁଛନ୍ତି, ସୁରକ୍ଷିତ ଅର୍ଥନୈତିକ ପ୍ରକଳ୍ପରେ ବିନିଯୋଗ କରନ୍ତୁ। ଘରେ ସମନ୍ୱୟ ରକ୍ଷା କରିବା ପାଇଁ ଏକାଠି କାମ କରନ୍ତୁ।



**ମକର:** ଧାର୍ମିକ ଏବଂ ଆଧ୍ୟାତ୍ମିକ ଆଗ୍ରହର କାର୍ଯ୍ୟ କରିବା ପାଇଁ ଶୁଭ ଦିନ। ଶୀଘ୍ର ଟଙ୍କା ରୋଜଗାର କରିବାକୁ ଆପଣଙ୍କର ପ୍ରବଳ ଇଚ୍ଛା ଅଛି। ଆପଣଙ୍କ ସମସ୍ୟା ଆପଣଙ୍କ ପାଇଁ ବହୁତ ବଡ ହୋଇପାରେ, କିନ୍ତୁ ଆପଣଙ୍କ ଆଖପାଖର ଲୋକମାନେ ଆପଣଙ୍କ ଯନ୍ତ୍ରଣା ବୁଝିବେ ନାହିଁ। ଅନେକ ଲୋକଙ୍କ ପାଇଁ ଆଜିର ରୋମାଣ୍ଟିକ୍ ସନ୍ଧ୍ୟା ସୁନ୍ଦର ଉପହାର ଏବଂ ଫୁଲରେ ପରିପୂର୍ଣ୍ଣ ହେବ।



**କୁମ୍ଭ:** ସାମାଜିକ ଭାବରେ ଆପଣଙ୍କର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଆପଣଙ୍କ ସମ୍ପର୍କରେ ମଧୁରତା ବୃଦ୍ଧି ପାଇବ। କାର୍ଯ୍ୟଭାର ଆପଣଙ୍କ ଉପରେ ସାମାନ୍ୟ ଅଧିକ ହୋଇପାରେ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ଧାରଣା ସୃଷ୍ଟି କରିପାରିବ।



**ମୀନ:** କଠିନ ଅର୍ଥନୈତିକ ଅବସ୍ଥା ହେତୁ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଝିରେ ଅଟକି ଯାଇପାରେ। ଆପଣ ଚାହୁଁଥିବା ଲୋକଙ୍କ ସହିତ ଉପହାର ବିନିମୟ କରିବା ଏକ ଭଲ ଦିନ। ଏକପାଖିଆ ପ୍ରେମ ଆପଣଙ୍କୁ ନିରାଶ କରିପାରେ। ଯଦି ଆପଣ ଆଜି ପ୍ରକୃତରେ ଲାଭ ଚାହୁଁଛନ୍ତି ତେବେ ଅନ୍ୟମାନଙ୍କ ମତାମତକୁ ଭଲଭାବେ ଶୁଣନ୍ତୁ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସଦର ମହକୁମା ଡିଏନକେ ଖେଳ ପଡିଆ ଠାରେ ସାତଦିନିଆ ସୁଭଦ୍ରା ଶକ୍ତି ମେଳା ଆଜି ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀଙ୍କ ଦ୍ଵାରା ଉଦ୍ଘାଟିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ଅଧକ୍ଷା ସମାରି ତାଙ୍ଗୁଲ, ମେଳାର ଆବାହକ ତଥା ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୧୫୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଯୋଗ ଦେଇ ଗୋଷ୍ଠୀମାନଙ୍କ ଦ୍ଵାରା ନିର୍ମିତ ଓ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଷ୍ଟଲ ମାଧ୍ୟମରେ ପ୍ରଦର୍ଶିତ କରା ଯାଇଛି । ଏହି ଉପଲ କ୍ଷେ ମଞ୍ଚାସୀନ ଅତିଥି ମାନେ ମହିଳା ସଶକ୍ତି କରଣ, ଆର୍ଥିକ, ବୈଷୟିକ ମାନଦଣ୍ଡର ବିକାଶ ପାଇଁ ରାଜ୍ୟ ସରକାର କି କି ଯୋଜନା କରିଛନ୍ତି ସେ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ଆଗାମୀ ଦିନରେ ମହିଳା ମାନଙ୍କୁ ଆଗକୁ ନେବାରେ ସମ୍ପୂର୍ଣ ସହ ଯୋଗ କରିବେ । ମହିଳା ମାନଙ୍କ ଦ୍ଵାରା ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ, ହସ୍ତଶିଳ୍ପ, ଅର୍ଗାନିକ ଉତ୍ପାଦନ ଗୁଡିକ ଆମ ରାଜ୍ୟ ଏବଂ ଦେଶ ବ୍ୟାପି ଏହାର ଚାହିଦା ପୂରଣ ହେବ ସେଥିପାଇଁ ସରକାର ମହିଳା ମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବେ । ପରେ ପରେ ମେଳାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ରିଞ୍ଜୋଡି ଢେମସା, କୟୋଁ ନୃତ୍ୟ, ବଣ୍ଡା ନୃତ୍ୟ, ଆଓମା ଗୁରୁକୁଳ, ଷଡଙ୍ଗି ନୃତ୍ୟ, ଏସିଆର ଡ୍ୟାନ୍ସ ଗ୍ରୁପ, ବାଣିଶ୍ରୀ ନିକେତନ ପ୍ରଭୃତି ଦଳ ମାନଙ୍କ ଦ୍ଵାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ପଦାଧିକାରୀ, ଦର୍ଶକ ଉପସ୍ଥିତ ଥିଲେ ।



### ଜିଲ୍ଲାସ୍ତରୀୟ ଦିଶା ବୈଠକ

# ଋଣ ପରିଶୋଧ ଭତ୍ତା ଅର୍ଥରୁ ଭରଣା ନକରିବାକୁ ନିର୍ଦ୍ଦେଶ



ଯାଜପୁର (ଭାସ୍କର ନ୍ୟୁଜ) :ଋଣ କରିଥିବା ବ୍ୟକ୍ତିଙ୍କୁ ଯଦି କୌଣସି ସରକାରୀ ଭତ୍ତା ମିଳୁଥାଏ ତେବେ ସମ୍ପୃକ୍ତ ବ୍ୟକ୍ତି ଙ୍କ ବକେୟା ଋଣ କୁ ବ୍ୟାଙ୍କ କର୍ତୃପକ୍ଷ ଭତ୍ତା ଅର୍ଥ ରୁ ଭରଣା ନକରିବାକୁ ଯାଜପୁର ଜିଲ୍ଲା ଦିଶା ବୈଠକ ରେ ସାଂସଦ ଡ଼ଃ ରବିନ୍ଦ୍ର ନାରାୟଣ ବେହେରା ଏବଂ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ କହିଛନ୍ତି। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ଉନ୍ନୟନ, ସମନ୍ୱୟ ଓ ପରିଚାଳନା (ଦିଶା) କମିଟି ବୈଠକ ସାଂସଦ ଡ଼ଃ ବେହେରା ଙ୍କ ଅଧକ୍ଷତା କ୍ରମେ ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠିତ ହୋଇଯାଇଅଛି। ଏଥିରେ କେନ୍ଦ୍ର ସରକାରଙ୍କ ପ୍ରଣୀତ ବିଭିନ୍ନ ଯୋଜନା ଗୁଡ଼ିକର ପ୍ରଣୟନ ଓ କାର୍ଯ୍ୟକାରିତା ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା। ସାଂସଦ ଡ଼ଃ ବେହେରା କହିଲେ ଯେ ନୂତନ ସରକାର ଗଠନ ହେଲା ପରେ ପ୍ରଥମ ଥର ଏହି ବୈଠକ ଅନୁଷ୍ଠିତ ହେଉଅଛି। କେନ୍ଦ୍ରୀୟ କାର୍ଯ୍ୟକ୍ରମ ଉପରେ ଅନୁଧ୍ୟାନ କରି ଜିଲ୍ଲାକୁ ବିକଶିତ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ। ଜିଲ୍ଲାପାଳ ତଥା ଆବାହକ ଶ୍ରୀମତୀ ରେଡ୍ଡୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜାତୀୟ ସାମାଜିକ ସହାୟତା ଯୋଜନାରେ ଯେଉଁ ବୟସ୍କ ଓ ଭିନ୍ନକ୍ଷମ ହିତାଧିକାରୀ ବ୍ୟାଙ୍କ କୁ ଯାଇ ପାରୁ ନାହାଁନ୍ତି ସେମାନଙ୍କୁ ଘରେ ଯାଇ ଭତ୍ତା ପ୍ରଦାନ କରିବାକୁ ଜିଲ୍ଲାପାଳ ଶ୍ରୀମତୀ ରେଡ୍ଡୀ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ବି.ଡି.ଓ ମାନଙ୍କୁ ପରାମର୍ଶ ଦେଇଥିଲେ। ବଡଚଣା ବିଧାୟକ ଅମର ନାୟକ ମଧ ତାଙ୍କ ବକ୍ତବ୍ୟରେ ଭତ୍ତା ଅର୍ଥ ଋଣରେ ଭରଣା ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରିବାକୁ ସେ କହିଥିଲେ। ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମନରେଗା ରେ ମଜୁରୀ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଅନ୍ୟ ପକ୍ଷରେ ୫ ଟି ଜିଲ୍ଲା ର ଜୀବନରେଖା ହୋଇଥିବା ଚଣ୍ଡିଖୋଲ - ଦୁବୁରୀ ରାସ୍ତା କାମ ତୁରନ୍ତ ଶେଷ କରିବାକୁ ବିଧାୟକ ଜାତୀୟ ରାଜପଥ କର୍ତ୍ତୃପକ୍ଷ କୁ ନିର୍ଦ୍ଦେଶ ଦେଇଥିଲେ।ବୈଠକରେ ମନରେଗା, ଦୀନଦୟାଲ ଅନ୍ତୋଦୟ ଯୋଜନା, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ସଂସଦ ଆଦର୍ଶ ଗ୍ରାମ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ, ସ୍ୱଚ୍ଛ ଭାରତ ମିଶନ, ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଜାତୀୟ ଲାଇଭ ଷ୍ଟକ୍ ମିଶନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ବେଟି ବଚାଓ ବେଟି ପଢାଓ , ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ମହିଳା ନିରାପତ୍ତା ଓ ସୁରକ୍ଷା ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଜଳ ଜୀବନ ମିଶନ, ଡିଜିଟାଲ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡସ୍ ମର୍ଡନାଇଜେଶନ ପ୍ରୋଗ୍ରାମ, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ, ସମଗ୍ର ଶିକ୍ଷା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ପି.ଏମ.ଇ.ଜି.ପି, ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା, ଏମ.ପି ଲ୍ୟାଡ, ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ, ପ୍ରି ଏବଂ ପୋଷ୍ଟ ମାଟ୍ରିକ ସ୍କଲାରସିପ, ଖେଲୋ ଇଣ୍ଡିଆ, ଇ-ଶ୍ରମ ପୋର୍ଟାଲ ଉପରେ ଯଥାତଥା ଆଲୋଚନା ହୋଇଥିଲା ଯାଜପୁର ବିଧାୟିକା ସୁଜାତା ସାହୁ, ବରୀ ବିଧାୟକ ବିଶ୍ୱରଂଜନ ମଲ୍ଲିକ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ନଳିନୀପ୍ରଭା ଜେନା, ଉପାଧକ୍ଷ ଗଣେଶ୍ୱର ବରାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର କୁମାର ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଉପ ଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, ସମସ୍ତ ବ୍ଲକ୍ ଓ ମୁନିସିପାଲିଟିର ଅଧକ୍ଷ, ଅଧକ୍ଷା, ବି.ଡି.ଓ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧିଗଣ ଉପସ୍ଥିତ ଥିଲେ।

### ସୈନିକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

## ତିନି ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଧର୍ମଗଡ଼ (ଭାସ୍କର ନ୍ୟୁଜ)ଗ୍ରାମରେ ଚାଲିଥିବା ମେଳା ଅବତାରରେ ଘୁଡୁଘୁଡି ନାମକ ଏକ ପ୍ରକାର ଜୁଆ ଖେଳାଉ ଥିବା ଦଳକୁ ଛୁଟିରେ ଆସିଥିବା ସୀମା ସୁରକ୍ଷା ବାହିନୀ ରେ କାର୍ଯ୍ୟରତ ସେହି ଗ୍ରାମର ଯୁବକ ବିରୋଧ କରିଥିଲେ । ଏଥିରେ ଉତକ୍ଷୀପ୍ତ ହୋଇ ଜୁଆଖେଳ ପରିଚାଳନା କରୁଥିବା ଦୁଇ ଅଭିଯୁକ୍ତ ଓ ତାଙ୍କ ପରିବାରର ତିନି ସଦସ୍ୟ ମିଶି ଧାରୁଆ ଅସ୍ତ୍ର ସାହାଯ୍ୟରେ ସଂଘବଦ୍ଧ ରକ୍ତାକ୍ତ ଆକ୍ରମଣ କରିଥିଲେକ୍ଷ ଏ ନେଇ ଜୁନାଗଡ ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ବିବରଣୀରୁ ପ୍ରକାଶ ଯେ,୨୦୨୦ ମସିହାରେ ଜୁନାଗଡ ଥାନା ଅନ୍ତର୍ଗତ କରଚଲା ଗ୍ରାମର ପାର୍ଥିବ ଶଗଡିଆ ଓ ବିଭୂତି ଭୂଷଣ ଶଗଡିଆ ଗ୍ରାମରେ କାର୍ତ୍ତିକ ପୂର୍ଣିମା ମେଳା ଚାଲୁଥିବା ବେଳେ ଘୁଡୁଘୁଡି ନାମକ ଏକ ପ୍ରକାର ଜୁଆ ଖେଳ ପରିଚାଳନା କରୁଥିଲେ କ୍ଷ ଛୁଟିରେ ଆସିଥିବା ସୀମା ସୁରକ୍ଷା ବାହିନୀ ରେ କାର୍ଯ୍ୟରତ ସୈନିକ ତଥା ସେହି ଗ୍ରାମର ଯୁବକ କୁମୁଦ ନିଆଲ ଏହାକୁ ବିରୋଧ କରିଥିଲେ । ଏନେଇ ଉଭୟଙ୍କ ମଧରେ ସମାନ୍ୟ ବଚସା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଜୁଆଖେଳ ପରିଚାଳନା କରୁଥିବା ଦୁଇ ଅଭିଯୁକ୍ତ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଆକ୍ରମଣକାରୀଙ୍କ ଘର ନିକଟରେ ଥିବା ଯୋଗୁଁ ତାଙ୍କ ପରିବାରର ଅନ୍ୟ ତିନି ଜଣ ସଦସ୍ୟ ଧାଇଁ ଆସି ଠେଙ୍ଗା ଓ ଛୁରୀ ସାହାଯ୍ୟରେ ମିଳିତ ଆକ୍ରମଣ କରିଥିଲେ ଯଦ୍ୱାରା ପୀଡିତ କୁମୁଦ ନିଆଲ ଙ୍କ ମୁଣ୍ଡରେ ଗଭୀର ଆଘାତ ଯୋଗୁଁ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ସେଠାରେ ଠିଆ ହୋଇଥିବା ପୀଡିତଙ୍କ ଭାଇ ନରହରି ନିଆଲ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ ଆକ୍ରମଣ ର ଶିକାର ହୋଇଥିଲେ । ପୀଡ଼ିତଙ୍କୁ ଚିକିତ୍ସା ପଇଁ ତୁରନ୍ତ ଜୁନାଗଡ ଡାକ୍ତରଖନା କୁ ନିଆଯାଇଥିଲା । ଏନେଇ ନରହରି ନିଆଲ ୨୯.୧୧.୨୦୨୦ ତାରିଖରେ ଜୁନାଗଡ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ।

### ଆଇଏମ୍‌ଡିର ପୂର୍ବାନୁମାନ

# ଆକାଶରୁ ବର୍ଷିବ ନିଆଁ



**୩୭ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ**

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୨(ବ୍ୟୁରୋ) : ଚଳିତବର୍ଷ ରେକର୍ଡ ଭାଙ୍ଗିବ ତାତି। ଗରମରେ ଡହଳବିକଳ ହେବେ ଲୋକେ । ଚଳିତବର୍ଷ ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ସତର୍କ କରାଇ ଦେଇଛି ଭାରତୀୟ ପାଣିପାଗ ବିଭାଗ। ବିଭାଗ ପକ୍ଷରୁ କୁହାଯାଇଛି ଯେ ଏଥର ମାର୍ଚ୍ଚରୁ ମଇ ମାସ ପର୍ଯ୍ୟନ୍ତ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ । ବିଭାଗର ସୂଚନା ଅନୁଯାୟୀ ଗ୍ରୀଷ୍ମଋତୁରେ ପେନିନ୍‌ସୁଲାର ଇଣ୍ଡିଆର ଦକ୍ଷିଣ ଏବଂ ଉତ୍ତର-ପୂର୍ବ ଭାରତର କିଛି ଅଞ୍ଚଳକୁ ଛାଡ଼ିଦେଲେ ଦେଶର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତାପମାତ୍ରାଠାରୁ ଅଧିକ ରହିବାର ସମ୍ଭାବନା ରହିଛି। ମାର୍ଚ୍ଚରୁ ମଇ ପର୍ଯ୍ୟନ୍ତ ଭାରତର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବାର ସମ୍ଭାବନା ରହିଛି। ତେବେ ଉପଦ୍ୱୀପୀୟ ଭାରତର କିଛି ଦକ୍ଷିଣ ଅଂଶକୁ ଏଥିରୁ ବାଦ୍ ଦିଆଯାଇଛି। ଏଠାରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ରହିବାର ସମ୍ଭାବନା ରହିଛି। ଏହାସହିତ ଉତ୍ତର-ପଶ୍ଚିମ ଭାରତ ଏବଂ ଦକ୍ଷିଣ ଉପଦ୍ୱୀପର କିଛି ସ୍ଥାନ ବ୍ୟତୀତ ଦେଶର ଅଧିକାଂଶ ସ୍ଥାନରେ ମାସର ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ମାର୍ଚ୍ଚରୁ ମଇ ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ଋତୁରେ ଦେଶର ଅଧିକାଂଶ ସ୍ଥାନରେ ଅଧିକ ଗ୍ରୀଷ୍ମପ୍ରବାହ ଦେଖିବାକୁ ମିଳିବ। ସୂଚନାଯୋଗ୍ୟ ଯେ ଭୂ-ବିଜ୍ଞାନ ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତୀୟ ପାଣିପାଗ ବିଭାଗ ୨୦୧୬ରୁ ଶୀତ ଏବଂ ଗ୍ରୀଷ୍ମଋତୁ ପାଇଁ ଋତୁକାଳୀନ ପାଣିପାଗ ପୂର୍ବାନୁମାନ ଦେଇ ଆସୁଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରପକ୍ଷରୁ ସୂଚନା ଦିଆଯାଇ କୁହାଯାଇଛି ଯେ ଶୁକ୍ରବାର ୩୭ ଡିଗ୍ରୀ ପାରଦ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହରଭାବେ ବିବେଚିତ ହୋଇଛି। ସେହିପରି ସମ୍ବଲପୁରର ତାପମାତ୍ରା ୩୬.୪ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ହୀରାକୁଦର ତାପମାତ୍ରା ୩୫.୬ ଓ ଭୁବନେଶ୍ୱରର ତାପମାତ୍ରା ୩୪ ଡିଗ୍ରୀ ରେକର୍ଡ କରାଯାଇଥିବା ସୂଚନା ଦିଆଯାଇଛି।

## ପୁରୀ-ସଦର ଗୋପ ଓ ନିମାପଡ଼ା ବ୍ଲକରେ ମେଗା ପାଇପ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ

ପୁରୀ (ଭାସ୍କର ନ୍ୟୁଜ) : ଓଡ଼ିଶାର ସମସ୍ତ ଅଞ୍ଚଳକୁ ସ୍ୱଚ୍ଛ ନିରାପଦ ପାନୀୟଜଳ ଯୋଗଣର ପ୍ରତିବଦ୍ଧତାକୁ ଆଗକୁ ବଢାଇ ଶୁକ୍ରବାର ପୁରୀ ଜିଲ୍ଲା ପୁରୀ-ସଦର, ଗୋପ ଓ ନିମାପଡ଼ା ବ୍ଲକରେ ବିଭିନ୍ନ ମେଗା ପାଇପ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ମାନ୍ୟବର ପଞ୍ଚାୟତି ରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକଙ୍କ କରକମଳରେ ତିନୋଟି ବ୍ଲକର ୨୮ ଗ୍ରାମ ପଞ୍ଚାୟତ ଅଧିନସ୍ଥ ୧୫୭ଗୋଟି ଗ୍ରାମ ପାଇଁ ମେଗା ପାଇପ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ଅନୁଷ୍ଠିତ ହୋଇଥିଲା । ସମୁଦାୟ ୨୧୩.୯୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁଥିବା ଏହି ମେଗା ପାଇପ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକରେ ଭାର୍ଗବୀ ନଦୀକୁ ଜଳସ୍ରୋତରୂପେ ଗ୍ରହଣ କରାଯାଇଛି । ଏହି ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକ୍ଷମ ହେବାପରେ ପୁରୀ-ସଦର ବ୍ଲକର ୧୨ ଗୋଟି ପଞ୍ଚାୟତର ୬୭ଟି ଗ୍ରାମ, ଗୋପ ବ୍ଲକର ୧୪ ଗୋଟି ପଞ୍ଚାୟତର ୮୪ଟି ଗ୍ରାମ ଓ ନିମାପଡ଼ା ବ୍ଲକର ଦୁଇଟି ପଞ୍ଚାୟତର ଛଅଟି ଗ୍ରାମର ଅଧିବାସୀ ସ୍ୱଚ୍ଛ ନିରାପଦ ପାନୀୟଜଳ ପାଇ ପାରିବେ । ଏହି ଶିଳାନ୍ୟାସ ଅବସରରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ମେଗା ପାଇପ ପାନୀୟ ଜଳ ପ୍ରକଳ୍ପକୁ ଉକ୍ତ ଅଞ୍ଚଳର ଲୋକଙ୍କ ଆଶା-ଆକାଂକ୍ଷାର ପ୍ରତୀକ ବୋଲି ଅଭିହିତ କରିଥିଲେ । ପଞ୍ଚାୟତି ରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ଏହି ମେଗା ପାଇପ ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧରେ ସମ୍ପନ୍ନ ହୋଇ ଲୋକଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତି ରାଜ ଓ ପାନୀୟଜଳ ସଚିବ ଏସ୍‌ଏନ୍ ଗିରୀଶ, ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ, ସର୍ବୋଚ୍ଚ ଯନ୍ତ୍ରୀ,ଆରଡବ୍ଲୁଏସଏସ୍, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ପୁରୀ ଜିଲ୍ଲା ପରିଷଦ ଜୋନ୍-୧୧ର ସଦସ୍ୟ, ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋପ ବ୍ଲକର ଉପାଧକ୍ଷ ତଥା ଅନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ରହିଥିଲେ ।

# ମୋଟରସାଇକେଲ ଦୁର୍ଘଟଣାରେ ଦୁଇ ଗୁରୁତର

କରଞ୍ଜିଆ (ଭାସ୍କର ନ୍ୟୁଜ):କରଞ୍ଜିଆ ଚଢେଇଭୋଳ ରାସ୍ତାର ସାନଦେଉଳୀ ନିକଟରେ ଥିବା ଏକ ପୋଲ ତଳକୁ ଏକ ବାଇକ୍ ଭାରସାମ୍ୟ ହରାଇ ଖସିପଡ଼ିବାରୁ ୨ ଜଣ ଯୁବକ ଗୁରୁତର ହେଇଛନ୍ତି। କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ରଘୁନାଥପୁର ଗାଁର ସୁକୁରା ନାଏକ(୨୧) ଓ ସୁନିଲ ନାଏକ (୨୨) ନିଜର ମଟରସାଇକେଲରେ ଯାଉଥିବା ବେଳେ ଅପରାହ୍ନ ପ୍ରାୟ ୪ ଘଟିକା ସମୟରେ ପୋଲ ତଳକୁ ଖସି ପଡିଥିଲେ। ରାସ୍ତାରେ ଯାଉଥିବା ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିବା ପରେ ଉଭୟଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ସେମାନଙ୍କ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।

**LOST**

I, Mamata Manjari Dixit, W/o- Ananda Nanda Dixit residing at - Randia, Po- Randiahat, Dist- Bhadrak, Odisha-756135, I do hereby declare that, I have lost my original sale deed vide RSD no- 1255 on dtd- 9/4/1986 in favour of Mamatarani Dixit of mouza- Jagannathpur, Ps- Bhadrak in somewhere. If anyone finds this document, kindly contact; Subash Ch Panda , Bhadrak , Mob- 9937605579 within 15 days from the date of publication.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାର୍ଚ୍ଚ ୮ରେ...

ରହିଛନ୍ତି, ସେମାନଙ୍କ ଆକାଉଣ୍ଟରେ ଏନପିସିଆଇ ଏବଂ କେୱାଇସି ସମସ୍ୟା ରହିଥିଲା। ସେମାନଙ୍କ ପାଖକୁ ଏହି ଟଙ୍କା ୮ ତାରିଖରେ ପ୍ରଦାନ କରାଯିବ। ଉପମୁଖ୍ୟମନ୍ତ୍ରୀଙ୍କ ଏହି ସୂଚନା ପରେ ସୁଭଦ୍ରା ପାଇଁ ଅପେକ୍ଷାରତ ଆବେଦନକାରୀଙ୍କ ମନରେ ଆଶାର ସଞ୍ଚାର ହୋଇଛି।

### ଜଗମୋହନ ମୀନା...

ଜୟପୁରର ଏସ୍‌ପି ଥିବା ଅଙ୍କିତ କୁମାର ବର୍ମାଙ୍କୁ ଭୁବନେଶ୍ୱର ୟୁପିଡିର ଅତିରିକ୍ତ ଡିସିପି ଭାବେ, ପ୍ରୋବେଶନରେ ଥିବା ଆଇପିଏସ୍ କାଶ୍ୟପ ପାଠ ଜଗଦୀଶୀଙ୍କୁ ଜୟପୁରର ଏସଡିପିଓ ଭାବେ, ନୂଆପଡ଼ା ଏସଡିପିଓ ଥିବା ଅମ୍ରିଲପାଲ ସିଂଙ୍କୁ ଖୋର୍ଦ୍ଧାର ଅତିରିକ୍ତ ଏସ୍‌ପି ଭାବେ, ପଦ୍ମପୁର ଏସପି ଭାବେ ଥିବା ଅମ୍ରିତ କୁମାର କାଉରଙ୍କୁ ଭୁବନେଶ୍ୱର ୟୁପିଡିର ଅତିରିକ୍ତ ଡିସିପି ଭାବେ ଏବଂ ବଣାଇର ଏସଡିପିଓ ଥିବା ସୋନାଲୀ ସିଂ ପାରମରଙ୍କୁ ଭୁବନେଶ୍ୱର ୟୁପିଡିର ଏସିପି ଭାବେ ବଦଳି କରାଯାଇଛି।

### ରାଷ୍ଟ୍ରୀୟ ମର୍ଯ୍ୟାଦା ସହ...

କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପୂର୍ବରୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଉତ୍ତମଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ତାଙ୍କ ବିୟୋଗରେ ମୁଁ ମର୍ମାହତ। ଅସଂଖ୍ୟ ଓଡ଼ିଆ ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇ ଅସଂଖ୍ୟ ଦର୍ଶକଙ୍କ ହୃଦୟ ଜୟ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ରର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି।

### ଯକ୍ଷ୍ମା ମୁକାବିଲାରେ...

ମାଧ୍ୟମିକ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ସହିତ ସରକାର ତୃତୀୟ ସ୍ତରର ସ୍ୱାସ୍ଥ୍ୟସେବାକୁ ମଧ୍ୟ ବହୁତ ପ୍ରୋତ୍ସାହନ ଦେଇଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ କେନ୍ଦ୍ର ସରକାର ଲୋକମାନଙ୍କ ପାଇଁ ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପରେ କରାଯାଇଥିବା କାର୍ଯ୍ୟ ସାମଗ୍ରିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟସେବାର ମୂଳଦୁଆକୁ ସୁଦୃଢ଼ କରିଛି ବୋଲି ସେ କହିଥିଲେ। ଶ୍ରୀ ନଡ୍ଡା କହିଥିଲେ ଯେ ଭାରତରେ ମାତୃ ମୃତ୍ୟୁ ହାର (ଏମଏମଆର) ହ୍ରାସ ବିଶ୍ୱର ହ୍ରାସ ତୁଳନାରେ ଦୁଇଗୁଣ, ଯାହା ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ଲାଗି ନିଆଯାଇଥିବା ପ୍ରୟାସ ଉପରେ ଆଲୋକପାତ କରେ। ନବଜାତ ଶିଶୁ ମୃତ୍ୟୁ ହାର (ଆଇଏମଆର) ଏବଂ ୫ ବର୍ଷରୁ କମ୍ ମୃତ୍ୟୁ ହାରରେ ମଧ ଉଲ୍ଲେଖନୀୟ ହ୍ରାସ ଘଟିଛି। 'ଆଇଏମଆର ଏବଂ ଏମ୍‌ଏମ୍‌ଆରରେ ଉଲ୍ଲେଖନୀୟ ଅଗ୍ରଗତି ପାଇଁ ସେ ଓଡ଼ିଶାକୁ ପ୍ରଶଂସା କରିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ଜାରି କରାଯାଇଥିବା ବିଶ୍ୱ ମ୍ୟାଲେରିଆ ରିପୋର୍ଟ ୨୦୨୪ ଭାରତରେ ମ୍ୟାଲେରିଆ ମାମଲାରେ ଉଲ୍ଲେଖନୀୟ ହ୍ରାସକୁ ସ୍ୱୀକାର କରିଛି। ସେହିଭଳି, ୨୦୧୫ରୁ ୨୦୨୩ ମଧ୍ୟରେ ଭାରତରେ ଯକ୍ଷ୍ମାର ପ୍ରକୋପ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଶ୍ୱ ଯକ୍ଷ୍ମା ରିପୋର୍ଟ ୨୦୨୪ ଅନୁଯାୟୀ ବିଶ୍ୱର ହାରାହାରି ହ୍ରାସ ୮.୩% ଠାରୁ ଦୁଇଗୁଣ ଅଧିକ। ସେ ଉଲ୍ଲେଖ କରିଥିଲେ ଯେ କୋଭିଡ-୧୯ ବ୍ୟାଘାତ ସତ୍ତ୍ୱେ ଭାରତ ଏହାର ଯକ୍ଷ୍ମା ଦୂରୀକରଣ ଲକ୍ଷ୍ୟକୁ ହ୍ରାସ କରିନାହିଁ। ୩୩ଟି ରାଜ୍ୟର ୪୫୫ଟି ଜିଲ୍ଲାରେ ଚାଲିଥିବା ୧୦୦ ଦିନିଆ ଯକ୍ଷ୍ମା ଦୂରୀକରଣ ଅଭିଯାନ ଉପରେ ସେ ଆଲୋକପାତ କରିଥିଲେ, ଯେଉଁଥିରେ ୫ ଲକ୍ଷ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇସାରିଛନ୍ତି। ଯେକୌଣସି ଅଭିଯାନର ସଫଳତା ପାଇଁ ଜନ ଭାଗିଦାରୀର ଗୁରୁତ୍ୱକୁ ସ୍ୱୀକାର କରି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସଫଳତା ପାଇଁ ଆଶା କର୍ମୀ, ଏସଏଚଓ ଏବଂ ଅନ୍ୟ ତୃଣମୂଳ ସ୍ତରର ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଶ୍ରେୟ ଦେଇଛନ୍ତି। ସେ କହିଛନ୍ତି ଯେ ଭାରତରେ ସ୍ୱାସ୍ଥ୍ୟସେବା ଆଧାରକୁ ଆହୁରି ସୁଦୃଢ଼ କରିବା ଲାଗି ପଂଚାୟତିରାଜ ସଂସ୍ଥାଗୁଡ଼ିକୁ ଅଧିକ ସଶକ୍ତ କରାଯିବା ଉଚିତ। ଅଣସଂକ୍ରାମକ ରୋଗର ବିପଦ ଉପରେ ଶ୍ରୀ ନଡ୍ଡା ଜୀବନଶୈଳୀରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଏନଏଚଏମର ତୀବ୍ର ସ୍ୱତନ୍ତ୍ର ଏନସିଡି ସ୍କ୍ରିନିଂ ଡ୍ରାଇଭ୍ ପାଇଁ ପ୍ରଶଂସା କରିଥିଲେ, ଯାହା ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ୩ ପ୍ରକାରର କର୍କଟ-ମୁଖ, ସ୍ତନ ଏବଂ ଗର୍ଭାଶୟ କର୍କଟର ମାଗଣାରେ ସ୍କ୍ରିନିଂ ପ୍ରଦାନ କରୁଛି। ନିକଟରେ ଲାନସେଟ୍ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ଉପରେ ମଧ ସେ ଆଲୋକପାତ କରିଥିଲେ, ଯେଉଁଥିରେ ଦର୍ଶାଯାଇଥିଲା ଯେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ପଞ୍ଜୀକୃତ ରୋଗୀଙ୍କ କ୍ଷେତ୍ରରେ ୩୦ ଦିନ ମଧ୍ୟରେ କର୍କଟ ନିଦାନ ସୁବିଧା ୯୦ ପ୍ରତିଶତ ବୃଦ୍ଧି ପାଇଛି, ଯାହାଦ୍ୱାରା ଚିକିତ୍ସାରେ ବିଳମ୍ବ ହ୍ରାସ ପାଇଛି ଏବଂ କର୍କଟ ରୋଗୀଙ୍କ ଆର୍ଥିକ ବୋଝ ହ୍ରାସ ପାଇଛି। ଶ୍ରୀ ନଡ୍ଡା ଉଲ୍ଲେଖ କରିଥିଲେ ଯେ ଆଗାମୀ ୩ ବର୍ଷ ମଧ୍ୟରେ ଦେଶର ପ୍ରତ୍ୟେକ ଜିଲ୍ଲାରେ ଡେ-କେୟାର କର୍କଟ କେନ୍ଦ୍ର ପ୍ରତିଷ୍ଠା କରାଯିବ ଏବଂ ଚଳିତ ବର୍ଷ ହିଁ ୨୦୦ଟି ଜିଲ୍ଲାକୁ ଏଥିରେ ସାମିଲ କରାଯିବ। ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ସେ ଟେଲି-ମେଡିସିନ୍ ଉପରେ ମଧ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶ୍ରେଷ୍ଠ ଅଭ୍ୟାସ ଉପରେ ନବମ ଜାତୀୟ ସମ୍ମିଳନୀ ଉପରେ ଏକ କଫି ଟେବୁଲ୍ ବୁକ୍, ୧୬ ତମ ସାଧାରଣ ସମୀକ୍ଷା ମିଶନ ରିପୋର୍ଟ, ଏନଏଚଏମର ଚାରୋଟି ଆଂଚଳିକ ସମ୍ମିଳନୀ ରିପୋର୍ଟ ଏବଂ ଅଣ-ସଂକ୍ରାମକ ରୋଗ ସମ୍ମିଳନୀ ରିପୋର୍ଟ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସୁସ୍ଥ ଭାରତର ସ୍ୱପ୍ନରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସେ କହିଥିଲେ ଯେ ''ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା'' ଲକ୍ଷ୍ୟକୁ ସାକାର କରିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ କାମ କରିବ ଏବଂ ମିଳିତ ଜାତିସଂଘର ସମସ୍ତ ଏସଡିଜି ଲକ୍ଷ୍ୟ ହାସଲ ଉପରେ ଧ୍ୟାନ ଦେବ। ଶ୍ରୀ ମାଝୀ କହିଥିଲେ ଯେ ଓଡ଼ିଶାର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସହିତ ମିଶ୍ରଣ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, କାରଣ ଓଡ଼ିଶାର ଲୋକମାନେ ଏବେ ସାରା ଦେଶର ୨୯,୦୦୦ରୁ ଅଧିକ ଘରୋଇ ଡାକ୍ତରଖାନାକୁ ଯାଇପାରିବେ, ଯାହାଦ୍ୱାରା ରାଜ୍ୟର ୪.୫ କୋଟିରୁ ଅଧିକ ଲୋକ, ବିଶେଷ କରି ପ୍ରବାସୀ ଶ୍ରମିକମାନେ ଉପକୃତ ହୋଇପାରିବେ। ସେ ସୂଚନା ଦେଇଥିଲେ ଯେ ଜାତୀୟ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ପ୍ରତିଷ୍ଠାନ, ଜାତୀୟ ଫାର୍ମାସ୍ୟୁଟିକାଲ୍ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ ଏବଂ ଜାତୀୟ ବକ୍ତବ୍ୟ ଓ ଶ୍ରବଣ ପ୍ରତିଷ୍ଠାନ ସମେତ ରାଜ୍ୟରେ ଅନେକ ଜାତୀୟ ଅନୁଷ୍ଠାନ ପ୍ରତିଷ୍ଠା କରାଯାଉଛି। ସେ ଏହା ମଧ କହିଥିଲେ ଯେ ଓଡ଼ିଶାରେ ଏକ ନୂତନ ସରକାରୀ ନର୍ସିଂ କଲେଜ ଏବଂ ଚାରୋଟି ଦନ୍ତ ମହାବିଦ୍ୟାଳୟ ଖୋଲାଯିବ। ଡକ୍ଟର ମୁକେଶ ମହାଲିଙ୍ଗ ଆଲୋକପାତ କରି କହିଥିଲେ ଯେ ସଂସ୍ଥାଗତ ପ୍ରସବ କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି, ଯାହା ଆଜି ୯୨ ପ୍ରତିଶତରୁ ଅଧିକକୁ ବୃଦ୍ଧି ପାଇଛି। ସେ କହିଥିଲେ ଯେ ଏମଏମଆର ଏବଂ ଆଇଏମଆର ମାମଲା ଦ୍ରୁତ ଗତିରେ ହ୍ରାସ ପାଇଛି। ଓଡ଼ିଶାର ଜିଲ୍ଲା ଡାକ୍ତରଖାନାଗୁଡ଼ିକରେ କର୍କଟ ଚିକିତ୍ସା ଏବଂ କେମୋଥେରାପି ପ୍ରଦାନ କରାଯାଇଛି। ସେ ଆହୁରି ମଧ କହିଛନ୍ତି ଯେ ଓଡ଼ିଶାର ସମସ୍ତ ଜିଲ୍ଲାରେ ଡାକ୍ତରଖାନା ସୁନିଶ୍ଚିତ କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ମନ୍ତ୍ରଣାଳୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ ଉଲ୍ଲେଖ କରିଥିଲେ ଯେ ଏନଏଚଏମ ଜାତୀୟ ସମ୍ମିଳନୀ ନ୍ୟାୟସଙ୍ଗତ, ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ବିକଶିତ ହୋଇଛି। ସେ ଉଲ୍ଲେଖ କରିଥିଲେ ଯେ ରାଜ୍ୟଗୁଡ଼ିକ ପୂର୍ବରୁ ଆୟୋଜିତ ସାଧାରଣ ସମୀକ୍ଷା ମିଶନରୁ ସର୍ବୋତ୍ତମ ଅଭ୍ୟାସ ଏବଂ ଶିକ୍ଷା ବାଣ୍ଟିବାରେ ସକ୍ଷମ ହେବେ ଯାହା ସେମାନଙ୍କୁ ଜନ ଭାଗିଦାରୀର ସମ୍ପ୍ରସାରଣ, ସମ୍ବଳକୁ ଅନୁକୂଳ କରିବା ଏବଂ ଆହ୍ୱାନର ମୁକାବିଲା କରିବାରେ ସାହାଯ୍ୟ କରିବ। ଗୁଣବତ୍ତା ବୃଦ୍ଧି ଉପରେ ଧ୍ୟାନ ଦେବା ଏବଂ ଅଧିକ ପ୍ରଭାବଶାଳୀ ସେବା ପ୍ରଦାନ ପାଇଁ ଅଧିକ ସମ୍ବଳର ଆବଶ୍ୟକତା ଥିବା କ୍ଷେତ୍ରଗୁଡ଼ିକର ଆକଳନ କରିବା ଲାଗି ସେ ରାଜ୍ୟଗୁଡ଼ିକୁ ଅନୁରୋଧ କରିଥିଲେ। ପୁରୀରେ ଅନୁଷ୍ଠିତ ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅଧିକାରୀ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଛନ୍ତି ।

**ଭାରତୀୟ ଇସ୍ପାତ ପ୍ରାଧିକରଣ ସଂସ୍ଥା**
ରାଉରକେଲା ଇସ୍ପାତ କାରଖାନା
ରାଉରକେଲା-୭୬୯୦୧୧, ଓଡିଶା, ଭାରତ
Great Place To Work Certified

**ସୂଚନା**

**ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପୂର୍ବତନ କର୍ମଚାରୀଙ୍କ ସୂଚନାର୍ଥେ :**

ଆରଏସପିର ପୂର୍ବତନ କର୍ମଚାରୀ ଯେଉଁମାନେ ସେମାନଙ୍କର ସେଲ ପେନସନ୍ ରିଫଣ୍ଡ / ଆନୁଇଟି ପାଇଁ ଦାବି କରିନାହାଁନ୍ତି, ସେମାନେ ଦୟାକରି ସମ୍ପର୍କ ପୋର୍ଟାଲ (https://sampark.sailrsp.co.in) ରେ ପ୍ରଦର୍ଶିତ ତାଲିକାରେ ସେମାନଙ୍କର ନାମ ଯାଞ୍ଚ କରିପାରିବେ। ଯଦି ସେମାନଙ୍କ ନାମ ତାଲିକାରେ ସ୍ଥାନ ପାଇଥାଏ, ମାମଲା ମୁତାବକ ପୂର୍ବତନ କର୍ମଚାରୀ /ସ୍ୱୀକୃତ ପ୍ରତିନିଧିଙ୍କୁ ସେମାନଙ୍କର ପ୍ରାପ୍ୟ ହାସଲ ଆବେଦନ ପାଇଁ ସେଲ ପେନ୍‌ସନ ପୋର୍ଟାଲ: (https://webapp.sailcorp.in/pension/pensiondomain.aspx) ରେ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ସେମାନେ କାର୍ଯ୍ୟାଳୟ ସମୟରେ ଯେକୌଣସି ସହାୟତା ପାଇଁ ୦୬୬୧-୨୪୪୮୫୦୬ ନମ୍ବରରେ ଆରଏସପିର ଇଆର ଆଣ୍ଡ ସି ବିଭାଗ ସହିତ ଯୋଗାଯୋଗ କରିପାରିବେ।

ପୂର୍ବରୁ ଉପରୋକ୍ତ ଆବେଦନ କରିଥିବା / ଦାବୀ କରିସାରିଥିବା ପୂର୍ବତନ କର୍ମଚାରୀଙ୍କ ପାଇଁ ଏହି ସୂଚନା ପ୍ରଯୁଜ୍ୟ ନୁହେଁ।

ପଞ୍ଜୀକୃତ କାର୍ଯ୍ୟାଳୟ: ଇସ୍ପାତ ଭବନ, ଲୋଦି ରୋଡ, ନୂଆ ଦିଲ୍ଲୀ-110 003
Corporate Identity Number : L27109DL1973GOI006454, Website: www.sail.co.in
ପ୍ରତ୍ୟେକଙ୍କ ଜୀବନ ସହ ଯୋଡି ହୋଇ ରହିଛି ସେଲ

**ଚୁକ୍ତିଭିତ୍ତିକ ଭିତ୍ତିରେ ଖାଲି ପଦବୀ ବିରୁଦ୍ଧରେ ରେଳବାଇରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି**

**ଦକ୍ଷିଣ ପୂର୍ବ ରେଳପଥ/ ସିଓଏନ୍.ଓଆରଜିଏନ୍/ ମୁଖ୍ୟ କାର୍ଯ୍ୟାଳୟ/ ପୁନଃନିଯୁକ୍ତି/୦୧/୨୦୨୫ ତାରିଖ: ୨୬.୦୨.୨୦୨୫**

ଦକ୍ଷିଣ ପୂର୍ବ ରେଳପଥ, ଭାରତ ସରକାର, ନିର୍ମାଣ ସଂଗଠନ, ରେଳ ମନ୍ତ୍ରଣାଳୟ ଦକ୍ଷିଣ ପୂର୍ବ ରେଳପଥରେ ଯେକୌଣସି ସ୍ଥାନରେ (ଗାର୍ଡେନ୍ ରିଚ୍, ରାଞ୍ଚି, ଝାରସୁଗୁଡା, ରାଉରକେଲା, ଆଦ୍ରା, ଖଡ଼ଗପୁର, ବାଲେଶ୍ୱର, ଟାଟାନଗର) ଚୁକ୍ତିଭିତ୍ତିକ ଭିତ୍ତିରେ ଖାଲି ପଦବୀ ବିରୁଦ୍ଧରେ ରେଳବାଇରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଦକ୍ଷିଣ ପୂର୍ବ ରେଳବାଇ/ନିର୍ମାଣ ସଂଗଠନରେ ପୁନଃନିଯୁକ୍ତି ପାଇଁ ନିର୍ମାଣ ସଂଗଠନ ଅଧୀନରେ ଆବେଦନ ଆମନ୍ତ୍ରଣ କରୁଛି। ନିୟମ ଏବଂ ସର୍ତ୍ତାବଳୀ ଏବଂ ଯୋଗ୍ୟତା ଇତ୍ୟାଦି ସହିତ ଆବେଦନର ପ୍ରୋଫର୍ମା ସହିତ ଖାଲି ପଦବୀ ଦକ୍ଷିଣ ପୂର୍ବ ରେଳବାଇର ୱେବସାଇଟରେ ଉପଲବ୍ଧ (www.ser.indianrailways.gov.in - ଖବର ଏବଂ ଅପଡେଟ୍)। ଆବେଦନଗୁଡ଼ିକ ମୁଖ୍ୟ ଯନ୍ତ୍ରୀ/ସିଓଏନ୍.-II/ଜିଆରସି, ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ କାର୍ଯ୍ୟାଳୟ, ଦକ୍ଷିଣ ପୂର୍ବ ରେଳପଥ, ୧୧, ଗାର୍ଡେନ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିକଟକୁ ପଠାଯିବ। ଆବେଦନକାରୀଙ୍କ ଆବେଦନ ଗ୍ରହଣ ସମ୍ପୂର୍ଣ୍ଣ ଭାବରେ ପ୍ରଶାସନିକ ଆବଶ୍ୟକତା ଏବଂ ପ୍ରଶାସନର ବିବେଚନା ଉପରେ ଆଧାରିତ ହେବ। ଆବେଦନ ଗ୍ରହଣର ଶେଷ ତାରିଖ ହେଉଛି ୨୮.୦୩.୨୦୨୫। ଏହା ବ୍ୟତୀତ ବାତିଲକରଣର ଶୁଦ୍ଧିପତ୍ର କିମ୍ବା ପରିଶିଷ୍ଟ, ଯଦି କୌଣସି ଥାଏ, କେବଳ ଉପରୋକ୍ତ ୱେବସାଇଟରେ ପ୍ରକାଶିତ ହେବ। ଦୟାକରି ସମୟ ସମୟରେ ଆମର ୱେବସାଇଟ୍ ଅନୁସରଣ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ/ସିଓଏନ୍./ଦକ୍ଷିଣ ପୂର୍ବ ରେଳପଥ

(PR-1192)

ଦକ୍ଷିଣ ପୂର୍ବ ରେଳପଥ
ଆମେ ଖୁସିର ସହିତ ସେବା ଯୋଗାଉ

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR**
(District Program Management Unit, NHM Jajpur)
E-791

No :799 Dtd : 25.02.2025

**TENDER CALL NOTICE**

Sealed tenders are invited by the Zilla Swasthya Samiti, Jajpur from agency/parties to provide 1. Security service 2. Mechanized Laundry service with supply of bed sheets at Govt. Health Institution of Jajpur.
The detail regarding bidding format, terms and conditions may be downloaded from District website i.e. www.jajpur.nic.in. The tender should reach the office of the undersigned by 18.03.2025 (till 05.00 P.M). The date of opening of technical proposal is 19.03.2025 at 11.30 A.M. The under signed reserves all rights to cancel any or all the tender at any stage of selection/ finalization process without assigning any reason thereof. Any typographical error may be exempted.

OIPR 10249/11/0004/2425 Sd/-Chief District Medical and Public Health Officer, Jajpur

**GOVERNMENT OF ODISHA**
**OFFICE OF THE PANCHAYAT SAMITI KAKATPUR, PURI.**
Email- ori-kakatpur@nic.in
i-524

Letter No. - 759 /Dev Dated –27.02.2025

**NOTICE INVITING TENDERS FOR THE WORK**

**NATIONAL COMPETITIVE BIDDING THROUGH e-Procurement**

**Identification No.: - 06/2024-25/KAKATPUR BLOCK**

The **OFFICE OF THE PANCHAYAT SAMITI KAKATPUR, Puri, Odisha** on behalf of Governor of Odisha invites **Percentage Rate Bids** through **e-Procurement** in conformity with the terms and conditions of the Detailed Tender Call Notice (DTCN) in **Single Bid** system from Class of Contractors as mentioned in Col.6 of table registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil Works requirements given in the DTCN on **Percentage Rate Bids** to be eventually drawn up in the standard **P1 Contract Form**. The bid should be submitted on-line in the website www.tendersodisha.gov.in by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement.

OIPR 19392/11/0003/2425

e-mail: eephbhpt@gmail.com

**GOVERNMENT OF ODISHA**
OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist: Kalahandi, PIN -766002
C-1744

**NATIONAL COMPETITIVE BIDDING THROUGH e-Procurement**
**Identification No.SEPH-BHPT– 54 of 2024-25 Dt. 24.02.2025**
e-Procurement Notice

| | | | |
|---|---|---|---|
| 01. | Name of the Work | : | 1 no Work. |
| 02. | Type of Bid. | : | Double Bid System |
| 03. | Estimated Cost | : | Rs. 65.23 Lakhs |
| 04. | Period of Completion | : | 06 Calendar Months |
| 05. | Date & Time of availability of bid document in the portal | : | From 11.00 AM of dt.03.03.2025 to 5.00 PM of 18.03.2025 |
| 06. | Last date / time of receipt of bids in the portal | : | 5.00 PM of 18.03.2025 |
| 07. | Date & Time of opening of technical bids | : | At 11.30 AM of 19.03.2025 |
| 08. | Name and Address of the Officer Inviting Bid | : | Superintending Engineer, P.H. Division, Bhawanipatna , Railway Station Road, At/Po- Parmanandpur, 766002 Dist- Kalahandi. |

Further details can be seen from the web site http://tenders.ori.nic.in or www.tendersorissa.gov.in

Superintending Engineer,
P.H. Division, Bhawanipatna

OIPR 13059/11/0023/2425

ଓଡ଼ିଶା ଭାସ୍କର
ODISHA BHASKAR



# ଜାତୀୟ,ଅନ୍ତର୍ଜାତୀୟ ଓ ବାଣିଜ୍ୟ



ନୂଆଦିଲ୍ଲୀ : ଏୟାର ଚିଫ୍ ମାର୍ଶାଲ ଏପି ସିଂହ ଶୁକ୍ରବାର କହିଛନ୍ତି ଯେ ପୁରୁଣା ବିମାନବଦଳରେ ଭାରତକୁ ପ୍ରତିବର୍ଷ ଅତି କମରେ ୪୦ରୁ ୫୦ଟି ଲଢୁଆ ବିମାନ ଉତ୍ପାଦନ କିମ୍ବା ଖରିଦ କରିବାକୁ ପଡ଼ିବ। ଏହି ଲକ୍ଷ୍ୟ ହାସଲ କରିବା ଅସମ୍ଭବ ନୁହେଁ ବୋଲି ସେ ଉଲ୍ଲେଖ କରିଛନ୍ତି। ଚାଣକ୍ୟ ଡାଇଲଗ୍ସ ୟୁଟ୍ୟୁବ୍ ଚ୍ୟାନେଲର ସମ୍ମିଳନୀରେ ଯୋଗ ଦେଇ ଏୟାର ଚିଫ୍ ମାର୍ଶାଲ କହିଛନ୍ତି ଯେ ସେ ସମ୍ପୂର୍ଣ୍ଣ ବିଶ୍ୱାସ କରନ୍ତି ଯେ ଯଦି ସ୍ୱଦେଶୀ ବ୍ୟବସ୍ଥା ସାମାନ୍ୟ କମ୍ ପ୍ରଦର୍ଶନ ଦିଏ, ଯଦି ବିଶ୍ୱ ବଜାରରେ ଯାହା ଉପଲବ୍ଧ ତାହାର ୯୦ କିମ୍ବା ୮୫ ପ୍ରତିଶତ ହୁଏ, ତେବେ ଆମେ ସ୍ୱଦେଶୀ ବ୍ୟବସ୍ଥାକୁ ବାଛିବୁ କାରଣ ଏହା ହିଁ ଏକମାତ୍ର ଉପାୟ ଯାହା ଦ୍ୱାରା ଆମେ ଆମର କ୍ଷମତା ହାସଲ କରିବା ପାଇଁ ସର୍ବଦା ବାହାରକୁ ଚାହିଁବାକୁ ଏଡ଼ାଇ ପାରିବା। ରାତାରାତି ସ୍ୱଦେଶୀ ବ୍ୟବସ୍ଥାର ବିକାଶ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି। ଏଥିପାଇଁ ସମୟ ଲାଗିବ ଏବଂ ଏଥିପାଇଁ ସମର୍ଥନର ଆବଶ୍ୟକତା ପଡ଼ିବ।

## ଆଇନ ଶୃଙ୍ଖଳା ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସହ ଉଚ୍ଚସ୍ତରୀୟ ବୈଠକ କଲେ ଅମିତ ଶାହ



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଦିଲ୍ଲୀର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନୂଆଦିଲ୍ଲୀ ଠାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଦିଲ୍ଲୀ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରୀ ଆଶିଷ ସୁଦ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ଗୁଇନ୍ଦା ବ୍ୟୁରୋର ନିର୍ଦ୍ଦେଶକ, ଦିଲ୍ଲୀର ମୁଖ୍ୟ ସଚିବ, ଦିଲ୍ଲୀ ପୋଲିସ କମିଶନର ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଦିଲ୍ଲୀ ସରକାର ଏବଂ ଦିଲ୍ଲୀ ପୋଲିସର ଅନେକ ବରିଷ୍ଠ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ। ଏହି ସମୀକ୍ଷା ବୈଠକରେ ମହିଳା, ଶିଶୁ ଏବଂ ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ସୁଦୃଢ଼ କରିବା ତଥା ଜାତୀୟ ରାଜଧାନୀରେ ଆଇନ ଶୃଙ୍ଖଳାର ଉନ୍ନତି ତଥା ଅପରାଧ ନିୟନ୍ତ୍ରଣ ପାଇଁ ଅନେକ ପଦକ୍ଷେପ ଏବଂ ପରାମର୍ଶ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଦିଲ୍ଲୀ ପୋଲିସର କାର୍ଯ୍ୟଦକ୍ଷତାକୁ ସମୀକ୍ଷା କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଦିଲ୍ଲୀରେ ଆଇନ ଶୃଙ୍ଖଳା ବଜାୟ ରଖିବା ଦିଗରେ ଦିଲ୍ଲୀ ପୋଲିସ ଭଲ କାର୍ଯ୍ୟ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଶା ଅନୁଯାୟୀ ଦିଲ୍ଲୀର ଡବଲ୍ ଇଞ୍ଜିନ୍ ସରକାର ଏକ ବିକଶିତ ଏବଂ ସୁରକ୍ଷିତ ଦିଲ୍ଲୀ ପାଇଁ ଦ୍ୱିଗୁଣିତ ଗତିରେ କାର୍ଯ୍ୟ କରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ ନିଶାଦ୍ରବ୍ୟ ମାମଲାର ମୁକାବିଲା କରିବା ଏବଂ ଏହାର ସମ୍ପୂର୍ଣ୍ଣ ନେଟୱାର୍କକୁ ଭାଙ୍ଗିବା ପାଇଁ 'ଉପରରୁ ତଳ' ଏବଂ 'ତଳରୁ ଉପର' ଆଭିମୁଖ୍ୟ ସହିତ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଦିଲ୍ଲୀରେ ନିର୍ମାଣ ସମ୍ବନ୍ଧୀୟ ମାମଲାରେ ଦିଲ୍ଲୀ ପୋଲିସର ଅନୁମତି ଆବଶ୍ୟକ ହେବ ନାହିଁ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି। ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ଜେଜେ କ୍ଲଷ୍ଟରରେ ପରୀକ୍ଷାମୂଳକ ଭାବେ ୨୫ଟି ସୁରକ୍ଷା କମିଟି ଗଠନ କରାଯିବା ଉଚିତ ଏବଂ ସେଗୁଡ଼ିକର ଫଳାଫଳ ଏବଂ ପ୍ରଭାବକୁ ଦେଖିବା ପରେ ଏହି ପଦକ୍ଷେପକୁ ଆଗକୁ ନିଆଯାଇପାରିବ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଦିଲ୍ଲୀ ସରକାରଙ୍କୁ ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ ଏକ 'ମୌସୁମୀ କାର୍ଯ୍ୟ ଯୋଜନା' ପ୍ରସ୍ତୁତ କରିବାକୁ କହିଥିଛନ୍ତି, ବିଶେଷକରି ଯେଉଁ ଅଞ୍ଚଳ ଜଳମଗ୍ନ ହୋଇଥାଏ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ କହିଛନ୍ତି ଯେ ଦିଲ୍ଲୀର ମଣ୍ଡୋଲି ଏବଂ ତିହାର ଜେଲକୁ ମଡେଲ ଜେଲରେ ପରିଣତ କରିବା ପାଇଁ ପ୍ରୟାସ କରାଯିବା ଉଚିତ। ଅତିରିକ୍ତ ପଦବୀ ପାଇଁ ଶୀଘ୍ର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ସେ ଦିଲ୍ଲୀ ପୋଲିସକୁ କହିଛନ୍ତି। ସେ କହିଛନ୍ତି ଯେ ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାର ଶୀଘ୍ର ସମାଧାନ ପାଇଁ ଦିଲ୍ଲୀ ସରକାର ସ୍ୱତନ୍ତ୍ର ଓକିଲ ନିଯୁକ୍ତ କରିବା ଉଚିତ ଯାହା ଦ୍ୱାରା ଏହି ମାମଲାଗୁଡ଼ିକର ଶୀଘ୍ର ସମାଧାନ ହୋଇପାରିବ। ଶ୍ରୀ ଅମିତ ଶାହ କହିଥିଲେ ଯେ ଦିଲ୍ଲୀ ପୋଲିସ ଏବଂ ଦିଲ୍ଲୀ ସରକାରଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ଦ୍ୱାରା ହିଁ ଦେଶର ରାଜଧାନୀକୁ ଏକ ଆଦର୍ଶ ରାଜଧାନୀରେ ପରିଣତ କରାଯାଇ ପାରିବ। ଟ୍ରାଫିକ ପରିଚାଳନା, ଆଇନ ପ୍ରବର୍ତ୍ତନ ବ୍ୟବସ୍ଥାର ଭିତ୍ତିଭୂମିକୁ ସୁଦୃଢ଼ କରିବା, ମହିଳା ଓ ଶିଶୁ ସଶକ୍ତିକରଣ, ଲୋକଙ୍କ ସହ ଜଡିତ ବିଭାଗଗୁଡ଼ିକ ମଧ୍ୟରେ ପାରସ୍ପରିକ ସହଯୋଗ, ଦୁର୍ନୀତିକୁ ହ୍ରାସ, ଗୋଷ୍ଠୀ ପୁଲିସ ବ୍ୟବସ୍ଥା, ସି. ସି. ଟି. ଭି. କ୍ୟାମେରାର ରକ୍ଷଣାବେକ୍ଷଣ ଏବଂ ଏକୀକରଣ ଆଦି କ୍ଷେତ୍ରରେ ମିଳିତ ପ୍ରୟାସ ଦିଗରେ କାର୍ଯ୍ୟ କରିବା ଲାଗି ସେ ପରାମର୍ଶ ଦେଇଥିଲେ।

## ସବୁ ନଗରପାଳିକାର କାର୍ଯ୍ୟ ସମୀକ୍ଷା କଲେ ଛତିଶଗଡ ଉପମୁଖ୍ୟମନ୍ତ୍ରୀ

ରାୟପୁର: ଛତିଶଗଡ ଉପମୁଖ୍ୟମନ୍ତ୍ରୀ ତଥା ନଗର ପ୍ରଶାସନ ଏବଂ ବିକାଶ ମନ୍ତ୍ରୀ ଅରୁଣ ସାଏ ଶୁକ୍ରବାର ରାଜ୍ୟର ସମସ୍ତ ନଗରପାଳିକାର ବରିଷ୍ଠ ଅଧିକାରୀମାନଙ୍କ ସହ ମିଳିତ ହୋଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଛତିଶଗଡ ବିଧାନସଭା ପରିସରରେ ଥିବା ସମିତି କକ୍ଷରେ ସବୁ ନଗର ନିଗମର କମିଶନର, ନଗରପାଳିକା ଏବଂ ପଞ୍ଚାୟତର ମୁଖ୍ୟ ଏବଂ ଅଧିକାରୀମାନେ ଭର୍ଚୁଆଲ ଯୋଗେ ସାମିଲ ହୋଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ନଗର ପ୍ରଶାସନ ବିଭାଗର ସଚିବ ବସବ ରାଜୁ ଏସ୍ ଏବଂ ସଞ୍ଚାଳକ ଆର୍ ଏକ୍କା ଉପସ୍ଥିତ ରହିଥିଲେ। ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ, ରାଜ୍ୟରେ ସ୍ୱଚ୍ଛ ସର୍ଭେକ୍ଷଣ ଯେପରି ସବୁଠାରୁ ବଡ ର୍ୟାଙ୍କ ହାସଲ କରିବ ସେଥିନେଇ ସମସ୍ତେ ସମ୍ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଆଗାମୀ ମାର୍ଚ୍ଚ ପ୍ରଥମ ସପ୍ତାହରେ ଦିଲ୍ଲୀ ପକ୍ଷରୁ ସ୍ୱଚ୍ଛ ସର୍ଭେକ୍ଷଣ ପ୍ରମାଣିକରଣ କାର୍ଯ୍ୟର ଆରମ୍ଭ କରାଯିବ। ଏହି ବୈଠକରେ ସ୍ୱଚ୍ଛ ସର୍ଭେକ୍ଷଣର ପ୍ରମୁଖ ୧୦ଟି ମାନଦଣ୍ଡ. ୫୪ଟି ପ୍ରମୁଖ ସଂକେତ ଏବଂ ୧୬୬ଟି ସହ ସଂକେତକୁ



ନେଇ ଏହା କରାଯାଇଥାଏ। ତେଣୁ ରାଜ୍ୟ ଯେପରି ସ୍ୱଚ୍ଛ ସର୍ଭେକ୍ଷଣରେ ଉତ୍ତମ ର୍ୟାଙ୍କ ପାଇବ ସେ ନେଇ ସମସ୍ତେ ପ୍ରସ୍ତୁତ ହେବାକୁ ଶ୍ରୀ ସାଏ କହିଥିଲେ। ସେହିପରି ଯେଉଁମାନଙ୍କ ଉପରେ ଦୀର୍ଘଦିନ ଧରି ବିଜୁଳି ବିଲ୍ ବକେୟା ରହିଛି ସେମାନଙ୍କୁ ସମୟ ସୀମା ମଧ୍ୟରେ ଏହା ଦାଖଲ କରିବାକୁ ପରାମର୍ଶ ଦେବାକୁ ଉପମୁଖ୍ୟମନ୍ତ୍ରୀ କହିଥିଲେ। ଏଥିପାଇଁ ୧୫ଦିନ ମଧ୍ୟରେ କାର୍ଯ୍ୟ କରିବାକୁ ଶ୍ରୀ ସାଏ ନିର୍ଦ୍ଦେଶ ଦେଇଥିଲେ।

**କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ୟୁରୋପୀୟ ଆୟୋଗର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ରୋକ୍ସାନା ମିଞ୍ଜାତୁ**

## ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷା, ଗବେଷଣା ଏବଂ ଦକ୍ଷତା ବିକାଶ ସମ୍ପର୍କ ନିବିଡ ହେବ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ: ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଥିବା ସମ୍ପର୍କକୁ ଅଧିକ ନିବିଡ ଓ ମଜଭୂତ୍ କରିବା ଦିଗରେ ଶୁକ୍ରବାର ୟୁରୋପୀୟ ଆୟୋଗର ସାମାଜିକ ଅଧିକାର, ଦକ୍ଷତା, ଗୁଣାତ୍ମକ ଚାକିରି ଏବଂ ପ୍ରସ୍ତୁତି ବିଭାଗର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ରୋକ୍ସାନା ମିଞ୍ଜାତୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି । ଏହି ସାକ୍ଷାତ୍ ଆଲୋଚନା ଅବସରରେ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷାଗତ, ଗବେଷଣା ଏବଂ ଦକ୍ଷତା ବିକାଶ ସମ୍ପର୍କକୁ ଅଧିକ ନିବିଡ କରିବା ସହିତ ସମ୍ଭାବ୍ୟ ଭାଗିଦାରୀ ଉପରେ ଫଳପ୍ରଦ ଆଲୋଚନା ହୋଇଛି। ସ୍ଥାୟିତ୍ୱ, ପ୍ରଯୁକ୍ତିବିଦ୍ୟା ଏବଂ ଏଆଇ ଭଳି ପାରସ୍ପରିକ ଲାଭଦାୟକ କ୍ଷେତ୍ରରେ ଶିକ୍ଷା ଓ ଦକ୍ଷତା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଭାଗିଦାରୀ ସୃଷ୍ଟି କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଅଧ୍ୟାପକ ବା ଶିକ୍ଷକ ବିନିମୟ, ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଜଏଣ୍ଟ/ଡୁଆଲ ଡିଗ୍ରୀ ଏବଂ ଟୁଇନିଂ ପ୍ରୋଗ୍ରାମ ସହ ଭାରତରେ ଥିବା ପ୍ରମୁଖ ୟୁରୋପୀୟ ସଂଘ ବିଶ୍ୱବିଦ୍ୟାଳୟଗୁଡିକର ଅଫସୋର କ୍ୟାମ୍ପସର ସମ୍ଭାବନା ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଶିକ୍ଷଣ ଏବଂ ଦକ୍ଷତା ବ୍ୟବଧାନକୁ ଦୂର କରିବା ସହିତ ଲର୍ଣ୍ଣିଂ ଏବଂ ସ୍କିଲିଂ ଇକୋସିଷ୍ଟମରେ ଉନ୍ନତି ଆଣିବା ପାଇଁ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ସହଯୋଗକୁ ତ୍ୱରାନ୍ୱିତ କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଛି। ଆଜିର ବୈଠକ ଭାରତ-ୟୁରୋପୀୟ ସଂଘର ଶିକ୍ଷା ଏବଂ ଦକ୍ଷତା ବିକାଶ ଭାଗିଦାରୀରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ପାଇଁ ପଥ ପ୍ରଶସ୍ତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଭାରତ-ୟୁରୋପୀୟ ସଂଘ ରଣନୈତିକ ଭାଗିଦାରୀକୁ ଆହୁରି ଶକ୍ତିଶାଳୀ କରିବା ଏବଂ ନୂତନ ମାନଦଣ୍ଡ ସୃଷ୍ଟି କରିବା ଉପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ୟୁରୋପୀୟ ଆୟୋଗର ଉପାଧ୍ୟକ୍ଷଙ୍କ ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। ଏହି ଆଲୋଚନା କାଳରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ତଥା ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ।

## ଭୋଟର ତାଲିକାରେ ହେରଫେର୍ ପାଇଁ ବିଜେପି ନିର୍ବାଚନ କମିଶନଙ୍କ ସହ ହାତ ମିଳାଇଛି: ମମତା

କୋଲକାତା: ହରିୟାଣା ଏବଂ ମହାରାଷ୍ଟ୍ର ପରେ ଏବେ ପଶ୍ଚିମବଙ୍ଗରେ ଭୋଟର ତାଲିକାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭୋଟର ତାଲିକାରେ ହେରଫେର ପାଇଁ ବିଜେପି ନିର୍ବାଚନ କମିଶନଙ୍କ ସହ ହାତ ମିଳାଇଥିବା ଅଭିଯୋଗ କରିଛନ୍ତି। ଚେତାବନୀ ଦେଇ ମମତା କହିଛନ୍ତି ଯେ ଯଦି ନିର୍ବାଚନ କମିଶନ ଯଥାଶୀଘ୍ର ଭୋଟର ତାଲିକାରେ ଥିବା ଅନିୟମିତତାକୁ ଦୂର ନକରନ୍ତି, ତେବେ ସେ କମିଶନଙ୍କ କାର୍ଯ୍ୟାଳୟ ବାହାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରତିବାଦ କରିବେ। ଆସନ୍ତା ବର୍ଷ ପଶ୍ଚିମବଙ୍ଗରେ ଅନୁଷ୍ଠିତ ହେବ ବିଧାନସଭା ନିର୍ବାଚନ। ଦିଲ୍ଲୀ ବିଜୟ ପରେ ଏବେ ପଶ୍ଚିମବଙ୍ଗ ଦଖଲ ପାଇଁ ରଣନୀତି ପ୍ରସ୍ତୁତ କରୁଛି



ବିଜେପି। ଏହାପୂର୍ବରୁ ସକ୍ରିୟ ହୋଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମସି ମୁଖ୍ୟ ମମତା ବାନାର୍ଜୀ। ଦଳର ସମସ୍ତ ସାଂସଦ, ମନ୍ତ୍ରୀ, ବିଧାୟକ ଓ କର୍ମୀଙ୍କ ବୈଠକ ଡାକି ନିର୍ବାଚନ ପାଇଁ ଏବେଠୁ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ନକଲି ଭୋଟକୁ ଆଧାର କରି ଦିଲ୍ଲୀ ଓ ମହାରାଷ୍ଟ୍ରରେ ବିଜେପି ବିଜୟ ହାସଲ କରିଛି। ପଶ୍ଚିମବଙ୍ଗରେ ମଧ୍ୟ ବିଜେପି ଏହି ପନ୍ଥା ଆପଣାଇପାରେ। ତେଣୁ ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି ଦିଦି କହିଛନ୍ତି। ଭୋଟର ତାଲିକାରୁ ନକଲି ଭୋଟରଙ୍କ ନାମ ହଟାଇବାକୁ ଦରକାର ପଡ଼ିଲେ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ମମତା ଆହ୍ୱାନ ଦେଇଛନ୍ତି। ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଟିଏମସି ସୁପ୍ରିମୋ। ଜ୍ଞାନେସ କୁମାରଙ୍କୁ ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତ କରି ବିଜେପି ନିର୍ବାଚନ ଆୟୋଗକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛନ୍ତି ମମତା।

## ମାର୍ଚ୍ଚରୁ ପୁଣି ଆରମ୍ଭ ହେବ 'ସ୍ପେଡେକ୍ସ' ପ୍ରୟୋଗ: ଇସ୍ରୋ

ନୂଆଦିଲ୍ଲୀ : ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ମାର୍ଚ୍ଚ ୧୫ ତାରିଖରୁ ପୁଣି ଥରେ 'ସ୍ପେଡେକ୍ସ' ମିସନରେ ପରୀକ୍ଷା ନିରୀକ୍ଷା ଆରମ୍ଭ କରିବ। ଦିଲ୍ଲୀରେ ଜାତୀୟ ବିଜ୍ଞାନ ଦିବସ ସମାରୋହ ଅବସରରେ ଇସ୍ରୋ ଅଧ୍ୟକ୍ଷ ଭି.ନାରାୟଣନ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ପ୍ରୟୋଗରେ ଦୁଇ ଉପଗ୍ରହ ଚେସର ଓ ଟାର୍ଗେଟ୍‌କୁ ଅଲଗା କରିବା ଓ ପୁଣି ସଂଯୁକ୍ତ କରିବାକୁ ଉଦ୍ୟମ କରାଯିବ, ଯାହାଦ୍ୱାରା ଭବିଷ୍ୟତର ପ୍ରକଳ୍ପ ନିମନ୍ତେ ପ୍ରଯୁକ୍ତିଗତ ନିପୁଣତା ହାସଲ କରାଯାଇ ପାରିବ। ଇସ୍ରୋ ଗତବର୍ଷ ଡିସେମ୍ବର ୩୦ ତାରିଖରେ 'ସ୍ପେଡେକ୍ସ' ମିସନ ଆରମ୍ଭ କରିଥିଲା। ସେତେବେଳେ ଇସ୍ରୋ ମହାକାଶରେ ଦୁଇ ଉପଗ୍ରହକୁ ପରସ୍ପର ସହ ଯୋଡିବା (ଡକିଂ) ପରୀକ୍ଷା ପ୍ରଦର୍ଶିତ କରିବା ପାଇଁ ଦୁଇ ଉପଗ୍ରହ ଏସଡିଏକ୍ସ-୦୧ ଓ ଏସଡିଏକ୍ସ-୦୨କୁ କକ୍ଷପଥରେ ସ୍ଥାପିତ କରିଥିଲା। ଅନେକ ଉଦ୍ୟମ ପରେ ଇସ୍ରୋ ୧୬ ଜାନୁୟାରୀ ୨୦୨୫ରେ ଦୁଇ ଉପଗ୍ରହ ଡକିଂରେ ସଫଳତା ହାସଲ କରିଥିଲା। ଭି. ନାରାୟଣନ କହିଛନ୍ତି ଯେ ଏବେ ଦୁଇ ଉପଗ୍ରହ ଅଣ୍ଡାକାର କକ୍ଷରେ ଅଛନ୍ତି। ଏଣୁ ଆମକୁ ବିଭିନ୍ନ ପରୀକ୍ଷା ନିମନ୍ତେ ପ୍ରତି ୨ମାସରେ ଗୋଟିଏ ଥର ୧୦ରୁ ୧୫ ଦିନ ସମୟ ମିଳୁଛି। ସେ କହିଛନ୍ତି ଯେ 'ସ୍ପେଡେକ୍ସ' ଉପଗ୍ରହଙ୍କ ଉପରେ ପରୀକ୍ଷଣ ଅବସର ଆମକୁ ପୁଣି ଥରେ ମାର୍ଚ୍ଚ ୧୫ ତାରିଖରେ ମିଳିବ। ଏବେ ଆମେ ଉପଗ୍ରହଙ୍କୁ ପୃଥକ କରିବାକୁ ଓ ସେମାନଙ୍କୁ ପୁଣି ଡକ୍ କରିବା ପାଇଁ ଆମେ 'ସିମୁଲେସନ' ପ୍ରୟୋଗ କରୁଛୁ। ଏଥି ପାଇଁ ଆମେ ଏକ ଯୋଜନା ପ୍ରସ୍ତୁତ କରିଛୁ ଓ ମାର୍ଚ୍ଚ ୧୫ ତାରିଖରୁ ବାସ୍ତବିକ ପ୍ରୟୋଗ ଆରମ୍ଭ କରିବୁ। ସେ କହିଛନ୍ତି ଯେ ଆମେ ଅନେକଗୁଡ଼ିଏ ପରୀକ୍ଷଣ କରିବାକୁ ଚାହୁଁଛୁ। ଆମ ପାଖରେ ତୃତୀୟ ସ୍ଲଟ ନିମନ୍ତେ ମଧ୍ୟ ପ୍ରୟୋଗ ଯୋଜନା ରହିଛି, ଯାହା ଦୁଇ ମାସ ପରେ ଉପଲବ୍ଧ ହେବ।

# ବାଣିଜ୍ୟ



ମୁମ୍ବାଇ: ବିଶ୍ୱ ବାଣିଜ୍ୟରେ ଅସ୍ଥିରତା ଏବଂ ଶୁଳ୍କ ଯୁଦ୍ଧ କାରଣରୁ ବିଶ୍ୱର ପ୍ରମୁଖ ଷ୍ଟକ ବଜାରଗୁଡ଼ିକରେ ଅସ୍ଥିରତା ଦେଖାଦେଇଛି । ଏହାର ପ୍ରଭାବରୁ ଭାରତୀୟ ଷ୍ଟକ ବଜାରରେ କ୍ରମାଗତ ହ୍ରାସ ଘଟୁଛି । ସପ୍ତାହର ଶେଷ କାରବାର ଦିବସ ଶୁକ୍ରବାର ସେୟାର ବଜାରରେ ଉଲ୍ଲେଖନୀୟ ହ୍ରାସ ରେକର୍ଡ କରାଯାଇଛି। ନିଫ୍ଟି-୫୦ ଏବଂ ସେନସେକ୍ସ ଗତ ବର୍ଷ ସେପ୍ଟେମ୍ବର ମାସରେ ଥିବା ନିଜ ନିଜର ସର୍ବୋଚ୍ଚ ସ୍ତରରୁ ଏପର୍ଯ୍ୟନ୍ତ ୧୬ ପ୍ରତିଶତ ହ୍ରାସ ପାଇସାରିଲେଣି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ ସୂଚକାଙ୍କ ସେନସେକ୍ସ ଆଜି ୧.୯୦ ପ୍ରତିଶତ ବା ୧୪୧୪ ପଏଣ୍ଟ ହ୍ରାସ ପାଇ ୭୩,୧୯୮ରେ ବନ୍ଦ ହୋଇଛି। ବଜାର ବନ୍ଦ ସମୟରେ ସେନସେକ୍ସରେ ଥିବା ୩୦ଟି ଷ୍ଟକ ମଧ୍ୟରୁ ୨୯ଟି ଲାଲ ରଙ୍ଗରେ ଥିଲା, ଅର୍ଥାତ ହ୍ରାସ ପାଇଥିଲା। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍ଟି ୧.୮୭ ପ୍ରତିଶତ ବା ୪୨୨ ପଏଣ୍ଟ ହ୍ରାସ ପାଇ ୨୨,୧୨୨ରେ ବନ୍ଦ ହୋଇଛି। ବଜାର ବନ୍ଦ ବେଳକୁ ନିଫ୍ଟିର ୫୦ଟି ଷ୍ଟକ ମଧ୍ୟରୁ ୫ଟି ସବୁଜ ରଙ୍ଗରେ (ବୃଦ୍ଧି) କାରବାର କରୁଥିବା ବେଳେ ୪୫ଟି ଷ୍ଟକ ଲାଲ ରଙ୍ଗରେ(ହ୍ରାସ) କାରବାର କରୁଥିଲା। ନିଫ୍ଟିରେ ସର୍ବାଧିକ ହ୍ରାସ ଟେକ ମହିନ୍ଦ୍ରାରେ ଦେଖାଯାଇଛି ଯାହାକି ୬.୩୦ ପ୍ରତିଶତ ହ୍ରାସ ପାଇଛି ।

## ବେଦାନ୍ତ ଲାଞ୍ଜିଗଡ଼ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ



ଲାଞ୍ଜିଗଡ (ଭାସ୍କର ନ୍ୟୁଜ୍) : ବ୍ୟାପକ ତାଲିମ ଏବଂ ବର୍ଦ୍ଧିତ ନିଯୁକ୍ତି ସୁଯୋଗ ସହିତ ନିଯୁକ୍ତି ସାମର୍ଥ୍ୟ ବୃଦ୍ଧି କରି ବେଦାନ୍ତ ଲାଞ୍ଜିଗଡ଼ (ଭାରତର ଅଗ୍ରଣୀ ସ୍ମେଲଟର-ଗ୍ରେଡ୍ ଆଲୁମିନା ଉତ୍ପାଦନକାରୀ ଏବଂ ବେଦାନ୍ତ ଆଲୁମିନିୟମର ସହାୟକ କମ୍ପାନୀ) ର ଉଚ୍ଚାଭିଳାଷୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମ (ଏସଡିପି) ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଞ୍ଚଳରେ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ ଯୁବକମାନଙ୍କୁ ସଶକ୍ତ କରି ଏକ ପରିବର୍ତ୍ତନ ଆଣୁଛି। ବେଦାନ୍ତର ପ୍ରୋତ୍ସାହନ ପଦକ୍ଷେପ ଏସ୍‌ଡିପି ଗ୍ରାମୀଣ ଜୀବିକା ବୃଦ୍ଧି ଏବଂ କେନ୍ଦ୍ର ସରକାର ବିକଶିତ ଭାରତ ମିଶନ ସହିତ ଆର୍ଥିକ ବିକାଶକୁ ଆଗେଇ ନେଇ ସମ୍ପ୍ରଦାୟର ଉନ୍ନତି ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛି । ଏସ୍‌ଡିପିର ଗୁରୁତ୍ୱ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରି ବେଦାନ୍ତ ଆଲୁମିନା ବିଜନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ବେଦାନ୍ତରେ ଆମର ଲକ୍ଷ୍ୟ ହେଉଛି ସ୍ଥାନୀୟ ଯୁବକମାନଙ୍କ ସାମର୍ଥ୍ୟ, ଆମର ଲାଭାଂଶ, ସେମାନଙ୍କୁ ବ୍ୟାପକ ଶିଳ୍ପ-ସଂକ୍ରାନ୍ତୀୟ ତାଲିମ ପ୍ରଦାନ କରିବା। ଆମର ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଯୁବକମାନଙ୍କୁ ସାମାଜିକ-ଅର୍ଥନୈତିକ ମୁଖ୍ୟଧାରାରେ ସାମିଲ କରି ଆଶାଜନକ କ୍ୟାରିଅର୍ ପ୍ରଦାନ କରିବା । ଏହି ପରିବର୍ତ୍ତନଶୀଳ କାର୍ଯ୍ୟକ୍ରମ ଆମେ ପରିଚାଳନା କରୁଥିବା ଅଞ୍ଚଳରେ ଏକ କୁଶଳୀ ଏବଂ ଆତ୍ମନିର୍ଭରଶୀଳ ମାନବସମ୍ବଳ ସୃଷ୍ଟି ପାଇଁ ଆମର ପ୍ରତିବଦ୍ଧତାର ଉଦାହରଣ ଅଟେ। ଉଲ୍ଲେଖଯୋଗ୍ୟ ଯେ ବେଦାନ୍ତର ଏସଡିପି ସିଧାସଳଖ ମିଳିତ ଜାତିସଂଘର ଏସଡିଜି ଲକ୍ଷ୍ୟ ୧- ଦାରିଦ୍ର୍ୟ ମୁକ୍ତ ଏବଂ ମିଳିତ ଜାତିସଂଘର ଏସଡିଜି ଲକ୍ଷ୍ୟ ୮- ଉତ୍ତମ କାର୍ଯ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧି ସହିତ ମେଳ ଖାଉଛି । ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ତିନି ବର୍ଷ ମଧ୍ୟରେ ୧୨୦୦ ରୁ ଅଧିକ ଗ୍ରାମୀଣ ଯୁବକମାନଙ୍କୁ ଏକ ତାଲିମ ଦେବା-ଉଭୟ ତାଲିମ ସହିତ ଉଦ୍ୟୋଗୀ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବା। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସଡିଏ) ଏବଂ ନାବାର୍ଡ ସହଯୋଗରେ ଆତ୍ମନିର୍ଭର ଭାରତର ପରିକଳ୍ପନା ସହିତ ତାଳମେଳ ରଖି ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଦ୍ୱାରା ୧୫ଟି ବ୍ୟାଚ୍ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ଏବଂ ପାନୀୟ ବ୍ୟବସାୟରେ ସଫଳତାର ସହ ତାଲିମ ଦିଆଯାଇଛି । ଏଗାରଟି ରାଜ୍ୟରେ ୧୨ରୁ ଅଧିକ ନିଯୁକ୍ତି ଅଂଶୀଦାରଙ୍କ ଏକ ବ୍ୟାପକ ନେଟୱାର୍କ ଦ୍ୱାରା ୬୩୨ ଜଣ ତାଲିମପ୍ରାପ୍ତ ଯୁବକମାନଙ୍କ ମଧ୍ୟରୁ ୪୭୫ ଜଣ ସଫଳ ଭାବରେ ପ୍ରତିଷ୍ଠିତ ସଂସ୍ଥା ଅବସୋଲ୍ୟୁଟ୍ ବାର୍ବେକ୍ୟୁ ନେସନ୍, ଗଲ୍ଫ କ୍ଲବ୍, କ୍ଲବ୍ ମହିନ୍ଦ୍ରା, ବେଲଜିୟମ୍ ୱାଫଲ୍ ଇତ୍ୟାଦିରେ ସ୍ଥାନ ପାଇଛନ୍ତି। ହାରାହାରି ୧.୨୦ ଲକ୍ଷ ଟଙ୍କାର ବାର୍ଷିକ ପ୍ୟାକେଜର ଜୀବିକା ସୁରକ୍ଷିତ କରିବାରେ ସେମାନଙ୍କୁ ସାହାଯ୍ୟ କରି, ଏହି ନିଯୁକ୍ତି ସେମାନଙ୍କୁ ସାମାଜିକ-ଅର୍ଥନୈତିକ ମୁଖ୍ୟଧାରାରେ ସାମିଲ ସହିତ ସେମାନଙ୍କ ପାରିବାରିକ ଆୟରେ ଉଲ୍ଲେଖନୀୟ ବୃଦ୍ଧି କରିଛି।

## ଜିଓ ୫ଜି ନେଟୱାର୍କର ମହାକୁମ୍ଭରେ ରେକର୍ଡ

ପ୍ରୟାଗରାଜ: ରିଲାଏନ୍ସ ଜିଓର ୫ଜି ନେଟୱାର୍କ ମହାକୁମ୍ଭରେ ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ମହାକୁମ୍ଭରେ ସାହି ସ୍ନାନ ଦିନ, ଜିଓର ୫ଜି ନେଟୱାର୍କରେ ୨ କୋଟିରୁ ଅଧିକ କଲ କରାଯାଇଥିଲା ଏବଂ ୪୦ କୋଟି ଥର ନେଟ ସର୍ଫିଂ କରାଯାଇଥିଲା। ଅର୍ଥାତ ଜିଓର ୫ଜି ନେଟୱାର୍କ ମହାକୁମ୍ଭରେ ଗୋଟିଏ ଦିନରେ ୪୦ କୋଟି ଥରରୁ ଅଧିକ ଡାଟା ସଂଯୋଗ ଅନୁରୋଧ ଗ୍ରହଣ କରିଛି। ବିଶ୍ୱରେ ଏହା ପ୍ରଥମ ଥର ଯେ ଏତେ ସଂଖ୍ୟକ ଲୋକ ଏକ ଛୋଟ ଅଞ୍ଚଳରେ କୌଣସି ଏକ ନେଟୱାର୍କ ବ୍ୟବହାର କରିଛନ୍ତି। ଏହି ସଂଖ୍ୟା କେବଳ ଜିଓ ୫ଜି ନେଟୱାର୍କ ବ୍ୟବହାର କରିଥିବା ଉପଭୋକ୍ତାଙ୍କର ଏବଂ ଏଥିରେ ଜିଓର ୪ଜି ନେଟୱାର୍କ ବ୍ୟବହାରକାରୀଙ୍କ ସଂଖ୍ୟାକୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ଜିଓର ୫ଜି ନେଟୱାର୍କ ଏରିକ୍ସନ୍ ଉପକରଣରେ ଚାଲିଥାଏ। ସୂଚନାଯୋଗ୍ୟ ଯେ ମହାକୁମ୍ଭ ୧୩ ଜାନୁୟାରୀରୁ ୨୬ ଫେବୃୟାରୀ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା, ଯେଉଁଥିରେ ୬୬ କୋଟିରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ଏହି ଅବଧି ମଧ୍ୟରେ ବାରାଣାସୀ ଏବଂ ଅଯୋଧ୍ୟାରେ ମଧ୍ୟ ଅଭୂତପୂର୍ବ ଡାଟା ଟ୍ରାଫିକ୍ ଅଭିବୃଦ୍ଧି ଦେଖାଯାଇଥିଲା। ବିପୁଳ ଜନ ସମାଗମକୁ ଧ୍ୟାନରେ ରଖି ଜିଓ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ମଧ୍ୟ କରାଯାଇଥିଲା। ନେଟୱାର୍କ ସ୍ଲାଇସିଂ, ୭୦୦ ମେଗାହର୍ଜ ବ୍ୟାଣ୍ଡରେ କ୍ୟାରିଅର୍ ଏଗ୍ରିଗେସନ୍, ଭଏସ୍ ଓଭର ଏନଆର (୫ଜି ଭଏସ୍) ଏବଂ ଏଲଟିଇରେ ୧୦ ମେଗାହର୍ଜ ସ୍ପେକ୍ଟ୍ରମର ନିୟୋଜନ ପରି ପଦକ୍ଷେପ ନିଆଯାଇଥିଲା। ଏରିକ୍ସନରେ ରିଲାଏନ୍ସ ଜିଓ ଗ୍ରାହକ ୟୁନିଟ୍ ମୁଖ୍ୟ ବିଜୟ ଶର୍ମା କହିଛନ୍ତି ଯେ, 'ମହାକୁମ୍ଭ ଅବସରରେ ଜିଓ ସହିତ ସହଭାଗିତାରେ ଆହ୍ୱାନମୂଳକ ପରିସ୍ଥିତିରେ ମଧ୍ୟ ଉତ୍ତମ ଗ୍ରାହକ ସେବା ଯୋଗାଇଥିବାରୁ ଆମେ ଗର୍ବିତ। ଏରିକ୍ସନ୍ ଏବଂ ଜିଓ ମଧ୍ୟରେ ସହଭାଗୀତା ହେଉଛି ନବସୃଜନ ଏବଂ ଉତ୍ତମ ଯୋଜନାର ଏକ ପ୍ରକୃଷ୍ଟ ଉଦାହରଣ। ଜିଓ ଟ୍ରୁ ୫ଜି ଷ୍ଟାଣ୍ଡାଲୋନ୍ (ଏସଏ) ନେଟୱାର୍କ ଉତ୍ତରପ୍ରଦେଶର ପ୍ରୟାଗରାଜରେ ବିଶ୍ୱର ସର୍ବ ବୃହତ ଆଧ୍ୟାତ୍ମିକ ସମାଗମ ଆୟୋଜନ ମହାକୁମ୍ଭ ୨୦୨୫ ରେ କୋଟି କୋଟି ଶ୍ରଦ୍ଧାଳୁମାନଙ୍କୁ ଶ୍ରେଷ୍ଠ ଗ୍ରାହକ ଅନୁଭୂତି ପ୍ରଦାନ କରିଛି।

## ଆର୍‌ଏସ୍‌ପିରେ ପେଲେଟ୍ ପ୍ଲାଣ୍ଟ ପ୍ରକଳ୍ପର ଶିଳାନ୍ୟାସ

ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ବାର୍ଷିକ ୨ ନିୟୁତ ଟନ କ୍ଷମତା ବିଶିଷ୍ଟ ପେଲେଟ୍ ପ୍ଲାଣ୍ଟ ପ୍ରକଳ୍ପର ଶିଳାନ୍ୟାସ ଏବଂ ଭୂମିପୂଜନ ସମାରୋହ ଫେବୃଆରୀ ୨୬ ତାରିଖରେ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀଙ୍କ ଦ୍ୱାରା ସମ୍ପନ୍ନ ହୋଇଯାଇଛି । ଏହି ଅବସରରେ ଆରଏସପିର ପ୍ରକଳ୍ପ ବିଭାଗର ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ପି କେ ସାହୁ, ପ୍ରକଳ୍ପ ବିଭାଗର ସିଜିଏମ ପିନାକୀ ଚୌଧୁରୀ, ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଏସ.ଏସ. ରାୟଚୌଧୁରୀ, ବିଦ୍ୟୁତ ବିତରଣ ବିଭାଗର ସିଜିଏମ, ଡି କେ ଭଞ୍ଜଙ୍କ ସମେତ ଆରଏସପି ସିଇଟି ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ ମେସର୍ସ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ମେସର୍ସ ରୋଜମେରୀ ସ୍ପଞ୍ଜ ଏବଂ ଇସ୍ପାତ ପ୍ରାଇଭେଟ୍ ଲିମିଟେଡ୍ ର ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଫେବୃଆରୀ ୧୪ ତାରିଖ ରେ ଆର ଏସ ପି ରେ 'ନିର୍ମାଣ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ (ସିଓଏମ) ଆଧାରରେ ସ୍ଥାପନ ହେବାକୁ ଥିବା ବାର୍ଷିକ ୨ ନିୟୁତ ଟନ କ୍ଷମତା ବିଶିଷ୍ଟ ପେଲେଟ୍ ପ୍ଲାଣ୍ଟ ପାଇଁ ମେଷର୍ଷ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ ଏବଂ ମେଷର୍ଷ ରୋଜମେରି ସ୍ପଞ୍ଜ ଇସ୍ପାତ ପ୍ରାଇଭେଟ ଲିମିଟେଡର ଅଧିକାରୀଙ୍କ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଏହି ବାର୍ଷିକ ୨ ନିୟୁତ ଟନ କ୍ଷମତା ବିଶିଷ୍ଟ ପେଲେଟ୍ ପ୍ଲାଣ୍ଟ , ଆରଏସପିର ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା ସହିତ ଏହାର କାର୍ଯ୍ୟ ଦକ୍ଷତାରେ ବୃଦ୍ଧି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଏହି ପ୍ରକଳ୍ପ ଚୁକ୍ତିନାମା ସ୍ୱାକ୍ଷରିତ ହେବା ଦିନ ଠାରୁ ୨୪ ମାସ ମଧ୍ୟରେ ସମାପ୍ତ ହେବାକୁ ସ୍ଥିର କରାଯାଇଛି। ଏହି ଚୁକ୍ତିନାମାରେ ୨୦ ବର୍ଷର ଏକ ପରିଚାଳନା ଏବଂ ରକ୍ଷଣାବେକ୍ଷଣ (ଓଏଣ୍ଡଏମ) ଅବଧି ଅନ୍ତର୍ଭୁକ୍ତ ଯେଉଁଥିରେ ପାରସ୍ପରିକ ସହମତିରେ ହୋଇଥିବା ନିୟମ ଏବଂ ସର୍ତ୍ତାବଳୀ ଉପରେ ଏହାକୁ ଅତିରିକ୍ତ ପାଞ୍ଚ ବର୍ଷ ପାଇଁ ବୃଦ୍ଧି କରିବାର ବ୍ୟବସ୍ଥା ରହିଛି। ଉକ୍ତ ପ୍ରକଳ୍ପର ସାମଗ୍ରିକ ପରାମର୍ଶଦାତା ସିଇଟି ହୋଇଥିବା ବେଳେ ପିଡବ୍ଲୁସି ଏହାର ସହଯୋଗୀ ପରାମର୍ଶଦାତା ଭାବରେ ନିୟୋଜିତ ହୋଇଛନ୍ତି।




## ଟିପିଏସ୍‌ଓଡିଏଲ୍ ପକ୍ଷରୁ ନୈତିକତା ସପ୍ତାହ

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ପକ୍ଷରୁ ନୈତିକତା ସପ୍ତାହ ୨୦୨୫ ପାଳିତ ହୋଇଛି। ମାର୍ଚ୍ଚ ୩ ରେ ଶେଷ ହେବାକୁ ଥିବା ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଟାଟା ଗ୍ରୁପର ପ୍ରତିଷ୍ଠାତା ଜାମସେଦଜୀ ନୁସରୱାନଜୀ ଟାଟାଙ୍କ ଜୟନ୍ତୀ ପାଳନ କରାଯାଉଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ନୈତିକତା ସପ୍ତାହର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନୈତିକ ଅଭ୍ୟାସ, ସଚ୍ଚୋଟତା, ସ୍ୱଚ୍ଛତା ପ୍ରତି ଟିପିଏସ୍‌ଓଡିଏଲ୍ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ନୈତିକତା ସପ୍ତାହ ପାଳନ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ନୈତିକତା ଏବଂ ସଚ୍ଚୋଟତା ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଆମେ ଏହି କାର୍ଯ୍ୟକ୍ରମରେ ପ୍ରତିବଦ୍ଧ ହେଉ।' ଟିପିଏସ୍‌ଓଡିଏଲରେ ନୈତିକତା କେବଳ ପ୍ରତିବଦ୍ଧତାରେ ସୀମିତ ନୁହେଁ, ବରଂ ଏହା ଜୀବନ ଶୈଳୀର ଏକ ଅଂଶ ବୋଲି ଶ୍ରୀ ଗର୍ଗ କହିଛନ୍ତି। ନୈତିକତା ସପ୍ତାହ -୨୦୨୫ ଅବସରରେ ଟିପିଏସ୍‌ଓଡିଏଲ୍ ଏହାର ଅଂଶୀଦାରମାନଙ୍କୁ ନେଇ ବିଭିନ୍ନ ଆଲୋଚନା, ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ଆୟୋଜନ କରୁଅଛି। ଯାହା ଦ୍ୱାରା ନିଷ୍ପତ୍ତି ନେବାରେ ନୈତିକ ମୂଲ୍ୟବୋଧକୁ ସାମିଲ କରିବା ସହ ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତାର ସଂସ୍କୃତିକୁ ପ୍ରୋତ୍ସାହିତ କରାଯାଇପାରିବ। ଉତ୍କର୍ଷର ଯାତ୍ରାରେ ଟିପିଏସ୍‌ଓଡିଏଲ୍ ଆଗକୁ ବଢୁଥିବା ବେଳେ ନୈତିକତା ପ୍ରତି ସମର୍ପିତ ହୋଇରହିଛି।

## ଦୁର୍ଗମ ଅଞ୍ଚଳରେ ସେବା ପ୍ରଦାନ କରୁଛନ୍ତି ଓଡିଶାର ଫ୍ଲିପକାର୍ଟ ଡେଲିଭରୀ ପାର୍ଟନର

ନୂଆଦିଲ୍ଲୀ : ବିସ୍ତୃତ ଭୂଭାଗ, ଅପ୍ରତ୍ୟାଶିତ ଜଳବାୟୁ ଓ ସୀମିତ ସଂଯୋଗ ଭଳି ଆହ୍ୱାନଗୁଡିକ ସତ୍ତ୍ୱେ ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଫ୍ଲିପକାର୍ଟ ଭାରତର ଟାୟାର-୨ ଓ ଟାୟାର-୩ ସହରଗୁଡିକରେ ନିଜର ଉପସ୍ଥିତିକୁ ସକ୍ରିୟ ଭାବେ ବିସ୍ତାର କରୁଛି। ଡେଲିଭରି ଏକ୍‌ଜିକ୍ୟୁଟିଭମାନେ ଏହି ସମ୍ପ୍ରସାରଣର କେନ୍ଦ୍ରରେ ରହିଛନ୍ତି, ଦେଶର ୧୭୦୦ ସହର ଓ ଟାଉନରେ ଅର୍ଡର ଡେଲିଭର କରୁଥିବା ୧.୦୭ ଲକ୍ଷ ୱିଶମାଷ୍ଟର ଏହି ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଏବଂ ସୁଗମ ପରିଚାଳନା ନିଶ୍ଚିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ସେମାନଙ୍କର କଲ୍ୟାଣ ପ୍ରତି ଫ୍ଲିପକାର୍ଟର ପ୍ରତିଶ୍ରୁତିବଦ୍ଧତା ନିୟମିତ ପ୍ରଶିକ୍ଷଣ ମାଧ୍ୟମରେ ନୀତିଗୁଡ଼ିକୁ ଆଗକୁ ବଢ଼ିଛି, କମ୍ପାନୀ ନେତୃତ୍ୱ ଦକ୍ଷତା ବିକଶିତ କରିବା ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରୁଛି ଏବଂ ବ୍ୟକ୍ତିଗତ ବିକାଶ ସୁଯୋଗ ପ୍ରଦାନ କରୁଛି। ଏହି ସାମଗ୍ରିକ ଦୃଷ୍ଟିକୋଣ କେବଳ ଯୋଗାଣ ଶୃଙ୍ଖଳାକୁ ମଜବୁତ କରୁନାହିଁ ବରଂ ଏକ ସମାବେଶୀ ପରିବେଶକୁ ପ୍ରୋତ୍ସାହିତ କରୁଛି ଯେଉଁଠାରେ ଡେଲିଭରି ଏକ୍‌ଜିକ୍ୟୁଟିଭମାନେ ନିଜର କ୍ଷମତାକୁ ଅନୁଭବ କରିବା ସହିତ କମ୍ପାନୀର ସଫଳତାରେ ଯୋଗଦାନ କରିବା ପାଇଁ ମୂଲ୍ୟବାନ, ସମର୍ଥିତ ଓ ସଶକ୍ତ ଅନୁଭବ କରିବେ। ଓଡିଶାରୁ ଫ୍ଲିପକାର୍ଟର ଡେଲିଭରି ଏକ୍‌ଜିକ୍ୟୁଟିଭ ରୁପେଶ ଜେସୱାଲ, ରାଜେନ୍ଦ୍ର ମାଝୀ ଓ ପି କମଲ ସୁବୁଦ୍ଧି ସେମାନେ ସମ୍ମୁଖୀନ ହୋଇଥିବା ଆହ୍ୱାନ ଓ ସମସ୍ୟା, ସେମାନେ ଦୂର କରିଥିବା ପ୍ରତିବନ୍ଧକ ଓ ନିଜ କାର୍ଯ୍ୟକୁ ନେଇ ସେମାନେ ଅନୁଭବ କରୁଥିବା ଗର୍ବକୁ ହାଇଲାଇଟ କରିଛନ୍ତି। ସେମାନଙ୍କର କାହାଣୀ ମାନବିକ ଉତ୍ସାହରେ ଏକ ବିରଳ ଓ ପ୍ରେରଣାଦାୟକ ଦୃଷ୍ଟିକୋଣ ପ୍ରଦାନ କରିଛି। ଏହି ଡେଲିଭରି ପାର୍ଟନରମାନେ ଉତ୍ସର୍ଗୀକୃତତାର ପ୍ରକୃତ ଉତ୍ସାହକୁ ଧାରଣ କରି ନିର୍ଭରଯୋଗ୍ୟ ସେବା ପ୍ରଦାନ କରୁଛନ୍ତି। ଯାହା ଗ୍ରାହକଙ୍କୁ ସଠିକ ସମୟରେ ଡେଲିଭରିର ଗ୍ୟାରେଂଟି ଦେବା ସହ ସ୍ଥାନୀୟ ଦୋକାନନୀ, କାରିଗର ଓ କୃଷକଙ୍କ ସହ କ୍ଷୁଦ୍ର ବ୍ୟବସାୟଗୁଡ଼ିକୁ ସଂଯୋଗ କରୁଛି, ଯାହାକି ଗ୍ରାମାଂଚଳ ବଜାର ସହ ସହରାଂଚଳର ଚାହିଦାକୁ ସଂଯୋଜିତ କରୁଛି। ଓଡିଶାର ଜଣେ ୨୫ ବର୍ଷୀୟ ୱିଶମାଷ୍ଟର ରୁପେଶ ଜେସୱାଲ ନିଜ ପିତାମାତା, ଭାଇ ଓ ଭଉଣୀଙ୍କ ସମେତ ପରିବାରର ୫ ଜଣ ସଦସ୍ୟଙ୍କୁ ଆର୍ଥିକ ରୂପେ ସହଯୋଗ କରିବା ପାଇଁ ୨୦୨୩ରେ ଫ୍ଲିପକାର୍ଟରେ ଯୋଗ ଦେଇଥିଲେ। ରୁପେଶ ଦୁର୍ଗମ ଅଂଚଳଗୁଡିକରେ ମଧ୍ୟ ଅର୍ଡର ଡେଲିଭରି କରିବାକୁ ପସନ୍ଦ କରିଥାନ୍ତି, ଫ୍ଲିପକାର୍ଟର ସେବା ସହିତ ଗ୍ରାହକଙ୍କୁ ସଂଯୋଗ କରିବାରେ ପରିପୂର୍ଣ୍ଣତା ପାଇଥାନ୍ତି। ଓଡିଶାର ଜଣେ ୩୫ ବର୍ଷୀୟ ୱିଶମାଷ୍ଟର ରାଜେନ୍ଦ୍ର ମାଝୀ ଅଭିଭାବକ, ପତ୍ନୀ ଓ ପିଲାଙ୍କ ସମେତ ନିଜ ପରିବାର ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ଗଠନ କରବା ଲାଗି ୨୦୨୨ରେ ଫ୍ଲିପକାର୍ଟରେ ଯୋଗ ଦେଇଥିଲେ। ରାଜେନ୍ଦ୍ର ଦୁର୍ଗମ ଅଂଚଳଗୁଡିକରେ ଜରୁରୀ ସାମଗ୍ରୀ ପହଂଚାଇବାରେ ଗର୍ବ ଅନୁଭବ କରନ୍ତି। ଓଡିଶାର ଆଉ ଜଣେ ୨୮ ବର୍ଷୀୟ ୱିଶମାଷ୍ଟର କମଲ ସୁବୁଦ୍ଧି ୨୦୧୯ରୁ ଫ୍ଲିପକାର୍ଟ ସହ ଜଡିତ ଅଛଁ। ନିଜ ପିତାମାତା, ସ୍ତ୍ରୀ, ପିଲା ଓ ଭାଇଙ୍କ ସହ ବାସ କରୁଥିବା କମଲ ପରିବାରକୁ ସହଯୋଗ କରିବା ଏବଂ ଏକ ସ୍ଥିର ଭବିଷ୍ୟତ ନିଶ୍ଚିତ କରିବା ପାଇଁ ଫ୍ଲିପକାର୍ଟରେ ଯୋଗ ଦେଇଥିଲେ। ନିଜ ପରିବାରକୁ ଆର୍ଥିକ ସହଯୋଗ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଉଥିବା କମଲ ଦୁର୍ଗମ ଅଂଚଳଗୁଡ଼ିକୁ ଜରୁରୀ ସେବା ସହ ସଂଯୋଗ କରିବା କ୍ଷେତ୍ରରେ ତାଙ୍କର ଭୂମିକାକୁ ନେଇ ଗର୍ବିତ।

ଓଡ଼ିଶା ଭାସ୍କର
ODISHA BHASKAR
# ଖେଳ ଖବର






ନୂଆଦିଲ୍ଲୀ: ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ପାକିସ୍ତାନ ବିପକ୍ଷ ବିଜୟକୁ ଭାରତୀୟ ପ୍ରଶଂସକମାନେ ପାଳନ କରୁଥିବା ବେଳେ ଆଉ ଏକ ଖୁସି ଖବର ଆସିଛି। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ଥରେ ନୁହେଁ ତିନି ଥର ମୁହାଁମୁହିଁ ହେବାର ସମ୍ଭାବନା ରହିଛି। କ୍ରିକବଜ୍‌ର ଏକ ରିପୋର୍ଟ ଅନୁଯାୟୀ, ୨୦୨୫ ଏସିଆ କପ୍ ପାଇଁ ଭାରତକୁ ଆୟୋଜନ ଅଧିକାର ପ୍ରଦାନ କରାଯାଇଥିଲା, କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ଉତ୍ତେଜନାକୁ ଦୃଷ୍ଟିରେ ରଖି ଏସିଆନ୍ କ୍ରିକେଟ୍ କାଉନସିଲ୍ (ଏସିସି) ଏହାକୁ ଏକ ନିରପେକ୍ଷ ଦେଶରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ଶ୍ରୀଲଙ୍କା ଓ ୟୁଏଇ ସମ୍ଭାବ୍ୟ ଭେନ୍ୟୁ ମଧ୍ୟରୁ ଅନ୍ୟତମ। ତଥାପି ଅଫିସିଆଲ୍ ଆୟୋଜକ ଭାରତୀୟ କ୍ରିକେଟ୍ ବୋର୍ଡ ରହିବ। ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବରରେ ହେବାକୁ ଥିବା ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୯ଟି ମ୍ୟାଚ୍ ଖେଳାଯିବ। ଆପଣଙ୍କୁ ମନେଥିବ ଯେ ୨୦୨୫ ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନରେ ଆୟୋଜନ ହେବାର ଥିଲା, କିନ୍ତୁ ସୁରକ୍ଷା କାରଣରୁ ଭାରତ ସେଠାରେ ଖେଳିବାକୁ ମନା କରିଦେଇଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଭାରତ ତା'ର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳୁଛି।

### ଚାମ୍ପିୟନ୍ସ ଟ୍ରଫି : ଅଷ୍ଟ୍ରେଲିଆ-ଆଫଗାନିସ୍ତାନ ମ୍ୟାଚ୍‌ରେ ବର୍ଷା ବାଧକ

## ସେମିଫାଇନାଲ୍‌ରେ ଅଷ୍ଟ୍ରେଲିଆ

ଦୁବାଇ: ଚଳିତ ଚାମ୍ପିୟନ୍ସ ଟ୍ରଫି କ୍ରିକେଟର ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଭାରତ, ନ୍ୟୁଜିଲାଣ୍ଡ ସେମିରେ ପ୍ରବେଶ କରିଥିଲେ। ୧୬ ବର୍ଷ ପରେ ଚାମ୍ପିୟନ୍ସ ଟ୍ରଫିରେ ଅଷ୍ଟ୍ରେଲିଆ ସେମିକୁ ଉନ୍ନୀତ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ମ୍ୟାଚ ବର୍ଷା ଯୋଗୁ ଅଧାରୁ ବନ୍ଦ ହୋଇଥିଲା। ଏହି ମ୍ୟାଚରେ ଆଫଗାନିସ୍ତାନ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ଦଳ ଆରମ୍ଭରୁ ରେହମାତୁଲ୍ଲା ଗୁରବାଜଙ୍କ ୱିକେଟ ହରାଇଥିଲା। ସେ ଖାତା ଖୋଲିପାରିନଥିଲେ। ତେବେ ଇବ୍ରାହିମ ଜଦରାନ ଓ ସେଦିକୁଲ୍ଲା ଅଟଲ୍ ଏକ ଭଲ ଭାଗିଦାରୀ କରି ସ୍କୋରକୁ ଆଗେଇ ନେଇଥିଲେ। ଜଦରାନ ୨୨ ରନ କରିଥିବାବେଳେ ଅଟଲ୍ ୮୫ ରନ କରିଥିଲେ। ମଧ୍ୟକ୍ରମରେ ଆସିଥିବା ଅଜମାତୁଲ୍ଲା ଓମାରଜାଇ ୬୭ ରନ କରି ଦଳୀୟ ସ୍କୋରକୁ ଏକ ସମ୍ମାନଜନକ ସ୍ତରକୁ ନେଇଯାଇଥିଲେ। ମାତ୍ର ନିମ୍ନକ୍ରମ ବ୍ୟାଟରମାନେ ବିଫଳ ହୋଇଥିଲେ। ଦଳ ୫୦ ଓଭରରେ ୨୭୩ ରନ କରି ଅଲଆଉଟ ହୋଇଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ବେନ ଡ୍ୱାରସୁଇସ୍ ୩ଟି ୱିକେଟ ନେଇଥିବାବେଳେ ଆଡାମ ଜାମ୍ପା ଓ ସ୍ପେନସର ଜନସନ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଏହାର ଜବାବରେ ଅଷ୍ଟ୍ରେଲିଆ ୧୨.୫ ଓଭରରେ ୧ ୱିକେଟ ବିନିମୟରେ ୧୦୯ ରନ କରିଥିବା ବେଳେ ବର୍ଷା ହୋଇଥିଲା। ଏହା ପରେ ଆଉ ଖେଳାଯିବା ସମ୍ଭବପର ହୋଇ ନ ଥିଲା। ଉଭୟ ଦଳ ୧ ପଏଣ୍ଟ ଲେଖାଏଁ ପାଇବା ପରେ ଅଷ୍ଟ୍ରେଲିଆ ସେମିରେ ପ୍ରବେଶ କରିଥିଲା। ସେମିଫାଇନାଲର ୪ର୍ଥ ଦଳର ଘୋଷଣା ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମ୍ୟାଚ ପରେ ଚୂଡ଼ାନ୍ତ ହେବ। ଶନିବାର ଏହି ମ୍ୟାଚ ଖେଳାଯିବ। ସେହିପରି ମାର୍ଚ୍ଚ ୨ରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଶେଷ ଲିଗ ମ୍ୟାଚ ଆୟୋଜିତ ହେବ। ଦକ୍ଷିଣ ଆଫ୍ରିକା ଏକ ବୃହତ ବ୍ୟବଧାନରେ ଇଂଲଣ୍ଡଠାରୁ ହାରିଲେ ଆଫଗାନିସ୍ତାନ ପାଇଁ ଆଶା ସୃଷ୍ଟି ହେବ।

## ଇସ୍ତଫା ଦେଲେ ଜୋସ୍ ବଟଲର୍




ନୂଆଦିଲ୍ଲୀ: ଚାମ୍ପିଅନ୍ସ ଟ୍ରଫିରେ ଖରାପ ପ୍ରଦର୍ଶନ ପରେ ପୂର୍ବତନ ବିଶ୍ୱ ଚାମ୍ପିଅନ ଇଂଲଣ୍ଡର ଅଧିନାୟକ ଜୋସ ବଟଲର ଇସ୍ତଫା ଦେଇଛନ୍ତି। ଚାମ୍ପିଅନ୍ସ ଟ୍ରଫିରେ ଇଂଲଣ୍ଡକୁ ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା, ଯାହା ମଧ୍ୟରୁ ଦ୍ୱିତୀୟଟି ଆଫଗାନିସ୍ତାନ ଭଳି ଏକ ଛୋଟ ଦଳ ବିପକ୍ଷରେ ହୋଇଥିଲା। ଏହି ପରାଜୟ ସହିତ ଦଳ ଟୁର୍ନାମେଣ୍ଟରୁ ବାହାର ହୋଇଥିଲା। ତେବେ ଦଳର ଶେଷ ଗ୍ରୁପ୍ ମ୍ୟାଚ୍ ପୂର୍ବରୁ, ବଟଲର ଅଧିନାୟକ ପଦ ଛାଡିବାକୁ ଘୋଷଣା କରିଛନ୍ତି। ଇଂଲଣ୍ଡ ଅଧିନାୟକ ବଟଲର ଶୁକ୍ରବାର ଫେବୃଆରୀ ୨୮ ରେ ଚାମ୍ପିଅନ୍ସ ଟ୍ରଫିର ଗ୍ରୁପ୍ ପର୍ଯ୍ୟାୟ ଶେଷ ହେବା ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ତାଙ୍କର ନିଷ୍ପତ୍ତି ନେଇ ଘୋଷଣା କରିଥିଲେ। ବଟଲରଙ୍କ ଏହି ନିଷ୍ପତ୍ତି ଦଳର ଶେଷ ମ୍ୟାଚ୍‌ର ମାତ୍ର ଗୋଟିଏ ଦିନ ପୂର୍ବରୁ ଆସିଛି। ଟୁର୍ନାମେଣ୍ଟରୁ ପୂର୍ବରୁ ବାଦ ପଡ଼ିଥିବା ଇଂଲଣ୍ଡ ଦଳ ତା'ର ଶେଷ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ତଥାପି ଏହି ମ୍ୟାଚ୍‌ରେ ବଟଲର ଶେଷ ଥର ପାଇଁ ଇଂଲଣ୍ଡର ନେତୃତ୍ୱ ନେବେ। ବଟଲର ୨୦୨୨ ମସିହାରେ ଇଂଲଣ୍ଡ କ୍ରିକେଟ ଦଳର ନେତୃତ୍ୱ ନେଇଥିଲେ। ତେବେ ବଟଲର ସ୍ପଷ୍ଟ କରିଛନ୍ତି ଯେ ପ୍ରଶିକ୍ଷକ ମ୍ୟାକକୁଲମ ତାଙ୍କୁ ଚୟନ କରିବାକୁ ଚାହିଁଲେ, ସେ ଉଭୟ ଫର୍ମାଟରେ ଚୟନ ପାଇଁ ଉପଲବ୍ଧ ରହିବେ। ଜୋସ ବଟଲର ୨୦୨୨ ମସିହାରେ ଇଂଲଣ୍ଡର ପୂର୍ଣ୍ଣକାଳୀନ ଅଧିନାୟକ ଦାୟିତ୍ୱ ଗ୍ରହଣ କରିଥିଲେ।

## ମେ ୨୯ରୁ ଅଲ୍ଟିମେଟ ଟେବୁଲ୍ ଟେନିସ୍

ନୂଆଦିଲ୍ଲୀ: ଅଲ୍ଟିମେଟ ଟେବୁଲ ଟେନିସ (ୟୁଟିଟି)ର ଷଷ୍ଠ ସଂସ୍କରଣ ଅହମ୍ମଦାବାଦରେ ଆସନ୍ତା ମେ ୨୯ରୁ ଜୁନ ୧୫ ପର୍ଯ୍ୟନ୍ତ ଖେଳାଯିବା ନେଇ ଆୟୋଜକଙ୍କ ପକ୍ଷରୁ ଶୁକ୍ରବାର କୁହାଯାଇଛି। କବାଡି ବିଶ୍ୱକପ ଓ ୨୦୧୯ ଇଣ୍ଟରକଣ୍ଟିନେଣ୍ଟାଲ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବା ଭେନ୍ୟୁ ଷ୍ଟେଟ-ଅଫ-ଦି ଆର୍ଟ ଏକା ଆରେନାକୁ ଭେନ୍ୟୁ ଭାବେ ଧାର୍ଯ୍ୟ କରାଯାଇଛି। ଭାରତୀୟ ଓ ଅନ୍ତର୍ଜାତୀୟ ତାରକାଙ୍କୁ ନେଇ ଗଠିତ ୮ ଦଳ ଟାଇଟଲ ଲାଗି ମୁକାବିଲା କରିବେ। ଲିଗ୍‌ରେ ଭାଗ ନେଉଥିବା ୮ ଦଳକୁ ଦୁଇଟି ଗ୍ରୁପରେ ଭାଗ ଭାଗ କରାଯାଇଛି। ପ୍ରତ୍ୟେକ ଦଳ ଲିଗ ପର୍ଯ୍ୟାୟରେ ୫ଟି ଲେଖାଏ ମ୍ୟାଚ ଖେଳିବେ। ପ୍ରତ୍ୟେକ ଦଳ ନିଜ ଗ୍ରୁପର ଅନ୍ୟ ୩ଟି ଦଳ ସହିତ ଏବଂ ଅନ୍ୟ ଗ୍ରୁପର ୨ଟି ଦଳ ସହିତ ମ୍ୟାଚ ଖେଳିବେ। ଲିଗ ପର୍ଯ୍ୟାୟ ପରେ ଦୁଇଟି ଗ୍ରୁପର ଟପ ଦୁଇ ଦଳ ନକଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଜୁନ ୧୫ ତାରିଖରେ ଫାଇନାଲ ଖେଳାଯିବ। ପ୍ରତ୍ୟେକ ଦଳରେ ଦୁଇ ଜଣ ଅନ୍ତର୍ଜାତୀୟ ତାରକାଙ୍କ ସହିତ ମୋଟ ୬ ଖେଳାଳି ରହିବେ।




## ରୋହିତଙ୍କୁ ପ୍ରଶଂସା କଲେ କୋଚ୍




ମୁମ୍ବାଇ : ଭାରତର ଅଧିନାୟକ ରୋହିତ ଶର୍ମାଙ୍କୁ କୋଚ୍ ଗୌତମ ଗମ୍ଭୀର ପ୍ରଶଂସା କରିଛନ୍ତି। ସେ କହିଚନ୍ତି ଯେ, ରୋହିତ ଶର୍ମା ଜଣେ କ୍ଲାସ ପ୍ଲେୟାର ଭାବେ ବେଶ୍ ଜଣାଶୁଣା। ଏହାସହିତ ସେ ବି ଜଣେ ଭଲ ମଣିଷ। ମୋ ପାଇଁ ପ୍ରଥମେ ସେ ଜଣେ ଭଲ ମଣିଷ, ତାପରେ ସେ ଜଣେ ଭଲ ଖେଳାଳି। ପାକିସ୍ତାନ ଏବଂ ଦୁବାଇରେ ଚାଲିଛି ଚମ୍ପିଆନ୍ସ ଟ୍ରଫି। ରାଙ୍କିର ଶ୍ରେଷ୍ଠ ୮ଟି ଦଳଙ୍କ ମଧ୍ୟରେ ଚାଲିଛି ଘମାଘୋଟ ଲଢେଇ। ବର୍ତ୍ତମାନ ସୁଦ୍ଧା ପାକିସ୍ତାନ ଏବଂ ବାଂଲାଦେଶ ପରି ଟିମ୍ ଟ୍ରଫି ରେସ୍‌ରୁ ବାଦ୍ ପଡି ସାରିଲେଣି। ବାକି ୬ଟି ଟିମ୍‌ଙ୍କ ମଧ୍ୟରେ ଚାଲିଛି କସରତ। କିଏ ଯିବ ସେମି ଏବଂ କିଏ ହାତେଇ ଟ୍ରଫି। ସେନେଇ ଚାଲିଛି ରଣନୀତି। ତେବେ ଏସବୁ ଭିତରେ ଏକ ସାକ୍ଷାତକାର ଦେବା ଅବସରରେ ଟିମ୍ ଇଣ୍ଡିଆ ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ରୋହିତ ଶର୍ମାଙ୍କ ବିଷୟରେ ପ୍ରଶ୍ନ କରିଥିଲେ ସାମ୍ବାଦିକ। ଯାହାର ଉତ୍ତର ଦେଇ କୋଚ୍ କହିଥିଲେ ଯେ, ରୋହିତ ଶର୍ମା ଜଣେ ମଣିଷ। ଅନ୍ୟର ମନ କଥା ବୁଝୁଥିବା ମଣିଷ। ସାଥୀ ଖେଳାଳିଙ୍କୁ କିପରି ପ୍ରୋତ୍ସାହିତ କରାଯିବ ଏବଂ ତାଙ୍କ ମନୋବଳ କିପରି ବୃଦ୍ଧି କରାଯିବ। ତାହା ରୋହିତ ଶର୍ମାଙ୍କୁ ବେଶ୍ ଭଲ ଭାବେ ଜଣା। ତେଣୁ ମୋ ପାଇଁ ରୋହିତ ଶର୍ମା ସବୁବେଳେ ସ୍ପେଶାଲ ରହିବେ। ସେହିପରି ଯଦି ଆମେ ତାଙ୍କ ଅଧିନାୟକ କଥା କହିବା, ତେବେ ରୋହିତ ଯାହା ବି କରିଛନ୍ତି ତାହା ଅନ୍ୟ କୌଣସି ଅଧିନାୟକ ପାଇଁ ବହୁତ କଷ୍ଟକର। ଜଣେ ଅଧିନାୟକ ଭାବେ ଗତ ଦିନିକିଆ ବିଶ୍ୱକପ୍‌ରେ ଯେପରି ୧୦ଟି ମ୍ୟାଚ୍ ଜିତି ଫାଇନାଲରେ ଏଣ୍ଟ୍ରି କରିଥିଲା ତାହା ଅନ୍ୟ ପାଇଁ ଉଦାହରଣ। ଏହାବ୍ୟତୀତ ୨୦୨୪ ଟି-୨୦ ବିଶ୍ୱକପ୍‌ରେ ରୋହିତଙ୍କ ନେତୃତ୍ୱରେ ଟିମ୍ ଅନ୍ ବିଟେନ୍ ରହି ଚମ୍ପିଆନ୍ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଯେଉଁଭଳି ପରିସ୍ଥିତି ଥିଲା। ସେଠାରୁ ଦଳକୁ ଆଣି ଚମ୍ପିଆନ୍ କରିବା, ବହୁତ୍ କମ୍ ଅଧିନାୟକଙ୍କ ପାଖରେ ଥାଏ ଏହି କ୍ଷମତା।

### ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ୍

## ସେମିରେ ନିମପୁର ସ୍ପୋର୍ଟିଂ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଚନ୍ଦ୍ରଭାନୁପୁର ପଡିଆରେ ଅନୁଷ୍ଠିତ ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ କଟକ ନିମପୁର ସ୍ପୋର୍ଟିଂ ଓ ଯାଜପୁର ୧୧ ଷ୍ଟାର ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ୧୧ ଷ୍ଟାର ଅଧିନାୟକ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୭.୫ ଓଭରରେ ସମସ୍ତ ୱିକେଟ ହରାଇ ୧୪୧ ରନ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ଶୁଭ୍ର ରାଉତ ୪୦ ରନ ଓ ଅଭିଜିତ ସାହୁ ୩୨ ରନ ସ୍କୋର କରିଥିଲେ। ବିପକ୍ଷ ବୋଲର ଆଶୁତୋଷ ମହାରଣା ୪ ଓଭର ବୋଲିଂ କରି ୧୩ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ନିମପୁର ଦଳ ୧୮.୧ ଓଭରରେ ୭ ୱିକେଟ ହରାଇ ୧୪୨ ରନ ହାସଲ କରି ବିଜୟୀ ହେବା ସହ ସେମିରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ଅବଦୁଲ ଲତିଫ ୫୦ ରନ ଓ ସ୍ୱାଧିନ ପାତ୍ର ୪୫ ରନ ସ୍କୋର କରିଥିଲେ। ଅଲରାଉଣ୍ଡର ଖେଳ ପ୍ରଦର୍ଶନ କରିଥିବା ସ୍ୱାଧିନ ପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଦେବବ୍ରତ ଦାସ ଓ ରାମଚନ୍ଦ୍ର ଦାସ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଅଭିଷେକ ଜେନା, ଜ୍ୟୋତିରଞ୍ଜନ ଚନ୍ଦ, ପ୍ରମୋଦ ଜେନା ଓ ସାଗର ଜେନା ସ୍କୋରର ଏବଂ ପ୍ରତ୍ୟୁଷ ସାହୁ ଓ ପ୍ରଦୀପ ଜେନା ଭାଷ୍ୟକାର ଦାଇତ୍ୱ ତୁଲାଇଥବଲେ। ଶନିବାର ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବାଲେଶ୍ୱର ଆଦର୍ଶ ଏକାଦଶ ସହ କଟକ ନିମପୁର ମଧ୍ୟରେ ଅନୁଷ୍ଠିତ ହେବ।




### ରଣଜୀ ଟ୍ରଫି ଫାଇନାଲ୍

## ବିଦର୍ଭ ଇନିଂସ ଅଗ୍ରଣୀ

ନାଗପୁର: ବିଦର୍ଭ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ କେରଳ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲରେ ବିଦର୍ଭ ଇନିଂସ ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସରେ ବିଦର୍ଭ ୩୭୯ ରନ୍ କରିଥିବା ବେଳେ କେରଳ ତା'ର ଅସମାପ୍ତ ସ୍କୋର ୧୩୧/୩ରୁ ବ୍ୟାଟିଂ ଆରମ୍ଭ କରି ୩୪୨ ରନ୍‌ରେ ଅଲଆଉଟ ହୋଇଯାଇଛି। ଫଳରେ ଦୁଇ ଥରର ରଣଜୀ ଚାମ୍ପିୟନ ବିଦର୍ଭ ୩୭ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଶୁକ୍ରବାର ତଥା ମ୍ୟାଚର ତୃତୀୟ ଦିନ କେରଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୩୧/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ତା'ର ବଳକା ୭ ଉଇକେଟରେ ଦଳୀୟ ସ୍କୋରରେ ୨୧୧ ରନ୍ ଯୋଡ଼ିବାକୁ ସକ୍ଷମ ହୋଇଥିଲା। ପୂର୍ବ ଦିନ ଅପରାଜିତ ଥିବା ବ୍ୟାଟର ଆଦିତ୍ୟ ସରୱତେ ୭୯ ରନ୍ କରି ଆଉଟ ହୋଇଥିବା ବେଳେ ଅଧିନାୟକ ସଚିନ ବେବୀ (୯୮) ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ଆଝାରୁଦ୍ଦିନ ୩୪, ଜଲଜ ସକ୍ସେନା ୨୮ ଓ ସଲମାନ ନିଜାର ୨୧ ରନ କରିଥିଲେ। ବିଦର୍ଭ ପକ୍ଷରୁ ଦର୍ଶନ ନାଲକଣ୍ଡେ, ହର୍ଷ ଦୁବେ ଓ ପାର୍ଥ ରେଖାଡେ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



## ବ୍ୟାଟିଂ ଅଭ୍ୟାସ କଲେନି ରୋହିତ: ସ୍ପିନ୍ ଉପରେ ଧ୍ୟାନ ଦେଲେ କୋହଲି

ଦୁବାଇ: ଚାମ୍ପିଅନ୍ସ ଟ୍ରଫିର ନିଜ ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଭାରତ ରବିବାର ଦୁବାଇରେ ନ୍ୟୁଜିଲାଣ୍ଡକୁ ଭେଟିବ। ଏହି ଶେଷ ଗ୍ରୁପ୍ ମ୍ୟାଚ୍ ପୂର୍ବରୁ ଭାରତ ସ୍ଥାନୀୟ ଆଇସିସି ଏକାଡେମି ଗ୍ରାଉଣ୍ଡରେ ହାଲକା ଅଭ୍ୟାସ ଆରମ୍ଭ କରିଦେଇଛି। ଅଧିନାୟକ ରୋହିତ ଶର୍ମା ଫିଟ୍‌ନେସ ଡ୍ରିଲ୍ କରିଥିଲେ। କିନ୍ତୁ ନେଟ୍ ବ୍ୟାଟିଂ ଅଭ୍ୟାସଠୁ ଦୂରେଇ ରହିଥିଲେ। ସେ ଷ୍ଟ୍ରେନ୍ଥ ଓ କଣ୍ଡିସନିଂ ପ୍ରଶିକ୍ଷକଙ୍କ ସହ ସମୟ କଟାଇଥିଲେ। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ରୋହିତଙ୍କ ମାଂସପେଶୀ ଟାଣି ହେବାରୁ ପ୍ରାୟ ୧୦ ଓଭର କ୍ଷେତ୍ରରକ୍ଷଣ କରି ନଥିଲେ। କିନ୍ତୁ ବ୍ୟାଟିଂକୁ ଆସି ୧୫ ବଲ୍‌ରୁ ୨୦ ରନ୍ କରିଥିଲେ। ନେଟ୍ ଅଭ୍ୟାସ କରି ନଥିଲେ ମଧ୍ୟ ସେ କିନ୍ତୁ ପୂରା ଅଧିବେଶନ ବେଳେ ଉପସ୍ଥିତ ରହି ମୁଖ୍ୟ ପ୍ରଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟୀ ଶତକୀୟ ପାଳି ଖେଳିଥିବା ତାରକା ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ନେଟ୍‌ରେ ସ୍ପିନରଙ୍କ ବିପକ୍ଷରେ ଅତିରିକ୍ତ ଅଭ୍ୟାସ କରିଥିଲେ। ବିଶେଷ କରି ସେ ଟାକ୍‌ଲିଂ ସ୍ପିନ୍ ଓପରେ ଅଧିକ ଧ୍ୟାନ ଦେଇଥିଲେ। ସେ ଭାରତୀୟ ସ୍ପିନରଙ୍କ ସହ ସ୍ଥାନୀୟ ବୋଲରଙ୍କୁ ସାମ୍ନା କରିଥିଲେ। ପ୍ରଥମ ଦୁଇ ମ୍ୟାଚ୍‌ରେ ଖେଳି ନଥିବା ଋଷଭ ପନ୍ତ ମଧ୍ୟ ୱିକେଟ୍ କିପିଂ ସହ ବ୍ୟାଟିଂ ଅଭ୍ୟାସ ଉପରେ ଜୋର ଦେଇଥିଲେ। ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସର୍ଟପିଚ୍ ବଲ୍ ଉପରେ ଅଧିକ ଅଭ୍ୟାସ କରିଥିଲେ। ତିନି ଦ୍ରୁତ ବୋଲର ମହମ୍ମଦ ସାମି, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ସେମାନଙ୍କ ଲାଇନ୍ ଓ ଲେନ୍ଥକୁ ସଜାଡ଼ିବାରେ ଲାଗିଥିଲେ। ଏହି ଅଭ୍ୟାସ ଅଧିବେଶନରେ ଶୁବମନ ଗିଲ୍‌ଙ୍କୁ ଦେଖିବାକୁ ମିଳି ନଥିଲା।

## ଖୁସି ଖବର : ବୋଲିଂ ଅଭ୍ୟାସ କଲେ ବୁମ୍‌ରା

ଦୁବାଇ: ଭାରତର ତାରକା ପେସର ଜସପ୍ରିତ ବୁମ୍‌ରା ଗୋଟିଏ ମାସରୁ ଅଧିକ ସମୟ ପରେ ପ୍ରଥମ ଥର ପାଇଁ ନେଟ୍ସରେ ଅଭ୍ୟାସ ଆରମ୍ଭ କରିଛନ୍ତି। ସିଡନୀରେ ଅଷ୍ଟ୍ରେଲିଆ ବିପକ୍ଷରେ ପଞ୍ଚମ ଏବଂ ଶେଷ ଟେଷ୍ଟ ସମୟରେ ପିଠିରେ ଆଘାତ ଲାଗିବାରୁ ସେ ଖେଳରୁ ବାହାରେ ରହିଥିଲେ। ଫଳସ୍ୱରୂପ, ବୁମ୍‌ରା ଚଳିତ ଚାମ୍ପିଅନ୍ସ ଟ୍ରଫିରେ ଅଂଶଗ୍ରହଣ କରିନଥିଲେ। ବର୍ଡର-ଗାଭାସ୍କର ଟ୍ରଫିରେ ଭାରତ ୧-୩ ପରାଜୟ ବରଣ କରିବା ପରେ ତାଙ୍କ ପିଠିରେ କଷ୍ଟ ହୋଇଥିଲା। ତାଙ୍କ ଅନୁପସ୍ଥିତି ସତ୍ତ୍ୱେ, ଭାରତ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବାଂଲାଦେଶ ଏବଂ ପାକିସ୍ତାନକୁ ପରାସ୍ତ କରି ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛି। ସେମିଫାଇନାଲ୍ ପୂର୍ବରୁ, ବୁମ୍‌ରା ନେଟ୍ସରେ ଅଭ୍ୟାସ କରିଛନ୍ତି। ଏ ନେଇ ସେ ଇନଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ବୁମ୍‌ରାଙ୍କୁ ପ୍ରଥମେ ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତର ଦଳରେ ସାମିଲ କରାଯାଇଥିଲା, କିନ୍ତୁ ସେ ଚୂଡ଼ାନ୍ତ ୧୫ ସଦସ୍ୟ ବିଶିଷ୍ଟ ଯାତ୍ରା ଦଳରେ ବିଚାର କରାଯିବା ପାଇଁ ସମୟ ମଧ୍ୟରେ ସୁସ୍ଥ ହୋଇପାରି ନଥିଲେ। ସମ୍ପ୍ରତି, ବୁମ୍‌ରା ପୁରୁଷ କ୍ରିକେଟର ଅଫ୍ ଦି ଇୟର, ପୁରୁଷ ଟେଷ୍ଟ ପ୍ଲେୟାର ଅଫ୍ ଦି ଇୟର ଏବଂ ଆଇସିସି ପୁରସ୍କାର ୨୦୨୪ ରେ ପୁରୁଷ ଟେଷ୍ଟ ଟିମ୍ ଅଫ୍ ଦି ଇୟର ଏବଂ ଟି୨୦ ଟିମ୍ ଅଫ୍ ଦି ଇୟରରେ ନାମିତ ହେବା ପରେ ତାଙ୍କର ଆନନ୍ଦ ପ୍ରକାଶ କରିଛନ୍ତି।



## ନ୍ୟୁଜିଲାଣ୍ଡ ବିପକ୍ଷରେ ଅଧିନାୟକ ହେବେ ଗିଲ୍ !

ନୂଆଦିଲ୍ଲୀ: ନ୍ୟୁଜିଲାଣ୍ଡ ବିପକ୍ଷ ଶେଷ ଲିଗ ମ୍ୟାଚରେ ଶୁବମନ ଗିଲ ଭାରତୀୟ ଦଳର ମଙ୍ଗ ସମ୍ଭାଳି ପାରନ୍ତି। ପାକିସ୍ତାନ ବିପକ୍ଷରେ ରୋହିତ ଶର୍ମାଙ୍କ ମାଂସପେଶୀରେ ଆଘାତ ଲାଗିଥିଲା। ଯାହା ଯୋଗୁ ସେମିଫାଇନାଲ ପୂର୍ବରୁ ତାଙ୍କୁ ବିଶ୍ରାମ ଦିଆଯାଇପାରେ। ରିପୋର୍ଟ ଅନୁଯାୟୀ, ଶେଷ ଲିଗ ମ୍ୟାଚରେ ରୋହିତଙ୍କ ସ୍ଥାନରେ ରିଷଭ ପନ୍ତ କିମ୍ବା ୱାଶିଂଟନ୍ ସୁନ୍ଦରଙ୍କୁ ଦଳରେ ସାମିଲ କରାଯାଇପାରେ। ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ ୨ ମାର୍ଚ୍ଚ ରବିବାର ଦିନ ଦୁବାଇରେ ଖେଳାଯିବ। ପାକିସ୍ତାନ ବିପକ୍ଷରେ ଆଘାତ ଯୋଗୁ ରୋହିତ କିଛି ସମୟ ପାଇଁ ପଡ଼ିଆ ବାହାରେ ଥିଲେ ମଧ୍ୟ କିଛି ସମୟ ପରେ ସେ ପଡ଼ିଆକୁ ଫେରି ଆସିଥିଲେ। ତାଙ୍କ ଅନୁପସ୍ଥିତିରେ ଗିଲ ଅଧିନାୟକତ୍ୱ କରୁଥିଲେ। ପାକିସ୍ତାନ ସହ ମ୍ୟାଚ ପରେ ବୁଧବାର ଭାରତୀୟ ଦଳ ଅଭ୍ୟାସ କରିଥିଲା। ଏହି ସମୟ ମଧ୍ୟରେ, ରୋହିତ ନେଟ୍ସରେ ବ୍ୟାଟିଂ କରିନଥିଲେ। କିଛି ସମୟ ପରେ, ତାଙ୍କୁ ଶକ୍ତି ଏବଂ କଣ୍ଡିସନିଂ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ଜଗିଂ କରୁଥିବାର ଦେଖାଯାଇଥିଲେ କିନ୍ତୁ ସେ ସମ୍ପୂର୍ଣ୍ଣ ଫିଟ ଦେଖାଯାଉ ନଥିଲେ। ଭାରତୀୟ ଦଳ ପାକିସ୍ତାନ ଏବଂ ବାଂଲାଦେଶ ବିପକ୍ଷରେ ବିଜୟୀ ହୋଇ ସେମିଫାଇନାଲରେ ପହଞ୍ଚି ସାରିଛି। ତଥାପି, ସେମିଫାଇନାଲରେ ଭାରତ କେଉଁ ଦଳ ବିପକ୍ଷରେ ଖେଳିବ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଯଦି ଭାରତୀୟ ଦଳ ଗ୍ରୁପ ଇ ରେ ଶୀର୍ଷରେ ରହେ, ତେବେ ଏହି ମ୍ୟାଚ ପରେ କେବଳ ଗୋଟିଏ ଦିନର ବ୍ୟବଧାନ ପାଇବ। ଯେଉଁଠାରେ ମଙ୍ଗଳବାର ପ୍ରଥମ ସେମିଫାଇନାଲ ଖେଳାଯିବ। ଏପରି ପରିସ୍ଥିତିରେ, ଭାରତୀୟ ଦଳ ଚାହିଁବ ଯେ ରୋହିତ ସେମିଫାଇନାଲ ପୂର୍ବରୁ ଫିଟ ହୋଇଯାଆନ୍ତୁ।




झारखण्ड सरकार
वन, पर्यावरण एवं जलवायु परिवर्तन विभाग, झारखण्ड, राँची
कार्यालय-वन संरक्षक एवं राज्य वन वृक्ष विज्ञानी, झारखण्ड, राँची

**सीसल रेशा बिक्री हेतु पुनर्निविदा सूचना**

वन संरक्षक एवं राज्य वन वृक्ष विज्ञानी, झारखण्ड, राँची द्वारा सीसल रेशा के 150 मे0 टन की बिक्री हेतु क्रेताओं से पुनर्निविदा दिनांक–18.03.2025 को अपराह्न 1:00 बजे तक मुहरबन्द लिफाफे में आमंत्रित की जाती है। निविदा दिनांक 18.03.2025 के अपराह्न 1:30 बजे वन भवन परिसर, डोरण्डा, स्थित अधोहस्ताक्षरी के कार्यालय कक्ष में क्रेताओं अथवा उनके द्वारा प्राधिकृत प्रतिनिधि के समक्ष खोली जायेगी। सीसल रेशा का उठाव लातेहार स्थित सीसल गोदाम से किया जायेगा। गोदाम की दूरी राँची मुख्यालय से लगभग 100 कि0मी0 है।

इच्छुक क्रेता निविदा फार्म (Tender Form) बिक्री के नियम एवं शर्तो के साथ वन संरक्षक एवं राज्य वन वृक्ष विज्ञानी, झारखण्ड, राँची के कार्यालय, वन भवन, ब्लॉक–ई, डोरण्डा, राँची से कार्यालय अवधि में रु0 500/– (पाँच सौ रूपये नगद) नगद देकर अथवा वन विभागीय वेबसाइट (http://forest.jharkhand.gov.in/) से डाउनलोड कर सकते हैं। डाउनलोड किये जाने की स्थिति में क्रेता को रु0 500/– (पाँच सौ रूपये नगद) का बैंक ड्राफ्ट, जो वन संरक्षक एवं राज्य वन वृक्ष विज्ञानी, झारखण्ड, राँची के पक्ष में भारतीय स्टेट बैंक, डोरण्डा शाखा, राँची पर भुगतेय होगा, संलग्न करना होगा।

150 मे0 टन सीसल रेशा का निविदा के लिए अग्रधन राशि (Earnest money) रू0 55000/– (पचपन हजार रूपये) का बैंक ड्राफ्ट वन संरक्षक एवं राज्य वन वृक्ष विज्ञानी, झारखण्ड, राँची के पक्ष में भारतीय स्टेट बैंक, डोरण्डा शाखा, राँची पर भुगतेय बैंक ड्राफ्ट संलग्न करना अनिवार्य होगा। निविदा के नियम एवं शर्त की प्रति उपरोक्त वर्णित विभागीय वेबसाईट पर उपलब्ध रहेगा।

**निर्धारित तिथि एवं समय के पश्चात् कार्यालय में निविदा प्राप्त होने की स्थिति में समर्पित निविदा को अमान्य समझा जाएगा।**

क्रेताओं को अधिक जानकारी के लिए किसी भी कार्य दिवस में कार्यावधि (10 बजे पूर्वाह्न से 5 बजे अपराह्न तक) कार्यालय आकर या मो0 संख्या– 6204489633 पर संपर्क कर प्राप्त कर सकते है।

ह0/–
(पी0 आर0 नायडू, भा0व0से0)
वन संरक्षक एवं राज्य वन वृक्ष विज्ञानी,
झारखण्ड, राँची।

PR.NO.347346 Forest, Environment and Climate Changes(24-25):D

**Jharkhand Urja Sancharan Nigam Ltd.**
(CIN: U40108JH2013SGC001704)
Regd. Office: 2nd Floor, JUSNL (SLDC) Building, Kusai Colony, Doranda, Ranchi-02
(E-mail:cetjusnl@gmail.com)

**2nd TIME EXTENSION NOTICE**

Important date against NIT No. 333/PR/JUSNL/2024-25 for Design, Engineering, supply, erection, testing & commissioning of line differential protection in under construction 400 kV D/C QM Katia – Patratu Transmission line on turnkey basis is hereby extended in following manner:-

| | |
|---|---|
| End date and time of upload of BID | 06.03.2025 up to 04:00 PM |
| BID Opening date for technical & commercial part | 07.03.2025 at 04.00 PM |

This extension notice is also available on the website www.jharkhandtenders.gov.in

स्वहित एवं राष्ट्रहित में ऊर्जा बचायें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

PR No. 345254
Sd/-
General Manager, C&M (NWBP)
JUSNL, Ranchi

PR 347409 Jharkhand Urja Sancharan Nigam Ltd (24-25)_D

कार्यालय : उप वन संरक्षक, योजना, जनजातीय क्षेत्र,राँची
वन भवन, डोरण्डा, राँची
Gmail- dcfpta@gmail.com, Phone & Fax no. 0651-2481161

**शुद्धि पत्र**

RFP No. 01/2025
Ref. No. PR No. 347263 dt. 25.02.2025

एतत् द्वारा सर्वसाधारण को सूचित किया जाता है कि Selection of consultancy firm as PMU to Assist Principal Chief Conservatpr of Forest (HOFF) संबंधी RFP No. 01/2025 के लिए तकनीकी बीड खोलने हेतु दिनांक 18.03.2025 को निर्धारित है। दिनांक 18.03.2025 को ही अपराह्न 2.00 बजे Technical Presentation हेतु समय निर्धारित की गई है।

उप वन संरक्षक,
योजना, जनजातीय क्षेत्र,
राँची

PR 347458 Forest, Environment and Climate Changes(24-25)#D

कार्यपालक अभियंता का कार्यालय
ग्रामीण विकास विशेष प्रमंडल, गिरिडीह

**ई– अति अल्पकालीन पुनर्निविदा आमंत्रण सूचना**

ई– अति अल्पकालीन पुनर्निविदा सूचना सं०–RDD/SD/GIRIDIH/26/RE/2024-25

1. कार्य की विस्तृत विवरणी:

| क्र०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | गिरिडीह जिला के प्रखण्ड बेंगाबाद के ग्राम पंचायत कर्णपुरा के ग्राम प्रतापपुर(कालीचट्टान) में खण्डोली डैम के पीछे वाटर ट्रीटमेंट प्लांट के नजदीक उच्चस्तरीय पुल निर्माण कार्य।(पुल की लंबाई–38.72 मीटर)(जिला खनिज फाउण्डेशन ट्रस्ट मद) | 22837236.00 | 457000.00 | 10000.00 | 15 माह |

2. वेबसाइट में निविदा प्रकाशन की तिथि – 03.03.2025
3. ई–निविदा प्राप्ति की तिथि एवं समय – दिनांक 03.03.2025 से दिनांक 08.03.2025 को अपराह्न 05:00 बजे तक।
4. निविदा खोलने का स्थान – कार्यपालक अभियंता, ग्रामीण विकास विशेष प्रमंडल, गिरिडीह।
5. निविदा खोलने की तिथि एवं समय –10.03.2025 अपराह्न 05:00 बजे।
6. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गिरिडीह।
7. ई–निविदा प्रकोष्ठ का दूरभाष सं० – 9431323435 (संबंधित कार्यपालक अभियंता का दूरभाष नम्बर)।
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, गिरिडीह।

PR 347417 (Rural Work Department) 24-25 (D)

ଓଡ଼ିଶା ଭାସ୍କର
ODISHA BHASKAR

# ଅଫେରା ଉତ୍ତମ



"ସେ ଥିଲେ ଓଲିଉଡର ସୁପରଷ୍ଟାର । ତାଙ୍କର ନିଖୁଣ ଅଭିନୟର ଯାଦୁ ସମସ୍ତଙ୍କୁ କରୁଥିଲା ମତୁଆଲା। ତାଙ୍କର ଚମତ୍କାର ନୃତ୍ୟ, ଉଚ୍ଚକୋଟିର ସଂଳାପ,ଉଚ୍ଚାରଣ ଶୈଳୀ ସବୁକିଛି ଥିଲା ସ୍ୱତନ୍ତ୍ର। ସେ ଆଉ କେହି ନୁହଁନ୍ତି ସେ ଓଡ଼ିଆ ଇଣ୍ଡଷ୍ଟ୍ରିର ଭେଟେରାନ ଅଭିନେତା ଉତ୍ତମ ମହାନ୍ତି। ସେ ଓଡ଼ିଆ ଇଣ୍ଡଷ୍ଟ୍ରିକୁ ଅନେକ ସୁପରହିଟ ଚଳଚ୍ଚିତ୍ର ଦେଇଛନ୍ତି। ଓଡ଼ିଆ ଫିଲ୍ମ ଜଗତ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ଉତ୍ତମ ଅଫେରା ରାଇଜକୁ ଚାଲିଯାଇଛନ୍ତି, ଆଉ ଫେରିବେନି...."










## 'ଅଭିମାନ'ରୁ ଆରମ୍ଭ କରିଥିଲେ ଅଭିନୟ

ସବୁଦିନ ପାଇଁ ଅଭିମାନ କରି ଅଫେରା ରାଇଜକୁ ଚାଲିଯାଇଛନ୍ତି 'ଅଭିମାନ'ର ନାୟକ। ୧୯୭୭ ମସିହାରେ 'ଅଭିମାନ'ରୁ ଆରମ୍ଭ କରିଥିବା ଅଭିନୟର ଯାତ୍ରା ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା। ରାମାୟଣ, ଫୁଲ ଚନ୍ଦନ, ଝିଅଟି ସୀତା ପରି, ସମୟ ବଡ଼ ବଳବାନ, ଦଣ୍ଡା ବାଳୁଙ୍ଗା, ସହରୀ ବାଘ ଏବଂ ସତ କେବେ ଲୁଚି ରହେନା ଭଳି ଅନେକ ସୁପର ହିଟ ଚଳଚ୍ଚିତ୍ର ଭେଟି ଦେଇଥିଲେ ସୁପର ଷ୍ଟାର ଉତ୍ତମ ମହାନ୍ତି । ୧୯୫୮ ଡିସେମ୍ବର ୨୩ ତାରିଖରେ ମୟୂରଭଞ୍ଜ ଜିଲ୍ଲା ବାରିପଦାରେ ଜନ୍ମ ଗ୍ରହଣ କରିଥିଲେ। ବାରିପଦା ଏମ୍‌କେସି ଉଚ୍ଚବିଦ୍ୟାଳୟରୁ ସ୍କୁଲ ପାଠ୍ୟକ୍ରମ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ବିଜ୍ଞାନରେ ପଢ଼ିଥିଲେ। କଲେଜ ସମୟରେ ମଞ୍ଚ ନାଟକରେ ନିଜର ଅଭିନୟ ଦକ୍ଷତା ଦେଖାଇଥିଲେ। ସେ ସର୍ବମୋଟ ୧୩୫ଟି ଓଡ଼ିଆ, ୩୦ଟି ବଙ୍ଗଳା ଓ ଗୋଟିଏ ହିନ୍ଦୀ ସିନେମାରେ ଅଭିନୟ କରିଥିଲେ । ତାଙ୍କର ଶେଷ ଫିଲ୍ମ ଥିଲା 'ବିଦ୍ୟାରାଣୀ'।




## ଓଡ଼ିଆ ଇଣ୍ଡଷ୍ଟ୍ରିକୁ ଭେଟିଦେଇଛନ୍ତି ୧୩୫ ଟି ଫିଲ୍ମ

ଓଡ଼ିଆ ସିନେମାର ପ୍ରଥମ ସୁପରଷ୍ଟାର ଉତ୍ତମ ମହାନ୍ତି । ଉତ୍ତମ ମହାନ୍ତିଙ୍କ ନାମରେ ଅନେକ ବ୍ଲକବଷ୍ଟର ଓଡ଼ିଆ ଚଳଚ୍ଚିତ୍ର ଅଛି। ସେ ୧୩୫ ଓଡ଼ିଆ ଫିଲ୍ମ, ୩୦ ବଙ୍ଗଳା ଓ ଗୋଟିଏ ହିନ୍ଦୀ ସିନେମାରେ ଅଭିନୟ କରିଥିବାବେଳେ ସେ କିଛି ଟିଭି ଧାରାବାହିକରେ ମଧ୍ୟ ଅଭିନୟ କରିଛନ୍ତି। ମହାନ୍ତି ତାଙ୍କ ବଳିଷ୍ଠ ଅଭିନୟ ପାଇଁ ଅନେକ ପୁରସ୍କାର ଜିତିଛନ୍ତି। ଉତ୍ତମ ମହାନ୍ତି ଏକମାତ୍ର ଓଡ଼ିଆ ଅଭିନେତା ଥିଲେ ଯିଏ ୧୯୮୨, ୧୯୮୩ ଏବଂ ୧୯୮୪ ରେ ଲଗାତାର ତିନି ବର୍ଷ ରାଜ୍ୟ ସରକାରଙ୍କଠାରୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇଥିଲେ। ୧୯୯୯ ରେ, ତାଙ୍କୁ ପ୍ରତିଷ୍ଠିତ ଜୟଦେବ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଉତ୍ତମଙ୍କ ଅଭିନୀତ ସିନେମାଗୁଡ଼ିକ ହେଲା ୧୯୭୭- ଅଭିମାନ, ୧୯୭୮- କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ପତିପତ୍ନୀ, ଶଙ୍ଖମହୁରୀ, ସରପଞ୍ଚ ବାବୁ, ୧୯୭୯-ଚିହ୍ନା ଅଚିହ୍ନା, ନିଝୁମ ରାତିର ସାଥୀ, ୧୯୮୦- ରାମାୟଣ, ରାମ ବଳରାମ, ୧୯୮୧-ଅକ୍ଷୟ ତୃତୀୟା, ଆରତି, ଦେବଯାନୀ, ୧୯୮୨- ଅସ୍ତରାଗ, ଫୁଲ ଚନ୍ଦନ, ଦେଖ୍ ଖବର ରଖ୍ ନଜର, ଜ୍ୱାଇଁପୁଅ, ୧୮୮୩- ଅଭିଳାଷ, ଝିଅଟି ସୀତାପରି, ରାମ ରହିମ୍, ଜାଇଫୁଲ, ୧୯୮୪- ଦଣ୍ଡା ବାଳୁଙ୍ଗା, ଜନନୀ, ୧୮୮୫- ଚକାଭଉଁରୀ, ସମୟ ବଡ଼ ବଳବାନ୍, ଶଙ୍ଖ ସିନ୍ଦୂର, ୧୯୮୬- ସହରୀ ବାଘ, ସତ କେବେ ଲୁଚି ରହେନା, ସ୍କୁଲ ମାଷ୍ଟର, ଏଇ ଆମ ସଂସାର, ଜୋରଯାର ମୁଲକ ତାର, ପକା କମଳ ପୋତ ଛତା, ୧୯୮୭ – ବଧୂ ନିରୁପମା, ଚକାଆଖି ସବୁ ଦେଖୁଛି, ଏଇତ ଦୁନିଆ, ଗୋଲାମଗିରି, ଅନ୍ୟାୟ ସହିବି ନାହିଁ, ମିଛ ମାୟାର ସଂସାର, ସୁନା ଚଢ଼େଇ, ତୁଣ୍ଡ ବାଇଦ, ୧୯୮୮- ଥିଲି ଝିଅ ହେଲି ବୋହୂ, ଯାହାକୁ ରଖିବେ ଅନନ୍ତ, ବଡ଼ ଭାଉଜ, କନ୍ୟାଦାନ, ପାପପୁଣ୍ୟ, ପୁଅ ମୋର କଳାଠାକୁର, ଚକାଡୋଳା କରୁଛି ଲୀଳା, ୧୯୮୯- ଦଇବ ଦଉଡ଼ି, ହସ ଲୁହ ଭରା ଦୁନିଆ, ରଜନୀଗନ୍ଧା, ନ୍ୟାୟ ଅନ୍ୟାୟ, ପରଦେଶୀ ଚଢ଼େଇ, ଠାକୁର ଅଛନ୍ତି ଚଉବାହାକୁ, ୧୯୯୦- ଟୋପାଏ ସିନ୍ଦୂର ଦି ଟୋପା ଲୁହ, ଶାସ୍ତି, ଯାଦେବୀ ସର୍ବେ ଭୂତେଷୁ, ଗୋପରେ ବଢୁଛି କଳାକାହ୍ନେଇ, ରାଜାରାଣୀ, କଣ୍ଢେଇ, ପଞ୍ଚୁପାଣ୍ଡବ, ନୂଆ ଭାଉଜ, ବିଧିର ବିଧାନ, ୧୯୯୧-ନୟା ଜହର(ହିନ୍ଦୀ), ଆମ ଘର ଆମ ସଂସାର, ମୁକ୍ତିତୀର୍ଥ, ବସ୍ତ୍ର ହରଣ, ଅକୁହା କଥା, କପାଳ ଲିଖନ, ତୋ ବିନୁ ଅନ୍ୟ ଗତି ନାହିଁ, ୧୯୯୨- ବାଦ୍‌?ଶାହା, ଭୀଷ୍ମପ୍ରତିଜ୍ଞା, ଉଦଣ୍ଡୀ ସୀତା, ମା', ନାଗପଞ୍ଚମୀ, ସୁଖ ସଂସାର, ୧୯୯୩- ସୁଖରେ ସ୍ୱର୍ଗ, ଭାଗ୍ୟ ହାତରେ ଡୋରି, ଦାଦାଗିରି, ୧୯୯୪- ଅକୁହା କଥା, ନାଗଜ୍ୟୋତି, ପାଚେରି ଉଠିଲା ମଝି ଦୁଆରୁ, ୧୯୯୫- ରକ୍ତ କହିବ କିଏ କାହାର, ୧୯୯୬- ପୁଅ ମୋର ଭୋଳା ଶଙ୍କର, ସକଳ ତୀର୍ଥ ତୋ ଚରଣେ, ୧୯୯୭- ଲକ୍ଷେ ଶିବ ପୂଜି ପାଇଛି ପୁଅ, ନାରୀ ବି ପିନ୍ଧିପାରେ ରକ୍ତ ସିନ୍ଦୂର, ରଘୁ ଅରକ୍ଷିତ, ୧୯୯୮- ରୂପା ଗାଁର ସୁନା କନିଆଁ, ସହର ଜଳୁଛି, ୧୯୯୯- କାଳ ଚକ୍ର, ମା' ପରି କିଏ ହେବ, ୨୦୦୧- ବାଜି , ମୋ କୋଳ ତୋ ଝୁଲଣା, ୨୦୦୨- ଧର୍ମ ସହିଲେ ହେଲା, ସମୟ ଖେଳୁଛି ଚକା ଭଉଁରୀ, ସେହି ଝିଅଟି, ୨୦୦୫- ଅଗ୍ନି ପରୀକ୍ଷା, ଓଁ ଶାନ୍ତି ଓମ୍, ବାବାଜି, ୨୦୦୭- ଏ ଯୁଗର କୃଷ୍ଣସୁଦାମା, ମୁଁ ତୋତେ ଲଭ୍ କରୁଛି, ତୁମକୁ ପାରୁନି ତ ଭୁଲି, ୨୦୦୯- ରୋମିଓ ଲଭର ବୟ, ଆଇଲାରେ ଓଡ଼ିଆ ପୁଅ, ତୁ ମୋରି ପାଇଁ, ପାଗଳ କରିଛି ପାଉଁଜି ତୋର, ୨୦୧୭- ଦିଲ୍ କା ରାଜା, ୨୦୨୨- ବିଦ୍ୟାରାଣୀ।

### ବଳିଷ୍ଠ ଅଭିନୟ ପାଇଁ ପୁରସ୍କାର

ଉତ୍ତମ ମହାନ୍ତି ନିଜ କ୍ୟାରିଅରରେ ଓଡ଼ିଶା ଲିଭିଙ୍ଗ ଲିଜେଣ୍ଡ ପୁରସ୍କାର, ଜୟଦେବଲ ପୁରସ୍କାର (୧୯୯୯), ଶ୍ରେଷ୍ଠ ଅଭିନେତା ଭାବେ ୩ଟି ଓ ସହ ଅଭିନେତା ଭାବରେ ଗୋଟିଏ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି । ସେ ୧୯୯୧ ରେ ରିଲିଜ ଫିଲ୍ମ (ତୋ ବିନୁ ଅନ୍ୟଗତି ନାହିଁ) ପାଇଁ ସହ- ଅଭିନେତା ଭାବରେ ଗୋଟିଏ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି । ୧୯୮୨-୮୩-୮୪ ରେ ରିଲିଜ ଫିଲ୍ମ ('ଫୁଲ ଚନ୍ଦନ', 'ଝିଅଟି ସୀତା ପରି', 'ଦଣ୍ଡା ବାଳୁଙ୍ଗା') ପାଇଁ ଶ୍ରେଷ୍ଠ ଅଭିନେତା ଭାବେ ୩ଟି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି । ୨୦୦୬ ରେ ଇନ୍ଦିରାଗାନ୍ଧୀ ପ୍ରିୟଦର୍ଶିନୀ ପୁରସ୍କାର ଓ ୨୦୦୮ରେ ଶ୍ରେଷ୍ଠ ଅଭିନେତା ପାଇଁ ଫଟଫାଟ ବାଇସ୍କୋପ ପୁରସ୍କାର ପାଇଛନ୍ତି ।

### ଉତ୍ତମ- ଅପରାଜିତାଙ୍କ ଲଭ୍ ଷ୍ଟୋରୀ

**ରାଜି କରିବାକୁ ଲାଗିଥିଲା ୫ ବର୍ଷ**

ଓଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରୀର ଏଭରଗ୍ରୀନ୍ ଯୋଡି ହେଉଛନ୍ତି ଉତ୍ତମ ଏବଂ ଅପରାଜିତାଙ୍କ ଯୋଡି । ରିଲ୍ ଦୁନିଆରେ ଏହି ଯୋଡି ଯେତିକି ହିଟ୍, ରିଅଲ୍ ଦୁନିଆରେ ମଧ୍ୟ ଏହି ଯୋଡି ସେତିକି ହିଟ୍ । ତେବେ ଶୁଣିବାକୁ ମିଳେ, କୁଆଡେ ଅପରାଜିତାଙ୍କୁ ରାଜି କରିବାକୁ ସେତେବେଳର ଓଲିଉଡ୍ ଷ୍ଟାର ଉତ୍ତମ ମହାନ୍ତିଙ୍କୁ ଲାଗି ଯାଇଥିଲା ଦୀର୍ଘ ୫ ବର୍ଷ । ଉତ୍ତମ- ଅପରାଜିତାଙ୍କ ଏହି ଯୋଡି ଓଡିଆ ସିନେ ଜଗତର ଅନ୍ୟତମ ଲୋକପ୍ରିୟ ଯୋଡି ଭାବେ ବେଶ ଜଣାଶୁଣା । କୁହାଯାଏ, 'ଅସ୍ତରାଗ' ଫିଲ୍ମର ଯେତେବେଳେ ସୁଟିଂ ଚାଲିଥିଲା, ସେତେବେଳେ ଉତ୍ତମଙ୍କ ସହ ଅପରାଜିତାଙ୍କ ପ୍ରଥମ ଦେଖା ହୋଇଥିଲା । ଆଉ ତା ପରେ ପରେ କିଛି ଫିଲ୍ମରେ ଏକାଠି ଅଭିନୟ କରିବା ପରେ, ସେତେବେଳେ ଅପରାଜିତାଙ୍କ ପ୍ରେମରେ ପଡିଯାଆନ୍ତି ଉତ୍ତମ ମହାନ୍ତି। ତେବେ ଅପରାଜିତାଙ୍କୁ ବିବାହ ପାଇଁ ରାଜି କରିବାକୁ ଉତ୍ତମଙ୍କୁ ପ୍ରାୟ ୫ ବର୍ଷ ଲାଗିଯାଇଥିଲା । ତେବେ ଉତ୍ତମ କେବେ ବି ଅପରାଜିତାଙ୍କୁ ପ୍ରେମ ନିବେଦନ କରିନଥିଲେ, ବରଂ ସିଧାସଳଖ ବିବାହ ପ୍ରସ୍ତାବ ଦେଇଥିଲେ । ଉତ୍ତମଙ୍କ ଏହି ପ୍ରେମ ନିବେଦନ ପରେ, ଶେଷରେ ରାଜି ହେଇଥିଲେ ଅପରାଜିତା । ଆଉ ୧୯୮୭ ମସିହା ମେ ମାସ ୧୭ ତାରିଖରେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହେଇଥିଲେ । ଭୁବନେଶ୍ୱରର ମ୍ୟୁନିସିପାଲଟି ଅତିଥି ଭବନରେ ଏହି ବିବାହ ହେଇଥିଲା । ଆଉ ବିବାହର ୨ ବର୍ଷ ପରେ, ଅର୍ଥାତ ୧୯୮୯ ମସିହାରେ ଉତ୍ତମ ଆଉ ଅପରାଜିତାଙ୍କ କୋଳକୁ ଆସିଥିଲେ, ବର୍ତ୍ତମାନର ଓଲିଉଡ୍ ସୁପରଷ୍ଟାର ବାବୁସାନ୍ ମହାନ୍ତି । ତେବେ ଏକଦା ଫିଲ୍ମ ଅଭିନେତା ହେବା ପାଇଁ କୌଣସି ବି ଯୋଜନା କରିନଥିବା ଉତ୍ତମ, ସମୟର ଚକ୍ରରେ ବନିଯାଇଥିଲେ ଓଲିଉଡ଼ର ସୁପରଷ୍ଟାର । ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ତାଙ୍କୁ ଯେତିକି ଲୋକପ୍ରିୟ କରିଥିଲା, ସେତିକି ଘରେ ଘରେ ମଧ୍ୟ ପରିଚିତ କରିଥିଲା । ଆଜି ତାଙ୍କ ଅବର୍ତ୍ତମାନରେ ସାରା ଓଡ଼ିଶା ଆଖିରୁ ଲୁହ ଝରୁଛି ।









Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ ପ୍ରାଧ୍ୟାପକ ଡ. ଦୀପକ କୁମାର ମିଶ୍ର। ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପିକା ଡ. ପ୍ରୀତି କୁମାରୀ ରଥ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଫେସର ଗୌରୀ ଶଙ୍କର ତ୍ରିପାଠୀ ବିଜ୍ଞାନ ଦିବସର ମହତ୍ତ୍ୱ ବର୍ଣ୍ଣନା ପୂର୍ବକ ବୈଜ୍ଞାନିକ ଗବେଷଣା ନିମନ୍ତେ ଗଭୀର ନିରୀକ୍ଷଣାତ୍ମକ ଦୃଷ୍ଟି ରହିବା ଆବଶ୍ୟକ ବୋଲି ମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଭୋଳାନାଥ ପାଢ଼ୀ ବୈଜ୍ଞାନିକ ସି. ଭି. ରମଣଙ୍କ ଜୀବନୀ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ବିଜ୍ଞାନଭିତ୍ତିକ ପ୍ରତିଯୋଗିତା ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ଅଧ୍ୟାପକ ଡ. ଗୌତମ ସାବତ ଧନ୍ୟବାଦ ଅର୍ପଣ କରିଥିଲେ।

## କନ୍ଧମାଳରେ ୫୪୦ କୋଟି ଟଙ୍କାର ପୁଞ୍ଜି ନିବେଶ ନେଇ ପ୍ରସ୍ତାବ




କନ୍ଧମାଳ, (ଭାସ୍କର ନ୍ୟୁଜ୍): ଦାରିଙ୍ଗବାଡ଼ି ଇକୋ ରିଟ୍ରିଟରେ ଅନୁଷ୍ଠିତ ଇନଭେଷ୍ଟ କନ୍ଧମାଳ ୨୦୨୫ ପୁଞ୍ଜିନିବେଶ କାରୀ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏ ନେଇ ଜିଲ୍ଲାପାଳ ଅମୃତ ଋତୁରାଜ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ଯେ ୨୯ଜଣ ପୁଞ୍ଜି ନିବେଶକାରୀ ୫୪୦ କୋଟି ଟଙ୍କାର ଇନଭେଷ୍ଟମେଣ୍ଟ କରିବାକୁ ପ୍ରଶାସନ ନିକଟରେ ପ୍ରସ୍ତାବ ଦେଇଛନ୍ତି। ଯାହାକି ଅଞ୍ଚଳର ବିକାଶ ସହ ଏଥିରେ ପ୍ରାୟ ୪ ହଜାର ନିଯୁକ୍ତି ସୃଷ୍ଟି ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଇନଭେଷ୍ଟରମାନଙ୍କ ସହ ଆଲୋଚନା ସରିଥିବା ବେଳେ ପ୍ରଶାସନ ସେମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବ। ତେବେ ୨ ଦିନ ଧରି ଇନଭେଷ୍ଟରମାନେ ଦାରିଙ୍ଗବାଡ଼ି ସମେତ ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ମାନଙ୍କରେ ପ୍ରଶାସନ ପକ୍ଷରୁ ଯେଉଁସବୁ ଜମି ଯୋଗାଇ ଦେବାର ରହିଛି ତାକୁ ସବିଶେଁ ବୁଲି ଦେଖିଛନ୍ତି। ଏହା ସହ ସେମାନଙ୍କ ବ୍ୟବସାୟରେ ଆବଶ୍ୟକ ରହିଥିବା ବ୍ୟବସ୍ଥା ଗୁଡ଼ିକ ମଧ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ। ଏଗ୍ରୋ ଟୁରିଜିମ୍, ଖାଦ୍ୟ ପ୍ରସ୍ତୁତିକରଣ, ପର୍ଯ୍ୟଟନ, ହସ୍ପିଟାଲିଟି କ୍ଷେତ୍ରରେ ଇନଭେଷ୍ଟ କରିବାକୁ ନିବେଶକମାନେ ଅଧିକ ଆଗ୍ରହ ପ୍ରକାଶ କରିଛନ୍ତି। ଯାହାକି ପ୍ରଶାସନ ବିଦ୍ୟୁତ, ଜମି, ଜଳ ଆଦି ଯୋଗାଇଦେବ। ଏହା ସହ ଆହୁରି ଅନେକ କନ୍ଧମାଳରେ ପୁଞ୍ଜି ନିବେଶ କରିବା ପାଇଁ ଆଗ୍ରହ ଦେଖାଇଛନ୍ତି। ଆଉ ସେମାନଙ୍କ ଯୋଗାଯୋଗରେ ଜିଲ୍ଲା ପ୍ରଶାସନ ରହିଛି। ଯେମିତିକି କନ୍ଧମାଳକୁ ଅଧିକ ପୁଞ୍ଜି ନିବେଶକାରୀଙ୍କୁ ଆଣାଯାଇ ପାରିବ ସେ ପ୍ରୟାସ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ରହିଛି। ଏବଂ ସ୍ଥାନୀୟ ଅଞ୍ଚଳର ଲୋକ ଯେଉଁମାନେ ନିଜସ୍ୱ ଜମିରେ ନିବେଶ କରିବାକୁ ଆଶା ରଖିଛନ୍ତି ସେମାନଙ୍କୁ ମଧ୍ୟ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୁର୍ନୀତି

### ଶିକ୍ଷକଙ୍କ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ, କାର୍ଯ୍ୟାନୁଷ୍ଠାନରେ ଶିଥିଳତା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କେତେକ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଶିକ୍ଷକମାନଙ୍କ ଲକ୍ଷ ଲକ୍ଷ ତାଲିମ ଅର୍ଥ ହଡ଼ପ କରିଥିବାର ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଉପରେ ତଦନ୍ତ କରାଯାଇଥିଲା। ମାତ୍ର ତଦନ୍ତ ପରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଏହାକୁ ଚାପି ଦିଆଯାଇଥିବାର ଶିକ୍ଷକ ମହଲରେ ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ୍ ଅଞ୍ଚଳର ବିଭିନ୍ନ କ୍ଲଷ୍ଟର୍ ଓ ବିଦ୍ୟାଳୟ ମାନଙ୍କରେ ସର୍ବଶିକ୍ଷା ଓ ସମଗ୍ର ଶିକ୍ଷା ଯୋଜନାରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଗତ ୨୦୧୭ ମସିହା ଠାରୁ ୨୦୨୪ ମସିହା ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯାଇ ଥିଲା। ମାତ୍ର ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କୁ ସେମାନଙ୍କ ତାଲିମ ବାବଦ ଅର୍ଥ ସରକାର ପ୍ରଦାନ କରିଥିଲେ ମଧ୍ୟ ବାସ୍ତବରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସେମାନଙ୍କ ତାଲିମ ବାବଦ ଅର୍ଥ ପ୍ରଦାନ କରାଯାଇ ନଥିବାର ଅଭିଯୋଗ ହୋଇଥିଲା। ଏସମ୍ପର୍କରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷକନେତା ଲିଖିତ ଅଭିଯୋଗ କରିଥିଲେ। ମାତ୍ର କାର୍ଯ୍ୟାଳୟ ତରଫରୁ ଦାୟିତ୍ୱ ନେଇଥିବା କେତେକ ଅସାଧୁ କର୍ମଚାରୀ ସରକାରୀ କାଗଜ କଲମରେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଏହି ତାଲିମ ପ୍ରାପ୍ୟ ପ୍ରଦାନ କରାଯାଇଥିବାର ଦର୍ଶାଇଛନ୍ତି। ଏହି ଅଭିଯୋଗର ଶିକ୍ଷା ବିଭାଗ ତରଫରୁ ତଦନ୍ତ କରାଯାଇଥିଲା। ମାତ୍ର ତଦନ୍ତ ରିପୋର୍ଟ ନରସିଂହପୁର ମଣ୍ଡଳ ଶିକ୍ଷାଧିକାରୀ ପ୍ରଦାନ କରିଥିଲେ। କିନ୍ତୁ ତାଙ୍କର ତଦନ୍ତ ରିପୋର୍ଟକୁ କାର୍ଯ୍ୟାଳୟ ତରଫରୁ ଚାପି ଦିଆଯାଇଥିବାର ବହୁ ଶିକ୍ଷକଶିକ୍ଷୟିତ୍ରୀ ଅଭିଯୋଗ କରିଛନ୍ତି। ଶିକ୍ଷକଶିକ୍ଷୟିତ୍ରୀଙ୍କ ତାଲିମ ବାବଦ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବା କାର୍ଯ୍ୟାଳୟର ଦୁର୍ନୀତିଗ୍ରସ୍ତ କର୍ମଚାରୀ ମାନଙ୍କୁ ପ୍ରଶାସନ ତରଫରୁ ଘଣ୍ଟ ଘୋଡାଯାଉ ଥିବାର ଅଭିଯୋଗ ହୋଇଛି। ତେବେ ଏହି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୁଦ୍ଧରେ ପ୍ରଶାସନ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଶିକ୍ଷକ ମହଲରେ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଶିକ୍ଷକଶିକ୍ଷୟିତ୍ରୀ ମାନେ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଶିକ୍ଷା ବିଭାଗ ତରଫରୁ ଏହି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୁଦ୍ଧରେ କେବେ ଓ କିପରି ଦୃଷ୍ଟାନ୍ତମୂଳକ କାର୍ଯ୍ୟ ଗ୍ରହଣ କରାଯାଉଛି ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଜାତୀୟ ବିଜ୍ଞାନ ଦିବସ ପାଳିତ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ସଦର ମହକୁମାରେ ଅବସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ନୂତନ କୁମାର ଗୁରୁଜୀ ପରିଚାଳନା କରିଥିଲେ। ବିଦ୍ୟାଳୟର ତୃତୀୟ ଶ୍ରେଣୀରୁ ନବମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ। ଏଥିରେ ପ୍ରକଳ୍ପ ୩୦ଟି, ଭାରତୀୟ ବୈଜ୍ଞାନିକମାନଙ୍କ ଫଟୋ ଚିତ୍ରରେ ୨୦ଜଣ, ବିଜ୍ଞାନ ପତ୍ର ବାଚନରେ ୧୦ଜଣ ବିଜ୍ଞାନ, ପ୍ରଶ୍ନମଞ୍ଚରେ ୪୫ଜଣ ଶିଶୁ ଭାଗ ନେଇଥିଲେ। କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ସମସ୍ତ ଏହି କାର୍ଯ୍ୟକ୍ରମରେ ଗୁରୁଜୀଗୁରୁମା ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସାହୁ ଭାରତୀୟ ବୈଜ୍ଞାନିକମାନଙ୍କର ବିଜ୍ଞାନ କ୍ଷେତ୍ରରେ ଅବଦାନ ଓ ଶିକ୍ଷାରେ କିପରି ଭାରତୀୟତା ଶିଶୁମାନଙ୍କ ମଧ୍ୟରେ ଜାଗ୍ରତ ହେବ ତାହା ବିଷୟରେ ଶିଶୁ ମାନଙ୍କୁ ବୌଦ୍ଧିକ ପ୍ରଦାନ କରିଥିଲେ।

## ନୀଳାଚଳ ଇସ୍ପାତ ନିଗମରେ ରାସାୟନିକ ବିପର୍ଯ୍ୟୟ ପ୍ରସ୍ତୁତି ନେଇ ପୂର୍ଣ୍ଣାଙ୍ଗ ମକ୍‌ଡ୍ରିଲ



ବ୍ୟାସନଗର, (ଭାସ୍କର ନ୍ୟୁଜ୍): ରାସାୟନିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ଓ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ନୀଳାଚଳ ଇସ୍ପାତ ନିଗମ ଠାରେ ରାସାୟନିକ ବିପର୍ଯ୍ୟୟ ପରିଚାଳନା ଉପରେ ଏକ ରାଜ୍ୟସ୍ତରୀୟ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ(ଏନଡିଏମଏ) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ(ଓଏସଡିଏମଏ)ର ସହଯୋଗରେ ଆୟୋଜିତ ଏହି ମକ୍‌ଡ୍ରିଲର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଳ୍ପ, ସରକାରୀ ଏଜେନ୍ସି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଦଳଗୁଡିକ ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା। ନୀଳାଚଳ ଇସ୍ପାତ ନିଗମ, ଟାଟା ଷ୍ଟିଲ କଳିଙ୍ଗନଗର ଓ ଜିନ୍ଦଲ ଷ୍ଟେନଲେସ୍ ସମେତ ଏହି ଅଞ୍ଚଳର ଅନ୍ୟ ଇସ୍ପାତ ଉତ୍ପାଦନକାରୀ କମ୍ପାନୀମାନେ ପାରସ୍ପରିକ ସହଯୋଗୀ ସହାୟକ ଭାବେ ଏହି ମକ ଡ୍ରିଲରେ ଅଂଶଗ୍ରହଣ କରିଥିଲେ। ଏହି ମକ୍ ଡ୍ରିଲକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ଜରୁରୀକାଳୀନ ଅପରେସନ୍ ସେଣ୍ଟରର ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଶୋକ କୁମାର ବେହେରା ସଂଯୋଜନା କରିଥିଲେ। ନୀଳାଚଳ ଇସ୍ପାତ ନିଗମ କାରଖାନା ଭିତରେ ଥିବା ପାୱାର ପ୍ଲାଣ୍ଟରେ ଥିବା ଲାଇଟ୍ ଡିଜେଲ ଅଏଲ (ଏଲଡିଓ)ଟ୍ୟାଙ୍କ ଷ୍ଟୋରେଜରେ ସମ୍ଭାବ୍ୟ ଲାଇଟ୍ ଡିଜେଲ ଅଏଲ (ଏଲଡିଓ) ଲିକ୍ କ୍ଷେତ୍ରରେ ଏହାର ପ୍ରଶମନ କ୍ଷମତା ପରୀକ୍ଷା କରିବା ଏହି ମକ୍ ଡ୍ରିଲର ଉଦ୍ଦେଶ୍ୟ ଥିଲା। ଏହାର ଅର୍ଥ ପ୍ରକୃତରେ କୌଣସି ଅଘଟଣ ଘଟିନଥିଲେ ମଧ୍ୟ ନିରାପତ୍ତା, ଅଗ୍ନିଶମ ବାହିନୀ, ମେଡିକାଲ, ସିକ୍ୟୁରିଟି ଆଣ୍ଡ ଅପରେସନ୍ ସମେତ ବିଭିନ୍ନ ଟିମ ଏଥିପାଇଁ କେତେ ପ୍ରସ୍ତୁତ ତାହା ପରୀକ୍ଷା କରିବା ପାଇଁ ବିଭିନ୍ନ ଦିଗକୁ ଲକ୍ଷକରି ଏହି ମକ୍ ଡ୍ରିଲରେ ସେହିପରୀ ପରିସ୍ଥିତି ସୃଷ୍ଟି କରାଯାଇଥିଲା। ମକ୍ ଡ୍ରିଲ୍ ସମୟରେ ଟିମ୍ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଘଟଣା ସ୍ଥଳରେ ପହଞ୍ଚିବା, ନିର୍ଦ୍ଦିଷ୍ଟ ସ୍ଥାନରୁ କର୍ମଚାରୀଙ୍କୁ ସ୍ଥାନାନ୍ତର କରିବା, ଉପଯୁକ୍ତ ଚିକିତ୍ସା ସେବା ପ୍ରଦାନ କରିବା, ସମ୍ଭାବ୍ୟ ସଙ୍କଟକୁ ଠିକ୍ ସମୟରେ ତଦାରଖ କରି ନିୟନ୍ତ୍ରଣ କରିବା ପାଇଁ ବ୍ୟବହାରିକ ପ୍ରଶିକ୍ଷଣ ପ୍ରୋଟୋକଲ୍ ଅଭ୍ୟାସ କରାଯାଇଥିଲା। ମକ୍‌ଡ୍ରିଲରେ ଯାଜପୁର ଜିଲା ଦାନଗଦୀ ତହସିଲଦାର ରଣଜିତ କୁମାର ମଲ୍ଲିକ, କାରଖାନା ଓ ବଏଲରର ଉପନିର୍ଦ୍ଦେଶକ ଗଣେଶ୍ୱର ମାର୍ଡି, ଓଏସପିସିବିର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ, ଯାଜପୁର ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ପରିବେଶ ବୈଜ୍ଞାନିକ ହିମାଂଶୁ ଶେଖର ସାହୁ, ଓଡିଆରଏଫ୍‌ର ସହକାରୀ କମାଣ୍ଡାଣ୍ଟ ନରେଶ ବେହେରା, ଯାଜପୁର ରୋଡ ଅଗ୍ନିଶମ କେନ୍ଦ୍ର, ସହକାରୀ ଅଗ୍ନିଶମ ଅଧିକାରୀ ତଥା ଟିମ୍ ଲିଡର ତାପସ କୁମାର ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳାଚଳ ଇସ୍ପାତ ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କୃଷକ ଉତ୍ପାଦକ ସଂଘର ରାଜ୍ୟସ୍ତରୀୟ ସମୀକ୍ଷା କର୍ମଶାଳା




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ର କୃଷକ ଉତ୍ପାଦକ ସଂଘ ଉତ୍କର୍ଷ କେନ୍ଦ୍ର ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ସମୀକ୍ଷା କର୍ମଶାଳା ଆୟୋଜିତ କରାଯାଇଛି। ଏହି ଅବସରରେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ରୟଗଡା ଜିଲ୍ଲାରୁ ପ୍ରାୟ କୃଷକ ଉତ୍ପାଦକ ସଂଘର ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ, ବ୍ରହ୍ମପୁର ର ସମନ୍ୱୟରେ ସ୍ଥାନୀୟ ବିଜ୍ଞାନ ବୈଷୟିକ ଅନୁଷ୍ଠାନରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପ-ଉଦ୍ୟାନ ନିର୍ଦ୍ଦେଶକ କନ୍ଧ ଜେନା, ନାବାର୍ଡ ବ୍ୟାଙ୍କର ଜିଲ୍ଲା ଉପ-ନିବନ୍ଧକ ଡ. ସଂଜୀବ ମିଶ୍ର, ଓରମାସ୍‌ର ମ୍ୟାନେଜର ଶ୍ରୀନିବାସ ରାଓ, ଜିଲ୍ଲା ମୁଖ୍ୟ ବ୍ୟାଙ୍କ୍ ଅଧିକାରୀ ହିମାଚଳ ସାହୁ, କୃଷି ଜିଲ୍ଲା ଅଧିକାରୀ ସୁରେଶ ମଲ୍ଲିକ, ଓୟୁଏଟି ଚିପିଲିମା କୃଷି ମହାବିଦ୍ୟାଳୟର ସହଯୋଗୀ ପ୍ରଫେସର୍ ଡ. ରଞ୍ଜନ କୁମାର ତରାଇ, କେଭିକେ ଗଞ୍ଜାମ-୧ର ମୁଖ୍ୟ ବୈଜ୍ଞାନିକ ଡ. ସୁତନୁ କୁମାର ଶତପଥୀ, କେଭିକେ ଗଜପତିର ପ୍ରମୁଖ ବୈଜ୍ଞାନିକ ଡ. ସଂଗ୍ରାମ ପରମଗୁରୁ ଓ କେଭିକେ ରାୟଗଡ଼ାର ବୈଜ୍ଞାନିକଗଣ ଯୋଗ ଦେଇଥିଲେ। ଓୟୁଏଟି ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ତଥା କୃଷକ ଉତ୍ପାଦନ ସଂଘର ଉତ୍କର୍ଷକେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସର୍ବାଣୀ ଦାସ କର୍ମଶାଳାରେ ଅଧ୍ୟକ୍ଷତା କରି ଉତ୍କର୍ଷକେନ୍ଦ୍ରର ଆଭିମୁଖ୍ୟ ଓ କାର୍ଯ୍ୟଧାରା ଉପରେ ସମ୍ୟକ ସୂଚନା ଦେବା ସହିତ କୃଷି ବିଶ୍ୱବିଦ୍ୟାଳୟ କୃଷକ ଓ କୃଷିଜୀବୀମାନଙ୍କର ଉନ୍ନତି ଓ ବିକାଶ ନିମନ୍ତେ ସଦାସର୍ବଦା ଚେଷ୍ଟିତ ବୋଲି ମତ ଦେଇଥିଲେ। ଏହି ଅବସରରେ ସଂଘଗୁଡ଼ିକର ବର୍ତ୍ତମାନର କାର୍ଯ୍ୟପନ୍ଥା ଓ ଭବିଷ୍ୟତର କାର୍ଯ୍ୟ ଖସଡ଼ା ଉପରେ ଆଲୋଚନା କରିଥିଲେ। ଉପ-ଉଦ୍ୟାନ ନିର୍ଦ୍ଦେଶକ ସରକାରଙ୍କର ବିଭିନ୍ନ ସଂଘ ଆଭିମୁଖୀ ଯୋଜନା ଗୁଡିକ ଉପସ୍ଥାପନ କରିବା ସହିତ ଚାଷୀ ଓ ବ୍ୟବସାୟଙ୍କର ସମନ୍ୱୟ ଦ୍ୱାରା କୃଷକ ଉତ୍ପାଦକ ସଂଘ ସୁଦୃଢ ହୋଇ ପାରିବ ବୋଲି କହିଥିଲେ। ଜିଲ୍ଲା ମୁଖ୍ୟ ବ୍ୟାଙ୍କ୍ ଅଧିକାରୀ ବ୍ୟାଙ୍କର ସହଯୋଗିତାରେ କୃଷକ ଉତ୍ପାଦକସଂଘ ଆଗକୁ ବଢ଼ିବା ସହିତ ସରଳିକୃତ ନବୀକରଣ ଉପରେ ମତବ୍ୟକ୍ତ କରିଥିଲେ। କୃଷକ ଉତ୍ପାଦକ ସଂଘ ସହିତ ନାବାର୍ଡ ଯୋଡ଼ି ହୋଇ ରହିଛି ଏବଂ ଆଗକୁ ଆହୁରି ସାଯୋଗିତା ଜାରିରହିବ ବୋଲି ନାବାର୍ଡ ଉପନିର୍ଦ୍ଦେଶକ ପରିପ୍ରକାଶ କରିଥିଲେ। ଏହି କର୍ମଶାଳାରେ ଉପସ୍ଥିତ ୪ଟି ଜିଲ୍ଲାରୁ ଆସିଥିବା କୃଷକ ଉତ୍ପାଦକ ସଂଘର କର୍ମକର୍ତ୍ତା ଓ ଅଧିକାରୀମାନଙ୍କ ମଧ୍ୟରେ ଆଗକୁ କିପରି ସଂଘ ଗୁଡିକ ଉନ୍ନତି ପଥରେ ଆଗେଇଚାଲି, ବିକାଶଧାରାକୁ ତ୍ୱରାନ୍ୱିତ ରଖିବା ପାଇଁ କାର୍ଯ୍ୟ କରିବେ ସେ ବିଷୟରେ ସବିଶେଷ ମତ ପ୍ରକାଶ ପାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଗଣ ଡ଼ ଦେବାଶିଷ ଷଡଙ୍ଗୀ, ଡ଼ ସିଦ୍ଧାର୍ଥ ଦାସ, ଦେବାଶିଷ ମହାନ୍ତି, ସସ୍ମିତା ପ୍ରିୟଦର୍ଶିନୀ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

## ୮୩ ଥର ରକ୍ତଦାନ କରି ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ରଶ୍ମୀ ରଞ୍ଜନ ବାରିକ ୮୩ ଥର ରକ୍ତଦାନ କରି ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଇଛନ୍ତି। ଶୁକ୍ରବାର କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ରକ୍ତଭଣ୍ଡାର ତରଫରୁ ଏକ ରକ୍ତଦାତା ଓ ରକ୍ତ ସଂଗଠନମାନଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୋଦ କୁମାର ପ୍ରହରାଜ, ମୁଖ୍ୟ ବ୍ଲଡ଼ ବ୍ୟାଙ୍କ୍ ଅଧିକାରୀ ମାନସ କୁମାର ଜେନା, ଏ.ଡି.ଏ.ମ୍ ସଚ୍ଚିଦାନନ୍ଦ ମିଶ୍ର, ଏବଂ କୃଷ୍ଣଚନ୍ଦ୍ର ଲୋହା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ଓ ରକ୍ତ ସଂଗଠକମାନଙ୍କୁ କିପରି ଗ୍ରୀଷ୍ମ ଋତୁରେ ରକ୍ତର ସଙ୍କଟ ନପଡ଼ିବ ଏବଂ ଅଧିକରୁ ଅଧିକ ରକ୍ତ ସଂଗ୍ରହ ହେଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅଞ୍ଚଳର ଜଣାଶୁଣା ସାମାଜିକ କର୍ମୀ ଓ ପକ୍ଷୀ ମଣିଷ ଭାବରେ ପରିଚିତ ରଶ୍ମୀ ରଞ୍ଜନଙ୍କୁ ମଧ୍ୟ ସର୍ବାଧିକ ୮୩ ଥର ରକ୍ତଦାନ କରିଥିବାରୁ ସମ୍ବର୍ଦ୍ଧିତ କରୁଛନ୍ତି ଜିଲ୍ଲାପାଳ।

## ସ୍ୱର୍ଗତଃ ଦୁର୍ଗା ଚରଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବିଜେପିର ବରିଷ୍ଠ ନେତା ଦୁର୍ଗା ଚରଣ ନାୟକଙ୍କ ବିୟୋଗରେ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଟାଉନ ହଲ ପରିସରରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡ. ଲକ୍ଷ୍ମୀଧର ତ୍ରିପାଠୀଙ୍କ ସଂଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ସ୍ୱର୍ଗତ ଦୁର୍ଗା ଚରଣ ନାୟକ ଜଣେ ସୁସଂଗଠକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ବିଜେପି ଜିଲା ସଭାପତି ଭଗବାନ ପଣ୍ଡା, ଦୀନବନ୍ଧୁ ପତି, ଅଜୟ ନାୟକ, ଉଦୟ ନାରାୟଣ ମଲ୍ଲିକ, ସଚିକାନ୍ତ ନାୟକ, ସୋମନାଥ ପାଢ଼ୀ, ସୁରେନ୍ଦ୍ର କୁମାର ନାୟକ, ମୁକ୍ତିକାନ୍ତ ନାୟକ, ଶରତ ଦାସ, ଅଶୋକ କୁମାର ପୁହାଣ, ଗଣେଶ ନାୟକ, ଧୀରେନ୍ଦ୍ର ସାହୁ, ବିଭୂତି ଭୂଷଣ ସେନାପତି, କୁନ୍ତଳା ମଲିକ, ପ୍ରଦୀପ ବଳ, ଶୁକଦେବ ମଲିକ, ନୀଳମାଧବ ସେନାପତି, ମନୋଜ ମଲିକ, ରଘୁନାଥ ପାତ୍ର, ସୀତାକାନ୍ତ ନାୟକ, ବୁଦ୍ଧଦେବ ଜେନା, ସଂଗ୍ରାମ ମହାନ୍ତି, ସରୋଜ ନାୟକ, ପ୍ରମୋଦ ଦାସ, ସାଇସରଣ ବେହେରା, ଉମାକାନ୍ତ ଦାସ, କେଶବ ବେହେରା, ଦେବେନ୍ଦ୍ର ପୁହାଣ, ନିତ୍ୟାନନ୍ଦ ମଲ୍ଲିକ, ପି. ହୃଷିକେଶ, ଭଗବାନ ପାଣିଗ୍ରାହୀ, ସୁଧାଂଶୁ ପାଣିଗ୍ରାହୀ, ଶୁଭ୍ରନାରାୟଣ ସେଠୀ, ନିଶିକାନ୍ତ ଭଟ୍ଟରାୟ, ତୁପୁନୁ ପାଣି ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।

## ଭରତୀୟ ଜନତା ପାର୍ଟି ଯାଜପୁର ଜିଲ୍ଲା ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଭରତୀୟ ଜନତା ପାର୍ଟି ଯାଜପୁର ପକ୍ଷରୁ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିକଶିତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ ଶୀର୍ଷକ ଏକ ଆଲୋଚନାଚକ୍ର ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ବକ୍ତା ଭାବେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା, ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇ ବିକଶିତ ଭାରତ ପାଇଁ ଚଳିତ ବଜେଟ୍ ଏକ ଲୋକାଭିମୁଖୀ ବଜେଟ୍। ଚଳିତ ବଜେଟରେ କେନ୍ଦ୍ର ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ନିଯୁକ୍ତି, ଉପରେ ଗୁରୁତ୍ୱ ଆରୋପ କରିଥିବା କହିଥିଲେ। ପରେ ଉପସ୍ଥିତ ବୁଦ୍ଧିଜୀବୀମାନଙ୍କ ତରଫରୁ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ସାଂସଦ ରବି ନାରାୟଣ ବେହେରା, ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ପୂର୍ବତନ ସଭାପତି ଗୌରମ ରାୟ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ବବିତା ମଲିକ, ବରିର ବିଜେପି ନେତା ଉମେଶ ଜେନା ଯୋଗଦେଇ ବିକଶିତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟକୁ ଏକ ଐତିହାସିକ ବଜେଟ ବୋଲି କହିଥିଲେ।

## ଉପମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ କଣ୍ଟାବାଞ୍ଜିରେ ଭବ୍ୟ ସ୍ୱାଗତ



କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ସହରର ହୋଟେଲ ଆଲିଶାନ ନିକଟରେ ଓଡିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିର ବଙ୍ଗୋମୁଣ୍ଡା ବ୍ଲକର ଐତିହାସିକ ୬୪ଟି ଯୋଗିନୀ ତଥା ସୋମେଶ୍ୱର ଶୈବ ପୀଠରେ ଚାଲିଥିବା ମହାଶିବରାତ୍ରୀ ମେଳା ଓ ରାନୀପୁର ଝରିଆଲ ମହୋତ୍ସବରେ ଶୁକ୍ରବାର ସନ୍ଧ୍ୟାରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲା। ଏହି ଅବସରରେ ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଓ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ମଧ ସହରର ହଜାରହଜାର ସଂଖ୍ୟାରେ ସମର୍ଥକମାନେ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧନା ଦେଇଥିଲେ। ଏହି ପରିପ୍ରେକ୍ଷିରେ ଭାଜପର ବରିଷ୍ଠ ସଭ୍ୟ ଶିବାଜୀ ମହାନ୍ତି, ଘାସିରାମ ଜୈନ, ବେଦବ୍ୟାସ ନାଗ,ଜଳନ୍ଧର ମହାକୁଡ, ଅକ୍ଷୟ ମେହେର, ପ୍ରଦିପ ବାଗ, ଦିପକ ସେଲମା, ପପ୍ପୁ ଜୁଏଡ ସହ ଅନ୍ୟମାନେ ସାମିଲ ଥିଲେ। ସହରର ପରିକ୍ରମା ପରେ ରାନୀପୁର ଝରିଆଲ ମହୋତ୍ସବ ଅଭିମୂଖେ ଯାତ୍ରା କରିଥିଲେ। କଣ୍ଟାବାଞ୍ଜି ପୋଲିସ ଏବଂ ଜିଲ୍ଲା ପୋଲିସ ଦ୍ୱାରା ଶାନ୍ତୀ ଶୃଙ୍ଖଳା ନିୟନ୍ତ୍ରଣ କରାଯାଇଥିଲା।

## ବିନା ପେନ୍‌ସନରେ ଅବସର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧୀନ ଆରୁହା ସ୍ଥିତ ସିନ୍ଦୋଳ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠର ଶିକ୍ଷା କର୍ମଚାରୀ ବାଇଧର ଜେନା ୩୨ ବର୍ଷ କାର୍ଯ୍ୟ କରିବା ପରେ ବିନା ପେନ୍‌ସନରେ ଶୁକ୍ରବାର ଅବସର ନେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି କୁହାଯାଇଛି। ସ୍କୁଲ ପକ୍ଷରୁ ଶ୍ରୀ ଜେନାଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ବିଶ୍ୱନାଥ ପଣ୍ଡାଙ୍କ ସଭା ପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଷ୍ଟାର ପୂର୍ବତନ ଜିଲ୍ଲା ସମ୍ପାଦକ ପ୍ରଦୀପ କୁମାର ଦାସ, ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ତଥା ପୂର୍ବତନ ସ୍କୁଲ ପରିଚଳାନା କମିଟି ସଭାପତି ବୈକୁଣ୍ଠ ନାଥ ପାଣି, ସମ୍ମାନିତ ଅତିଥି ଭାବେ ଏପିଏସପିଏସ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ପତି, ଏଲଏନ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପତ୍ରୀ, ବିଜ୍ଞାନ ଶିକ୍ଷକ ବିପ୍ଳବ ପହି, ସମାଜସେବୀ ଅଶ୍ୱନୀ ମଲ୍ଲିକ, ଚକ୍ରଧର ସ୍ୱାଇଁ, ଶିକ୍ଷାବିତ ଦାମୋଦର ସେନାପତି ପ୍ରମୁଖ ଯୋଗଦେଇ ଅବସର ପରେ କର୍ମଚାରୀ ବିନା ପେନ୍‌ସନରେ ଚଳିବା ବଡ଼ କଷ୍ଟସାଧ ବୋଲି କହିଥିବା ବେଳେ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପେନ୍‌ସନ ଲାଗୁ କରିବାକୁ ଦାବି କରିଥିଲେ। ସ୍କୁଲର ବରିଷ୍ଠ ଶିକ୍ଷକ ଲଲାଟେନ୍ଦୁ ମହାପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସନ୍ତୋଷ କୁମାର ପଣ୍ଡା ମଞ୍ଚ ପରିଚଳାନା ଓ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲର ଶିକ୍ଷକ ସୁବାସ ଚନ୍ଦ୍ର ଦାସ, ଭାଗିରଥି ବେହେରା, ନୃସିଂହ ଚରଣ ପଣ୍ଡା, ଅଭୟ କୁମାର ସେନାପତି, ଦାଉଦ ଅଲ୍ଲୀ ସାହାଜୀ, ଶିକ୍ଷା କର୍ମଚାରୀ ଅଶୋକ କୁମାର ନାୟକ, ପୂର୍ବତନ ଶିକ୍ଷା କର୍ମଚାରୀ ବୈକୁଣ୍ଠ ନାୟକ, ସମାଜସେବୀ ଦେବେନ୍ଦ୍ର ବାରିକ, ଗୟାଧର ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍କୁଲର ଛାତ୍ରଛାତ୍ରୀ ମାନେ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ଏହି ସଭାରେ ସ୍କୁଲ ପରିଚଳନା କମିଟି ସଦସ୍ୟ, ଛାତ୍ରଛାତ୍ରୀ ଅଭିଭାବକମାନେ ଉପସ୍ଥିତ ଥିଲେ।

## ପ୍ରଧାପକ ସୁଧା ଦାଶଙ୍କ ଅବସର



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଧରଣୀଧର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ତଥା ପ୍ରାଧ୍ୟାପକ ସୁଧା ଦାଶ ତାଙ୍କ ଅଧ୍ୟାପନା ଜୀବନରୁ ଅବସର ନେଇଛନ୍ତି। ସମୟର ସ୍ରୋତରେ ଆମେ ସମସ୍ତେ ଏଠାରେ ଅନୁବନ୍ଧିତ। ଦୀର୍ଘ ଦିନର ଶିକ୍ଷକତା ଜୀବନରେ ସେ ବହୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ତିଆରି କରିଛନ୍ତି। ପ୍ରାରମ୍ଭିକ ଜୀବନ ତାଙ୍କର ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରୁ ଆରମ୍ଭ ହୋଇ ବଲାଙ୍ଗୀର ମହିଳା ମହାବିଦ୍ୟାଳୟ ପରେ କେନ୍ଦୁଝର ମହିଳା ମହାବିଦ୍ୟାଳୟ ଓ ଶେଷରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ତଥା ଏବେର ବିଶ୍ୱବିଦ୍ୟାଳୟରେ ଅବସର ନେଉଛନ୍ତି। ଜଣେ ପ୍ରାଧ୍ୟାପକ ଭାବରେ ଦାସ ଅନେକ ଖ୍ୟାତି ଅର୍ଜନ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି କବି ସୁଧା ଦାସଙ୍କୁ ଜଣେ ଦକ୍ଷ ତଥା ଉଦାର ଶିକ୍ଷକ ଭାବରେ ବର୍ଣ୍ଣନା କରିବା ସହ ସୁଧା ଦାସଙ୍କ ଅଭିନନ୍ଦନ ଗ୍ରନ୍ଥିକା 'ସାଧନାର ସୁଧାକ୍ଷାର' ଲୋକାର୍ପଣ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରଭୁ ପ୍ରସାଦ ଦାସ ନିଜ ବକ୍ତବ୍ୟରେ ସୁଧା ସାରଙ୍କୁ ନିରହଙ୍କାର ବ୍ୟକ୍ତିତ୍ୱର ଉଦାହରଣ ଦେଇ ତାଙ୍କ ଅବଶିଷ୍ଟ ଜୀବନର ସୁଖ କାମନା କରିଥିଲେ। ପୂର୍ବତନ ଇଂରାଜୀ ବିଭାଗର ଅଧ୍ୟାପକ ଅନୀଲ କୁମାର ଦାସ, ଅଧ୍ୟାପକ ବାଞ୍ଛାନିଧି ମହାପାତ୍ର ପ୍ରମୁଖ ଯୋଗଦେଇ ସୁଧା ସାରଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଓଡ଼ିଆ ବିଭାଗର ଅନେକ ପୁରାତନ ଛାତ୍ରଛାତ୍ରୀ ଏହି ଉତ୍ସବରେ ଯୋଗଦେବା ସହ ତାଙ୍କ ପ୍ରିୟ ସାରଙ୍କ ଉଦ୍ଦେଶ୍ୟରେ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଡ. ସୁମନ୍ତ୍ର ନାଏକ ଉତ୍ସବରେ ସଭାପତିତ୍ୱ କରିବା ସହ ଉତ୍ସବର ଆଭିମୁଖ୍ୟ ତଥା ସୁଧାସାରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭାଗର ଅଧ୍ୟାପକ ଡକ୍ଟର ଶୁଭସ୍ମିତା ଦାଶ, ଡକ୍ଟର ଅଜୟ କୁମାର ସାହୁ, ଡକ୍ଟର ଜ୍ୟୋତି କିଶୋର ମହାନ୍ତ, ଅକାଲୁ ପୃଷ୍ଟି, ପ୍ରଜ୍ଞା ପରମିତା ସାହୁ ପ୍ରମୁଖ ନିଜ ନିଜର ଶୁଭେଚ୍ଛା ଜ୍ଞାପନ କରିଥିଲେ। ପୂର୍ବତନ ଛାତ୍ର କିଶୋର ଚନ୍ଦ୍ର ମହାନ୍ତ, ଅମିତି ଦେହୁରୀ, ଦୈତାରୀ ମଲ୍ଲିକ, ପ୍ରମୁଖ ସୁଧା ସାରଙ୍କୁ ବିଦାୟୀ ଶୁଭେଚ୍ଛା ଜଣାଇଥିଲେ। ସେହିପରି ସ୍ନାତକୋତ୍ତର ଏବଂ ସ୍ନାତକ ବିଭାଗର ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଜାତୀୟ ବିଜ୍ଞାନ ଦିବସ ପାଳିତ




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଅତିଥିମାନେ ଯୋଗଦେଇ ଯୁବକମାନେ ନିଜର ମସ୍ତିକକୁ ଅନୁପ୍ରେରିତ କରିପାରିଲେ ଭାରତରେ ଗୁଣି ନୋବେଲ ବିଜେତା ସୃଷ୍ଟି ହୋଇ ପାରିବ ବୋଲି ମତ ପ୍ରକାଶ ପାଇଛି। ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ ଓ ଅଭ୍ୟନ୍ତରିଣ ଗୁଣବତା ନିଶ୍ଚିତତା ବିଭାଗର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ଓ ପଦାର୍ଥ ବିଜ୍ଞାନର ମୁଖ୍ୟ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରସାୟନ ବିଜ୍ଞାନର ମୁଖ୍ୟ ଡ. ଦେବାଶିଷ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ 'ବିଜ୍ଞାନ ଦିବସ'କୁ ଜାତୀୟ ଦିବସ ପାଳନ କରିବାର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ସୁପ୍ରଭା ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପାଠ୍ୟଚକ୍ର ସମ୍ପାଦକ ଶିଦ୍ଧେଶ୍ୱର ବେହେରା ପୂର୍ବ ପାଠ୍ୟଚକ୍ରର ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୁଜାତା କୁମାରୀ ବେହେରା ପରିଚାଳନା କରିଥିବା ବେଳେ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ନିଳାଦ୍ରି ବିହାରୀ ଦେବତା, ସସ୍ମିତା ସାହୁ, ପ୍ରିତମ୍ ଜେନା, ଦୀପ୍ତିମୟୀ ସାହୁ, ପବିତ୍ର ବେହେରା, ସୁଧୀର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ବିଜ୍ଞାନ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକା ବୃନ୍ଦ ଯୋଗଦାନ କରି ନିଜସ୍ୱ ମତାମତ ପ୍ରଦାନ କରିଥିବା ବେଳେ ଡ. ପ୍ରକାଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ପ୍ରଭୁ ଚିତ୍ରଗୁପ୍ତଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

# କରଣ ସମାଜ ପକ୍ଷରୁ କଳସ ଶୋଭାଯାତ୍ରା





ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କରଣ ସମାଜ ପକ୍ଷରୁ ଭବାନୀପାଟଣାରଠାରେ ନବ ନିର୍ମିତ ପ୍ରଭୁ ଶ୍ରୀ ଶ୍ରୀ ଚିତ୍ରଗୁପ୍ତ ମହାପ୍ରଭୁଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେଓ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ପୂର୍ବତନ ସଦର ଭବାନୀପାଟଣା ବିଧାୟକ ଅନାମ ନାଏକ ଯୋଗଦେଇ କଳାହାଣ୍ଡି କରଣ ସମାଜ ତରଫରୁ ମନ୍ଦିର ପ୍ରତିଷ୍ଠା ସହ ଚାରି ଦିନ ବ୍ୟାପି ହେବାକୁ ଥିବା ଉତ୍ସବକୁ ଉଦଘାଟନ କରିଥିଲେ ଓ ଗତ ୨୭ ତାରିଖ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆସନ୍ତା ୨ ତାରିଖ ରବିବାର ଯାଏ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମାଜ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ଦିନ ଉଦ୍‌ଘାଟନୀ ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ସମାଜର ସଭାପତି ରାମ ଶଙ୍କର ଦାସ, ସମ୍ପାଦକ ପ୍ରଦୀପ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା କାଳୀ ପ୍ରସାଦ ପଟ୍ଟନାୟକ, ମହିଳା ଶାଖାର ଅଧ୍ୟକ୍ଷା ସୁଶ୍ରୀ ସବିତା ପଟ୍ଟନାୟକ ଏବଂ ସମାଜର ଅନ୍ୟାନ୍ୟ ସଦସ୍ୟ ସଦସ୍ୟା ଗଣ ଉପସ୍ଥିତ ରହିଥିଲେ ଓ ସଭାପତିଙ୍କ ଦ୍ୱାରା ସମସ୍ତ ଅତିଥି ମାନଙ୍କୁ ଫୁଲତୋଡ଼ା, ଉତ୍ତରୀୟ ଏବଂ ଚିତ୍ରଗୁପ୍ତ ମହାପ୍ରଭୁଙ୍କ ବିଗ୍ରହ ଉପହାର ଭାବେ ପ୍ରଦାନ କରାଯାଇଥିଲା ଓ ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ ଓ ସମସ୍ତ ଅତିଥିଗଣଙ୍କ ଅଭିଭାଷଣ ପରେ ସମାଜର ମୁଖପତ୍ର 'ଚିତ୍ରାଂଶ'କୁ ସମସ୍ତ ଅତିଥିମାନେ ଉନ୍ମୋଚନ କରିଥିଲେ। ପରିଶେଷରେ ମହିଳା ଶାଖା ଅଧ୍ୟକ୍ଷା ସବିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଓ ଏହି ଅବସରରେ ସନ୍ଧ୍ୟା ପାଞ୍ଚଘଣ୍ଟା ସମୟରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଶହ ଶହ ଶ୍ରଦ୍ଧାଳୁ ମହିଳା ଏକ ବିଶାଳ କଳସ ଯାତ୍ରାରେ ସାମିଲ ହୋଇ ଭବାନୀପାଟଣା ସହର ପରିକ୍ରମା କରି ନବନିର୍ମିତ ମନ୍ଦିର ଠାରେ ପହଞ୍ଚିଥିଲେ ଓ ସମାଜ ଭବନ ଠାରେ ପ୍ରାରମ୍ଭିକ ସଂଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା ରଖାଯାଇଥିଲା ଓ ଆନୁଷ୍ଠାନିକ ପୂଜାବିଧି ଅନୁଯାୟୀ ନୀତିକାନ୍ତି ସହ ଅଙ୍କୁରାରୋପଣ କରାଯାଇଥିଲା ଏବଂ ପରିଶେଷରେ ପ୍ରୀତିଭୋଜନର ବ୍ୟବସ୍ଥା କରାଯାଇଥିଲା ଓ ଗୁରୁବାର ପ୍ରଥମ ଦିନରେ ହୋଇଥିବା ସମସ୍ତ କାର୍ଯ୍ୟକ୍ରମରେ ସମାଜର ସମସ୍ତ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

# ଜନମଙ୍ଗଳକାରୀ କାର୍ଯ୍ୟ କରି ଚର୍ଚ୍ଚାରେ ସ୍ୱୟଂ ସହାୟକ ଗୋଷ୍ଠୀ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ ମହକୁମା ଛେଲିଆମାଲ ଗ୍ରାମର ମାଝୀ ପଡା ଠାରେ ୨୦୧୪ ମସିହା ଅଗଷ୍ଟ ୧୫ରେ ୧୩ ଜଣ ମହିଳା ସଦସ୍ୟ ମିଶି ଆରମ୍ଭ କରିଥିଲେ ମାଁ ତାରିଣୀ ମହିଳା ମଣ୍ଡଳ ସ୍ୱୟଂ ସହାୟକ ଗୋଷ୍ଠୀ। ନିଜସ୍ୱ ଉଦ୍ୟମ ତଥା ଅଙ୍ଗନୱାଡି ଦିଦିଙ୍କ ସାହାଯତାରେ ଆରମ୍ଭ କରିଥିଲେ ଏହି ସ୍ୱୟଂ ସହାୟକ ଗୋଷ୍ଠୀ। ସର୍ବ ପ୍ରଥମେ ଟଙ୍କିକିଆ ଧୂପ ପ୍ୟାକେଟରୁ ବ୍ୟବସାୟ ଆରମ୍ଭ ହୋଇଥିଲା। ମଦନପୁର ରାମପୁରରୁ ଧୂପ କିଣି ବିକ୍ରି କରିଥିଲେ। ପରେ ପରେ ନିଜର ଆପ୍ରାଣ ଉଦ୍ୟମରେ ମାଛଚାଷ, ଛତୁ ଚାଷ, ଝାଡୁ, ବଡି, ତିଆରି କରିବା ସହିତ ମାଣ୍ଡିଆ ପ୍ୟାକେଟ ବିକ୍ରି ସହ ଆଖପାଖ ଅଞ୍ଚଳର ବଜାରରେ ଖାଇବା ଜିନିଷ ତିଆରି କରି ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଏପରି ଭଲକାମ କରିଥିବାରୁ ଜିଲ୍ଲା ସହିତ ରାଜ୍ୟରେ ମଧ୍ୟ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ବେଶ ଲୋକପ୍ରିୟ। ସୂଚନା ଯୋଗ୍ୟ ଯେ, ପୂର୍ବତନ ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ମାଛ ଚାଷ ସମୟରେ ଆସି ତାଙ୍କ କାଯ୍ୟକଳାପ ଦେଖି ଭୁୟସୀ ପ୍ରଶସାଂ କରିଥିଲେ । ମାଁ ତାରିଣୀ ମହିଳା ମଣ୍ଡଳ ସ୍ୱୟଂ ସହାୟକ ଗୋଷ୍ଠୀ କେବଳ ନିଜର ଉନ୍ନତି ଯେ କରୁଛନ୍ତି ତାହା ନୁହେଁ, ଗ୍ରାମରେ ହେଉଥିବା ଯାନୀ ଯାତ୍ରାରେ ତଥା ସାମାଜିକ ଅନୁଷ୍ଠାନରେ ଅଂଶଗ୍ରହଣ କରି ସହଯୋଗର ହାତ ବଢ଼ାଉଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ନିଜ ଗ୍ରାମରେ ବର୍ଷା ଦିନେ ନିରୀହ ଗରିବ ଲୋକମାନଙ୍କୁ ଛତା ବଣ୍ଟନ କରନ୍ତି। ଗ୍ରୀଷ୍ମ ଦିନେ ନିରୀହ ଗରିବ ଲୋକମାନଙ୍କୁ ଛତା, ପାଣି, ପଣା ଓ ସର୍ବତ ପାଣି ବାଣ୍ଟନ୍ତି। ଶୀତ ଦିନେ ବୃଦ୍ଧ, ବୃଦ୍ଧା, ଗରିବଙ୍କୁ ଶୀତ ବସ୍ତ୍ର କମ୍ବଳ ବଣ୍ଟନ କରନ୍ତି। ଏପରିକି କୋଭିଡ ସମୟରେ ଗ୍ରାମକୁ ସଚେତନ କରାଇବା ସହିତ ପ୍ରତ୍ୟେକ ଘରକୁ ମାସ୍କ, ସାବୁନ ଓ ଖାଇବା ଜିନିଷ ବଣ୍ଟନ କରିଛନ୍ତି । କେବଳ ସେତିକି ନୁହେଁ କୋଭିଡ ସମୟରେ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ୧୦,୦୦୦ ଟଙ୍କା ଜିଲ୍ଲାପାଳଙ୍କ ଫଣ୍ଡକୁ ପ୍ରଦାନ କରି ଚର୍ଚ୍ଚାର ପରିସରଭୁକ୍ତ ହୋଇଥିଲେ। ମହିଳା ମାନଙ୍କୁ ରୋଜଗାର କ୍ଷମ କରାଇବା ସହ ବିଭିନ୍ନ ଜନମଙ୍ଗଳକାରୀ କାର୍ଯ୍ୟ ଆଗାମୀ ଦିନରେ ବଳବତ୍ତର ରଖାଯିବ ବୋଲି ଛେଲିଆମାଲ ଗ୍ରାମର ମାଁ ତାରିଣୀ ମହିଳା ମଣ୍ଡଳ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଜୟନ୍ତୀ ମାଝୀ ମନ୍ତବ୍ୟ ପ୍ରକାଶ କରିଛନ୍ତି।

# ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ନେଇ ସବୁଠି ପ୍ରଶଂସା



ଧର୍ମଗଡ଼ (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ନେଇ ଏବେ ସବୁଠି ଚର୍ଚ୍ଚା। ଦିନକୁ ଦିନ ପ୍ରଶଂସାର ସୁଅ ଛୁଟୁଛି। ତାଙ୍କର ଜନସେବା ମନବୃତ୍ତିକୁ ନେଇ ସବୁଆଡେ ଭୂରିଭୂରି ସାବାସୀ ଦିଆଯାଉଛି। ନିଷ୍ଠା ଆଉ ନିଃସ୍ୱାର୍ଥ ସେବା ଯୋଗୁଁ ଲୋକଙ୍କ ବିଶ୍ୱାସ ଓ ଆସ୍ଥା ତାଙ୍କ ପ୍ରତି ବଢ଼ିବାରେ ଲାଗିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ସେ ଅଧ୍ୟକ୍ଷ ହେବାପରେ ବ୍ଲକର ପରିବର୍ତ୍ତନ ଘଟିଛି। ବିକାଶ ଦିଗରେ ଅଗ୍ରସର ହେବାରେ ଲାଗିଛି। ବିଶେଷ କରି ଗରିବ ଲୋକଙ୍କ ସାହା ଭରସାର ଦରଦି ବନ୍ଧୁ ପାଲଟି ଥିବା କୁହାଯାଏ। ଜିଲ୍ଲାରେ ପ୍ରଥମ ଅଧ୍ୟକ୍ଷ ଯିଏ ଦ୍ୱାରମୁହଁରେ ସେବା କାର୍ଯ୍ୟକ୍ରମ କରି ଜନସାଧାରଣଙ୍କ ମନ କିଣି ପାରିଛନ୍ତି। ଏହି ସେବା ମାଧ୍ୟମରେ ଛୋଟ ବଡ଼ ସମସ୍ୟାର ସମାଧାନ କରି ଜିଲ୍ଲା ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ବ୍ଲକ ଅନ୍ତର୍ଗତ ଗାଁ ଗାଁ ବୁଲି ବ୍ୟକ୍ତିଗତ ହେଉ ଅବା ସାମୁହିକ ସମସ୍ୟା ହେଉ ତୁରନ୍ତ ସମାଧାନ କରିବାକୁ ପ୍ରଚେଷ୍ଟିତ ଥିବା ତାଙ୍କର ବଡ଼ ଉପଲବ୍ଧି କୁହାଯାଏ। ରାତି ପାହିଲେ ନିଜ ବାସଭବନ ଆଗରେ ଶହ ଶହ ଲୋକଙ୍କ ଭିଡ଼ ଜମି ଥିବା ଦେଖିଲେ ଏହାର ସ୍ପଷ୍ଟ ପ୍ରମାଣ ମିଳେ ଯେ, କିଭଳି ଲୋକଙ୍କ ଭରସା, ଆସ୍ଥା ତାଙ୍କ ଉପରେ ବଢ଼ିବାରେ ଲାଗିଛି। ଏପରିକି ସ୍ୱତନ୍ତ୍ର ଭାବେ ନିଜ ବାସଭବନରେ ଏକ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଲୋକଙ୍କ ଅଭିଯୋଗ ଗ୍ରହଣ କରିବା ଓ ସମ୍ଭାବିତ ଭାବେ ସମାଧାନ କରିବା ଉଲ୍ଲେଖନୀୟ । ବ୍ଲକର ବିଭିନ୍ନ ସମସ୍ୟା ରାସ୍ତାଘାଟ, ଶିକ୍ଷା, ବିଶୁଦ୍ଧ ପାନୀୟ ଜଳଯୋଗାଣ, ପୋଖରୀ ନିର୍ମାଣ, ବାର୍ଦ୍ଧକ୍ୟଭତ୍ତା, ବିଧବା ଭତ୍ତା, ରାଶନ କାର୍ଡ, ଆବାସ, ମନରେଗା ଯୋଜନା ଏପରିକି ଘରୋଇ କଳି, ଜମି ବିବାଦ ମାମଲା ଇତ୍ୟାଦି ବାବଦରେ ଅଭିଯୋଗ ତାଙ୍କ ପାଖକୁ ଆସେ ଏବଂ କ୍ଷମତା ଅନୁଯାୟୀ ସମ୍ଭାବିତ ବିଷୟ ସମାଧାନ ହୋଇପାରୁଥିବା ଲୋକେ ପ୍ରକାଶ କରନ୍ତି। ତେବେ ଲୋକଙ୍କୁ ଯୁଦ୍ଧ କାଳୀନ ଭିତ୍ତିରେ ସହଯୋଗ କରିବାକୁ ଚେଷ୍ଟିତ ଥିବା ଶ୍ରୀ ମହାନନ୍ଦଙ୍କୁ ସରକାରୀ ଫଣ୍ଡ କିମ୍ବା ସରକାରୀ ବ୍ୟବସ୍ଥାର କ୍ଷମତା ତାଙ୍କ ହାତରେ ନ ଥିବା ଏକ ପ୍ରକାର ତାଙ୍କ ପାଇଁ ସମସ୍ୟା ବୋଲି ସେ ପ୍ରକାଶ କରିଛନ୍ତି। ହେଲେ ରାଜନୀତି ନୁହଁ ବରଂ ଜନସେବା ମନବୃତି ରଖି ଲୋକଙ୍କ ସେବା ଯୋଗାଇ ଦେବା କେବଳ ତାଙ୍କ ଲକ୍ଷ ଥିବା ସ୍ପଷ୍ଟ ଭାବେ ବିନ୍ଦୁ ମହାନନ୍ଦ ପ୍ରକାଶ କରନ୍ତି।

## ସର୍ଟ ସର୍କିଟ ହୋଇ ଜଳିଗଲା ଆସବାବପତ୍ର

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ମହିମା ପଞ୍ଚାୟତ ଡେଙ୍ଗାଗୁଡା ଗ୍ରାମରେ ବୁଧବାର ସର୍ଟ ସର୍କିଟ ହୋଇ ଜଣେ ବ୍ୟକ୍ତିଙ୍କ ଘର ଆସବାବପତ୍ର ସହ ଅନେକ ବୈଦ୍ୟୁତିକ ଉପକରଣ ଜଳିଯାଇଛି। ମାଲିକ ରାଇ ସିଂ ପାତ୍ରଙ୍କ ଜଗାରେ ଭଡ଼ା ରହୁଥିବା ଆଲୋକ କୁମାର ମହାଲିଙ୍ଗ ଘରେ କୌଣସି କାରଣରୁ ସର୍ଟ ସର୍କିଟ ହୋଇ ନିଆଁ ଲାଗିଯାଇଥିଲା। ଏହାପରେ କୋକସରା ଅଗ୍ନିଶମ ବିଭାଗକୁ ତୁରନ୍ତ ଖବର ଦିଆଯାଇଥିଲା। କୋକସରା ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମଚାରୀ ମନୋଜ କୁମାର ବିଶ୍ୱାଳ, ସତ୍ୟମ୍ ମାଝୀ, ଦିଗାମ୍ବର ଶବର, ଲଳିତ ପୁଟେଲ, ହେମନ୍ତ ନାଏକ ପ୍ରମୁଖ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳେକୁ ନିଆଁ ଲାଗି ଘରେ ଥିବା ଏକ ଏଲଇଡି ଟିଭି, କୁଲର ସହ ବିଭିନ୍ନ ବୈଦ୍ୟୁତିକ ଉପକରଣ ଓ ଆସବାପପତ୍ର ଜଳି ପାଉଁଶ ହୋଇଥିବା ଜଣାପଡିଛି।



# ଆମପାଣି କ୍ଲଷ୍ଟରସ୍ତରୀୟ 'ନିପୁଣମେଳା'



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଆମପାଣି କର୍ଲକୋଟିଆପଡ଼ା ପ୍ରାଥମିକ ବିଦ୍ୟାଳୟଠାରେ ଗୁରୁବାର କ୍ଲଷ୍ଟରସ୍ତରୀୟ 'ନିପୁଣମେଳା' ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପରମେଶ୍ୱର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆମପାଣି ସିଆରସିସି କେଦାରନାଥ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କନ୍ଦାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପୁରୋହିତ ମୁଖ୍ୟବକ୍ତା, ବିରୀମୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତି ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଏଥିରେ ଆମପାଣି କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ଅଭିଭାବକ ତଥା ପ୍ରଥମରୁ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ନିଜ ନିଜର ଏଫ୍‌ଏଲ୍‌ଏନ୍ ସମ୍ବନ୍ଧିତ ଟିଏଲ୍‌ଏନ୍ ପ୍ରଦର୍ଶନୀ ପୂର୍ବକ ଏହାର ବ୍ୟବହାର ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି କ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଖାତା ଓ ପେନ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ସୀତାକାନ୍ତ ନାଏକ, ଲକ୍ଷ୍ମୀକାନ୍ତ ସେଠୀ, ମାଧବ ଧଙ୍ଗଡାମମାଝୀ, ପଙ୍କଜ କୁମାର ପରିଡା, ଅର୍ଚ୍ଚନା ଦଳେଇ, ଶ୍ରଦ୍ଧାଞ୍ଜଳୀ ପୁରୋହିତ, ସନାତନ ପର୍ଢ଼ିଆରୀ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ




ଧର୍ମଗଡ଼, (ଭାସ୍କର ନ୍ୟୁଜ) : ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଧର୍ମଗଡ଼ ବିଜୁ କଲ୍ୟାଣ ମଣ୍ଡପ ଠାରେ ଗୁରୁବାର ଦିନ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ବିଧାୟକ ସୁଧୀର ରଞ୍ଜନ ପଟଯୋଶୀ, ଉପଜିଲ୍ଲାପାଳ ଧୀମାନ ଚକମା, ବ୍ଲକ ଅଧ୍ୟକ୍ଷା ବବିତା ପଟଯୋଶୀ, ଜିଲ୍ଲା ଶ୍ରମ କମିଶନର ସୁବାଷ ଚନ୍ଦ୍ର ମଣ୍ଡଳ, ଜିଲ୍ଲା ଶ୍ରମ ଅଧିକାରୀ ଯତୀନ ମାଝୀ ପ୍ରମୁଖ ଯୋଗଦେଇ ଥିଲେ । ଶ୍ରମିକମାନେ ଦେଶ ବା ରାଷ୍ଟ୍ର ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ହେଲେ ଦେଖାଯାଏ ଯେ ସେମାନେ ସମାଜରେ ଅବହେଳିତ ତଥା ଦରିଦ୍ର ସୀମାରେଖା ତଳେ ରହିଥାନ୍ତି। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ବ୍ୟବସ୍ଥା କରିଛନ୍ତି। ଶ୍ରମିକମାନଙ୍କ ପିଲାଙ୍କ ପାଇଁ ଶିକ୍ଷା ସହାୟତା, ମୃତ୍ୟୁକାଳୀନ ସହାୟତା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ଶ୍ରମିକମାନଙ୍କ ପିଲାଙ୍କ ପାଇଁ ବିବାହ ସହାୟତା ଓ ପ୍ରସୁତିକାଳୀନ ସହାୟତା, ଏହି ସବୁ ବିଷୟରେ ଅବଗତ ହୋଇ ଏହାର ଲାଭ ନେବାକୁ ଅନୁରୋଧ କରିବା ସହିତ ପିଲାମାନଙ୍କୁ କାମରେ ନ ଲଗେଇ ପାଠ ପଢେଇ ଭଲ ମଣିଷ କରିବାକୁ ଅନୁରୋଧ କରିଥିଲେ। ଶ୍ରମିକ ମାନଙ୍କର କେବଳ ରାଜ୍ୟ ବା ଦେଶରେ ନୁହେଁ ବିଶ୍ୱରେ ବଡ଼ ଅବଦାନ ରହିଛି । ସରକାର ଶ୍ରମିକଙ୍କ ଉନ୍ନତି ପାଇଁ ପ୍ରତିଶୃତିବଦ୍ଧ ଅଛନ୍ତି। ଜିଲ୍ଲା ଶ୍ରମ ଅଧିକାରୀ ଜିଲ୍ଲାରେ ଚାଲିଥିବା ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଅଣ ପଞ୍ଜିକୃତ ଶ୍ରମିକ ଯାହା ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ଓ ୬୦ ବର୍ଷରୁ କମ୍, ସେମାନେ ଆବଶ୍ୟକୀୟ କାଗଜ ପତ୍ର ଦେଇ ପଞ୍ଜିକରଣ କରି ସରକାରଙ୍କ ଯୋଜନାର ଲାଭ ନେବାକୁ ଅନୁରୋଧ କରିଥିଲେ । ଜିଲ୍ଲାରେ ଆର୍ଥିକ ବର୍ଷ ୨୦୨୪-୨୫, ଫେବୃଆରୀ ୨୭ସୁଦ୍ଧା ୫୦୪ ଜଣ ହିତାଧିକାରୀଙ୍କୁ ଭିନ୍ନ ଭିନ୍ନ ସହାୟତା ରାଶି ବାବଦରେ ପ୍ରାୟ ୩ କୋଟି ୪୧ ଲକ୍ଷ ୭୭ହଜାର ୬୦୦ ଟଙ୍କା ପ୍ରଦାନ କରାଯାଇଥିବାର ସୂଚନା ଦେଇଥିଲେ । ୧୨୬ ଜଣଙ୍କୁ ମୃତ୍ୟୁ ସହାୟତା, ୯୭ଜଣଙ୍କୁ ଫିୟୁନେରଲ ସହାୟତା, ୧୧୨ଜଣଙ୍କୁ ବିବାହ ସହାୟତା, ୩୨ଜଣଙ୍କୁ ପ୍ରସୂତି ସହାୟତା, ୧୩୭ଜଣଙ୍କୁ ଶିକ୍ଷା ସହାୟତା ପ୍ରଦାନ କରା ଯାଇଥିବା ସୂଚନା ପ୍ରଦାନ କରିଥିଲେ ।

# ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି ନିର୍ମାଣ କାର୍ଯ୍ୟ



କୋକସରା, (ଭାସ୍କର ନ୍ୟୁଜ୍ ) : ଯେ' କୌଣସି ସରକାରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ସାଧାରଣତଃ ସୂଚନା ଫଳକ ନିର୍ମାଣ କରିବା ବାଧ୍ୟତାମୂଳକ ନିୟମ ରହିଛି। ଏହା ଦ୍ୱାରା କେଉଁ ବିଭାଗ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଉଛି, ତାହାର ବ୍ୟୟ ଅଟକଳ କେତେ, କେବେ ଠାରୁ ନିର୍ମାଣ ଆରମ୍ଭ ଓ କେବେ ଅବଧି ସରିବ, ଏମିତି ଅନେକ ତଥ୍ୟ ସାଧାରଣରେ ଲୋକେ ଜାଣିବାକୁ ପାଇଥାନ୍ତି । ହେଲେ କୋକସରା ବ୍ଲକ ସାନପୋଡାଗୁଡା ଗ୍ରାମ ପଞ୍ଚାୟତର ରାଜୀବ କଲୋନୀ ନିକଟରେ ନିର୍ମାଣ ହେଉଥିବା ଏନ୍‌ଏମ୍ କ୍ୱାଟରରେ ସମସ୍ତ ସରକାରୀ ନିତି ନିୟମକୁ ଉଲ୍ଲଂଘନ କରି କାର୍ଯ୍ୟ କରାଯାଉଛି । ବର୍ତ୍ତମାନ ପିଲର ଉଠାଯାଇ ପ୍ଲିନ୍ଥ କାର୍ଯ୍ୟ ହୋଇଛି। ଏହାକୁ ପୋତିବା ପାଇଁ ବାଲି ବ୍ୟବହାର ହେବା କଥା, କିନ୍ତୁ ଏଠାରେ ବାଲି ବଦଳରେ ମାଟି ପକାଯାଉଛି। ଏମିତି କି' ନିର୍ମାଣ ସ୍ଥାନରେ ସୂଚନା ଫଳକ ନଥିବାବେଳେ କାର୍ଯ୍ୟ ସମୟରେ କୌଣସି ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀ ମଧ୍ୟ ଉପସ୍ଥିତ ରହୁ ନାହାନ୍ତି। ଯାହା ଫଳରେ କାର୍ଯ୍ୟର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏମିତି କି ସାଧାରଣ ଲୋକେ କେଉଁ କାମ ହେଉଛି, କେତେ ଅନୁଦାନ ଆସିଛି ତାହା ଜାଣିପାରୁ ନଥିବା ବେଳେ କେଉଁ ବିଭାଗର କାମ ତାହା ଭଗବାନଙ୍କୁ ଜଣା ବୋଲି ଆଲୋଚନା କଲେଣି। ଅନ୍ୟପଟେ ସ୍ଥାନୀୟ କେତେକ ଲୋକଙ୍କୁ ପଚାରିବାରୁ କେଉଁ ବିଭାଗ ଦ୍ୱାରା କାର୍ଯ୍ୟ ସମ୍ପାଦନ ହେଉଛି ତାହା ଜାଣି ନଥିବା କହିଥିବାବେଳେ ଏନ୍‌ଏମ୍ ସେଣ୍ଟର୍ କାମ ବୋଲି ପ୍ରକାଶ କରିଛନ୍ତି। ଏନେଇ ବ୍ଲକ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ସମେତ ବିଭିନ୍ନ ବିଭାଗର ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ମାନଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳି ନଥିବାରୁ କେଉଁ ବିଭାଗର କାର୍ଯ୍ୟ ତାହା ଜଣାପଡିନାହିଁ।

## ରାଶିଫଳ

**ଶନିବାର, ୦୧ ମାର୍ଚ୍ଚ ୨୦୨୫**



**ମେଷ:** ଆପଣ ଅନେକ ଉତ୍ସରୁ ଆର୍ଥିକ ଭାବରେ ଉପକୃତ ହେବେ। କେତେକଙ୍କ ପାଇଁ ପରିବାରରେ ନୂତନ ବ୍ୟକ୍ତିଙ୍କ ଆଗମନ ଉତ୍ସବ ଏବଂ ଆନନ୍ଦର ମୁହୂର୍ତ୍ତ ଆଣିଦେବ। ମାର୍କେଟିଂ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଆପଣଙ୍କର ଅଭିଳାଷ ଫଳପ୍ରଦ ହୋଇପାରେ।



**ବୃଷ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଜୀବନସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ଅଟକିଯାଇଥିବା ଟଙ୍କା ହଠାତ୍ ଫେରସ୍ତ ହୋଇପାରେ।



**ମିଥୁନ:** ଧୈର୍ଯ୍ୟବାନ ହୁଅ, କାରଣ ଆପଣଙ୍କର ବୁଝାମଣା ଏବଂ ପ୍ରୟାସ ନିଶ୍ଚିତ ଭାବରେ ଆପଣଙ୍କୁ ସଫଳ କରିବ । ଘରେ କୌଣସି ପରିବର୍ତ୍ତନ କରିବା ପୂର୍ବରୁ, ଆପଣଙ୍କର ବରିଷ୍ଠମାନଙ୍କ ମତାମତ ନିଅନ୍ତୁ, ନଚେତ୍ ସେମାନେ ଆପଣଙ୍କ ଉପରେ ଅସନ୍ତୁଷ୍ଟ ଏବଂ କ୍ରୋଧିତ ହୋଇପାରନ୍ତି।



**କର୍କଟ:** ଆପଣଙ୍କର ହୃଦୟର ମଣିଷ ଦିନସାରା ଆପଣଙ୍କୁ ମନେ ରଖିବେ। ତାଙ୍କୁ ଆଶ୍ଚର୍ଯ୍ୟ କରିବା ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ ଏବଂ ତାଙ୍କ ପାଇଁ ଏକ ସୁନ୍ଦର ଦିନରେ ପରିଣତ କରିବାକୁ ଚିନ୍ତା କରନ୍ତୁ। ଆପଣଙ୍କର ଆତ୍ମବିଶ୍ୱାସ ବଢୁଛି ଏବଂ ପ୍ରଗତି ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ସାମାଜିକ ଏବଂ ଧାର୍ମିକ ଉତ୍ସବ ପାଇଁ ଉତ୍ତମ ଦିନ ।



**ସିଂହ:** ଆର୍ଥିକ ଲାଭ ସହିତ ବ୍ୟବସାୟରେ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିପାରନ୍ତି। ରୋଜଗାରର ସୁଯୋଗ ପାଇପାରିବେ । ବ୍ୟବସାୟ ସହିତ ଆପଣଙ୍କୁ ଭ୍ରମଣ କରିବାକୁ ପଡିପାରେ । ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ରହିବ। ପତି-ପତ୍ନୀଙ୍କ ସାହାଯ୍ୟରେ କାମ ଶେଷ ହୋଇପାରିବ।



**କନ୍ୟା:** ଆର୍ଥିକ ଲାଭ ପାଇଁ ଆଜି ଭଲ ସୁଯୋଗ ମିଳିବ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ। ଭ୍ରମଣରୁ ଆପଣ ଉପକୃତ ହେବେ । ଆପଣ ଜଣେ ବନ୍ଧୁଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ପାଇବେ । ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପାରସ୍ପରିକ ସମନ୍ୱୟ ରହିବ।



**ତୁଳା:** ଆଜି ଆପଣଙ୍କୁ ଆରାମ ଏବଂ ଘନିଷ୍ଠ ବନ୍ଧୁ ଏବଂ ପରିବାର ସହିତ ଖୁସିର କିଛି ମୁହୂର୍ତ୍ତ ବିତାଇବାକୁ ପଡିବ। ଟଙ୍କା ଆପଣଙ୍କର ମୁଷ୍ଟିରୁ ସହଜରେ ଚାଲିଯିବ। ଆପଣ ପରିବାର ପ୍ରତି ଅଶାଳୀନ ବ୍ୟବହାର କରନ୍ତୁ ନାହିଁ। ଏହା ପାରିବାରିକ ଶାନ୍ତିକୁ ବିଘ୍ନ କରିପାରେ।



**ବିଛା:** ସାମାଜିକ ଭାବରେ ତୁମର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଲୋକମାନେ ଆପଣଙ୍କୁ ସାହାଯ୍ୟ କରିବା ଜାରି ରଖିବେ। ତୁମର ଯାତ୍ରା ଲାଭଦାୟକ ହେବ। ପରିବାର ସହିତ ଖୁସିର ମୁହୂର୍ତ୍ତ ବିତାଇ ପାରିବେ। ପ୍ରେମ-ସମ୍ପର୍କ ଦୃଢହୋଇପାରେ।



**ଧନୁ:** କୌଣସି କାର୍ଯ୍ୟରେ ଚିନ୍ତା ନ କରି କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ, ଆଜି ଆପଣଙ୍କ ପ୍ରିୟ ଲୋକଙ୍କଠାରୁ ଉପକୃତ ହେବ। ଇଚ୍ଛାଶକ୍ତିର ଅଭାବ ଆପଣଙ୍କୁ ଭାବପ୍ରବଣ ଏବଂ ମାନସିକ ଅସୁବିଧାରେ ପକାଇପାରେ । ଯଦି ଆପଣ ଆୟ ଅଭିବୃଦ୍ଧିର ଉତ୍ସ ଖୋଜୁଛନ୍ତି, ସୁରକ୍ଷିତ ଅର୍ଥନୈତିକ ପ୍ରକଳ୍ପରେ ବିନିଯୋଗ କରନ୍ତୁ। ଘରେ ସମନ୍ୱୟ ରକ୍ଷା କରିବା ପାଇଁ ଏକାଠି କାମ କରନ୍ତୁ ।



**ମକର:** ଧାର୍ମିକ ଏବଂ ଆଧ୍ୟାତ୍ମିକ ଆଗ୍ରହର କାର୍ଯ୍ୟ କରିବା ପାଇଁ ଶୁଭ ଦିନ। ଶୀଘ୍ର ଟଙ୍କା ରୋଜଗାର କରିବାକୁ ଆପଣଙ୍କର ପ୍ରବଳ ଇଚ୍ଛା ଅଛି। ଆପଣଙ୍କ ସମସ୍ୟା ଆପଣଙ୍କ ପାଇଁ ବହୁତ ବଡ ହୋଇପାରେ, କିନ୍ତୁ ଆପଣଙ୍କ ଆଖପାଖର ଲୋକମାନେ ଆପଣଙ୍କ ଯନ୍ତ୍ରଣା ବୁଝିବେ ନାହିଁ । ଅନେକ ଲୋକଙ୍କ ପାଇଁ ଆଜିର ରୋମାଣ୍ଟିକ୍ ସନ୍ଧ୍ୟା ସୁନ୍ଦର ଉପହାର ଏବଂ ଫୁଲରେ ପରିପୂର୍ଣ୍ଣ ହେବ।



**କୁମ୍ଭ:** ସାମାଜିକ ଭାବରେ ଆପଣଙ୍କର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଆପଣଙ୍କ ସମ୍ପର୍କରେ ମଧୁରତା ବୃଦ୍ଧି ପାଇବ । କାର୍ଯ୍ୟଭାର ଆପଣଙ୍କ ଉପରେ ସାମାନ୍ୟ ଅଧିକ ହୋଇପାରେ । ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ଧାରଣା ସୃଷ୍ଟି କରିପାରିବ ।



**ମୀନ:** କଠିନ ଅର୍ଥନୈତିକ ଅବସ୍ଥା ହେତୁ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଝିରେ ଅଟକି ଯାଇପାରେ। ଆପଣ ଚାହୁଁଥିବା ଲୋକଙ୍କ ସହିତ ଉପହାର ବିନିମୟ କରିବା ଏକ ଭଲ ଦିନ। ଏକପାଖିଆ ପ୍ରେମ ଆପଣଙ୍କୁ ନିରାଶ କରିପାରେ। ଯଦି ଆପଣ ଆଜି ପ୍ରକୃତରେ ଲାଭ ଚାହୁଁଛନ୍ତି ତେବେ ଅନ୍ୟମାନଙ୍କ ମତାମତକୁ ଭଲଭାବେ ଶୁଣନ୍ତୁ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯